# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ' ୯/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, May 9/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୧୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 163 | ମୂଲ୍ୟ ₹୭/-




**ଦୀପଗ୍ରେସ୍ ଉପଅଧିନାୟିକା**

ଭାରତୀୟ ମହିଳା ହକି ଦଳର ଅଷ୍ଟ୍ରେଲିଆ ଗସ୍ତ ପାଇଁ ଓଡ଼ିଶା ଡିଫେଣ୍ଡର ଦୀପଗ୍ରେସ୍ ଏକ୍କା ଉପଅଧିନାୟିକା ମନୋନୀତ ହୋଇଛନ୍ତି।

୧୨

୧୧

**ଶେହନାଜଙ୍କ ସହ ଡେଟିଂ ଗୁଜବ**

ବିଗ୍‌ବସ୍ ଫେମ୍ ତଥା ଅଭିନେତ୍ରୀ ଶେହନାଜ ଗିଲ୍‌ଙ୍କ ସହ ଡେଟିଂ ଖବର ଗୁଜବ ନେଇ ଅଭିନେତା ତଥା ଡ୍ୟାନ୍ସର ରାଘବ ଜୁଏଲ ଏକ ସାକ୍ଷାତ୍କାରରେ କହିଛନ୍ତି।





ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଚାଲିଥିବା ୧୫ ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ସୋମବାର ୫ମ ରଜନୀରେ ଭୁବନେଶ୍ୱର ପଞ୍ଚମ ବେଦ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ଚାଖି ଖୁଣ୍ଟିଆ'ର ଏକ ଦୃଶ୍ୟ। (ଫଟୋ: ସମୀର)

# ଚିଲିକାକୁ ଉଜାଡୁଛି ଚିଙ୍ଗୁଡ଼ି ଲୋଭ

**ମୁଷ୍ଟିମେୟ ଲୋକଙ୍କ ଚିଙ୍ଗୁଡ଼ି ବ୍ୟବସାୟ ସ୍ୱାର୍ଥ ଏସିଆ ମହାଦେଶର ସର୍ବବୃହତ୍ ଲୁଣି ହ୍ରଦ ଚିଲିକାର ଜୈବବିବିଧତାକୁ ନଷ୍ଟ କରିବାରେ ଲାଗିଛି। ବେଆଇନ ଚିଙ୍ଗୁଡ଼ି ଘେରି ପକ୍ଷୀଙ୍କ ଜୀବନ ନେଉଛି। ଆର୍ଦ୍ରଭୂମିର ସୁରକ୍ଷା, ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ, ଜବରଦଖଲ ରୋକିବା ପାଇଁ ଓଡ଼ିଶା ହାଇକୋର୍ଟ ୨୦୨୨ ଅକ୍ଟୋବରରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାହା ଅଦ୍ୟାବଧି ଚିଲିକାକୁ ସୁରକ୍ଷା ଦେଇପାରି ନାହିଁ। ଏପରି କି ଡ୍ରୋନ୍ ସର୍ଭେ ଲାଗି ଦେଇଥିବା ନିର୍ଦ୍ଦେଶ ମଧ୍ୟ ପାଳନ ହେଉନାହିଁ।**

**ପ୍ରଭାତ ପାଣିଗ୍ରାହୀ**
**ଖୋର୍ଦ୍ଧା ଅଫିସ୍, ୮।୫**

ଶୀତଋତୁରେ ବିଦେଶାଗତ ପକ୍ଷୀଙ୍କ ସମାଗମ ସାଙ୍ଗକୁ ଚିଲିକାର ନୈସର୍ଗିକ ପରିବେଶ ପର୍ଯ୍ୟଟକଙ୍କୁ ବିଭୋର କରିଥାଏ। ହେଲେ ଜବରଦଖଲ ଏବଂ



ବେଆଇନ ଚିଙ୍ଗୁଡ଼ି ଘେରି ଯୋଗୁ ଏଠାକାର ଜୈବବିବିଧତା ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି। ୨୦୨୨ ଅକ୍ଟୋବରରେ ଚିଲିକା ଓ ଭିତରକନିକା ଆର୍ଦ୍ରଭୂମିର ପରିବେଶ ସଂରକ୍ଷଣ ପାଇଁ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ହାଇକୋର୍ଟ ଚିଲିକା ଏବଂ ଭିତରକନିକାରେ ବେଆଇନ ଚିଙ୍ଗୁଡ଼ି ଘେରି ମୁକ୍ତ ଲାଗି ଆକାଶମାର୍ଗରୁ ଯାଞ୍ଚ ଓ ତଦାରଖ ପାଇଁ ଡ୍ରୋନ୍ ଟେକ୍ନୋଲୋଜିକୁ ଆପଣାଇବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଓ ଗଞ୍ଜାମ ଜିଲାରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଡ୍ରୋନ୍ ସର୍ଭେଲାନ୍ସ ଦ୍ୱାରା ଚିଙ୍ଗୁଡ଼ି ଘେରି ସହ ଜଡ଼ିତ ବେଆଇନ କାର୍ଯ୍ୟକଳାପ ଉପରେ ନଜର ରଖାଯିବ ବୋଲି ଆମିକସ୍‌କ୍ୟୁରି ମୋହିତ ଅଗ୍ରୱାଲ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ତେବେ ଡ୍ରୋନ୍ ନିରୀକ୍ଷଣ ପାଇଁ ଅଧିକ ଖର୍ଚ୍ଚ ହେବାକୁ ଥିବାରୁ ଏଥିନିମନ୍ତେ ଅଧିକ ପାଣ୍ଠି ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଜଣାଇବେ ବୋଲି ପୁରୀ ଜିଲାପାଳ ସମର୍ଥ ବର୍ମା ସେତେବେଳେ କହିଥିଲେ। ମତ୍ସ୍ୟଜୀବୀଙ୍କ ପକ୍ଷରୁ ମାମଲା ଲଢୁଥିବା ଆଇନଜୀବୀ ସୁକାନ୍ତ ଦଳେଇ ଚିଲିକାରେ ଚାଲିଥିବା ବେଆଇନ ଚିଙ୍ଗୁଡି ଘେରି ଉପରେ ଏକ ଭିଡିଓ କ୍ଲିପ୍ ହାଇକୋର୍ଟଙ୍କୁ ଦେଖାଇଥିଲେ। କୃଷ୍ଣପ୍ରସାଦ ତହସିଲ ଅଧୀନରେ ଥିବା ୨ ହଜାର ଏକରରୁ ଅଧିକ ଅଞ୍ଚଳରେ କିପରି ଭାବେ ବେଆଇନ ଘେରି ପୁନର୍ବାର ଗଢ଼ିଉଠିଛି ଏବଂ ଏ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ନେଇ ଅବଗତ କରାଇଥିଲେ। ଏପରି କି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ☞ପୃଷ୍ଠା-୪

# ୧୦ରେ ବାତ୍ୟା ରୂପ ନେବ ଅବପାତ

- ■ 'ମୋଚା'ର ବେଗ ଘଣ୍ଟା ପ୍ରତି ୨୦୦ କି.ମି. ହୋଇପାରେ
- ■ ତାମିଲନାଡୁ, ଆନ୍ଧ୍ର ଉପକୂଳମୁହାଁ ହୋଇପାରେ
- ■ ୧୪ ସକାଳେ ସ୍ଥଳଭାଗ ଛୁଇଁବା ସମ୍ଭାବନା

**ଭୁବନେଶ୍ୱର,୮।୫(ବ୍ୟୁରୋ)**

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଘନୀଭୂତ ହୋଇ ସୋମବାର ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ମଙ୍ଗଳବାର ଏହା ଆହୁରି ଅଧିକ ଘନୀଭୂତ ହୋଇ ଡିପ୍ରେସନ(ଅବପାତ)ରେ ପରିଣତ ହେବ। ୧୦ ତାରିଖ ସୁଦ୍ଧା ଏହା ବାତ୍ୟାରେ ପରିଣତ ହେବା ସମ୍ଭାବନା ରହିଛି। ୧୧ ତାରିଖରେ ବାତ୍ୟା ଉତ୍ତର-ଉତ୍ତର ପଶ୍ଚିମ ଦିଗକୁ ଗତି କରିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି।

ବାତ୍ୟା 'ମୋଚା' ୧୨ ତାରିଖ ପରେ ଉଗ୍ର ରୂପ ଧାରଣ କରିବ। ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଜଳଭାଗର ତାପମାତ୍ରା ୩୨ ଡିଗ୍ରୀ ସେଲ୍‌ସିୟସ୍ ରହିଛି। ପାଣି ଗରମ ରହୁଥିବାରୁ ସାମୁଦ୍ରିକ ଝଡ଼ ଅଧିକ ଶକ୍ତିଶାଳୀ ହେବା ଆଶଙ୍କା ରହିଛି। ଏପରିକି ସ୍ଥଳଭାଗମୁହାଁ ହେଲା ବେଳକୁ ଏହାର ବେଗ ଘଣ୍ଟା ପ୍ରତି ୨୦୦ କି.ମି.କୁ ଟପିଯିବା ନେଇ ଆକଳନ କରାଯାଉଛି। ଲଘୁଚାପ ଉତ୍ତର ଦିଗ ଦେଇ ଗତି କରୁଥିବାବେଳେ ୧୨ ତାରିଖରେ ବାତ୍ୟାର ଗତିପଥ ପରିବର୍ତ୍ତନ ହୋଇ ଉତ୍ତର-ଉତ୍ତର ପଶ୍ଚିମ ଦିଗକୁ ଗତି କରିପାରେ। ସେତେବେଳେ ବାତ୍ୟାର ବେଗ ଘଣ୍ଟା ପ୍ରତି ୯୦ରୁ ୧୦୦ କି.ମି. ଟପିଯିବା ନେଇ ପୂର୍ବାନୁମାନ କରାଯାଇଛି। ବାତ୍ୟା ଯଦି ଏହି ଦିଗରେ ଗତି କରେ, ତେବେ ଏହା ତାମିଲନାଡୁ ଏବଂ ଆନ୍ଧ୍ର ଉପକୂଳମୁହାଁ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଫଳରେ ବାତ୍ୟା ଆନ୍ଧ୍ର କିମ୍ବା ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିବା ଆଶଙ୍କାକୁ ଏଡ଼ାଇ ହେବ ନାହିଁ। ବାତ୍ୟା କେଉଁଠୁ-ଗତିପଥ ବଦଳାଇବ, ତାହା ଉପରେ ରହିଛି ନଜର। ଆସନ୍ତା ଦିନେ କିମ୍ବା ଦୁଇଦିନ ମଧ୍ୟରେ ଏ ନେଇ ସ୍ପଷ୍ଟ ହୋଇଯିବ। ବାତ୍ୟା ଭୟଙ୍କର ରୂପ ଧାରଣ କରି ୧୩ ତାରିଖ ରାତି କିମ୍ବା ୧୪ ତାରିଖ ☞ପୃଷ୍ଠା-୪

# ଶ୍ରୀମନ୍ଦିର ମାମଲା ବନ୍ଦ କଲେ ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ, ୮।୫**

ପାଖାପାଖି ୫ ବର୍ଷ ଓ ୨୬ଟି ସିଟିଂ ପରେ ସୁପ୍ରିମକୋର୍ଟ ସୋମବାର ଶ୍ରୀଜଗନ୍ନାଥ ମନ୍ଦିର ସଂକ୍ରାନ୍ତ ମାମଲାକୁ ବନ୍ଦ କରି ଦେଇଛନ୍ତି। ପୁରୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁମାନେ ଦର୍ଶନ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଯାଇ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ରୁଜୁ କରାଯାଇଥିଲା। ସେଥିରେ ଦ୍ୱାଦଶ ଶତାବ୍ଦୀର ଏହି ଧର୍ମପୀଠର ଉତ୍ତମ ପରିଚାଳନା ଲାଗି ନିର୍ଦ୍ଦେଶ ଦେବା ସକାଶେ ଆବେଦନକାରୀ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଥିଲେ।

ନଭେମ୍ବର ୨୦୧୯ରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଦିଆଯାଇଥିବା ରାୟ ଆଧାରରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିରେ ସତ୍ୟପାଠ ଏବଂ ମୃଣାଳିନୀ ପାଢ଼ୀଙ୍କ ତରଫରୁ କରାଯାଇଥିବା ପିଆଇଏଲ୍ ଓ ଅନ୍ୟମାନଙ୍କ ପକ୍ଷରୁ ଦିଆଯାଇଥିବା ଆବେଦନର ଶୁଣାଣି କରି ବିଚାରପତି ଏମ. ଆର୍. ଶାହା ଓ ବିଚାରପତି ସି.ଟି. ରବିକୁମାର ଶ୍ରୀମନ୍ଦିର ସଂକ୍ରାନ୍ତ ମାମଲାକୁ ବନ୍ଦ କରିଦେଇଛନ୍ତି। ସୁପ୍ରିମକୋର୍ଟ ଆହୁରି ସ୍ପଷ୍ଟ କରିଛନ୍ତି ଯେ ଯଦି କେହି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ଠିକ୍ ଭାବେ ଅନୁପାଳନ କରାଯାଇ ନାହିଁ ବୋଲି ଭାବୁଥାଆନ୍ତି, ତେବେ ସେ ଏ ସମ୍ବନ୍ଧରେ ଓଡ଼ିଶା ହାଇକୋର୍ଟରେ ଆବେଦନ

**ଆବେଦନକାରୀ ଚାହିଁଲେ ହାଇକୋର୍ଟ ଯାଇପାରିବେ**



କରିପାରିବେ। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶକୁ କିଭଳି କାର୍ଯ୍ୟକାରୀ କରାଯାଇଛି ତାହାକୁ ତଦାରଖ କରିବା ଲାଗି ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କୁ ପରାମର୍ଶ ଦେଇଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା କରାଯାଇଥିବା ନିର୍ଦ୍ଦେଶ ଅନୁପାଳନ ସଂକ୍ରାନ୍ତୀୟ ସତ୍ୟପାଠକୁ ବିଚାର କରାଯାଇ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି ବୋଲି ଖଣ୍ଡପୀଠ କହିଛନ୍ତି।

ଶୁଣାଣି ବେଳେ ଆମିକସ କ୍ୟୁରି ତଥା ବରିଷ୍ଠ ଆଇନଜୀବୀ ରଣଜିତ୍ କୁମାର ଶ୍ରୀମନ୍ଦିର ପରିଚାଳନା କମିଟିର ସତ୍ୟପାଠ ଉପରେ ଆଶଙ୍କା ବ୍ୟକ୍ତ କରିଥିଲେ। ସେ କହିଥିଲେ, ପରିଚାଳନା କମିଟି ବଡ଼ ପ୍ରତିଶ୍ରୁତି ଦେଇଥିଲା। ତେଣୁ ସେଠାରେ କିଭଳି ସବୁ କାର୍ଯ୍ୟ ହୋଇଛି ଓ ବାସ୍ତବ ସ୍ଥିତି କିପରି ରହିଛି, ତାହାକୁ ଅନୁଧ୍ୟାନ କରିବା ସକାଶେ ତାଙ୍କୁ ଓ ଅନ୍ୟତମ ଆଇନଜୀବୀ ପ୍ରିୟା ହିଙ୍ଗୋରାନିଙ୍କୁ ପୁରୀ ପରିଦର୍ଶନ କରିବା ଲାଗି ଅନୁମତି ଦିଆଯାଉ ବୋଲି କୁମାର ପ୍ରସ୍ତାବ ଦେଇଥିଲେ। ଏଥିସହିତ ସେ ଶ୍ରୀଜଗନ୍ନାଥ ମନ୍ଦିର ସମ୍ପତ୍ତିର ପଟ୍ଟା ଓ ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାର ପ୍ରସଙ୍ଗ ମଧ୍ୟ ଉତ୍ଥାପନ କରିଥିଲେ। କିନ୍ତୁ ଖଣ୍ଡପୀଠ ସେହି ସମ୍ପର୍କରେ କୌଣସି ମତ ରଖିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଖଣ୍ଡପୀଠ କହିଥିଲେ, "ତାହା ଏକ ସମସ୍ୟା। ରତ୍ନଭଣ୍ଡାର ଖୋଲିବା କଷ୍ଟକର। ତାହାକୁ ଆମେ ଗ୍ରହଣ କରି ନିଆଁ ସହିତ ଖେଳିବାକୁ ଚାହୁଁନାହୁଁ। ଯଦି ତାହାକୁ ଖୋଲାଯାଏ କାଳେ କ'ଣ ଘଟିପାରେ। ତେଣୁ ସେହି ଆଡ଼କୁ ଆମେ ଯିବାକୁ ଚାହୁଁନାହୁଁ। ସେହି ବିଷୟର ଏକ ଅଂଶ ହେବାକୁ ଆମର ଇଚ୍ଛା ନାହିଁ। ଯାହାକିଛି ଭଲ ଚାଲିଛି, ତାହା କିଭଳି ଆହୁରି ଉତ୍ତମ ହେବ ଆଶା କରୁଛୁ"।

ଉଲ୍ଲେଖଯୋଗ୍ୟ ଯେ, ଶ୍ରୀମନ୍ଦିରରେ ଦର୍ଶନାର୍ଥୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଓ ସେମାନେ ମନ୍ଦିର ସେବକଙ୍କ ଦ୍ୱାରା ହଇରାଣହରକତ ହେଉଥିବା ଅଭିଯୋଗ ଆଣି ମୃଣାଳିନୀ ପାଢ଼ୀ ୨୦୧୮ ଜୁନ୍‌ରେ ସୁପ୍ରିମକୋର୍ଟରେ ପିଆଇଏଲ୍ ଦାଖଲ କରିଥିଲେ। ସେତେବେଳେ ଆବେଦନକାରୀ ☞ପୃଷ୍ଠା-୪

## ଝାରସୁଗୁଡ଼ା ଉପନିର୍ବାଚନ ପ୍ରଚାର ସରିଲା

**ସବୁ ବୁଥ୍‌ରେ ହେବ ୱେବ୍‌କାଷ୍ଟିଂ**

**ଭୁବନେଶ୍ୱର,୮।୫(ବ୍ୟୁରୋ)**

ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ପାଇଁ ସୋମବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ୧୦ ତାରିଖ ସକାଳ ୭ଟାରୁ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ମୋଟ୍ ୨୫୩ ବୁଥ୍‌ରେ ୨ ଲକ୍ଷ ୨୧ ହଜାର ୭୧୯ଜଣ ଭୋଟର ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିବେ। ସୋମବାର ସନ୍ଧ୍ୟା ୬ଟାରୁ ୧୦ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ 'ଡ୍ରାଏ ଡେ' ଘୋଷଣା କରାଯିବା ସହ ନିର୍ବାଚନମଣ୍ଡଳୀର ବିଭିନ୍ନ ଗେଷ୍ଟ ହାଉସ୍, ହୋଟେଲ, କମ୍ୟୁନିଟି ହଲ୍ ଆଦିରେ ଚେକିଂ ଜୋରଦାର କରାଯାଉଛି।

ରାଜ୍ୟମୁଖ୍ୟନିର୍ବାଚନଅଧିକାରୀ(ସିଇଓ)ନିକୁଞ୍ଜବିହାରୀ ଧଳ ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନର ଭୋଟ ଗ୍ରହଣ ନିମନ୍ତେ ସମସ୍ତ ପ୍ରସ୍ତୁତି ☞ପୃଷ୍ଠା-୪






## ଘର ଉପରେ ଖସିଲା ମିଗ୍-୨୧ ବିମାନ: ୩ ମୃତ

**ଜୟପୁର, ୮।୫:** ରାଜସ୍ଥାନର ହନୁମାନଗଡ଼ର ରାଟି ରାମଙ୍କ ଘର ଉପରେ ସୋମବାର ବାୟୁସେନାର ମିଗ୍-୨୧ ଯୁଦ୍ଧ ବିମାନ ଖସିପଡ଼ିଛି। ଦୁର୍ଘଟଣାରେ ରାଟି ରାମଙ୍କ ସ୍ତ୍ରୀଙ୍କ ସମେତ ୩ ମହିଳାଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ ୩ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବିମାନଟି ରୋଟିନ୍ ଏକ୍ସରସାଇଜ୍ ପାଇଁ ଶରତଗଡ଼ ଏୟାରବେସ୍‌ରୁ ଟେକ୍‌ଅଫ୍ କରିଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁ ବିମାନ ଖସିପଡ଼ିଥିବା ବାୟୁସେନା ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ଏକ ହେଲିକପ୍ଟର ସହଯୋଗରେ ଆହତ ପାଇଲଟଙ୍କୁ ସକୌଶଳେ ଦୁର୍ଘଟଣାଗ୍ରସ୍ତ ଯୁଦ୍ଧ ବିମାନରୁ ଉଦ୍ଧାର କରାଯାଇଛି। ଘଟଣାର ଯାଞ୍ଚ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି।


**ଆଜିର ସମ୍ପାଦକୀୟ**

**ମିଳିଲେ କିଣିବେ**


# ୧୧ ବର୍ଷରେ ଦୁଇ ଇଞ୍ଜିନିୟରିଂ ଡିଗ୍ରୀ

## ଆଇନ୍‌ଷ୍ଟାଇନ୍‌ଙ୍କଠାରୁ ଆଧାରାଙ୍କ ଆଇକ୍ୟୁ ଅଧିକ

**ମେକ୍ସିକୋ ସିଟି, ୮।୫**

ଅଦମ୍ୟ ଇଚ୍ଛାଶକ୍ତି ବଳରେ ସବୁ ସମ୍ଭବ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ମେକ୍ସିକୋର ୧୧ ବର୍ଷୀୟା ଆଧାରା ପେରେଜ୍ ସାନ୍‌ଚେଜ୍। ଅଟିଷ୍ଟିକ୍ ହେବା ସତ୍ତ୍ୱେ ଆଧାରା ଖୁବ୍ ଜ୍ଞାନୀ। ତାଙ୍କ ଆଇକ୍ୟୁ (ଇଣ୍ଟେଲିଜେନ୍ସ କୋସେଣ୍ଟ) ୧୬୨ ରହିଛି। ପ୍ରକାଶିତ ରିପୋର୍ଟ ଅନୁସାରେ, ଆଧାରାଙ୍କ ଆଇକ୍ୟୁ ନୋବେଲ ପୁରସ୍କାର ବିଜେତା ପଦାର୍ଥ ବିଜ୍ଞାନୀ ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କଠାରୁ ମଧ୍ୟ ଅଧିକ। ମେକ୍ସିକୋର ସିଏନ୍‌ସିଆଇ ୟୁନିଭର୍ସିଟିର ସିଷ୍ଟମ ଇଞ୍ଜିନିୟରିଂରେ ଆଧାରା ସ୍ନାତକ ହାସଲ କରିଛନ୍ତି। ଏହାଛଡ଼ା ଟେକ୍ନୋଲୋଜିକାଲ ୟୁନିଭର୍ସିଟି ଅଫ୍ ମେକ୍ସିକୋରେ ଇଣ୍ଡଷ୍ଟ୍ରିଆଲାଇଜିଂ ଇଞ୍ଜିନିୟରିଂରେ ମଧ୍ୟ ସେ ଡିଗ୍ରୀ କରିଛନ୍ତି। ବଡ଼ ହୋଇ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା)ରେ ଜ୍ୟୋତିର୍ବିଜ୍ଞାନୀ ଭାବେ କାର୍ଯ୍ୟ କରିବା ତାଙ୍କ ସ୍ୱପ୍ନ। ବର୍ତ୍ତମାନ ଆଧାରା ମେକ୍ସିକୋ ସ୍ପେସ୍ ଏଜେନ୍ସିରେ କାମ କରୁଛନ୍ତି।



ଆଧାରା ପେରେଜ୍ ସାନ୍‌ଚେଜ୍

ଅଟିଷ୍ଟିକ୍ ହେବା ଯୋଗୁ ସ୍କୁଲରେ ପଢ଼ିବା ସମୟରେ ସହପାଠୀମାନେ ଆଧାରାଙ୍କୁ ଥଟ୍ଟା କରୁଥିଲେ। ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଥିବା ଆଧାରା ମାତ୍ର ୫ ବର୍ଷ ବୟସରେ ପ୍ରାଇମେରି ସ୍କୁଲ ପାଠପଢ଼ା ଶେଷ କରିଥିଲେ। ଅଟିଷ୍ଟିକ୍ ପାଇଁ ୩ ବର୍ଷ ବୟସରେ ତାଙ୍କର ଏକ ଅସ୍ତ୍ରୋପଚାର କରାଯାଇଥିଲା, ଯାହାପରେ ସେ ଧୀରେ ଧୀରେ କଥା କହିବା ☞ପୃଷ୍ଠା-୪

### କରାଚୀରେ ଭାରତୀୟ ବନ୍ଦୀଙ୍କ ମୃତ୍ୟୁ

ସଦିଚ୍ଛାମୂଳକ ପଦକ୍ଷେପ ସ୍ୱରୂପ ପାକିସ୍ତାନୀ କର୍ତ୍ତୃପକ୍ଷ ଆସନ୍ତା ଶୁକ୍ରବାର ୧୯୯ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଜେଲରୁ ମୁକ୍ତ କରିବା ଆଶା କରାଯାଉଛି। ପାକିସ୍ତାନ ଜଳରାଶିରେ ମାଛ ଧରିବା ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଥିଲା। ମୁକ୍ତ ହେବାକୁ ଥିବା ଜୁଲଫିକର ନାମକ ଜଣେ ଭାରତୀୟ ବନ୍ଦୀଙ୍କର କରାଚୀ ହସ୍ପିଟାଲରେ ଶନିବାର ମୃତ୍ୟୁ ଘଟିଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ଜୁଲଫିକରଙ୍କୁ ଜ୍ୱର ହେବା ସହ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଗତ ସପ୍ତାହରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।



ଅମୃତସରସ୍ଥିତ ସ୍ୱର୍ଣ୍ଣ ମନ୍ଦିର ନିକଟରେ ୩ ଦିନରେ ଦୁଇଟି ବିସ୍ଫୋରଣ ଘଟିବା ପରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ରାପିଡ୍ ଆକ୍ସନ ଫୋର୍ସର ଯବାନମାନେ ସୋମବାର ହେରିଟେଜ୍ ଷ୍ଟ୍ରିଟ୍‌ରେ ଫ୍ଲାଗ୍ ମାର୍ଚ୍ଚ କରୁଛନ୍ତି।

## ସ୍ୱର୍ଣ୍ଣ ମନ୍ଦିର ନିକଟରେ ପୁଣି ବିସ୍ଫୋରଣ

ଅମୃତସର, ୮।୫

ପଞ୍ଜାବ ସ୍ୱର୍ଣ୍ଣ ମନ୍ଦିର ନିକଟରେ ସୋମବାର ସକାଳେ ପୁଣି ବିସ୍ଫୋରଣ ଘଟି ଜଣେ ଆହତ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦିଆଯାଇଛି। ଉଦ୍ଦେଶ୍ୟମୂଳକ ଭାବେ କୌଣସି ବ୍ୟକ୍ତି ଏପରି କରିଥିବା ସନ୍ଦେହ କରାଯାଉଥିବାବେଳେ ଆତଙ୍କବାଦୀ ଦିଗକୁ ଦୃଷ୍ଟିରେ ରଖି ଘଟଣାର ତଦନ୍ତ ଚାଲିଛି। ଗତ ତିନିଦିନ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ଏହାପୂର୍ବରୁ ୬ ତାରିଖରେ ମନ୍ଦିର ପାଖରେ ବିସ୍ଫୋରଣ ଘଟି ୬ ଜଣ ଆହତ ହୋଇଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଥିବା କେତେକ ଘରର ଝରକା କାଚ ଭାଙ୍ଗିଯାଇଥିଲା। ଦୁଇଟିଯାକ ବିସ୍ଫୋରଣ ନେଇ ପୋଲିସ ପକ୍ଷରୁ ମାମଲା ରୁଜୁ ହୋଇଥିବା ଅମୃତସର ପୋଲିସ କମିଶନର ନୌନିହାଲ ସିଂ କହିଛନ୍ତି।

## କେନ୍ଦ୍ର, ବିହାର ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୮।୫ (ପି.ଟି.)

୧୯୯୪ରେ ବିହାର ଗୋପାଳଗଞ୍ଜ ଜିଲାପାଳ ଜି. କ୍ରିଷ୍ଣୟାଙ୍କୁ ହତ୍ୟା ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ପୂର୍ବତନ ଏମ୍‌ପି ଆନନ୍ଦ ମୋହନଙ୍କୁ ଅବଧି ଶେଷ ହେବା ପୂର୍ବରୁ ଜେଲରୁ ମୁକ୍ତ କରିଦିଆଯାଇଥିବାରୁ ଏହାକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ସୋମବାର କେନ୍ଦ୍ର ଓ ବିହାର ସରକାରଙ୍କୁ ଏନେଇ ଜବାବ ମାଗିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜେ.କେ. ମାହେଶ୍ୱରୀଙ୍କ ଖଣ୍ଡପୀଠ ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ବିହାର ସରକାର ଏବଂ ଆନନ୍ଦ ମୋହନଙ୍କୁ ନୋଟିସ ଜାରି କରିଛନ୍ତି। ମୃତ ଜିଲାପାଳଙ୍କ ସ୍ତ୍ରୀ ଉମା କ୍ରିଷ୍ଣୟାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ଲୁଥ୍ରା ଉପସ୍ଥିତ ରହି ଦଣ୍ଡ ଅବଧି ପୂରଣ ହେବା ପୂର୍ବରୁ ହତ୍ୟାକାରୀଙ୍କୁ ମୁକ୍ତ କରିଦିଆଯିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ।

### ଆନନ୍ଦ ମୋହନଙ୍କୁ ଜେଲରୁ ମୁକ୍ତ କରାଯିବାକୁ ଚାଲେଞ୍ଜ



ସୂଚନାଯୋଗ୍ୟ, ବିହାର ସରକାର ଜେଲ ନିୟମାବଳୀରେ ସଂଶୋଧନ କରି ଗ୍ୟାଙ୍ଗଷ୍ଟରରୁ ରାଜନେତା ଆନନ୍ଦ ମୋହନଙ୍କୁ ଏପ୍ରିଲ ୨୭ରେ ସହର୍ସା ଜେଲରୁ ମୁକ୍ତ କରିଦେଇଥିଲେ। ମୃତ୍ୟୁଦଣ୍ଡର ବିକଳ୍ପ ଭାବେ ଆଜୀବନ ଜେଲ ଦଣ୍ଡାଦେଶ ଦିଆଯାଉଛି। ଏହା ୧୪ ବର୍ଷରେ ଶେଷ ହେଉଥିବା ଯନ୍ତ୍ରବତ୍ ବ୍ୟାଖ୍ୟା କରାଯାଇ ପାରିବ ନାହିଁ ବୋଲି ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ।

### ସଂକ୍ଷେପରେ

#### ପେରୁ ସୁନା ଖଣିରେ ନିଆଁ ଲାଗି ୨୭ ମୃତ

**ୟାନାକୁଇହୁଆ, ୮।୫:** ସଦର୍ନ ପେରୁ ଆରେକିପାରେ ଥିବା ଏକ ସୁନା ଖଣିରେ ରବିବାର ଅଗ୍ନିକାଣ୍ଡ ଘଟି ୨୭ ଜଣଙ୍କ ମୃତ୍ୟୁ ଘଟିଛି। ଖଣିରେ ଶର୍ଟସର୍କିଟ୍ ଯୋଗୁ ବିସ୍ଫୋରଣ ହେବା ଫଳରେ ନିଆଁ ଲାଗିଥିବା ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି। ଖଣିରେ ୧୦୦ ମିଟର ଗଭୀର ତଳେ ଥିବା ଟନେଲରେ ଲୋକେ କାର୍ଯ୍ୟ କରୁଥିବା ସମୟରେ ନିଆଁ ଚାରିଆଡେ ବ୍ୟାପିଯାଇଥିଲା। ଅଗ୍ନିଶମ ଟିମ୍ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଲୋକଙ୍କୁ ଉଦ୍ଧାର କରିଥିଲା।

#### ଟେକ୍ସାସ୍ ଗୁଳିକାଣ୍ଡ ମୃତକଙ୍କ ମଧ୍ୟରେ ଭାରତୀୟ ଇଞ୍ଜିନିୟର

**ହଷ୍ଟନ, ୮।୫ (ପି.ଟି.):** ଆମେରିକାର ଟେକ୍ସାସ ରାଜ୍ୟ ଅନ୍ତର୍ଗତ ଡଲାସରେ ବନ୍ଧୁକଧାରୀଙ୍କ ଗୁଳିରେ ପ୍ରାଣ ହରାଇଥିବା ୯ ଜଣଙ୍କ ମଧ୍ୟରେ ଜଣେ ଭାରତୀୟ ଇଞ୍ଜିନିୟର ରହିଛନ୍ତି। ଐଶ୍ୱର୍ଯ୍ୟା ଥାଟିକୋଣ୍ଡା ତାଙ୍କ ବନ୍ଧୁଙ୍କ ସହ ଶପିଂ କରୁଥିବାବେଳେ ଆଲେନ ପ୍ରିମିୟମ ଆଉଟ୍‌ଲେଟ୍ସରେ ବନ୍ଧୁକଧାରୀ ମୌରିସିଓ ଗାର୍ସିଆ ଗୁଳି ଚଳାଇଥିଲେ। ପୋଲିସ ଗୁଳିରେ ଗାର୍ସିଆ ନିହତ ହେବା ପୂର୍ବରୁ ୮ ଜଣଙ୍କୁ ହତ୍ୟା କରିଥିଲେ। ଐଶ୍ୱର୍ଯ୍ୟା ପରଫେକ୍ଟ ଜେନେରାଲ କଣ୍ଟ୍ରାକ୍ଟରସ୍ ପ୍ରୋଜେକ୍ଟ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ।



ଐଶ୍ୱର୍ଯ୍ୟା ଥାଟିକୋଣ୍ଡା

#### କୁନୋ ଜାତୀୟ ଉଦ୍ୟାନରେ ଆଉ ୫ ଚିତାଙ୍କୁ ଅବାଧ ବିଚରଣ ପାଇଁ ଛଡ଼ାଯିବ

**ନୂଆଦିଲ୍ଲୀ, ୮।୫ (ପି.ଟି.):** ବର୍ଷାଋତୁ ପୂର୍ବରୁ ୫ ଚିତାଙ୍କୁ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ମୁକ୍ତ ବିଚରଣ ଲାଗି ଛାଡ଼ିଦିଆଯିବ। ସେମାନଙ୍କୁ ନାମିବ୍ୟାରୁ ଅଣାଯିବା ପରେ ସ୍ଥାନୀୟ ବାତାବରଣ ସହ ଖାପ ଖୁଆଇବା ପାଇଁ ଅନୁକୂଳନ କ୍ୟାମ୍ପରେ ରଖାଯାଇଥିଲା। ପ୍ରୋଜେକ୍ଟ ଚିତାର ବର୍ତ୍ତମାନର ସ୍ଥିତି ସମୀକ୍ଷା ପରେ ବିଶେଷଜ୍ଞ ଟିମ୍ ସେମାନଙ୍କୁ ମୁକ୍ତ ବିଚରଣ ଲାଗି ଛାଡ଼ିବା ନିମନ୍ତେ ନିଷ୍ପତ୍ତି ନେଇଥିବା କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ମଣିପୁର ହିଂସା: ସୁରକ୍ଷା ବଢ଼ାଅ, କ୍ଷତିଗ୍ରସ୍ତଙ୍କୁ ଥଇଥାନ କର

ନୂଆଦିଲ୍ଲୀ, ୮।୫ (ପି.ଟି.)

ମଣିପୁର ହିଂସାରେ ଧନଜୀବନ ନଷ୍ଟକୁ ନେଇ ସୁପ୍ରିମକୋର୍ଟ ସୋମବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟରେ ସୁରକ୍ଷା ବଢ଼ାଇବା ସହ ହିଂସା କ୍ଷତିଗ୍ରସ୍ତ ଲୋକମାନଙ୍କୁ ସହାୟତା ଓ ଥଇଥାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ଓ ମଣିପୁର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଦୁଇ ଦିନରେ ଉକ୍ତ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ କୌଣସି ହିଂସାକାଣ୍ଡ ଘଟି ନ ଥିବା କେନ୍ଦ୍ର ସରକାର ଅଦାଲତଙ୍କୁ ଅବଗତ କରାଇଥିଲେ। ତେବେ ହିଂସା ପରବର୍ତ୍ତୀ ମାନବୀୟ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଇ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଦ୍ଦିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ହିଂସା କ୍ଷତିଗ୍ରସ୍ତମାନଙ୍କ ଲାଗି ରିଲିଫ କ୍ୟାମ୍ପ ବ୍ୟବସ୍ଥା କରିବାକୁ କହିଥିଲେ। ସେଠାରେ ଆଶ୍ରୟ ନେଉଥିବା ଲୋକମାନଙ୍କୁ ଖାଦ୍ୟ, ରାଶନ, ଔଷଧ ଆଦି ମୌଳିକ ସୁବିଧା ସୁଯୋଗ ଯୋଗାଇଦେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ହିଂସାକାଣ୍ଡବେଳେ ଯେଉଁମାନେ ବିସ୍ଥାପିତ ହୋଇଛନ୍ତି, ସେମାନଙ୍କୁ ଥଇଥାନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବା ସହ ଧାର୍ମିକ ସ୍ଥାନର ସୁରକ୍ଷା ଦିଗରେ ପର୍ଯ୍ୟାପ୍ତ ଉଦ୍ୟମ କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି।

କେନ୍ଦ୍ର ଓ ମଣିପୁର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ରହି ହିଂସା ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅଦାଲତଙ୍କୁ ଅବଗତ କରାଇଥିଲେ। ହିଂସାଗ୍ରସ୍ତ ଅଞ୍ଚଳରେ ୫୨ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ ସମେତ ସେନା ଓ ଆସାମ ରାଇଫଲ୍ସ କଣ୍ଟିଜେଣ୍ଟ ନିୟୋଜିତ ହୋଇଥିବା ସେ କହିଥିଲେ। ବିଶୃଙ୍ଖଳିତ ଅଞ୍ଚଳରେ ଫ୍ଲାଗ୍ ମାର୍ଚ୍ଚ କରାଯିବା ସହ ଶାନ୍ତି ବୈଠକ ଆୟୋଜନ କରାଯାଇଥିବା ସେ ଖଣ୍ଡପୀଠଙ୍କୁ ଜଣାଇଥିଲେ। ରାଜ୍ୟ ସରକାରଙ୍କ ସୁରକ୍ଷା ଉପଦେଷ୍ଟା ଭାବେ ଜଣେ ପୂର୍ବତନ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଥିବାବେଳେ କେନ୍ଦ୍ରକୁ ଡେପୁଟେଶନରେ ଯାଇଥିବା ଜଣେ ବରିଷ୍ଠ ପଦାଧିକାରୀଙ୍କୁ ମଣିପୁରର ମୁଖ୍ୟ ଶାସନ ସଚିବ ଭାବେ ରବିବାର ଅବସ୍ଥାପିତ କରାଯାଇଛି। ରାଜ୍ୟ ସ୍ଥିତି ଉପରେ ନଜର ରଖିବା ଲାଗି ହେଲିକପ୍ଟର ଓ ଡ୍ରୋନ୍ ବ୍ୟବହାର କରାଯାଉଛି। ଗତ ଦୁଇଦିନରେ କୌଣସି ହିଂସା ଘଟି ନ ଥିବାବେଳେ ଧୀରେ ଧୀରେ ସ୍ଥିତି ସ୍ୱାଭାବିକ ହେଉଛି। ରବିବାର ଓ ସୋମବାର କର୍ଫ୍ୟୁ କିଛି ଘଣ୍ଟା ପାଇଁ କୋହଳ କରାଯାଇଥିଲା। ଅଦାଲତ ମେହେଟ୍ଟାଙ୍କ ଜବାବ ଶୁଣିବା ପରେ ପରବର୍ତ୍ତୀ ଶୁଣାଣି ମେ' ୧୭କୁ ଧାର୍ଯ୍ୟ କରିବା ସହ ସଂଶୋଧିତ ଷ୍ଟାଟସ୍ ରିପୋର୍ଟ ଦାଖଲ ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଇମ୍ଫାଲ ଉପତ୍ୟକାରେ ରହୁଥିବା ମେଇତି ସମ୍ପ୍ରଦାୟଙ୍କୁ ଅନୁସୂଚିତ ଜନଜାତି ମାନ୍ୟତା ପ୍ରଦାନକୁ ବିରୋଧ କରି ଆଦିବାସୀମାନେ ଚଳାଇଥିବା ବିକ୍ଷୋଭ ହିଂସାତ୍ମକ ରୂପ ନେବାରୁ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ସହ ବହୁ ସମ୍ପତ୍ତି ନଷ୍ଟ ହୋଇଥିଲା। ହିଂସାପ୍ରବଣ ଅଞ୍ଚଳରୁ ୨୩,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇ ମିଲିଟାରୀ ଗାରିସନ ଏବଂ ରିଲିଫ୍ କ୍ୟାମ୍ପରେ ରଖାଯାଇଛି। ଅନୁସୂଚିତ ଜନଜାତି ମାନ୍ୟତା ପ୍ରଦାନ ଲାଗି ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଭାଜପା ବିଧାୟକ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିବାବେଳେ ହିଂସାକାଣ୍ଡର ଏସ୍‌ଆଇଟି ତଦନ୍ତ ଲାଗି ନିର୍ଦ୍ଦେଶ ଦେବାକୁ ଏକ ଆଦିବାସୀ ସଂଗଠନ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲା।



ମଣିପୁର ହିଂସା କ୍ଷତିଗ୍ରସ୍ତ ଅଞ୍ଚଳର ଲୋକେ ଆସାମର ଚାଚର ଜିଲାରେ ଏକ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି।

### କେନ୍ଦ୍ର ଓ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ଧର୍ମ ନିନ୍ଦା: ଇରାନରେ ୨ ଜଣଙ୍କୁ ଫାଶୀ

ଦୁବାଇ, ୮।୫

ଇସ୍‌ଲାମର ପ୍ରଫେଟ୍ ମହମ୍ମଦଙ୍କୁ ଅପମାନିତ କରିବା ସହ ନାସ୍ତିକତାର ପ୍ରସାର କରାଇବା ଓ କୋରାନ ପୋଡ଼ି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ୨ ଜଣଙ୍କୁ ଇରାନ ସୋମବାର ଫାଶୀ ଦେଇଛି। ଈଶ୍ୱର ନିନ୍ଦା ମାମଲାରେ ଏହା ବିରଳ ମୃତ୍ୟୁଦଣ୍ଡ। ମୃତ୍ୟୁଦଣ୍ଡ ପ୍ରଦାନରେ ଇରାନ ସର୍ବାଗ୍ରେ ରହିଛି। ଓସ୍ଲୋସ୍ଥିତ ଇରାନ ମାନବାଧିକାର ସଂଗଠନର ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଆରମ୍ଭରୁ ଇତିମଧ୍ୟରେ ସେଠାରେ ଅନ୍ୟୂନ ୨୦୩ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଗଲାଣି। ତେବେ ଈଶ୍ୱର ନିନ୍ଦା ମାମଲାରେ ମୃତ୍ୟୁଦଣ୍ଡ ଦିଆଯିବା ବିରଳ। ପୂର୍ବରୁ ଏଭଳି ମାମଲାରେ କର୍ତ୍ତୃପକ୍ଷ ଦଣ୍ଡ କୋହଳ କରିଥିଲେ। ସୋମବାର ସକାଳେ କେନ୍ଦ୍ରୀୟ ଇରାନର ଆରାକ ଜେଲ୍‌ରେ ୟୁସେଫ୍ ମେହରାଦ ଏବଂ ସାଦ୍ରୋଲା ଫଜେଲି ଜାରେଙ୍କୁ ଫାଶୀ ଦିଆଯାଇଛି। 'କ୍ରିଟିକ୍ ଅଫ୍ ସୁପରଷ୍ଟିଶନ ଆଣ୍ଡ ରିଲିଜିଅନ୍' ନାମକ ଟେଲିଗ୍ରାମ ମେସେଜ୍ ଆପ୍‌ରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ୨୦୨୦ ମେ'ରେ ଗିରଫ କରାଯାଇ ଜେଲରେ ରଖାଯାଇଥିଲା। ସେମାନଙ୍କୁ ଭେଟିବା ଲାଗି କାହାକୁ ଅନୁମତି ଦିଆଯାଉ ନ ଥିଲା।

## ପଶ୍ଚିମବଙ୍ଗରେ 'ଦି କେରଳା ଷ୍ଟୋରି' ବ୍ୟାନ୍

କୋଲକାତା, ୮।୫

ବିବାଦୀୟ ହିନ୍ଦୀ ଫିଲ୍ମ 'ଦି କେରଳା ଷ୍ଟୋରି'କୁ ସୋମବାର ପଶ୍ଚିମବଙ୍ଗରେ ବ୍ୟାନ୍ ଘୋଷଣା କରାଯାଇଛି। ରାଜ୍ୟ ସଚିବାଳୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଘୋଷଣା କରିଛନ୍ତି। ଫିଲ୍ମକୁ ନେଇ ରାଜ୍ୟରେ ଅପ୍ରୀତିକର ସ୍ଥିତି ଉପୁଜିବା ଆଶଙ୍କା କରି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ମମତା କହିଛନ୍ତି, ରାଜ୍ୟରେ ଶାନ୍ତି ରକ୍ଷା ମୁଖ୍ୟ ଉଦ୍ଦେଶ୍ୟ। କଶ୍ମୀର ଫାଇଲ୍ସ ଫିଲ୍ମ ଭଳି ପଶ୍ଚିମବଙ୍ଗକୁ ନେଇ ଭାଜପା ଏକ ଫିଲ୍ମ ନିର୍ମାଣ କରିବା ଲାଗି ଅର୍ଥ ଯୋଗାଉଛି। 'ଦି କେରଳା ଷ୍ଟୋରି'କୁ ବ୍ୟାନ୍ କରିବା ପରେ ରାଜ୍ୟର ସବୁ ସିନେମାଘରେ ଫିଲ୍ମର ପ୍ରସାରଣ ବନ୍ଦ କାର୍ଯ୍ୟର ତଦାରଖ କରିବା ଲାଗି ମମତା ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନେକ ରାଜ୍ୟରେ ଦି କେରଳା ଷ୍ଟୋରିର ପ୍ରସାରଣ ଉପରେ ରୋକ୍‌ଲଗାଇ ଦିଆଯାଇଛି। ଏହି ଫିଲ୍ମରେ ଆଦା ଶର୍ମା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। କେରଳରେ ହିନ୍ଦୁ ଓ ଖ୍ରୀଷ୍ଟିଆନ୍ ଯୁବତୀଙ୍କୁ ଇସ୍‌ଲାମୀୟ ଧର୍ମ ଗ୍ରହଣ କରେଇ ସେମାନଙ୍କୁ ଆଫଗାନିସ୍ତାନ, ୟେମେନ, ସିରିଆ ପଠାଇ ଦିଆଯାଉଥିବା ଫିଲ୍ମରେ ଦର୍ଶାଯାଇଛି।



## ଟିକେଟ ବୁକିଂ ବନ୍ଦ ରଖିବାକୁ ଗୋ ଫାଷ୍ଟକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୮।୫

ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ତୁରନ୍ତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଟିକେଟ ବୁକିଂ ଏବଂ ବିକ୍ରି ବନ୍ଦ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଗୋ ଫାଷ୍ଟକୁ ସୋମବାର ନିର୍ଦ୍ଦେଶ ଦେଇଛି। ସୁରକ୍ଷିତ ବିମାନ ସେବା ଯୋଗାଇବାରେ ବିଫଳ ହୋଇଥିବା ଉକ୍ତ ଏୟାରଲାଇନ୍ସକୁ ଡିଜିସିଏ କାରଣ ଦର୍ଶାଅ ନୋଟିସ ପଠାଇଛି। ନୋଟିସର ଜବାବକୁ ଅନୁଧ୍ୟାନ କରି ଗୋ ଫାଷ୍ଟର ଲାଇସେନ୍ସ ରଦ୍ଦ କରାଯିବ କି ନାହିଁ ତାହା ଉପରେ ଡିଜିସିଏ ନିଷ୍ପତ୍ତି ନେବ। ଗତ ୩ ତାରିଖରୁ ଗୋ ଫାଷ୍ଟ ଏହାର ବିମାନ ସେବା ବନ୍ଦ ରଖିଛି।

## ଡୋଭାଲଙ୍କୁ ଭେଟିଲେ ଆମେରିକା ଏନ୍‌ଏସ୍‌ଏ

ନୂଆଦିଲ୍ଲୀ, ୮।୫

ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନ ରବିବାର ସାଉଦି ଆରବରେ ତାଙ୍କ ଭାରତୀୟ ପ୍ରତିପକ୍ଷ ଅଜିତ ଡୋଭାଲଙ୍କୁ ଭେଟି ଦ୍ୱିପାକ୍ଷିକ ଓ ଆଞ୍ଚଳିକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଚଳିତ ମାସ ଶେଷ ଭାଗରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଡ୍ ସମିଟ୍ ଅବସରରେ ଦୁଇ ନେତା ପରସ୍ପରକୁ ଭେଟିବେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଗତ ଜାନୁୟାରୀରେ ଭାରତ-ଆମେରିକା ଆଇସିଇଟି (ଇନିସିଏଟିଭ୍ ଅନ୍ କ୍ରିଟିକାଲ ଆଣ୍ଡ ଏମର୍ଜିଂ ଟେକ୍‌ନୋଲୋଜି) ଶୁଭାରମ୍ଭ କରାଯିବା ପରେ ଡୋଭାଲ ଏବଂ ସୁଲିଭାନଙ୍କ ମଧ୍ୟରେ ଏହା ପ୍ରଥମ ବୈଠକ। ସାଉଦି ଆରବ ଗସ୍ତରେ ଥିବା ସୁଲିଭାନ ସେଠାର ପ୍ରଧାନମନ୍ତ୍ରୀ ଓ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ, ୟୁଏଇ ଜାତୀୟ ସୁରକ୍ଷା ଉପଦେଷ୍ଟା ଶେଖ୍ ତାହନୁନ୍ ବିନ୍ ଜାୟେଦ ଅଲ୍ ନହ୍ୟାନଙ୍କୁ ସାକ୍ଷାତ କରିଥିଲେ।



ଅଜିତ ଡୋଭାଲଙ୍କ ସହ ଜେକ୍ ସୁଲିଭାନ।

## ସୋନିଆଙ୍କ ବିରୋଧରେ ଏତଲା ଦାବି କଲା ଭାଜପା

### କର୍ଣ୍ଣାଟକ ସାର୍ବଭୌମତ୍ୱ ମନ୍ତବ୍ୟ

ବେଙ୍ଗାଲୁରୁ/ନୂଆଦିଲ୍ଲୀ, ୮।୫ (ପି.ଟି.)

କେରଳ ପାଇଁ ସାର୍ବଭୌମତ୍ୱ ଶବ୍ଦ ବ୍ୟବହାର କରିଥିବା ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଭାଜପା କଡ଼ା ସମାଲୋଚନା କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସୋମବାର ନିର୍ବାଚନ କମିଶନ (ଇସି)ଙ୍କ ଦ୍ୱାରସ୍ଥ ହୋଇଛି। କଂଗ୍ରେସର ସ୍ୱୀକୃତି ରଦ୍ଦ କରାଯିବା ସହ ସୋନିଆଙ୍କ ବିରୋଧରେ ଏତଲା ଦାଏର ପାଇଁ ଭାଜପା ଦାବି କରିଛି। କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ନେତୃତ୍ୱରେ ଭାଜପା ପ୍ରତିନିଧି ଦଳ ଦିଲ୍ଲୀରେ ନିର୍ବାଚନ କମିଶନଙ୍କୁ ଏନେଇ ସ୍ମାରକପତ୍ର ଦେଇଛନ୍ତି। କର୍ଣ୍ଣାଟକ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ। ଏହାର ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଆହ୍ୱାନ ଦେବା ଅର୍ଥ ଉକ୍ତ ରାଜ୍ୟକୁ ଭାରତରୁ ଅଲଗା କରିବା ପାଇଁ ଆହ୍ୱାନ, ଯାହାର ପରିଣାମ ବିପଜ୍ଜନକ ବୋଲି ଭାଜପା କହିଛି। ଜନପ୍ରତିନିଧି ଆଇନ ଅନୁଯାୟୀ ଏଭଳି ଆହ୍ୱାନ ଦେଉଥିବା ଦଳର ସ୍ୱୀକୃତି ରଦ୍ଦ କରିବାକୁ ଭାଜପା ନେତା ତରୁଣ ଚୁଗ୍ ଖବରଦାତାମାନଙ୍କୁ କହିଛନ୍ତି। ତାଙ୍କ ସମେତ ଭାଜପା ପ୍ରତିନିଧି ଦଳରେ ଏମ୍‌ପି ଅନିଲ ବାଲୁନି, ଓମ୍ ପାଠକ୍ ପ୍ରମୁଖ ରହିଥିଲେ। କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ୬.୫ କୋଟି କନ୍ନଡିଗାମାନଙ୍କୁ ଏକ ଦୃଢ଼ ବାର୍ତ୍ତା ଦେଇଛନ୍ତି। କର୍ଣ୍ଣାଟକର ମର୍ଯ୍ୟାଦା, ସାର୍ବଭୌମତ୍ୱ କିମ୍ବା ସଂହତି ପ୍ରତି କେହି ବିପଦ ଆଣିବାକୁ କଂଗ୍ରେସ ଦେବ ନାହିଁ ବୋଲି ବିରୋଧୀ ଦଳ ଟୁଇଟ୍ କରିଥିଲା। ଭାଜପା ଏହାର ଅଭିଯୋଗରେ କଂଗ୍ରେସ ଟୁଇଟ୍‌ର ଏକ ନକଲ ଦାଖଲ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଏକ ସାଧାରଣ ସଭାରେ ଉକ୍ତ ପ୍ରସଙ୍ଗ ଉଠାଇ କଂଗ୍ରେସ ଉପରେ ଜୋର୍‌ଦାର ବର୍ଷିଥିଲେ। ଟୁକ୍‌ଡେ-ଟୁକ୍‌ଡେ ଗ୍ୟାଙ୍ଗ ରୋଗୀ କଂଗ୍ରେସର ଶୀର୍ଷ ସ୍ତରରେ ପହଞ୍ଚିଥିବା ମୋଦି ଅଭିଯୋଗ କରିଥିଲେ।

## କର୍ଣ୍ଣାଟକରେ ପ୍ରଚାର ଶେଷ: ବୁଧବାର ଭୋଟ

ବେଙ୍ଗାଲୁରୁ, ୮।୫ (ପି.ଟି.)

କର୍ଣ୍ଣାଟକର ୨୨୪ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନ ଲାଗି ବୁଧବାର ମତଦାନ ହେବାକୁ ଥିବାବେଳେ ସୋମବାର ଅପରାହ୍ନରେ ପ୍ରଚାର ଶେଷ ହୋଇଛି। ଶେଷ ଦିନରେ ସବୁ ଦଳ ପକ୍ଷରୁ ଜୋର୍‌ଦାର ପ୍ରଚାର କରାଯାଇଥିଲା। ବୁଧବାର ଭୋଟରମାନେ ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। କେତେକ ଜନମତ ସର୍ଭେ ଅନୁଯାୟୀ ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ମଧ୍ୟରେ ଜୋର୍‌ଦାର ଟକ୍କର ହେବାକୁ ଯାଉଥିବାବେଳେ କିଙ୍ଗ୍ ମେକର ଭୂମିକା ନେବାକୁ ଜେଡିଏସ୍ ଆଶା ରଖିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଚାରରୁ ଭାଜପା ଲାଭ ଉଠାଇବା ନେଇ ଆଶାବାଦୀ ରହିଛି। କଂଗ୍ରେସ ଆଗରେ ରହିବ ବୋଲି କେତେକ ଜନମତ ସର୍ଭେରେ ପ୍ରକାଶ ପାଇଥିବାବେଳେ ଶେଷ ପର୍ଯ୍ୟାୟରେ ମୋଦି ପ୍ରଚାରକୁ ଓହ୍ଲାଇ ୨୦ରୁ ଊର୍ଦ୍ଧ୍ୱ ରାଲିରେ ସାମିଲ ହୋଇଥିଲେ। ବେଙ୍ଗାଲୁରୁରେ କ୍ରମାଗତ ଦୁଇଦିନ ଧରି ମେଗା ରୋଡ୍‌ଶୋ' ହୋଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଧ୍ୟ ଏକାଧିକ ନିର୍ବାଚନୀ ସଭାରେ ଯୋଗଦେଇ କଂଗ୍ରେସକୁ ଟାର୍ଗେଟ କରିଥିଲେ। ମୋଦି, ଶାହାଙ୍କ ପ୍ରଚାର ଭାଜପା ମନୋବଳ ବଢ଼ାଇଥିଲେ ମଧ୍ୟ ଏହା ଭୋଟ ହାତେଇବାରେ କେତେଦୂର ସଫଳ ହେବ ତାହା ଫଳାଫଳରୁ ଜଣାପଡ଼ିବ। ଭାଜପା ପୁଣିଥରେ କ୍ଷମତାକୁ ଫେରିବା ନେଇ ଆଶାବାଦୀ ଥିବାବେଳେ ଶାସକ ବିରୋଧୀ ହାୱାରୁ କଂଗ୍ରେସ ଫାଇଦା ଉଠାଇବାକୁ ଲକ୍ଷ୍ୟ ରଖିଛି।



ପ୍ରଚାର ଶେଷ ଦିନରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବେଙ୍ଗାଲୁରୁରେ ରୋଡ୍ ଶୋ କରୁଛନ୍ତି।




# ଜାମଦାରେ ୯୦୦ କୋଟିର ଇସ୍ପାତ ଶିଳ୍ପ

- ୨୮୪୦.୭୩ କୋଟିର ୧୧ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ
- ସୃଷ୍ଟି ହେବ ୩୭୨୧ ନିଯୁକ୍ତି ସୁଯୋଗ
- ରାୟଗଡ଼ାରେ ଉତ୍କଳ ଆଲୁମିନା, ସମ୍ବଲପୁରରେ ହିଣ୍ଡାଲ୍‌କୋ ପ୍ଲାଣ୍ଟର ହେବ ସମ୍ପ୍ରସାରଣ

ଭୁବନେଶ୍ୱର,୮।୫(ବ୍ୟୁରୋ)

ରାଜ୍ୟ ସରକାର ୨୮୪୦.୭୩ କୋଟି ଟଙ୍କାର ୧୧ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ୩୭୨୧ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେଥିରୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ରେ ଯୋଗ ଦେଇ ରାଜ୍ୟରେ ପୁଞ୍ଜିନିବେଶ ପ୍ରସ୍ତାବ ଦେଇଥିବା ୯ଟି କମ୍ପାନୀ ରହିଛି। ସୋମବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ)ର ୧୧୭ତମ ବୈଠକରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ବୈଠକରେ ୮୯୬.୯୮ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଆର୍.ସି.ଆର୍. ଷ୍ଟିଲ ୱାର୍କସ ପ୍ରାଇଭେଟ ଲିମିଟେଡ୍‌ର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏଥିରେ ମୟୂରଭଞ୍ଜର ଜାମଦାଠାରେ ଏକ ଇସ୍ପାତ କାରଖାନା ସ୍ଥାପନ କରାଯିବା ସହ ରାଜ୍ୟରେ ପ୍ରାୟ ୭୫୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏରେ ଆଲୁମିନିୟମ ଓ ଆଲୁମିନିୟମ ଉପରେ ନିର୍ଭରଶୀଳ ଇସ୍ପାତ ଏବଂ ଇସ୍ପାତ ସହ ସଂଯୁକ୍ତ ଶିଳ୍ପ, ରାସାୟନିକ ଓ ପ୍ଲାଷ୍ଟିକ, ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ୟାକେଜିଂ, ବୟନ ଓ ପୋଷାକ, ପର୍ଯ୍ୟଟନ ଏବଂ ଅକ୍ଷୟ ଶକ୍ତି ଭଳି ବିଭିନ୍ନ କ୍ଷେତ୍ରରେ ଥିବା ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ମିଳିଛି। ବଲାଙ୍ଗୀର, ଗଞ୍ଜାମ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ମୟୂରଭଞ୍ଜ, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଉକ୍ତ ପ୍ରକଳ୍ପ ପ୍ରତିଷ୍ଠା କରାଯିବ।

ରାୟଗଡ଼ା ଜିଲାରେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍ ଏବଂ ସମ୍ବଲପୁରର ଲାପଙ୍ଗାସ୍ଥିତ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ସମ୍ପ୍ରସାରଣ ପ୍ରସ୍ତାବକୁ କମିଟି ଅନୁମୋଦନ କରିଛି। ଏଥିରେ ପ୍ରାୟ ୧୦୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ। ଏଥିରେ ଜିଲା ଓ ଏହାର ଆଖପାଖ ଅଞ୍ଚଳରେ ୫୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଗଞ୍ଜାମ ଜିଲାର ଚିଲିକା ହ୍ରଦସ୍ଥିତ ସୋମାଲୋ ଦ୍ୱୀପରେ ୨୨୮.୪୫ କୋଟି ଟଙ୍କା ବିନିଯୋଗରେ ଏକ ରିସର୍ଟ ପ୍ରତିଷ୍ଠା ପାଇଁ ମହିନ୍ଦ୍ରା ହେଲିଡେଜ୍ ଆଣ୍ଡ ରିସର୍ଟସ୍ ଇଣ୍ଡିଆ ଲିମିଟେଡ୍ ପ୍ରକଳ୍ପ ପ୍ରସ୍ତାବକୁ ମଧ୍ୟ ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁଏ ଅନୁମୋଦନ କରିଛି। ଏହି ପ୍ରକଳ୍ପ ଭାରତର ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ରସାୟନ କ୍ଷେତ୍ରରେ ଆୟନ ଏକ୍ସଚେଞ୍ଜ (ଇଣ୍ଡିଆ) ଲିମିଟେଡ୍‌ର ଏକ ପ୍ରକଳ୍ପକୁ କମିଟି ମଞ୍ଜୁରୀ ଦେଇଛି। କମ୍ପାନୀ ପକ୍ଷରୁ ଜଗତ୍‌ସିଂହପୁର ଜିଲାର ପାରାଦୀପଠାରେ ୩୦୩ କୋଟି ଟଙ୍କା ବିନିଯୋଗରେ ୨୫,୦୦୦ ମେଟ୍ରିକ୍ ଟନ୍ ଜଳ ବିଶୋଧନ କେମିକାଲ୍ ଏବଂ ୩୦,୦୦୦ ମେଟ୍ରିକ୍ ଟନ୍ ମନୋମର୍ ଓ ପଲିମର୍ସ ଉତ୍ପାଦନ ୟୁନିଟ୍ ସ୍ଥାପନ କରାଯିବ। ଏଥିରେ ୧୫୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ମିଳିବ। ବୟନ ଓ ପୋଷାକ କ୍ଷେତ୍ରରେ ଇଣ୍ଡିଆନ୍ ଷ୍ଟିଚେସ୍ ପ୍ରାଇଭେଟ୍ ଲିମିଟେଡ୍ ୧୦୦ କୋଟି ଟଙ୍କା ବିନିଯୋଗରେ ଏକ ଫେବ୍ରିକ୍ ପ୍ରୋସେସିଂ ପ୍ଲାଣ୍ଟ ଖୋର୍ଦ୍ଧାରେ ସ୍ଥାପନ କରିବ। ଏଥିରେ ରାଜ୍ୟର ୧୦୦୦ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ତାଜ୍ ସାଟସ୍ ଲିମିଟେଡ୍ ପକ୍ଷରୁ ଖୋର୍ଦ୍ଧାରେ ଏକ ଫୁଡ୍ ପ୍ରୋସେସିଂ ଓ ପ୍ୟାକେଜିଂ ୟୁନିଟ୍ ସ୍ଥାପନ କରାଯିବ। ଏହି ପ୍ରକଳ୍ପରେ ୫୧ କୋଟି ଟଙ୍କା ବିନିଯୋଗ ହେବା ସହିତ ୨୦୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରୋମ୍‌କୋ ଆଲୁମିନେଟ୍ସ ପକ୍ଷରୁ ବଲାଙ୍ଗୀରରେ ୫୪ କୋଟି ଟଙ୍କା ବ୍ୟୟରେ ୧୨ ମେଗାୱାଟ୍‌ର ଏକ ସୋଲାର ପ୍ଲାଣ୍ଟ ହେବ।

# ପ୍ରତିଭା ରାୟ, ସୀତାକାନ୍ତ ମହାପାତ୍ର, ଶ୍ରୀନିବାସ ଉଦ୍‌ଗାତାଙ୍କୁ 'ଅତିବଡ଼ୀ ପୁରସ୍କାର'



ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କଠାରୁ 'ଅତିବଡ଼ୀ ପୁରସ୍କାର' ଗ୍ରହଣ କରିବା ଅବସରରେ ସୀତାକାନ୍ତ ମହାପାତ୍ର, ପ୍ରତିଭା ରାୟ ଓ ଶ୍ରୀନିବାସ ଉଦ୍‌ଗାତା (ମଝି ବାମରୁ)। ଉପସ୍ଥିତ ଅଛନ୍ତି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ଅନ୍ୟମାନେ।

ଭୁବନେଶ୍ୱର,୮।୫(ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ୩ ବର୍ଷ ପାଇଁ ପ୍ରଦାନ କରାଯାଇଛି। ଏଥିସହ ୪୪ଜଣଙ୍କୁ ସାରସ୍ୱତ ସମ୍ବର୍ଦ୍ଧନା ଦିଆଯାଇଛି। ସୋମବାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୨୦୨୧ ବର୍ଷ ପାଇଁ ପଦ୍ମଭୂଷଣ ପ୍ରତିଭା ରାୟ, ୨୦୨୨ ବର୍ଷ ପାଇଁ ପଦ୍ମବିଭୂଷଣ ଡ. ସୀତାକାନ୍ତ ମହାପାତ୍ର ଓ ୨୦୨୩ ବର୍ଷ ପାଇଁ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତାଙ୍କୁ ମର୍ଯ୍ୟାଦାଜନକ 'ଅତିବଡ଼ୀ ସମ୍ମାନ' ପ୍ରଦାନ କରାଯାଇଥିଲା। ପ୍ରତ୍ୟେକଙ୍କୁ ୫ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର, ଉପଢୌକନ ଓ ପୁସ୍ତକ ପ୍ରଦାନପୂର୍ବକ ସମ୍ମାନିତ କରାଯାଇଥିଲା।

ପୁରସ୍କାର ଗ୍ରହଣ କରି ଡ. ରାୟ କହିଛନ୍ତି, ପୁରସ୍କାର ପାଇ ଉଲ୍ଲସିତ ହେବା ଅପେକ୍ଷା ଅଧିକ ଆତ୍ମସ୍ଥ ହୋଇଛି। ସାରା ବିଶ୍ୱରେ ସୃଷ୍ଟି ବିଦ୍ୟାର ମୂଳ ଉତ୍ସ ହେଉଛି ଆଧ୍ୟାତ୍ମ ଚିନ୍ତନ, ସେ ବିଜ୍ଞାନ ହେଉ କି ସାହିତ୍ୟ। ଜଗନ୍ନାଥ ଦାସଙ୍କ ଭାଗବତକୁ ଲୋକେ କେବଳ ଜ୍ଞାନ ଓ ଆନନ୍ଦ ପାଇଁ ପଢି ନ ଥାନ୍ତି, ବରଂ ଜୀବନରେ ଅନିବାର୍ଯ୍ୟ ଅନିଶ୍ଚିତତା, ବିପନ୍ନତା ମଧ୍ୟରେ ଆଧ୍ୟାତ୍ମିକ ନିଶ୍ଚଳତା ଓ ନିରାପତ୍ତା ମନୋଭାବ ପାଇଁ, ଏମିତିକି ମୃତ୍ୟୁ ସମୟରେ ମଧ୍ୟ ଆମେ ଏହାକୁ ପଢ଼ିଥାଉ। ଭାଷାକୁ ବୁଦ୍ଧିମନ୍ତ କରିବା ପାଇଁ ଲେଖକଙ୍କ ସହ ପାଠକ, ସାହିତ୍ୟିକ ଅନୁଷ୍ଠାନ, ସରକାର ସମସ୍ତେ ଚେଷ୍ଟା କରିବା ଉଚିତ। ମୂଳ ସଂସ୍କୃତି ସହ ଆମକୁ ଜଡ଼ିତ ରହିବାକୁ ହେବ। ଭୁଲିଯିବା ନାହିଁ ଯେ, ଆମେ ଜଣେ ଓଡ଼ିଆ। ସେହିପରି ଡ. ମହାପାତ୍ର ହାଇସ୍କୁଲ ପିଲାଙ୍କ ପାଇଁ ଓଡ଼ିଆ ଭାଗବତ ଓ ଜଗନ୍ନାଥ ଦାସଙ୍କ ସମ୍ପର୍କରେ ଛୋଟ ପୁସ୍ତକଟିଏ ଏକାଡେମୀ ଦ୍ୱାରା ପ୍ରକାଶ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ସେ କହିଛନ୍ତି, ଓଡ଼ିଆ ସାହିତ୍ୟ ଆମ ପାଇଁ ବଡ଼। ଏହାର ପ୍ରଚାର ପ୍ରସାର ଲାଗି ସମସ୍ତେ ଚେଷ୍ଟା କରିବା ଉଚିତ। ଭାଗବତ ଟୁଙ୍ଗି ବନ୍ଦ ହେବାକୁ ଲାଗିଲାଣି। ତେଣୁ ପ୍ରତ୍ୟେକ ଘରେ, ବିଦ୍ୟାଳୟରେ ଭାଗବତ ପହଞ୍ଚିପାରିଲେ ବହୁତ ଭଲ ହେବ ବୋଲି ସେ ମତ ରଖିଥିଲେ। ଡ. ଉଦ୍‌ଗାତା କହିଛନ୍ତି, ସାହିତ୍ୟ ଏକ ସାଧନା, ଏହା ବିଳାସ ନୁହେଁ। ସାହିତ୍ୟ ଓ ସାହିତ୍ୟିକଙ୍କ ବଡ଼ ଶତ୍ରୁ ହେଉଛି ଆଳସ୍ୟ। ୧୦୦ ଭାଗ ନ ପଢିଲେ ୫ ଭାଗ ଲେଖିପାରିବେ ନାହିଁ। ଅଧ୍ୟୟନ କରିବା ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି।

ଉତ୍ସବକୁ ଉଦ୍‌ଘାଟନ କରି ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି, ସାହିତ୍ୟ ଆମ ଜୀବନର ବଡ଼ ଅଙ୍ଗ। ସାହିତ୍ୟ ବିନା ସମାଜ ବୁଦ୍ଧିମନ୍ତ ହୋଇପାରେନି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି, କିଛି କାରଣ ପାଇଁ ୩ ବର୍ଷ ଧରି ପୁରସ୍କାର ଦିଆଯାଇପାରି ନ ଥିଲା। ଆସନ୍ତା ବର୍ଷଠାରୁ ସବୁ ପୁରସ୍କାର କିଭଳି ସୁଚାରୁରୂପେ ଠିକ୍ ସମୟରେ ପ୍ରଦାନ କରାଯିବ ସେ ନେଇ ବିଭାଗ ଚେଷ୍ଟିତ ରହିବ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ କହିଛନ୍ତି, ସମସ୍ତଙ୍କ ମିଳିତ ଉଦ୍ୟମ ରହିଲେ ଓଡ଼ିଆ ଭାଷା ଓ ସଂସ୍କୃତିର ଉନ୍ନତି ସମ୍ଭବ। ଏକାଡେମୀ ସଭାପତି ତଥା ସଭା ମୁଖ୍ୟ ଡ. ହୃଷୀକେଶ ମଲ୍ଲିକ କହିଛନ୍ତି, ବୟସ ଆଧାରରେ ନୁହେଁ, ଓଡ଼ିଆ ଭାଷାକୁ ସାମଗ୍ରିକ ଅବଦାନ ପାଇଁ ସେମାନଙ୍କୁ ପୁରସ୍କୃତ କରାଯାଇଛି। ଆଗକୁ ଏକାଡେମୀ କ୍ୟାଲେଣ୍ଡର କରିବାକୁ ଯୋଜନା କରିଛୁ। ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ସାହିତ୍ୟିକଙ୍କ ସୃଷ୍ଟି ଅମୂଲ୍ୟ। ଅର୍ଥରାଶି ଏକ ପ୍ରୋତ୍ସାହନ ମାତ୍ର। ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟ ରଖିଥିବାବେଳେ ଡ. ମୃତ୍ୟୁଞ୍ଜୟ ରଥ ଓ ଅଭିନେତ୍ରୀ ମଧୁମିତା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ୩ ବର୍ଷ ପାଇଁ ୪୪ଜଣଙ୍କୁ ସାରସ୍ୱତ ସମ୍ବର୍ଦ୍ଧନା

୨୦୨୧ ବର୍ଷ ପାଇଁ ୧୫ଜଣ ସାରସ୍ୱତ ସାଧିକାସାଧକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ଡ. ଚିତ୍ତରଞ୍ଜନ ମହାନ୍ତି, ବିପିନ ବିହାରୀ ମହାନ୍ତି, ଡ. ସୁରେନ୍ଦ୍ରନାଥ ତ୍ରିପାଠୀ, ଜୟକୃଷ୍ଣ ସାମଲ, ପୁଷ୍ପାଞ୍ଜଳି ପଟ୍ଟନାୟକ, ସତ୍ୟବାଦୀ ବଳିଆରସିଂହ, ଯଦୁନାଥ ଜେନା, ରବି ସ୍ୱାଇଁ, ଫକୀର ମୋହନ ସାହୁ, ଗିରିଜା ମଞ୍ଜରୀ ପାଢ଼ୀ, ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଡ. ରମାକାନ୍ତ ରାଉତ, ବ୍ରଜେନ୍ଦ୍ର ନାଥ ଗିରି, ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଓ ଡ. ବୈଜୟନ୍ତ ମିଶ୍ର। ସେହିଭଳି ୨୦୨୨ ବର୍ଷ ପାଇଁ ୧୫ଜଣ ସାରସ୍ୱତ ସାଧିକାସାଧକ ହେଲେ ଭାସ୍କର ଜେନା, ଡ. ଲିଙ୍ଗରାଜ ରଥ, ଡ. ଶରତ କୁମାର ବିଶ୍ୱାଳ, କାଳିନ୍ଦୀ ଚରଣ ଜେନା, ତୁଳସୀ ଜୈନ, ରମାକାନ୍ତ ଜେନା, ବ୍ରଜ ନାୟକ, ରମାରମଣ ପାଢ଼ୀ, ଅମେୟ ବିକ୍ରମ ନନ୍ଦନ ଭୂୟାଁ, ସୃଷ୍ଟିଧର ପରିଡ଼ା, ସବିତା ମହାନ୍ତି, ଡ. ବୀଣାପାଣି ପ୍ରଧାନ, ଡ. ଦିବାକର ମାନସିଂହ, ଇଂ.ଗଗନ ବିହାରୀ ଛାଟୋଇ ଓ ଡ. ଦ୍ୱାରିକାନାଥ ନାୟକ। ୨୦୨୩ ବର୍ଷ ପାଇଁ ୧୪ଜଣ ହେଲେ ଡ. ପ୍ରଭାତ ନଳିନୀ ମହାପାତ୍ର, ଶରତ ଚନ୍ଦ୍ର ରଥ, ଡ. ନରେନ୍ଦ୍ର ପ୍ରସାଦ ଦାସ, ଡ. ତ୍ରିନାଥ ପଟ୍ଟନାୟକ, ଅବନୀ କୁମାର ପ୍ରଧାନ, ଡ. ସୁବାସ ଚନ୍ଦ୍ର ମହାପାତ୍ର, ଡ. ନୀଳମଣି ପରିଡ଼ା, ଡ. ରମେଶ ଚନ୍ଦ୍ର ପାଣି, ରାଧୁ ମିଶ୍ର, ଶଶଧର ମହନୀ, ଡ. ସୁଚେତା ରାଉତ, କାଳୀଚରଣ ଦାସ, ନାରାୟଣ ଚୌଧୁରୀ ଓ ସରୋଜିନୀ ଇନ୍ଦ୍ରସିଂହ। ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି।

# ମାମଲାର ଅନ୍ତ ଘଟାଇଲେ ହାଇକୋର୍ଟ

ଓଡ଼ିଶା ରାଜ୍ୟ ମହିଳା ଆୟୋଗରେ ୬ ସଦସ୍ୟ ପଦ ଖାଲି ମାମଲା

**ସବୁ ସଦସ୍ୟ ନିଯୁକ୍ତ ହୋଇଥିବା ନେଇ ସରକାର ସତ୍ୟପାଠ ଦାଖଲ କଲେ**

କଟକ ଅଫିସ,୮।୫

ଓଡ଼ିଶା ରାଜ୍ୟ ମହିଳା ଆୟୋଗରେ ଖାଲି ଥିବା ସମସ୍ତ ୬ଟି ସଦସ୍ୟ ପଦବୀ ରାଜ୍ୟ ସରକାର ଗତ ଏପ୍ରିଲ ୨୮ରେ ପୂରଣ କରିଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୧ ତାରିଖରେ ସତ୍ୟପାଠ ଦାଖଲ କରି ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଖଣ୍ଡପୀଠ ସୋମବାର ଏହି ସତ୍ୟପାଠକୁ ଗ୍ରହଣ କରି ମାମଲାର ଅନ୍ତ ଘଟାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଓଡ଼ିଶା ରାଜ୍ୟ ମହିଳା ଆୟୋଗରେ ୨୦୨୨ ନଭେମ୍ବର ୨୧ରୁ ୬ଟି ସଦସ୍ୟ ପଦ ଖାଲି ପଡ଼ିଥିଲା। ଏହାଦ୍ୱାରା ପ୍ରାୟ ୫,୬୦୦ ମାମଲା ଆୟୋଗ ନିକଟରେ ପଡ଼ି ରହି ଫଇସଲା ହୋଇପାରୁନାହିଁ। ଏହି ପଦବୀଗୁଡ଼ିକ ଖାଲି ପଡ଼ିବାର ୩ ମାସ ମଧ୍ୟରେ ପୂରଣ ହେବାର ନିୟମ ରହିଛି। ତୁରନ୍ତ ସମସ୍ତ ସଦସ୍ୟ ପଦ ପୂରଣ ହେବାର ଆବଶ୍ୟକତା ଥିବା ଦର୍ଶାଇ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲାରେ ଦାଏର କରାଯାଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଆବାହକ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଗତ ମାର୍ଚ୍ଚ ୧୬ରେ ମାମଲାର ଶୁଣାଣିବେଳେ ହାଇକୋର୍ଟ ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ସଦସ୍ୟ ପଦଗୁଡ଼ିକ ପୂରଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# କଥା ନ ହେବାରୁ ନାବାଳିକାଙ୍କ ତଣ୍ଟି କାଟିଦେଲେ



ଜିଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ ଘଟଣାର ତଦନ୍ତ କରୁଛି।

- ଅନୁଗୋଳରେ ଯୁବକଙ୍କ ଜଘନ୍ୟ କାଣ୍ଡ
- ଘରେ ପଶି ହତ୍ୟା ପରେ ବାଇକ୍‌ରେ ଫେରାର

ଅନୁଗୋଳ ଅଫିସ, ୮।୫

ବର୍ଷେ ହେଲା ନାବାଳିକାଙ୍କୁ ଜାଣିଥିଲେ ଯୁବକ। ଫୋନରେ କଥା ମଧ୍ୟ ହେଉଥିଲେ। ହେଲେ ୩ ମାସ ହେଲା ବାର୍ତ୍ତାଳାପ ବନ୍ଦ କରିଦେଇଥିଲେ ନାବାଳିକା। ଆଉ ଏହାକୁ ନେଇ ଯୁବକ ଜଣକ ରାଗରେ ଏପରି ରକ୍ତମୁଖା ହୋଇଉଠିଥିଲେ ଯେ ଘରେ ପଶି ୧୩ ବର୍ଷୀୟା ନାବାଳିକାଙ୍କ ତଣ୍ଟି କାଟି ଜୀବନ ନେଇଗଲେ। ଅନୁଗୋଳ ସଦର ଥାନା କୁଇଓ ଅଞ୍ଚଳରେ ସୋମବାର ଜଣେ ଯୁବକଙ୍କ ଏପରି ଜଘନ୍ୟ କାଣ୍ଡ ଜିଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ନଂ. ୨୩୪/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତ ଏନ୍‌ଟିପିସି ଥାନା ବଡ଼ଗୁଣ୍ଡୁରୀ ଗ୍ରାମର ରଞ୍ଜନ ବେହେରାଙ୍କୁ ଧରିବାକୁ ତନାଘନା ଚଳାଇଛି।

ନାବାଳିକାଙ୍କ ପୈତୃକ ଘର ତାଳଚେର ବ୍ଲକ ଡଅଁରା ଅଞ୍ଚଳରେ। ଏକ ମାସ ହେଲା ତାଙ୍କ ପରିବାର ଅନୁଗୋଳ ସଦର ଥାନା କୁଇଓରେ ଘର କରି ରହୁଥିଲେ। ନାବାଳିକାଙ୍କ ସହ ବର୍ଷେ ହେଲା ଅଭିଯୁକ୍ତ ରଞ୍ଜନଙ୍କ ପରିଚୟ ଥିଲା। ଏପରି କି ଦୁହେଁ ଫୋନରେ କଥା ମଧ୍ୟ ହେଉଥିଲେ। ହେଲେ ୩ ମାସ ହେଲା ନାବାଳିକା ରଞ୍ଜନଙ୍କ ସହ ଆଉ କଥା ହେଉ ନ ଥିଲେ। ଏହାକୁ ନେଇ ରାଗ ରଖିଥିବା ରଞ୍ଜନ ସୋମବାର ପୂର୍ବାହ୍ଣ ୮ଟା ୩୦ରେ ଏକ ବାଇକ୍‌ରେ କୁଇଓ ଆସିଥିଲେ। ନାବାଳିକାଙ୍କ ଘର ସମ୍ମୁଖରେ ଗାଡ଼ି ରଖି ଘର ଭିତରକୁ ଧସେଇ ପସିଥିଲେ। ନାବାଳିକାଙ୍କ ମା' ବିରୋଧ କରିବାରୁ ତାଙ୍କୁ ଧକ୍କା ମାରି କବାଟ ବନ୍ଦ କରିଦେଇଥିଲେ। ଏହାପରେ ନାବାଳିକାଙ୍କ ରୁମ୍ ଭିତରକୁ ପଶିଯାଇ ଏକ ଧାରୁଆ ଛୁରିରେ ତଣ୍ଟି କାଟି ଛାତ ଉପର ଦେଇ ଖସି ଚାଲିଯାଇଥିଲେ। ତୁରନ୍ତ ନାବାଳିକାଙ୍କୁ ପରିବାର ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଖବରପାଇ ଅନୁଗୋଳ ସଦର ଥାନା ଅଧିକାରୀ ସତ୍ୟବ୍ରତ ରାଉତ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ତଦନ୍ତ କରିଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ହତ୍ୟାକାଣ୍ଡ ପରେ କୁଇଓ ଅଞ୍ଚଳରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସ୍ଥାନୀୟ ଲୋକମାନେ ରାସ୍ତାରୋକୋ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଧରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ସଦର ପୋଲିସ ୩ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସନ୍ଧ୍ୟାରେ ହତ୍ୟାକାଣ୍ଡସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛି। ଅଭିଯୁକ୍ତଙ୍କ ମା' ଓ ଭାଇଙ୍କୁ ଥାନାକୁ ଉଠାଇ ଆଣି ରଞ୍ଜନଙ୍କ ସମ୍ପର୍କରେ ତଥ୍ୟ ପାଇବା ପାଇଁ ଉଦ୍ୟମ କରୁଛି। ଥାନା ଅଧିକାରୀ ରାଉତ କହିଛନ୍ତି, ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଜବତ କରାଯାଇଛି। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ।

# ପୂର୍ବ ଶତ୍ରୁତା: ପୂର୍ବତନ ସମିତିସଭ୍ୟଙ୍କୁ ହତ୍ୟା

କାମାକ୍ଷାନଗର/ଭୁବନ, ୮।୫(ଡି.ଏନ୍.ଏ.)

ରାଜନୈତିକ କନ୍ଦଳ ଏବଂ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଢେଙ୍କାନାଳ ଜିଲା ଭୁବନ ବ୍ଲକ ଦିଘି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସର୍ବେଶ୍ୱର ରାଉତ (୫୫)ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକଙ୍କ ପୁଅ ସୁଜିତ ରାଉତଙ୍କ ଅଭିଯୋଗକ୍ରମେ କାମାକ୍ଷାନଗର ଥାନାରେ ଏ ନେଇ ହତ୍ୟା ମାମଲା ରୁଜୁ ହୋଇଛି। ହତ୍ୟାକାଣ୍ଡରେ ସମ୍ପୃକ୍ତି ସନ୍ଦେହରେ ପୋଲିସ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। କିଛିଦିନର ଅନ୍ତରାଳରେ ଜିଲାରେ ଏଭଳି ହତ୍ୟାକାଣ୍ଡ ଆଲୋଡ଼ନ ସୃଷ୍ଟି କରିଛି।



ମୃତ ସର୍ବେଶ୍ୱର ରାଉତ।

ସୁଜିତଙ୍କ କହିବା କଥା, ୨୦୧୭ ନିର୍ବାଚନରେ ବାପା ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଏଥିସହ ଗ୍ରାମର ପୂର୍ବତନ ସଭାପତି ମଧ୍ୟ ଥିଲେ। ଗ୍ରାମ ସଭାପତି ଥିବା ସମୟରେ ଗାଁର ମାୟାଧର ସ୍ୱାଇଁଙ୍କ ପୁଅ ଅଜୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ୟା ସୃଷ୍ଟି କରୁଥିଲେ। ହତ୍ୟା ଧମକ ମଧ୍ୟ ଦେଇଆସୁଥିଲେ। ଘରଠାରୁ ୨ କିଲୋମିଟର ଦୂର ନଦୀକୂଳ କାଜୁ ବଗିଚାରେ କାର୍ଯ୍ୟରତ ଜଗୁଆଳିଙ୍କ ଭଲମନ୍ଦ ବୁଝି ଶୁକ୍ରବାର ରାତି ପ୍ରାୟ ୧୦ଟାରେ ବାପା ବାଇକ୍‌ରେ ଘରକୁ ଫେରୁଥିଲେ। ପୂର୍ବ ଯୋଜନା ଅନୁଯାୟୀ ଅଜୟ ଏବଂ ତାଙ୍କ ସମ୍ପର୍କୀୟମାନେ ଜାମୁନାଳିଆ ନିକଟ ରାସ୍ତାରେ ବାପାଙ୍କୁ ଘେରିଯାଇ ଠେଙ୍ଗା, ଟାଙ୍ଗିଆ, ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ରାତି ପ୍ରାୟ ୧୦ଟା ୫୫ରେ ବାପାଙ୍କ ଉପରେ ଆକ୍ରମଣ ହୋଇଥିବା ନେଇ ଫୋନ୍ ଆସିଥିଲା। ଜଣେ ବନ୍ଧୁଙ୍କ ସହ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲେ। ତାଙ୍କୁ ଅଜୟ ସ୍ୱାଇଁ, ତାଙ୍କ ପୁଅ ପବିତ୍ର ସ୍ୱାଇଁ, ବାପା ମାୟାଧର ସ୍ୱାଇଁ, ସୁରପ୍ରତାପପୁର ଗ୍ରାମର ଅଜୟଙ୍କ ସମ୍ପର୍କୀୟ ତୋଫାନ ମହାନ୍ତି, କୁନା ମହାନ୍ତି, ସରୋଜ ମହାନ୍ତି, ଲକ୍ଷ୍ମଣ ସାହୁ, ଶ୍ରୀକାନ୍ତ ସାମଲ, ଚିତ୍ତରଞ୍ଜନ ସାହୁ, ଭଜମନ ସାମଲ, ସୁଜାତା ସାହୁ, କାର୍ତ୍ତିକେଶ୍ୱର ମଲ୍ଲିକ ସଂଘବଦ୍ଧ ଭାବେ ଆକ୍ରମଣ କରି ହାଣି ପକାଇଥିବା କହିଥିଲେ। ଏକ ଘରୋଇ ଗାଡ଼ିରେ ବାପାଙ୍କୁ ଢେଙ୍କାନାଳ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

ଅନ୍ୟପଟେ ପୋଲିସ ହତ୍ୟାକାଣ୍ଡ ସ୍ଥଳ ଏବଂ ମେଡିକାଲରେ ପହଞ୍ଚି ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ଥାନାଧିକାରୀ ଶରତ ଚନ୍ଦ୍ର ମହାଳିକ କୁହନ୍ତି, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ଏହି ଘଟଣାରେ ୫ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଏହାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ ହେବ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ବିବାଦ ଚର୍ଚ୍ଚା

୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପା ସମର୍ଥନରେ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ ସର୍ବେଶ୍ୱର। ତେବେ ପରବର୍ତ୍ତୀ ସମୟରେ ସେ ବିଜେଡିରେ ସାମିଲ ହୋଇଥିଲେ। ଭୁବନ ବ୍ଲକ ରାଜନୀତିରେ ତାଙ୍କର ବେଶ୍ ପତିଆରା ଥିଲା। ନିର୍ବାଚନରେ ବ୍ଲକ ଅଧ୍ୟକ୍ଷ ପଦବୀ ବିଜେଡି ହାତେଇଥିବାବେଳେ ଏଥିରେ ସର୍ବେଶ୍ୱରଙ୍କ ରଣନୀତି କାମ ଦେଇଥିଲା। ହେଲେ ଭାଜପାରୁ ଆସି ବିଜେଡିରେ ସାମିଲ ହେବା ଏବଂ କମ୍ ସମୟ ମଧ୍ୟରେ ବ୍ଲକ ରାଜନୀତିରେ ପ୍ରଭାବ ବିସ୍ତାର କରିବା ଅନେକଙ୍କ ଚକ୍ଷୁଶୂଳ ହୋଇଥିଲା। ଶାସକ ଦଳର କେତେଜଣ ନେତା ଯେଉଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ପୋଖରୀ ଖନନ କାର୍ଯ୍ୟ କରୁଥିଲେ, ତାହାକୁ ସର୍ବେଶ୍ୱର ବିରୋଧ କରି ଆସୁଥିଲେ। ଏହାକୁ ନେଇ ଗତ ଦିନରେ ଦୁଇ ଗୋଷ୍ଠୀ ମଧ୍ୟରେ କନ୍ଦଳ ତୀବ୍ର ହୋଇଥିଲା। ଆପୋସ ବୁଝାମଣା ମାଧ୍ୟମରେ ଗାଁରେ ବୈଠକ କରି ଏହାର ସମାଧାନ କରାଯାଉଥିଲା। ତେବେ ବିବାଦ ଯଦିଓ ଥାନାକୁ ଆସି ନ ଥିଲା, ତଥାପି ସର୍ବେଶ୍ୱରଙ୍କୁ ରାସ୍ତାରୁ ହଟାଇବା ପାଇଁ ବିରୋଧୀ ଗୋଷ୍ଠୀ ସୁଯୋଗ ଖୋଜୁଥିଲେ। ପତିଆରା ଲଢ଼େଇ ଏବଂ ପୂର୍ବ ଶତ୍ରୁତା ସର୍ବେଶ୍ୱର ହତ୍ୟାକାଣ୍ଡର ପ୍ରମୁଖ କାରଣ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।



# ପ୍ରଦୂଷଣ ଜ୍ୱାଳାରେ ୨୦ରୁ ଊର୍ଦ୍ଧ୍ୱ ଗାଁ

**ଶିଳ୍ପ ପ୍ରଦୂଷଣର ଭୟାବହତା ଏବେ ଯାଜପୁର ଜିଲା କଳିଙ୍ଗନଗରବାସୀଙ୍କୁ କବଳିତ କରିଛି। ଶିଳ୍ପ କାରଖାନା ଘେରରେ ରହି କାଳ କାଟୁଥିବା ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ବାସିନ୍ଦା ଚରମ ଦୁର୍ଦ୍ଦଶା ଭୋଗୁଛନ୍ତି। ବାୟୁ ଓ ଜଳ ପ୍ରଦୂଷଣ ପ୍ରଭାବରେ ଗାଁର ପାଣି, ପବନ, ମୃତ୍ତିକା ସବୁ ବିଷାକ୍ତ ହୋଇଛି। ସ୍ୱଚ୍ଛ ପାଣି ଟୋପାଏ ପାଇବା ଏମାନଙ୍କ ପାଇଁ ସ୍ୱପ୍ନ ହୋଇଛି। ଏଭଳି ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି।**

- **ପାଣି ଦେହରେ ଲାଗିଲେ କୁଣ୍ଡେଇ ହେଉଛି**
- **ଗଛ ମରିଯାଉଛି**

ଯାଜପୁର ଅଫିସ,୮।୫

କଳିଙ୍ଗନଗର ଶିଳ୍ପାଞ୍ଚଳର କେତେକ କାରଖାନା ଏବଂ ସୁକିନ୍ଦା ଖଣି ଅଞ୍ଚଳରୁ ନିଷ୍କାସିତ ବର୍ଜ୍ୟଜଳ ବ୍ରାହ୍ମଣୀ ଓ ଏହାର ଉପନଦୀ ଖରସ୍ରୋତାରେ ମିଶୁଛି। ଏହି ନଦୀ ଜଳରେ ମାରାତ୍ମକ ସାୟନାଇଡ୍ ଓ ଫେନୋଲିକ କମ୍ପାଉଣ୍ଡ (କୋଇଲାଯୁକ୍ତ ପଦାର୍ଥ) ପରିମାଣ ଚିନ୍ତାଜନକ ଥିବା ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ହୋଇଥିବା ନମୁନା ଯାଞ୍ଚରୁ ଜଣାପଡ଼ିଛି। କାରଖାନାରୁ ଯେଉଁ ବାଟ ଦେଇ ଏହି ବର୍ଜ୍ୟଜଳ ପ୍ରବାହିତ ହେଉଛି ସେହି ଅଞ୍ଚଳରେ ଜୀବନଯାପନ ପ୍ରଭାବିତ ହେବା ସହିତ ଚାଷ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହୋଇଆସୁଛି। ଏସ୍‌ପିସିବି ବେଳେବେଳେ ଜଳ ନମୁନା ପରୀକ୍ଷା କରି କାରଖାନାର ବର୍ଜ୍ୟଜଳ ସେତେଟା ବିଷାକ୍ତ ନୁହେଁ ବୋଲି ପ୍ରମାଣିତ କରୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଲା, ଷ୍ଟିଲ ହବ୍ ଭାବେ ପରିଚିତ କଳିଙ୍ଗନଗରରେ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ ଉତ୍ପାଦନକ୍ଷମ ହେବା ପରେ ପ୍ରଦୂଷଣ ଘାତକ ହେବାରେ ଲାଗିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଶିଳ୍ପସଂସ୍ଥାଗୁଡ଼ିକର ହାତବାରିସି ସାଜିଥିବାରୁ ପ୍ରଦୂଷଣ ବିପଜ୍ଜନକ ହେଉଥିବା ସେମାନେ କହୁଛନ୍ତି।

କଳିଙ୍ଗନଗର ଶିଳ୍ପାଞ୍ଚଳ ଅରାସାହି ବାସିନ୍ଦା ରାମରାୟ ଲାଗୁରି କୁହନ୍ତି, ତାଙ୍କ ସାହି ନିକଟ ଦେଇ ଏକ ପ୍ରାକୃତିକ ନାଳ ବୋହୁଛି। ସେହି ନାଳରେ ପୂର୍ବରୁ ଗାଧୋଇବା ସହ ଧାନ ଓ ପନିପରିବା ଚାଷ ହେଉଥିଲା। ବର୍ତ୍ତମାନ ସେହି ନାଳରେ କାରଖାନାର ବର୍ଜ୍ୟଜଳ ଛଡ଼ାଯିବା ଯୋଗୁ ବ୍ୟବହାର ଅନୁପଯୋଗୀ ହୋଇଛି। ସେହି ପାଣିରେ ସାବୁନରୁ ଫେଣ ବାହାରୁ ନାହିଁ। ପାଣି ଦେହରେ ଲାଗିଲେ କୁଣ୍ଡେଇ ହେଉଛି। କାଛୁ କୁଣ୍ଡିଆ ରୋଗରେ ପିଲାମାନେ ଆକ୍ରାନ୍ତ ହେଉଛନ୍ତି। ଯେକୌଣସି ଚାଷ କଲେ ଗଛ ମରିଯାଉଛି। କୁଡୁମୀସାହି ବାସିନ୍ଦା ମୌନାବତୀ ପାତ୍ର କୁହନ୍ତି, କୁଡୁମୀସାହି, କଟେରି ଗାଁ, ଟାଙ୍ଗରସାହି ଶିଳ୍ପ କାରଖାନା ପାଚେରି କଡ଼ରେ ରହିଛି। କାରଖାନାର ଧୂଳିଧୂଆଁ ଯୋଗୁ ଶିଶୁ ଓ ବୃଦ୍ଧାବୃଦ୍ଧ ଥଣ୍ଡା, କାଶ, ଜଣ୍ଡିସ, ଚର୍ମରୋଗ ସମେତ ଅଣନିଃଶ୍ୱାସୀ ଲାଗିବା ଭଳି ରୋଗ ହେଉଛି। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରା ନ ଗଲେ ଜୀବନହାନି ଆଶଙ୍କା ରହୁଛି। ଟାଙ୍ଗରସାହି ଗ୍ରାମର ପାଣ୍ଡବ ବଦରା କୁହନ୍ତି, ନିକଟସ୍ଥ କାରଖାନାରୁ ବର୍ଜ୍ୟପାଣି ଓ ଦୂଷିତ ବାୟୁ ବାହାରୁଛି। ଗ୍ରାମବାସୀ ପ୍ରଦୂଷଣରେ ଜର୍ଜରିତ ହେଉଛନ୍ତି। ଏନେଇ ବାରମ୍ବାର ଅଭିଯୋଗ କଲେ ବି କିଛି ସୁଫଳ ମିଳିପାରୁନାହିଁ।

୨୦୧୭ରୁ କଳିଙ୍ଗନଗର ଶିଳ୍ପାଞ୍ଚଳ, ମାନପୁର ଓ ଯଖପୁରା ନିକଟରେ ପ୍ରତିଷ୍ଠିତ କାରଖାନାଗୁଡ଼ିକ ପ୍ରଦୂଷଣ ନୀତିନିୟମ ମାନୁନାହାନ୍ତି। ଫଳରେ ଶିଳ୍ପାଞ୍ଚଳର ପ୍ରାୟ ୫୦ ହଜାର ଲୋକ ବାୟୁ ଓ ଜଳବାହିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ୨୦୦ରୁ ଊର୍ଦ୍ଧ୍ୱ ଲୋକ କିଡ୍‌ନୀଜନିତ ରୋଗରେ ପ୍ରାଣ ହରାଇଛନ୍ତି। କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ବାୟୁ ଓ ଜଳ ପ୍ରଦୂଷଣକୁ ନେଇ ହୋଇଥିବା ଅଭିଯୋଗ ଆଧାରରେ ଏନ୍‌ଜିଟିରେ ମାମଲା (୧୯/୨୦୧୯) ରୁଜୁ ହୋଇଛି। ସେହିପରି ବ୍ୟକ୍ତିଗତ ଭାବେ ଅଞ୍ଚଳବାସୀଙ୍କ ପକ୍ଷରୁ କେତେକ ଅଭିଯୋଗ ଇତିମଧ୍ୟରେ ଏନ୍‌ଜିଟିରେ ହୋଇଛି। ସୂଚନାଥାଉ କି, ଏନ୍‌ଜିଟିରେ ମାମଲା ରୁଜୁ ହେବା ଏବଂ ଜନସାଧାରଣଙ୍କ ଅଭିଯୋଗକୁ ଭିତ୍ତିକରି ଯାଜପୁର ଜିଲାପାଳ ୭।୧୧।୨୦୧୯ରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଓ ପ୍ରତିକାର ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀଙ୍କୁ ନିର୍ଦ୍ଦେଶ (ପତ୍ର ସଂଖ୍ୟା ୯୪୩୨) ଦେଇଥିଲେ। ଏହାକୁ ଅତି ଗୁରୁତର ଭାବେ ଗ୍ରହଣ କରି ଶିଳ୍ପ କାରଖାନାଗୁଡ଼ିକ ଗାଇଡ୍‌ଲାଇନ୍ ଅନୁସାରେ ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରପାତି ସ୍ଥାପନ କରିଛନ୍ତି କି ନାହିଁ ସେ ନେଇ ନିୟମିତ ଭାବେ କ୍ଷେତ୍ର ପରିଦର୍ଶନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ନିର୍ଦ୍ଧାରିତ ପରିବେଶ ମାନଦଣ୍ଡକୁ ମାନୁ ନ ଥିବା କାରଖାନାଗୁଡ଼ିକ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଙ୍କ ପତ୍ରରେ ଦର୍ଶାଇଥିଲେ। କିନ୍ତୁ ଏ ସବୁ ସତ୍ତ୍ୱେ ପ୍ରଦୂଷଣ ନିୟନ୍ତ୍ରଣ ହୋଇପାରୁନାହିଁ।

ବାୟୁ ପ୍ରଦୂଷଣ ନିରୀକ୍ଷଣ କେନ୍ଦ୍ର ପକ୍ଷରୁ ୨୦୧୫ରୁ ୨୦୧୭ ମଧ୍ୟରେ ସଂଗୃହୀତ ତଥ୍ୟ ଅନୁସାରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବାୟୁ ଗୁଣାତ୍ମକ ମାନ ପ୍ରତି ଘନମିଟର ପିଛା ୧୧୩ ମାଇକ୍ରୋଗ୍ରାମ ରହିଥିଲା। ତେବେ ଏହି ୨ ବର୍ଷ ମଧ୍ୟରେ ଘନମିଟର ପିଛା ମାଇକ୍ରୋଗ୍ରାମ ପରିମାଣ ବହୁଗୁଣରେ ବୃଦ୍ଧି ହୋଇଥିବା ଅନୁମାନ କରାଯାଉଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି)ଦ୍ୱାରା ନିର୍ଦ୍ଧାରିତ ବାର୍ଷିକ ବାୟୁ ଗୁଣାତ୍ମକ ମାନ ଘନମିଟର ପିଛା ୬୦ ମାଇକ୍ରୋଗ୍ରାମ କଣିକା ରହିବା କଥା। ଅନ୍ତର୍ଜାତୀୟସ୍ତରରେ ୨୦୧୧ ମସିହାଠାରୁ ଭାରତର ବାୟୁ ପ୍ରଦୂଷଣ କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି। କଳିଙ୍ଗନଗର ବ୍ୟତୀତ ଓଡ଼ିଶାର ଅନୁଗୋଳ, ସମ୍ବଲପୁର, ବାଲେଶ୍ୱର, ପାରାଦୀପ, ଭୁବନେଶ୍ୱର, କଟକ, ରାଉରକେଲା ଏବଂ ତାଳଚେର ସହର ଅତି ପ୍ରଦୂଷଣ ତାଲିକାରେ ରହିଛି। କଳିଙ୍ଗନଗରରେ ଗୋଟିଏ ପରେ ଗୋଟିଏ ଅତି ପ୍ରଦୂଷଣକାରୀ କାରଖାନା ପ୍ରତିଷ୍ଠା ହେବା ଜିଲାବାସୀଙ୍କ ପାଇଁ ସାଂଘାତିକ ହେବାରେ ଲାଗିଛି। ଏହି ପ୍ରଦୂଷଣ ଆଗାମୀ ଦିନରେ ସାରା ଜିଲାକୁ ଗ୍ରାସ କରିବ ବୋଲି ମତପ୍ରକାଶ ପାଇଛି। ବେଳହୁଁ ପାୱାର ପ୍ଲାଣ୍ଟ, କ୍ରଶର, ଚିମିନି ଭାଟି, ରେଳ ସାଇଡିଂ, ଯାନବାହନ ପ୍ରଦୂଷଣ ଆଦିକୁ ନିୟନ୍ତ୍ରଣ କରା ନ ଗଲେ ଲୋକଙ୍କ ଜୀବନ ଦୁର୍ବିଷହ ହେବା ନିଶ୍ଚିତ ବୋଲି କୁହାଯାଉଛି।

ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ଏକ ସମନ୍ୱିତ ଆକ୍ସନ ପ୍ଲାନ୍ ପ୍ରସ୍ତୁତି ଚାଲିଛି। ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରାଯାଉଛି। ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ବିଭାଗ ସର୍ବଦା ତତ୍ପର ରହିଛି ବୋଲି ବେହେରା କହିଛନ୍ତି।


ପ୍ରଦୂଷିତ ଗଣ୍ଡା ନାଳ।

# ଏନ୍‌କାଉଣ୍ଟରରେ ୨ ମାଓବାଦୀ ନିହତ

ମାଲକାନଗିରି, ୮।୫(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ସୋମବାର ପୋଲିସ ଏନକାଉଣ୍ଟରରେ ୨ଜଣ ମାଓବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ମାଡକାମି ଏରା ଓ ପଡିଆମି ଭୀମା। ଏରା ମାଓବାଦୀ ସଙ୍ଗଠନରେ କମାଣ୍ଡର ରୂପେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ୮ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା ବୋଲି ସୁକ୍‌ମା ଏସ୍‌ପି ସୁନିଲ ଶର୍ମା କହିଛନ୍ତି।

ଖବରରୁ ଜଣାପଡିଛି, ସୁକ୍‌ମା ଜିଲା ବେଜି ଥାନା ଅନ୍ତର୍ଗତ ଦନ୍ତେଶପୁରମ ଜଙ୍ଗଲରେ ମାଓବାଦୀମାନେ ଏକ କ୍ୟାମ୍ପ କରିଥିବା ଗୋଇନ୍ଦା ବିଭାଗରୁ ସୂଚନା ମିଳିବା ପରେ ଏହାକୁ ଭିତ୍ତି କରି ଡିଆର୍‌ଜି, ସିଆର୍‌ପିଏଫ୍ ଏବଂ କୋବ୍ରା ବାଟାଲିୟନ ପକ୍ଷରୁ ଜଙ୍ଗଲରେ କୋମ୍ବିଂ ଅପରେଶନ କରାଯାଇଥିଲା। ଏହି ସମୟରେ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀ ପ୍ରଥମେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଶେଷରେ ଯବାନଙ୍କ ଗୁଳିର ସାମନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାଇଥିଲେ। ତଲାସି ବେଳେ ଉପରୋକ୍ତ ୨ ମାଓବାଦୀଙ୍କ ମୃତଦେହ ମିଳିଥିଲା। ଅନେକ ମାଓବାଦୀ ଆହତ ହୋଇଥିବା ଜଣାପଡିଛି। ଘଟଣାସ୍ଥଳରୁ ବନ୍ଧୁକ ସହ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଖବର ଲେଖାହେବା ଯାଏ ଜଙ୍ଗଲରେ କୋମ୍ବିଂ ଅପରେଶନ ଜାରି ରହିଥିବା ଏସ୍‌ପି ଶର୍ମା କହିଛନ୍ତି।


ଜବତ ମାଓବାଦୀ ସାମଗ୍ରୀ।

# ୨ ଦୋଷୀଙ୍କୁ ୨୦ବର୍ଷ ଲେଖାଏ ଜେଲ

**ନାବାଳିକାଙ୍କୁ ଗଣ ବଳାତ୍କାର ମାମଲା**

ବାରିପଦା ଅଫିସ, ୮।୫

ମୟୂରଭଞ୍ଜ ଜିଲା ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଏକ ନାବାଳିକାଙ୍କୁ ଗଣ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମତା ଜେନା ଏହାର ବିଚାରକରି ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଲେଖାଏଁ ଜେଲଦଣ୍ଡାଦେଶ ଦେଇଛନ୍ତି। ଏଥି ସହିତ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଓ ଜରିମାନା ଅନାଦାୟେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତଦ୍ୱୟ ହେଲେ ଯଶିପୁର ଥାନା ତାକୁଡ଼ିପାଳ ଗ୍ରାମର କେଶବ ତିରିଆ(୪୬) ଓ ତାକୁଡ଼ିଶୁଳ ଗ୍ରାମର ଆଶିଷ ଦିଗି(୨୯)।

ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ଫେବୃୟାରୀ ୧୦ରେ ନାବାଳିକାଙ୍କ ମାତାପିତା ତିନି କନ୍ୟାକୁ ଘରେ ଛାଡ଼ି ଶ୍ୱଶୁର ଘର ବାରବେଡ଼ାକୁ ଯାଇଥିଲେ। ପରଦିନ ଅର୍ଥାତ୍ ୧୧ ତାରିଖରେ ଦୁଇ ଭଉଣୀ ପାଣି ଆଣିବାକୁ ଯାଇଥିବା ବେଳେ ୧୪ ବର୍ଷୀୟ ଝିଅ ଏକୁଟିଆ ଘରେ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତଦ୍ୱୟ ଘରେ ପଶି ବଳାତ୍କାର କରିବା ସହ କାହାକୁ ନ କହିବାକୁ ଧମକ ଦେଇଥିଲେ। ମାତାପିତା ଘରକୁ ଫେରି ଝିଅଠାରୁ ସମସ୍ତ ଘଟଣା ଜାଣିବା ପରେ ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ. ୨୨/୧୭) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୨୦ଜଣ ସାକ୍ଷୀ, ଡାକ୍ତର ଓ ପୋଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାକୁ ସରକାରଙ୍କ ସ୍ୱତନ୍ତ୍ର ଆଇନଜୀବୀ ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

**राष्ट्रीय विज्ञान शिक्षा एवं अनुसंधान संस्थान, भुवनेश्वर**
(परमाणु ऊर्जा विभाग, भारत सरकार के अधीन एक स्वायत्त संस्थान)
**NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR**
(AN AUTONOMOUS INSTITUTE UNDER DEPT. OF ATOMIC ENERGY, GOVT. OF INDIA)
पो:-जटनी, जिला-खुर्दा, पिन-752050 / PO-Jatni, Dist- Khurda, Pin-752050, वेबसाइट/Website: www. niser.ac.in

विज्ञापन संख्या/ Advt. No.: FA-Rct./NA/03-2023

**वैज्ञानिक अधिकारी के लिए विज्ञापन / Advertisement for Scientific Officer**

सेंटर फॉर मेडिकल एंड रेडिएशन फिजिक्स, नाइजर में वैज्ञानिक अधिकारी 'सी' के पद पर भर्ती के लिए भारतीय नागरिकों से आवेदन आमंत्रित किए जाते हैं। / Applications are invited from eligible Indian citizens for recruitment in the position of **'Scientific Officer 'C'** in the Centre for Medical and Radiation Physics, NISER.

| क्र.सं./ S.N | वेतन के साथ पद Positions with Pay | आवश्यक योग्यता और अनुभव / Required Qualification & experience | श्रेणी Category | आयु Age | रिक्तियां Vacancies |
|---|---|---|---|---|---|
| 1 | **वैज्ञानिक अधिकारी 'सी' (मेडिकल फिजिक्स) Scientific Officer 'C' (Medical Physics),** लेवल / Level - 10 इंडेक्स नंबर / Index No. - 1 मूल वेतन / Basic Pay- 56100/- | **आवश्यक योग्यता :** मेडिकल फिजिक्स में एम.एस.सी. या एम.एस.सी (फिजिक्स) के बाद रेडियोलॉजिकल फिजिक्स में डिप्लोमा के साथ आरएसओ प्रमाण पत्र और एम.एस.सी के बाद रेडियोलॉजिकल गणित / विकिरण डोसिमेट्री और मानकीकरण / विकिरण डिटेक्टरों और इंस्ट्रूमेंटेशन / नैदानिक और विकिरण जीव विज्ञान / परमाणु चिकित्सा / विकिरण चिकित्सा / विकिरण सुरक्षा की चिकित्सा इमेजिंग में 04 साल का अनुभव।/ **Essential:** Msc in Medical Physics with RSO certificate or Post-MSc (Physics) Diploma in Radiological Physics with RSO certificate and 04 years post-MSc experience in Radiological mathematics / Radiation dosimetry and standardization / Radiation detectors and instrumentation / clinical and radiation biology / nuclear medicine / medical imaging of Radiation therapy / Radiation safety. | अनारक्षित / Un-reserved | 36 वर्ष / years | 01 (एक/One) |

संक्षेप में उल्लिखित उपरोक्त पात्रता मानदंडों को पूरा करने वाले आवेदकों को केवल ऑनलाइन (**www.niser.ac.in**) आवेदन करना चाहिए। ऑनलाइन आवेदन करने की अंतिम तिथि **22/05/2023** है। विज्ञापन के सभी पहलुओं के पूर्ण विवरण के लिए, उम्मीदवारों से अनुरोध है कि वे एनआईएसईआर वेब साइट (**http://www.niser.ac.in**) पर विज्ञापन का पालन करें।/ Applicants fulfilling the above eligibility criteria mentioned in brief should apply ONLINE (**www.niser.ac.in**) only. The last date for applying online is **22 May, 2023.** For full details of all the aspects of the advertisement, candidates are requested to follow the advertisement at NISER web site (**http://www.niser.ac.in**).

निदेशक / DIRECTOR

# ପିକ୍‌ଅପ୍ ଓଲଟିଲା, ୩୨ କଳାକାର ଆହତ

- **ସଙ୍କୀର୍ତ୍ତନ କରିବାକୁ ଛତିଶଗଡ଼ ଯାଉଥିଲେ**
- **୫ ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର**

ବରଗଡ଼ ଅଫିସ,୮।୫

ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ପିପଲମୁଣ୍ଡା ଛକ ନିକଟରେ ସୋମବାର ଏକ ପିକଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୩୨ଜଣ ସଂକୀର୍ତ୍ତନ କଳାକାର ଆହତ ହୋଇଛନ୍ତି। ଆହତମାନେ ଭେଡ଼େନ ଥାନା ଅରେଇଗୁଡ଼ି ଗ୍ରାମର। ଛତିଶଗଡ଼ ରାଜ୍ୟ ବଡ଼ ନୟାପରା ଗ୍ରାମକୁ ସଂକୀର୍ତ୍ତନ ପରିବେଷଣ ପାଇଁ ଯାଉଥିବା ବାଟରେ ସେମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଆହତମାନଙ୍କୁ ଦୁର୍ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୫ କଳାକାର ଗୁରୁତର ଅଛନ୍ତି। ସେମାନେ ହେଲେ ନନ୍ଦିଘୋଷ ସାହୁ(୬୨), ଶୁଭମ ଛନ୍ଦ(୨୫), ନିରାକାର ନାଏକ(୪୦), ବାଲି ବାରିକ(୪୦) ଏବଂ ରାଜକୁମାର ପ୍ରଧାନ(୪୨)। ସମସ୍ତ ଗୁରୁତରଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ସୋମବାର ଭେଡ଼େନ ଥାନା ଅରେଇଗୁଡ଼ିର ସଂକୀର୍ତ୍ତନ ଦଳ ଏକ ପିକ୍‌ଅପ୍ (ନଂ.ଓଡ଼ି୧୭ୱାଇ/୯୪୧୨) ଯୋଗେ ଛତିଶଗଡ଼ର ବଡ଼ନୟାପରାକୁ ସଂକୀର୍ତ୍ତନ ପରିବେଷଣ ପାଇଁ ଯାଉଥିଲେ। ସେମାନେ ଭଟଲି-ଅମ୍ବାଭୋନା ରାସ୍ତା ଦେଇ ସେଠାକୁ ଯାଇଥାନ୍ତେ। ମାତ୍ର ଯିବା ବାଟରେ ପିପଲମୁଣ୍ଡା ନିକଟରେ ପିକ୍‌ଅପ୍ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ଜଣେ ଆହତ କଳାକାର କପିଳ ଛନ୍ଦ କହିଛନ୍ତି, ସେମାନେ ଗାଡ଼ିରେ ଯାଉଥିବାବେଳେ ପିପଲମୁଣ୍ଡା ଛକ ନିକଟରେ ରାସ୍ତା ବଙ୍କା ଥିଲା। ପିକ୍‌ଅପ୍ ଭ୍ୟାନ୍ ସେହି ସ୍ଥାନ ଅତିକ୍ରମ କରୁଥିବାବେଳେ ଜଣେ ବାଇକ୍ ଆରୋହୀ ଅନ୍ୟ ଜଣେ ମହିଳାଙ୍କୁ ବସାଇ ବିପରୀତ ଦିଗରୁ ଭ୍ୟାନ୍ ସମ୍ମୁଖକୁ ଚାଲିଆସିଥିଲେ। ଫଳରେ ତାଙ୍କୁ ବଞ୍ଚାଇବାକୁ ଗାଡ଼ି ଡ୍ରାଇଭର ହଠାତ୍ ବ୍ରେକ୍ ମାରିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା ବୋଲି ସେ କହିଛନ୍ତି। ଭଟଲି ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଅଧିକ ତଦନ୍ତ କରୁଛି।


ଓଲଟି ପଡ଼ିଥିବା ପିକ୍‌ଅପ୍ ଭ୍ୟାନ୍।

## ଚାଷ ଜମିରେ ଟଳିପଡ଼ିଲେ ଚାଷୀ: ଅଂଶୁଘାତ ଆଶଙ୍କା

**ନରସିଂହପୁର,୮।୫(ସ୍ୱି.ପ୍ର.):** କଟକ ଜିଲା ନରସିଂହପୁର ଥାନା ଅଧୀନ ବଡ଼ଭୂଇଁ ଗ୍ରାମର ଜମିକୁ ଚାଷ କରିବାକୁ ଯାଇଥିବାବେଳେ ଜଣେ ଚାଷୀଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଯୋଗୀନାଥ ପ୍ରଧାନ(୫୫)। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଛି ବୋଲି ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଯୋଗୀନାଥ ସକାଳୁ ଗ୍ରାମଠାରୁ ଅଳ୍ପ ଦୂରରେ ଥିବା ନିଜ ଜମିରେ ଚାଷ କାର୍ଯ୍ୟ କରିବାକୁ ଯାଇଥିଲେ। ଅପରାହ୍ନ ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ଜମି ମଝିରେ ତାଙ୍କୁ ପଡ଼ିଥିବା ଅବସ୍ଥାରେ ପାଇ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଯୋଗୀନାଥଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ସ୍ଥାନୀୟ ସରପଞ୍ଚ ବାଇଧର ସାହୁ ଓ ମୃତକଙ୍କ ପରିବାର ସଦସ୍ୟଙ୍କଠାରୁ ଅଭିଯୋଗ ପାଇ ଥାନା ଆଇଆଇସି ଅଭୟ କୁମାର ବେହେରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ମୃତଦେହ ଜବତ କରିବା ସହ ତଦନ୍ତ କରୁଛନ୍ତି। ମଙ୍ଗଳବାର ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଅଂଶୁଘାତଜନିତ ମୃତ୍ୟୁ ଆଶଙ୍କାରେ ଭାରପ୍ରାପ୍ତ ତହସିଲଦାର ତପନ କୁମାର ପରିଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

# ବୁଥ୍‌କୁ ଗଲେ ପୋଲିଂ ପାର୍ଟି

**ଝାରସୁଗୁଡ଼ା ଉପନିର୍ବାଚନ**

- **୧୪୪ ବୁଥ୍‌ରେ କେନ୍ଦ୍ରୀୟ ସୁରକ୍ଷାବଳ**
- **କ୍ଷେତ୍ର ଛାଡ଼ିବାକୁ ବାହାରିଆଙ୍କୁ ନିର୍ଦ୍ଦେଶ**
- **ମତଦାନ କେନ୍ଦ୍ରର ହେବ ସିଧା ପ୍ରସାରଣ**

ସମ୍ବଲପୁର,୮।୫(ବ୍ୟୁରୋ)

ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ମେ ୧୦ରେ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ପୋଲିଂ ପାର୍ଟି ବୁଥ୍‌କୁ ଯାଇଛନ୍ତି। ଇଭିଏମ୍ ଓ ଅନ୍ୟାନ୍ୟ କାଗଜପତ୍ର ସହ ପୋଲିସ ସୁରକ୍ଷାରେ ସେମାନେ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ କେନ୍ଦ୍ରକୁ ଯାଇଛନ୍ତି। ୨୫୩ ବୁଥ୍ ପାଇଁ ୧୦୧୨ କର୍ମଚାରୀ ନିଯୁକ୍ତ କରାଯାଇଥିବା ବେଳେ ୧୦୮ଜଣ ସଂରକ୍ଷିତ ରହିଛନ୍ତି। କେବଳ ମହିଳାମାନଙ୍କ ପାଇଁ ୨୬ ଗୋଟି ବୁଥ୍ ରହିଛି। କର୍ମଚାରୀମାନେ ମତଦାନ ଦିନ ନିର୍ଦ୍ଧାରିତ ସମୟ ପୂର୍ବରୁ କେନ୍ଦ୍ରରେ ପହଞ୍ଚିବେ।

ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ଭୋଟର ଓ ଅଧିକାରୀମାନଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରତି ବୁଥ୍‌ରେ ଥଣ୍ଡା ପାନୀୟ ଜଳ, ଛାଇ କରିବା ସହ କେତେକ ବୁଥ୍‌ରେ ସରବତ ଓ ଓଆର୍‌ଏସ୍ ପାଣି ଦିଆଯିବ। ୫୯ ଗୋଟି ମେଡିକାଲ ପାଟ୍ରୋଲିଂ ଗାଡି ରହିବ। ସନ୍ଧ୍ୟା ୬ଟା ପରେ ବାହାରୁ ଆସିଥିବା ବ୍ୟକ୍ତିମାନେ ଝାରସୁଗୁଡ଼ା ବିଧାନସଭା କ୍ଷେତ୍ର ଛାଡ଼ି ଯିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ବିଧାନସଭା ଅଧୀନରେ ମୋଟ ୨୫୩ ବୁଥ୍‌ରେ ମତଦାନ ହେବ। ସେଥିମଧ୍ୟରୁ ୧୪୪ ସମ୍ବେଦନଶୀଳ ବୁଥ୍‌ରେ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୁକ୍ତ କରାଯାଇଛି। ମତଦାନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ ବୁଥ୍‌ରେ ଭିଡିଓଗ୍ରାଫି କରାଯିବ। ଏହାର ସିଧା ପ୍ରସାରଣ ଜାତୀୟ ନିର୍ବାଚନ କମିଶନ, ରାଜ୍ୟ ନିର୍ବାଚନ କମିଶନଙ୍କ ସମେତ ଜିଲା ସୁରକ୍ଷା ଓ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ଦେଖିପାରିବେ। ଏହା ପ୍ରଥମକରି ହେଉଥିବା ଝାରସୁଗୁଡ଼ା ଏସ୍‌ପି ପରମାର ସ୍ମିଥ୍ କହିଛନ୍ତି। ସେ ଆହୁରି କହିଛନ୍ତି, ସନ୍ଧ୍ୟା ୬ଟାରେ ନିର୍ବାଚନୀ ପ୍ରଚାର ଶେଷ ହୋଇଯିବ। ଆଗକୁ ୪୮ ଘଣ୍ଟା ଗତିବିଧି ଉପରେ କଡ଼ା ନଜର ରଖାଯିବ। ଏଥିପାଇଁ ସହର ପ୍ରବେଶ ପଥ ଓ ସହର ଭିତର ବିଭିନ୍ନ ସ୍ଥାନରେ ନାକା କରାଯିବ। ନିର୍ବାଚନ ଶାନ୍ତିଶୃଙ୍ଖଳାରେ ହେବା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ୧୯ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ୧୦୦ଜଣ ପୋଲିସ ଅଫିସ, ୩ ଶହ କନ୍‌ଷ୍ଟେବଲ, ୧୫୦ରୁ ଅଧିକ ହୋମ୍‌ଗାର୍ଡ ନିଯୁକ୍ତ କରାଯିବ। ୨୫ ଗୋଟି ପାଟ୍ରୋଲିଂ ପାର୍ଟି ରହିବେ। ପ୍ରଶାସନ ଚିହ୍ନଟ କରିଥିବା ଓ ଦଳୀୟ ପ୍ରାର୍ଥୀଙ୍କ ସୁପାରିସ କ୍ରମେ ମୋଟ ୨୫୩ ବୁଥ୍‌ରୁ ୧୪୪ ସମ୍ବେଦନଶୀଳ ବୁଥ୍‌ରେ ୭ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷାବଳ ନିୟୋଜିତ ରହିବେ। ମତଦାତା ଓ ପୋଲିଂ ପାର୍ଟିକୁ ମଧ୍ୟ ସୁରକ୍ଷା ଦେବାକୁ ବ୍ୟବସ୍ଥା କରାଯାଇଛି ବୋଲି ଏସ୍‌ପି ପରମାର କହିଛନ୍ତି।


ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ପୋଲିଂ ପାର୍ଟି ବୁଥ୍‌କୁ ଯାଉଛନ୍ତି।

**Government of Odisha**
**Higher Education Department**
No.N-9

**Timeline for B.Ed., B.H.Ed., M.Ed. Entrance Test- 2023 & e-Admission for the year 2023-24 for Teacher Education Courses**

Timeline for B.Ed., B.H.Ed., M.Ed., e-Admission for the year 2023-24 & Entrance Test-2023 for Teacher Education Colleges under project 'Student Academic Management System (SAMS)' is given below. Any change in the timeline will be published in the newspapers as well as on the website https://te.samsodisha.gov.in/ Information Brochure-2023 will be available in the said website. Kindly refer the Guideline before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website https://te.samsodisha.gov.in/ | 04.05.2023 (02.00 P.M.) |
| 2 | Last date for applying online CAF through https://te.samsodisha.gov.in/ | 14.05.2023 (11.45 P.M.) |
| 3 | Handing over the CAF details to SSB, Odisha by OCAC | 18.05.2023 |
| 4 | Availability of Hall Ticket in SSB website for downloading | 01.06.2023 to 11.06.2023 |
| 5 | Conduct of Entrance Test-2023 for M.Ed. | 10.06.2023 |
| 6 | Conduct of Entrance Test-2023 for B.Ed., B.H.Ed. | 11.06.2023 |
| 7 | Updation of Graduation / Equivalent marks by the applicant | 08.07.2023 (10.00 A.M.) to 16.07.2023 (11.45 P.M.) |
| 8 | Handing over the entrance marks to OCAC by SSB, Odisha | 15.07.2023 |

**For more details please contact: e-Admission Helpline (Toll-Free) Number 155335 / 1800-345-6770**

**N.B.:** 1. Candidates whose final U.G. results are awaited (not published) can also apply online in the Common Application Form (CAF) to appear in Entrance Test-2023. But they must upload their marks prior to preparation of the "Merit list" within the timeline.
2. Please note that these dates are subject to change and candidates are advised to keep checking the Key Dates of SAMS TE website for updates.

**Sd./- Deputy Director**
**PTC Section**
OIPR-11001/11/0002/2324

❝ ଅର୍ଥ ହେଲା ଏକ ସାମୂହିକ ସମ୍ପଦ। ଯେଉଁମାନଙ୍କର ରହିଛି ଏକ ସମନ୍ୱିତ, ସାଧାରଣ ଓ ବିଶ୍ୱଜନୀନ ଦୃଷ୍ଟି – ସେହିମାନଙ୍କ ଦ୍ୱାରା ଅର୍ଥ ବିନିଯୋଗ ହେବା ଉଚିତ। .. ଯଦି ତୁମେ ଅର୍ଥର ଯଥା ବିତରଣ ବା ପ୍ରସାରଣର ଯନ୍ତ୍ର ହୋଇପାରିବ ଏବଂ ଅର୍ଥର ସଦ୍‌ବ୍ୟବହାର କରିପାରିବ–ତେବେ ଅର୍ଥ ତୁମ ପାଖକୁ ଆସିବ। **–ଶ୍ରୀମା**

# ମିଳିଲେ କିଣିବେ

ମେ’ ପ୍ରଥମ ସପ୍ତାହରେ ସର୍ବିଆର ରାଜଧାନୀ ବେଲ୍‌ଗ୍ରେଡର ଏକ ପ୍ରାଥମିକ ସ୍କୁଲରେ ଜଣେ ୧୩ ବର୍ଷ ବୟସ୍କ ବାଳକର ଆଖିବୁଜା ଗୁଳିଚାଳନା ଯୋଗୁ ୮ଜଣ ଛାତ୍ରଙ୍କ ସମେତ ଜଣେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ହୋଇଥିଲା। ତା’ ପରଦିନ ରାଜଧାନୀ ବେଲ୍‌ଗ୍ରେଡର ଦକ୍ଷିଣକୁ ୫୦ କିଲୋମିଟର ଦୂର ମ୍ଲାଡେନୋଭାକ୍‌ରେ ଜଣେ ବନ୍ଧୁକଧାରୀଙ୍କ ଗୁଳିରେ ୮ଜଣ ନିହତ ଓ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଦେଶରେ ବ୍ୟକ୍ତିକୈନ୍ଦ୍ରିକ ଗୁଳିକାଣ୍ଡ ଘଟଣା କାଁ ଭାଁ ଘଟୁଥିବାବେଳେ ଆମେରିକାରେ ଏହା ନିତିଦିନିଆ ଘଟଣାରେ ପରିଣତ ହୋଇଯାଇଛି। ସର୍ବିଆ ଗୁଳିକାଣ୍ଡ ଘଟଣାର ଦୁଇଦିନ ପରେ ମେ’୭ରେ ଆମେରିକାର ଟେକ୍ସାସର ଆଲିଏନ୍ ପ୍ରିମିୟମ୍ ମଲ୍ ଗୁଳିକାଣ୍ଡରେ ୮ ଜଣ ନିହତ ହୋଇଛନ୍ତି। ଏଠାରେ ସ୍ମରଣଯୋଗ୍ୟ ଯେ, ବିଶ୍ୱରେ ଆମେରିକୀୟମାନଙ୍କ ପାଖରେ ସବୁଠୁ ଅଧିକ ବନ୍ଧୁକ ଅଛି। ଏହାସହ ଗୁଳିକାଣ୍ଡଜନିତ ମୃତ୍ୟୁସଂଖ୍ୟାରେ ମଧ୍ୟ ଆମେରିକା ସବୁଠାରୁ ଆଗରେ ରହିଛି। ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ୟୁରୋପର କେତେକ ଦେଶରେ ଏଭଳି ଗୁଳିକାଣ୍ଡ ଭୟାବହତା ବି ଅନେକ ସମୟରେ ଦେଖିବାକୁ ମିଳିଥାଏ। ତଥାପି ଆମେରିକା ସହ ତୁଳନା କଲେ ତାହା ନଗଣ୍ୟ ମନେହୁଏ। ଆମେରିକାରେ ୧୦୦ ଜଣଙ୍କ ପାଖରେ ୧୨୦ ବନ୍ଧୁକ ଅଛି ବୋଲି ଏକ ଅନୁଧ୍ୟାନରୁ ଜଣାପଡ଼ିଛି। ଏଠାରେ ମାସ୍ ଶୁଟିଂ ବା ଗଣଗୁଳିକାଣ୍ଡ ଏବଂ ବନ୍ଧୁକଜନିତ ଘରୋଇ ହିଂସା ବିଶ୍ୱରେ ସର୍ବାଧିକ । ଆମେରିକାର ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ(ସିଡିସି)ର ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି ଯେ,୨୦୨୧ରେ ବନ୍ଧୁକଜନିତ ହିଂସାରେ ୪୮,୮୩୦ ଜଣଙ୍କ ମୃତ୍ୟୁ ଘଟିଛି। ଏହାର କାରଣ ଖୋଜିବସିଲେ ପ୍ରଥମେ ମନକୁ ଆସେ ଆମେରିକୀୟମାନଙ୍କ ମନରେ ଥିବା ଭୟ ଏବଂ ଅସୁରକ୍ଷିତ ମନୋଭାବ। କର୍ପୋରେଟ ସଂସ୍କୃତିରେ ଗଢ଼ିଉଠିଥିବା ଏହି ଦେଶରେ ଅନେକ ପରିବାର ଆମେରିକାର ବସ୍ତୁବାଦୀ ସ୍ୱପ୍ନ ପୂରଣ କରିବାକୁ ଯାଇ ଆରାମଦାୟକ ଜୀବନ ହାସଲ କରିପାରିଲେ। ବାହାର ଦେଶରୁ ପ୍ରବାସୀମାନେ ମଧ୍ୟ ଆମେରିକୀୟ ସ୍ୱପ୍ନକୁ ହାସଲ କରିବା ଲାଗି ସେହି ଦେଶକୁ ଧାଇଁଲେ। ଏହିସବୁ ସୁଖ ହାସଲ କରିବା ପରେ ମନରେ ପଶିଲା ଭୟ ଓ ଅସୁରକ୍ଷିତ ମନୋଭାବ । ଥିଲା ଓ ନ ଥିଲାବାଲାଙ୍କ ପାର୍ଥକ୍ୟ ମଧ୍ୟ ଚିନ୍ତା ବଢାଇଲା। ଏସବୁ ଯୋଗୁ ସାଧାରଣ ଆମେରିକୀୟଙ୍କ ମନରେ ନିଜ ସୁରକ୍ଷା ନିଜ ହାତକୁ ନେବା କଥା ବସା ବାନ୍ଧିଲା। କାଓବୟ ସଂସ୍କୃତିରୁ ବନ୍ଧୁକ ଧରିବା ଏକ ଆଭିଜାତ୍ୟର ପ୍ରତୀକ ଭାବେ ଉଭା ହୋଇଥିବା ସେହି ଦେଶରେ ସାଧାରଣ ନାଗରିକଙ୍କୁ ବନ୍ଧୁକ ରଖିବାର ସାମ୍ବିଧାନିକ ଅଧିକାର ମିଳିଲା। ଏହି ଅଧିକାରକୁ ଏବେ ମଧ୍ୟ ଅଧିକାଂଶ ଆମେରିକୀୟ ଛାଡ଼ିବାକୁ ଚାହାନ୍ତି ନାହିଁ। ଗୋଟିଏ ପଟେ ବନ୍ଧୁକ ସଂସ୍କୃତିର ନକାରାତ୍ମକ ଦିଗକୁ ସମାଲୋଚନା କରିବାକୁ ଆଗେଇ ଆସୁଥିବା ନାଗରିକ ଅନ୍ୟପଟେ ବ୍ୟକ୍ତିଗତ ସ୍ତରରେ ବନ୍ଧୁକ ଦେଇଦେବା ଲାଗି ନାରାଜ। ଏହି ସ୍ଥିତିକୁ ବଳବତ୍ତର କରି ରଖିଛି ବନ୍ଧୁକ ନିର୍ମାତାଙ୍କ ଲବି। ଦଶନ୍ଧି ଧରି ବନ୍ଧୁକ ନିର୍ମାତାମାନେ ବିଭିନ୍ନ ବାଟରେ ବନ୍ଧୁକ ମାଲିକାନା ଅଧିକାରର ବାର୍ତ୍ତାକୁ ପ୍ରଚାର କରି ଆସୁଛନ୍ତି। ବ୍ୟକ୍ତିଗତ ସୁରକ୍ଷା ପାଇଁ ବନ୍ଧୁକ ନିହାତି ଜରୁରୀ ବୋଲି ଅଧିକାଂଶ ଆମେରିକୀୟ ନାଗରିକ ଭାବିବା ପଛରେ ରହିଛି ବନ୍ଧୁକ ନିର୍ମାତାଙ୍କର ଅନବରତ ଅଦୃଶ୍ୟ ବାର୍ତ୍ତା। ଏଥିସହ ବିପୁଳ ଅର୍ଥ ଖର୍ଚ୍ଚ କରାଯାଏ ସିନେଟର ଏବଂ ଅନ୍ୟସବୁ ନିର୍ବାଚିତ ପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ମନ ଜିଣିବାକୁ , ଯାହାଫଳରେ ବନ୍ଧୁକ ନିୟନ୍ତ୍ରଣ ଦିଗରେ ସବୁ ଆଇନର ବାଟ ବନ୍ଦ ହୋଇଯାଏ। ରିପବ୍ଲିକାନ ଡୋନାଲ୍ଡ ଟ୍ରମ୍ପ୍ ଅତ୍ୟଧିକ ମାତ୍ରାରେ ବନ୍ଧୁକ ରଖିବା ଅଧିକାର ସପକ୍ଷରେ ଥିବାବେଳେ ଡେମୋକ୍ରାଟ ଜୋ ବାଇଡେନ ବନ୍ଧୁକ ନିୟନ୍ତ୍ରଣ ସପକ୍ଷବାଦୀ ବୋଲି ଜଣାଥିଲା। ବାଇଡେନ୍ ନିର୍ବାଚନ ପୂର୍ବରୁ କହିଥିଲେ, ସେ ଜିତିଲେ ବନ୍ଧୁକ ନିୟନ୍ତ୍ରଣ ଆଇନ ଆଣିବେ। ତେବେ ବାସ୍ତବ କ୍ଷେତ୍ରରେ ଏହା କରିବା ପାଇଁ ତାଙ୍କ ବାଟରେ ଅନେକ ବାଧା ସୃଷ୍ଟି ହେଉଛି। ଆଇନଗତ ଓ ସାମ୍ବିଧାନିକ ପଦ୍ଧତି ଜଟିଳ ଥିବା ସହ ଲୋକଙ୍କ ସମର୍ଥନ ମଧ୍ୟ ଏ ଦିଗରେ ମିଳୁନାହିଁ।

ସବୁଠାରୁ ବିଡ଼ମ୍ବନାର ବିଷୟ ହେଲା, ଆମେରିକାରେ ମଦ କିଣିବା ପାଇଁ ଏକ ନିର୍ଦ୍ଦିଷ୍ଟ ବୟସର କଟକଣା ଥିବାବେଳେ ବନ୍ଧୁକ କିଣିବା ପାଇଁ ସେଭଳି କୌଣସି ବାଧା ନାହିଁ। ଅଳ୍ପ ବୟସର ଯୁବତୀଯୁବକମାନେ ମଦ ବୋତଲଟିଏ କିଣିବା ଆଗରୁ ପରିଚୟପତ୍ର ଦେଖାଇବାକୁ ବାଧ୍ୟ। ଅଥଚ ସେମାନେ ଯେ କୌଣସି ସାଧାରଣ ବଡ଼ ଗ୍ରୋସେରି ମଲ୍‌ରୁ ବିନା ଦ୍ୱନ୍ଦ୍ୱରେ ବନ୍ଧୁକ କିଣିପାରିବେ। ଏଦିଗରେ ବନ୍ଧୁକ କିଣିବା ଲାଗି ବୟସ ସୀମା ଲାଗୁ କରିବା ପାଇଁ ଗତ ବର୍ଷ ଆମେରିକାରେ ଆଇନ ଅଣାଯିବାର ପ୍ରୟାସ ବିଫଳ ହୋଇଥିଲା। ଅନ୍ୟପକ୍ଷରେ ଆମେରିକାରେ ଅତ୍ୟଧିକ ବନ୍ଧୁକ ହିଂସାକୁ ଦେଖି କାନାଡା ଏକ କଡ଼ା ବନ୍ଧୁକ ନିୟନ୍ତ୍ରଣ ଆଇନ ଆଣିଛି। ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ଅନୁଯାୟୀ, ଏହା ଅନେକ ଜୀବନ ରକ୍ଷା କରିପାରିବ। ବାସ୍ତବରେ ଦେଖିଲେ, ବନ୍ଧୁକ ମାଲିକାନା ଉପରେ ନିୟନ୍ତ୍ରଣ ହିଁ ଏକମାତ୍ର ବାଟ ବୋଲି ମନେହେଉଛି। କାରଣ, ବନ୍ଧୁକ ଖୋଲାରେ ମିଳିଲେ ଲୋକେ କିଣିବେ ଏବଂ କିଣିଲେ ହିଁ ବ୍ୟବହାର କରିବେ। ପ୍ରତ୍ୟେକ ଦିନ ଲୋକଙ୍କର ବିଶେଷକରି ଯୁବତୀଯୁବକଙ୍କର ପ୍ରାଣହାନି ଘଟୁଥିବାବେଳେ ଆମେରିକା ଏହି ସଙ୍କଟକୁ ଆୟତ୍ତ କରିବା ପାଇଁ ଅସହାୟ। ମନେହୁଏ ଯେପରି ପୁଞ୍ଜିବାଦ ଉପରେ ଆଧାରିତ ଏହି ଦେଶରେ ବୃହତ୍ କର୍ପୋରେଟ ବ୍ୟବସ୍ଥାର ଅର୍ଥଚକ୍ର ସାମ୍ନାରେ ମଣିଷ ଜୀବନ ଗୌଣ ହୋଇଯାଉଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 7 | | |
| 5 | | | 9 | 1 | | | 6 | 4 |
| 6 | | | | | 5 | | | 2 |
| | | | 4 | | | 1 | | |
| | 4 | | | | 2 | | 5 | 3 |
| | | 6 | | | | | | |
| | 8 | | 1 | 4 | | | | |
| | | 3 | | | | 8 | | |
| 1 | | | | 7 | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 4 | 3 | 8 | 7 | 1 | 5 | 9 |
| 7 | 9 | 1 | 2 | 4 | 5 | 6 | 3 | 8 |
| 3 | 8 | 5 | 1 | 9 | 6 | 4 | 7 | 2 |
| 6 | 2 | 9 | 7 | 5 | 1 | 3 | 8 | 4 |
| 1 | 4 | 7 | 9 | 3 | 8 | 5 | 2 | 6 |
| 8 | 5 | 3 | 4 | 6 | 2 | 9 | 1 | 7 |
| 9 | 1 | 8 | 5 | 2 | 4 | 7 | 6 | 3 |
| 5 | 3 | 2 | 6 | 7 | 9 | 8 | 4 | 1 |
| 4 | 7 | 6 | 8 | 1 | 3 | 2 | 9 | 5 |

ଗତକାଲିର ଉତ୍ତର

# ଶିଶୁଶ୍ରମରୁ ଶିକ୍ଷାୟତନ



ରାଜୀବ କୁମାର ନାୟକ

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ଏକ ଛୋଟ ଗାଁ ବାବୁପାଲି । ଏହି ଗାଁର ଗୌଡ଼ଗୋଠରେ ବାସ କରନ୍ତି ସୁନୀତା ଭୋଇ,ଆକାଶ ଗୁରୁ,ଦୁର୍ଯ୍ୟୋଧନ ଭୋଇ ଏବଂ ବେଣୁଧର ପୋଢ଼। ସମସ୍ତଙ୍କର ବୟସ ପାଖାପାଖି ୧୬ । ଏମାନଙ୍କ ମଧ୍ୟରୁ ଆକାଶ ଏବଂ ଦୁର୍ଯ୍ୟୋଧନ ଅନୁସୂଚିତ ଜନଜାତି ବର୍ଗର ହୋଇଥିବା ବେଳେ ସୁନୀତା ଏବଂ ବେଣୁଧର ପଛୁଆବର୍ଗର। ସୁନୀତାଙ୍କ ପରିବାରରେ ବାପା,ମାଆ,ତାଙ୍କଠୁ ୨/୩ ବର୍ଷ ବଡ଼ ଜଣେ ଭଉଣୀ ଏବଂ ଠିକ୍ ସେହିପରି ୨/୩ ବର୍ଷ ସାନ ଆଉ ଜଣେ ଭଉଣୀ। ବଡ଼ ଭଉଣୀ ଅଷ୍ଟମ ପାସ୍‌କରି ବିଡ଼ି ତିଆରିକରି ପରିବାର ପ୍ରତିପୋଷଣ କରୁଛନ୍ତି। ଆକାଶଙ୍କ ପରିବାର କହିଲେ ତାଙ୍କ ମାଆ, ୨ ବଡ଼ଭାଇ, ଜଣକୁ ୨୨ ଏବଂ ଅନ୍ୟ ଜଣେ ୧୯ ବର୍ଷର। ବଡ଼ଭାଇ ବାହାହୋଇ ସାରିଥିବାବେଳେ ତାଙ୍କର ବର୍ଷକର ପୁଅଟିଏ। ଉଭୟ ଭାଇ ସପ୍ତମ ଶ୍ରେଣୀ ଯାଏଁ ପଢ଼ିଥିବାବେଳେ ତାଙ୍କର ଜମି ବୋଲି ମାତ୍ର ୨ ଏକର, ଯଦିଓ ବର୍ଷ ସାରା ଖାଇବା ଗଣ୍ଡାକ ଏଥିରୁ ମିଳିଯାଏ। ବେଣୁଧରଙ୍କ ପରିବାରରେ କେବଳ ମାଆ ପୁଅ ୨ଜଣ,ଜମି ବୋଲି ମାତ୍ର ଅଧା ଏକର। ତେଣୁ ଦିନମଜୁରି ହିଁ ଏକମାତ୍ର ଭରସା। ଦୁର୍ଯ୍ୟୋଧନଙ୍କର ବାପା ନ ଥିବାବେଳେ ମାଆ, ବଡ଼ଭାଇ,ଭାଉଜ ତଥା ସେମାନଙ୍କର ଛୋଟ ପିଲାଟିଏ ଅଛି। ଚାଷଜମି ଏକରେରୁ କମ୍। ତେଣୁ ମାଆ ବିଡ଼ି ତିଆରିକୁ ମୁଖ୍ୟ ରୋଜଗାରର ପନ୍ଥା ରୂପେ ବାଛିନେଇଥିବାବେଳେ ବଡ଼ଭାଇ ମୂଲ ଲାଗି ପରିବାର ପ୍ରତିପୋଷଣ କରନ୍ତି। ସୁନୀତା ,ଆକାଶ ,ଦୁର୍ଯ୍ୟୋଧନ ଏବଂ ବେଣୁଧର ଏହି ୪ ଜଣ ଯାକ ୨୦୨୧ରେ ମାଟ୍ରିକ୍ ପାସ୍ କରି ପାରିବାରିକ ଅସୁବିଧା କାରଣରୁ ଉଚ୍ଚଶିକ୍ଷା ଗ୍ରହଣ ନ କରି ପରିବାରକୁ ସହଯୋଗ କରିବାକୁ ଅଣ୍ଟା ଭିଡ଼ନ୍ତି। ପୁଅ ପିଲା ୩ ଜଣ ଦିନମଜୁରିକୁ ଆପଣେଇ ନେଇଥିବାବେଳେ ସୁନୀତା ଗାଁରୁ ୩୫ କି.ମି.ଦୂର ସମ୍ବଲପୁରର ଏକ କପଡ଼ା ଦୋକାନରେ କାମ କରନ୍ତି। ଗାଁରେ କାର୍ଯ୍ୟରତ କେତେଜଣ ସ୍ୱେଚ୍ଛାସେବୀଙ୍କ ନଜରକୁ ଏହା ଆସିବା ପରେ ସେମାନେ ଏହି ୪ଜଣ ଯାକ କିପରି ପୁନର୍ବାର ପାଠପଢ଼ା ଜାରି ରଖିବେ ସେହି ଚିନ୍ତାରେ ଲାଗି ପଡ଼ନ୍ତି। ତେଣୁ ସେମାନଙ୍କର ନାମଲେଖା ଖର୍ଚ୍ଚ ବହନ ସହିତ ବହିପତ୍ର ଯୋଗାଇଦେବାର ପ୍ରତିଶ୍ରୁତି ଦେଇ କେନ୍ଦ୍ର ସରକାରଙ୍କ ତରଫରୁ ଆରମ୍ଭ କରାଯାଇଥିବା ପତ୍ର ବିନିମୟ ଶିକ୍ଷା ଏନ୍‌ଆଇଓଏସ୍‌ରେ ନାମ ଲେଖାଇ ଦିଅନ୍ତି। ବର୍ତ୍ତମାନ ଏହି ୪ଜଣ ଆତ୍ମନିର୍ଭରଶୀଳ ହେବା ସହ ଯୁକ୍ତ ୨ ପାଠପଢ଼ା ମଧ୍ୟ ଜାରି ରଖିଛନ୍ତି। ଏହି ସଫଳ କାହାଣୀଟି ଅନ୍ୟମାନଙ୍କ ପାଇଁ ଉଦାହରଣ।

ସରକାର ଗୋଟିଏ ଦିଗରେ ବାଲ୍ୟବିବାହ ବନ୍ଦକରିବା ସକାଶେ ଝିଅ ଏବଂ ପୁଅ ଉଭୟଙ୍କର ବିବାହ ବୟସ ୨୧କୁ ବୃଦ୍ଧି କରିବାକୁ ପ୍ରୟାସ ଆରମ୍ଭ କରିଦେଇଥିବା ବେଳେ ସେମାନେ ପାଠପଢ଼ାରେ କିପରି ବାନ୍ଧିହୋଇ ରହିବେ ସେ ଦିଗରେ ପଦକ୍ଷେପ ନେଉନାହାନ୍ତି। ଅନ୍ୟ ଦିଗରେ ବାବୁପାଲି ଭଳି ଗାଁରେ ମାତ୍ର ପଞ୍ଚମ ଶ୍ରେଣୀ ଯାଏଁ ପଢ଼ିବାର ବ୍ୟବସ୍ଥା ଥିବାବେଳେ ବାହାରେ ପୁଅଝିଅଙ୍କୁ ହଷ୍ଟେଲ ବା ମେସ୍‌ରେ ରଖି ପାଠପଢ଼ାଇବା ସବୁ ବାପାମାଆଙ୍କ ପକ୍ଷେ ସମ୍ଭବ ନୁହେଁ। ତା’ ବାଦ୍ ବଢ଼ିଲା ଝିଅଙ୍କୁ ବାହାରେ ରଖିବାକୁ ଅନେକ ପରିବାର ଅସୁରକ୍ଷିତ ମଣନ୍ତି। ଜାତିସଂଘର ଶିଶୁ ଅଧିକାର ସମ୍ପର୍କିତ ସମ୍ମିଳନୀ ୧୯୮୯ ଅନୁଯାୟୀ ଶିଶୁ କହିଲେ ୧୮ ବର୍ଷ ତଳକୁ ଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ବୁଝାଏ। ତେଣୁ ଏହାର ଏକ ପ୍ରମୁଖ ସ୍ୱାକ୍ଷରକାରୀ ହିସାବରେ ଭାରତ ଏହାକୁ ଆଖି ଆଗରେ ରଖି ବାଲ୍ୟବିବାହ ନିରୋଧ ଆଇନ, ଶିଶୁ ଶ୍ରମିକ( ନିରୋଧ ଏବଂ ନିୟନ୍ତ୍ରଣ) ଆଇନ ଇତ୍ୟାଦି ପ୍ରଣୟନ କରିଛି। ଶିଶୁ ଶ୍ରମିକ (ନିରୋଧ ଏବଂ ନିୟନ୍ତ୍ରଣ) ଆଇନ ୨୦୧୬ ଅନୁଯାୟୀ ୧୪ ବର୍ଷ ତଳକୁ କେବଳ ପାରିବାରିକ ବ୍ୟବସାୟ,କୌଳିକ ବୃତ୍ତିରେ ସହଯୋଗ କରିବା ତଥା ସିନେମା ଇତ୍ୟାଦିରେ ଅଭିନୟ କରିବାକୁ ଅନୁମତି ପ୍ରଦାନ କରିଅଛି। ଠିକ୍ ସେହିଭଳି ପ୍ରଥମ ଥର ସକାଶେ ୧୪ରୁ ୧୮ ବର୍ଷ ବୟସର ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଏହି ଆଇନ ପରିସରଭୁକ୍ତ କରାଯାଇଥିବା ବେଳେ ଆଇନରେ ମାତ୍ର ତିନୋଟି ବିପଦପୂର୍ଣ୍ଣ କ୍ଷେତ୍ରରେ କାମ କରିବାକୁ ବାରଣ କରାଯାଇଛି। ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଦ୍ୱାରା କିଛିଦିନ ପୂର୍ବରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୧୫ରୁ ୧୮ ବର୍ଷ ମଧ୍ୟରେ ପାଠ ଛାଡ଼ିଥିବା ବା ଆଦୌ ପାଠ ପଢ଼ି ନ ଥିବା ବାଳିକାମାନଙ୍କ ମଧ୍ୟରୁ ଶତକଡ଼ା ୬୫ ଭାଗ ଘରୋଇ କାମରେ ନିୟୋଜିତ। ଉଭୟ ବାଳକ ଓ ବାଳିକାଙ୍କ ସଂଖ୍ୟା ଦେଖିଲେ ଏହାର ପରିମାଣ ଆହୁରି ଅଧିକ ହେବ। ରିପୋର୍ଟ ଆଧାରରେ ୧୫–୧୮ ବର୍ଷ ବୟସର ୩୯.୪ ପ୍ରତିଶତ କିଶୋରୀ ଏବଂ ୩୫ ପ୍ରତିଶତ କିଶୋର କୌଣସି ଶିକ୍ଷାନୁଷ୍ଠାନ ବା ତାଲିମ କେନ୍ଦ୍ରରେ ନାହାନ୍ତି। ତେଣୁ କପଡ଼ା ଦୋକାନରେ କାମ କରିବା ବା ବିପଦପୂର୍ଣ୍ଣ କ୍ଷେତ୍ର ଛାଡ଼ି ଦିନମଜୁରିଆ ଭାବେ କାମ କରିବାକୁ ଯଦିଓ ମନା କରାଯାଇ ନ ଥିବା ଆଇନକୁ ତର୍ଜମା କଲେ ସ୍ପଷ୍ଟ ହେଉଛି ତଥାପି ଏଭଳି ସ୍ଥଳେ ଶିଶୁର ସଂଜ୍ଞାକୁ ପ୍ରାଥମିକତା ଦେଇ ପାଠ ଛାଡ଼ିଦେଇଥିବା ୧୫ରୁ ୧୮ ବର୍ଷ ବୟସର ବ୍ୟକ୍ତିବିଶେଷଙ୍କୁ ବୁଝେଇ ଶୁଝେଇ ପୁନର୍ବାର ଶିକ୍ଷାୟତନକୁ ଫେରାଇବା ଶିଶୁ ଅଧିକାର ସୁରକ୍ଷା ଦିଗରେ ଆଉ ଏକ ଫର୍ଦ୍ଦ ଯୋଡ଼ିହେଲା ବୋଲି ନିଶ୍ଚିତ ଭାବରେ କୁହାଯାଇପାରେ। କିଶୋର ନ୍ୟାୟ (ଯତ୍ନ ଏବଂ ସୁରକ୍ଷା) ଅଧିନିୟମ ୨୦୧୫ରେ ପ୍ରାବଧାନତା ଅନୁଯାୟୀ ଆଫ୍‌ଟର କେୟାର ମାଧ୍ୟମରେ ଶିଶୁଯତ୍ନ ଅନୁଷ୍ଠାନ ଛାଡୁଥିବା ୧୮ରୁ ୨୧ ବର୍ଷର ପିଲାମାନଙ୍କୁ ବୈଷୟିକ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି; ଯଦ୍ୱାରା ସେମାନେ ନିଯୁକ୍ତି ପାଇପାରିବେ। ଆହୁରି ମଧ୍ୟ ଅନୁଷ୍ଠାନ ଛାଡ଼ିବାକୁ ଥିବା ଶିଶୁମାନଙ୍କୁ ଆଖି ଆଗରେ ରଖି ୧୮ ବର୍ଷ ପୂର୍ବରୁ ଅନୁଷ୍ଠାନରେ ରହଣି ସମୟରେ ଯେତେଦୂର ସମ୍ଭବ ଭୋକେଶନାଲ/ବୈଷୟିକ ତାଲିମ ପ୍ରଦାନ କରାଯିବା ଫଳରେ ସେମାନେ ୧୮ ବର୍ଷରେ ଅନୁଷ୍ଠାନ ଛାଡ଼ିବା ବେଳକୁ ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇପାରୁଥିବେ। ବର୍ତ୍ତମାନର ଏହି ପୁନଶ୍ଚ ଶିକ୍ଷା ଗ୍ରହଣ ଦ୍ୱାରା କେବଳ ଆନୁଷ୍ଠାନିକ ଯତ୍ନ କାହିଁକି ବରଂ ଅଣ–ଆନୁଷ୍ଠାନିକ ଯତ୍ନ କ୍ଷେତ୍ରରେ ମଧ୍ୟ ଶିଶୁ ଅଧିକାର ସୁରକ୍ଷା ଦିଗରେ ଆଉ ପାଦେ ଆଗକୁ ବୋଲି କୁହା ଯାଇପାରେ। ପ୍ରଧାନମନ୍ତ୍ରୀ ଦକ୍ଷତା ବିକାଶ ଯୋଜନାରେ ୨୦୨୦ ସୁଦ୍ଧା କୋଟିଏ ଯୁବକ ଯୁବତୀଙ୍କ ଦକ୍ଷତା ବୃଦ୍ଧି ସକାଶେ ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ଦୀନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା,ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ର ଇତ୍ୟାଦି ମାଧ୍ୟମରେ ସିଲେଇ,କମ୍ପ୍ୟୁଟର ଭଳି ବିଭିନ୍ନ ବିଷୟରେ ତାଲିମର ବ୍ୟବସ୍ଥା ଯଦିଓ ଅଛି ତଥାପି ୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କ ପାଇଁ କେବଳ ସମସ୍ତ ସୁବିଧା ରହିଛି। ଆଉ ମଧ୍ୟ ଭାରତରେ ମୋଟ ଜନସଂଖ୍ୟାର ୨୦ ବର୍ଷରୁ କମ୍ ବୟସ୍କଙ୍କ ସଂଖ୍ୟା ୪୧ ପ୍ରତିଶତ ହୋଇଥିବାବେଳେ କେବଳ ୧୪–୧୮ ବର୍ଷ ବୟସ ଗୋଷ୍ଠୀର କିଶୋର କିଶୋରୀଙ୍କ ସଂଖ୍ୟା ୫୦ କୋଟି। ତେଣୁ ମାଟ୍ରିକ ପରେ ପାଠରେ ଡୋରି ବାନ୍ଧି ଦେଉଥିବା ହଜାର ହଜାର ପିଲାଙ୍କୁ ପାଠ ପଢ଼ାକୁ ଫେରାଇପାରିଲେ ଗୋଟିଏ ଗୁଳିରେ ଦୁଇଟି ଶିକାର ହୋଇପାରିବ,ଯଥା ଶିଶୁ ୧୮ ବର୍ଷରେ ପଦାର୍ପଣ ନ କରିବା ପର୍ଯ୍ୟନ୍ତ ଶ୍ରମିକ ହିସାବରେ କାମ କରିବେ ନାହିଁ ଏବଂ ବିବାହ ବୟସକୁ ଟାଳି ଦିଆଯାଇପାରିବ।



ତେଣୁ ସରକାର ଯଦି ବାବୁପାଲି ଭଳି ଉଦାହରଣ ସବୁ ଏକତ୍ରକରି ନିଜ ନୀତିରେ ସୁଧାର ଆଣନ୍ତେ ଏବଂ କେବଳ ତିନୋଟି କ୍ଷେତ୍ରକୁ ୧୪ରୁ ୧୮ ବର୍ଷ ପିଲାଙ୍କୁ ବାରଣ କରିବା ପରିବର୍ତ୍ତେ ୧୮ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ଶିଶୁ ଶ୍ରମିକ ହିସାବରେ କାମ କରିବାକୁ ନିଷେଧ କରନ୍ତେ ଆମେ ଆହୁରି ମାତ୍ରାରେ ଉତ୍ପାଦନକ୍ଷମ ନାଗରିକ ସୃଷ୍ଟି କରିପାରନ୍ତେ।

**ମୋ–୯୪୩୭୫୭୧୮୩୧**

# ତଳ ଦେଶର ଲୋକ



ଦ୍ୱିତୀ ଚନ୍ଦ୍ର ସାହୁ

ପାରମ୍ପରିକ ବାଜା ବାଜୁଥିଲା। ଢାମ୍ପ, ମହୁରୀ ଓ ଡୁଡୁମର ନାଦରେ ଗଗନ ପବନ କମ୍ପି ଉଠୁଥିଲା। ଗୁରୁମାଇ ସବୁ ଧଳାଲୁଗା ପିନ୍ଧି ମନ୍ତ୍ର ପଢ଼ୁଥିଲେ। ଅଲିଖିତ ଧାରାରେ ନାଚୁଥିଲେ ସେମାନେ। ବାକି ଗାଁ ଲୋକ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ନିଜ ଇଚ୍ଛାରେ ନାଚୁଥିଲେ। ଗାଁରେ ଏକପ୍ରକାର ଉତ୍ସବର ପରିବେଶ। ସମସ୍ତେ ଉନ୍ମାଦ ଓ ଅତିଶୟ ଉତ୍ସାହିତ। ପୁରୁଷ ଦେବତା ସଦରଘର କାନ୍ଥରେ କୁମାରୀ ଝିଅ ସବୁ ପାରମ୍ପରିକ ଡଙ୍ଗରିଆ ଚିତା କାଟୁଥିଲେ। ସଜଉଥିଲେ ଦେବତାଙ୍କ ଘର। କୁଟେଇବାଲି ଦେବୀ ନିକଟରେ ଗୁରୁମାଇଙ୍କ ଗହଳି। ମନ୍ତ୍ର ସହ ବଳିପଡୁଛି ପଶୁପକ୍ଷୀ। ଏମିତି ଏକ ଅଦ୍ଭୁତ ପରିବେଶ ଡଙ୍ଗରିଆ ଗାଁରେ। ଚାଲିଛି ମେରିଆ ପରବ। ହଠାତ୍ ଏକ ଦଉଡ଼ିଆ ଖଟ ଆସିଲା। ବୟସ୍କ ଡଙ୍ଗରିଆ ଜଣକ ଆସି କହିଲେ– ମାହାପ୍ରୁ! ଖଟରେ ବସ! ସ୍ୱାଭାବିକ ଭାବେ ବସିଗଲି। ଭାବିଲି ବସିବାକୁ ଏମିତି ସଜବାଜ। ପାଖରେ ଥିବା କିଛି ଡଙ୍ଗରିଆ ଯୁବକ ଦଉଡ଼ିଆ ଖଟକୁ ଧରିଲେ। ଖୁରାଗୁଡ଼ିକୁ ଭିଡ଼ି ଧରି ଶୂନ୍ୟକୁ ଟେକିଲେ। କିଛି ପଚାରିବା ଆଗରୁ ଝୁଲେଇ ଝୁଲେଇ ଗାଁ ଦେବତା ସଦର ଘର ଚାରିପଟେ ବୁଲେଇବାକୁ ଲାଗିଲେ। ଆଗରେ ଆଉ କିଛି ଯୁବକ କିର୍ଲି ମାରି ଘୂରୁଥିଲେ। ଉପରେ ବସି ଗାଁକୁ ଦେଖିଲି। ଖଟ ସହ ବୁଲୁଥିଲା ଗାଁ, ଘର, ଡଙ୍ଗର, ଝୁଲା ଝରଣା। ତିନିଥର ବୁଲେଇଲା ପରେ ତଳେ ଥୋଇଦେଲେ। କିଛି ବି ଜାଣିପାରୁ ନ ଥିଲି। ପୁଣି ସେଇ ବୟସ୍କ ଡଙ୍ଗରିଆ ଆସି କହିଲେ– ଡରିଗଲୁ କି ମାହାପ୍ରୁ! ଇମିତି କା ଆମ ଦେଶରେ ଚାଲିଛି। ତୁଇ ତଳ ଦେଶର ଲୁକ। ଆମର କୁଣିଆ। ତୋତେ ସମ୍ମାନ ନ ଦେଲେ ଆମ ଗାଁକୁ ନିନ୍ଦା। ଆଉ ଜଣେ କୁଣିଆକୁ ଏମିତି ସମ୍ମାନ ଦେବାକୁ ଚାଲିଗଲେ। ତା’ପରେ ଚକିତ ହୋଇଗଲି।

ଡଙ୍ଗରିଆଙ୍କ ହିସାବ ଅଲଗା। ନିୟମଗିରି ପାହାଡ଼ ତଳେ ରହୁଥିବା ଅଞ୍ଚଳ ତଳ ଦେଶ। ପାହାଡ଼ ଉପରେ ତାଙ୍କ ରାଇଜ। ସେଠି ଯିଏ ରହନ୍ତି ତାଙ୍କ ନିଜର ଲୋକ ବୋଲି ଭାବନ୍ତି। ବାକି ସମସ୍ତେ ତଳ ଦେଶର ଲୋକ। ସେମାନଙ୍କ ପାଇଁ ଅତିଥି। ନିୟମଗିରିର ଉତ୍ପାଦିତ ଫସଲକୁ ତଳ ଦେଶର ଲୋକଙ୍କ ନଜର। ଖାଲି ଫସଲ ନୁହେଁ, ଡଙ୍ଗରିଆଙ୍କ ପ୍ରତି ଭିନ୍ନ ଦୃଷ୍ଟିଭଙ୍ଗୀ। ଅଶିକ୍ଷିତ ଓ ଆଦିମର ଆଖ୍ୟା ଦେଇ ଆମ ନିକିତିରେ ତଉଲୁଥାଉ। ସେଥିପାଇଁ ଡଙ୍ଗରିଆ ଯୁବତୀ ମୁଣ୍ଡରେ ବୋହି ଆଣୁଥିବା ଫସଲକୁ ତା’ ଇଚ୍ଛା ବିରୋଧରେ ଟାଣିନିଏ ବେପାରୀ। ଜୋର କରି କମ୍ ପଇସାଦିଏ। ସେତିକି ନ ହେଲେ ରାସ୍ତା କଡ଼ରେ ପସରା ଧରି ଗରାଖ ଅପେକ୍ଷାରେ ଥିବା ଡଙ୍ଗରିଆ ଯୁବତୀ ସାମ୍ନା କରେ ତଳ ଦେଶର ଲୋକଙ୍କୁ। ମୂଲାମୂଲି କରି ପସନ୍ଦ ହେଲେ କିଣେ ଗରାଖ। ଅଧିକରୁ ଅଧିକ ଶସ୍ତାରେ ଯେମିତି ଜିନିଷ ମିଳିବ ସେଇ ମାନସିକତାରେ ତଳ ଦେଶର ଲୋକ। ଡଙ୍ଗରିଆ କ’ଣ ପାଏ, କ’ଣ ହଜାଏ ହିସାବ କରେନି। ତାକୁ ଲୋଡ଼ା ସଦ୍ୟ ପଇସା। ସେ ଯେମିତି ହେଉ ବିକିବ ଜିନିଷ। ବିକିଲେ ତା’ ଦେଶକୁ ନେବ ତେଲ ଲୁଣ ଶୁଖୁଆ। ଆଉ ମଦ ପିଇବ। ସେଥିପାଇଁ ଉଦାର ହୃଦୟରେ ଦେଇଦିଏ ତା’ ଜିନିଷ କମ ମୂଲ୍ୟରେ।



ବଦଳିଛି ତଳ ଦେଶ। ବଦଳିଛନ୍ତି ତଳ ଦେଶର ଲୋକ। ଆଗ ପରି ଗାଁରେ ଆତିଥେୟତା ନାହିଁ। ଦିନ ଥିଲା ଗାଁକୁ ଯିଏ ଆସୁଥିଲା ସେ ଗାଁର ଅତିଥି। ପରିଚୟ ଓ ସମ୍ପର୍କ ନ ଥିଲେ ବି ସମସ୍ୟା ନାହିଁ। ଖାଇବା ବେଳରେ ପହଁଚିଲେ ଅତିଥି ଖାଲି ପେଟରେ ଫେରିବନି କେବେ। ମଠ ମନ୍ଦିରରେ ଅଭ୍ୟାଗତ ଖଞ୍ଜା ହୋଇଥିବ ବାହାର ଆଗନ୍ତୁକଙ୍କ ପାଇଁ। କିଛି ନ ହେଲେ ବି ଗାଁ ଭାଗବତ ତୁଙ୍ଗିରେ ରହିବା ଓ ଖାଇବା ଲାଗି ବ୍ୟବସ୍ଥା ହେବ ତୁରନ୍ତ। ଜଣଙ୍କର ସମ୍ପର୍କୀୟ ଗାଁର ସମସ୍ତଙ୍କର ସମ୍ପର୍କୀୟ। ଦେଖୁ ଦେଖୁ ଖୋଲିଯାଏ ଆତ୍ମୀୟତାର ପସରା। କୁଶଳ ଜିଜ୍ଞାସା। ଏବେ ଗାଁର ପରିବେଶ ଉନ୍ମୁକ୍ତ। ସହର ସହର ବାସୁଛି ଗାଁ। ଘର–ଘର ଭିତରେ ଅପଡ଼। ସାହି–ସାହି ଭିତରେ ସଂଘର୍ଷ। ସବୁଠି ରାଜନୀତି। ଭାବର ଅଭାବ। ଈର୍ଷା ଓ ପରଶ୍ରୀକାତରତାରେ ଗିଳି ହୋଇପଡିଛି ଗାଁ। ସମ୍ପର୍କୀୟଙ୍କ ଭିତରେ କନ୍ଦଳ। ମନାନ୍ତର ଓ ମତାନ୍ତର। ପରପିଢ଼ି ଭିତରେ ଉତ୍ତମ ସମ୍ପର୍କର ଅଭାବ। ମାରପେଞ୍ଚ ଭିତରେ ଗାଁ ବୁକେଇ ପଡିଛି। ବଦଳି ଚାଲିଛି ଲୋକଙ୍କ ମାନସିକତା। ପରର ସୁବିଧା ଚୁଲିକି ଯାଉ। ନିଜ ଘର ପରିବାର ଭଲରେ ଥାଉ। ଅର୍ଥ ସର୍ବସ୍ୱ ଦୁନିଆ ଭିତରେ ସ୍ନେହ, ମମତା, ଆତ୍ମୀୟତା ସର୍ବୋପରି ସମ୍ପର୍କ ପାଣିଚିଆ। ଡଙ୍ଗରିଆ ଅଞ୍ଚଳର ବି ପରିବେଶ ବଦଳିଛି। ରାସ୍ତା ଖୋଲିଛି। ତଳଦେଶକୁ ବାଟ ଫିଟିଛି। ଡଙ୍ଗରିଆଙ୍କ ଗାଁ ପରିବେଶ ଆଗ ପରି ନାହିଁ। ରୁକ୍ଷ ହୋଇପଡିଛି ଡଙ୍ଗର ପାହାଡ଼। ଗାଁରେ ଆଧୁନିକତାର ସ୍ପର୍ଶ। ଶିକ୍ଷିତ ହେବାରେ ଲାଗିଛି ଡଙ୍ଗରିଆ। ବଦଳିଛି ବଞ୍ଚିବା ତରିକା। ତଥାପି ବଦଳିନି ନିୟମଗିରିର ନିୟମ। ଏଠି ନିୟମରାଜା ହିଁ ସର୍ବେସର୍ବା। ନିୟମରାଜାର ସନ୍ତାନ ହେଉଛନ୍ତି ଡଙ୍ଗରିଆ। ତା’ରି ଅଦୃଶ୍ୟ ଆଦେଶରେ ଚାଲେ ନିୟମଗିରିର ରାଇଜ। ଡଙ୍ଗରିଆ ଡରେ ନିୟମରାଜାକୁ। ଭୟ ଓ ଭକ୍ତି କରେ କୁଟେବାଲି ଓ ସଦରଘରକୁ। ଜଗିରଖି କାମ କରେ। ଉଚ୍ଛୃଙ୍ଖଳ ହୁଏନି କି କାହାକୁ ହେବାକୁ ଦିଏନି। ଗାଁ–ଗାଁ ଭିତରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ। ଏକାଠି ହୋଇ ଚଳିବାର ପ୍ରବଣତା ତଥାପି ବଳବତ୍ତର। ନିୟମଗିରିର ସୁରକ୍ଷା ପାଇଁ ସମସ୍ତେ ଜାଗ୍ରତ। ତାକୁ ହଡ଼ପ କରି ନେବାକୁ ଟାକି ବସିଥିବା କମ୍ପାନୀ ଓ ତା’ ସହିତ ଜଡ଼ିତ ମଣିଷମାନେ ତା’ର ଶତ୍ରୁ। ତଳଦେଶର ଲୋକଙ୍କ ମାନସିକତାକୁ ସେ ପଢ଼ିଛି ଓ ବୁଝିଛି। ମାର୍ମିକ ଅନୁଭବକୁ ସାଉଁଟିଛି। ସେମାନଙ୍କ ଚଞ୍ଚକତାର ଶିକାର ହେଉଛି ନିତିଦିନ। କିନ୍ତୁ ସମ୍ପର୍କ କେବେ ତୁଟେଇନି। ବରଂ ତାଙ୍କ ସହ ସଂଲଗ୍ନ ଭାବରେ ସେ ବଢ଼ିଆସିଛି ଓ ଆଗକୁ ବି ବଢ଼ିବ। ଏଇ ନୀତିରେ ସେ ଚାଲିଛି। ଏଇ ଉଦାରପଣରେ ଗାଁକୁ ଆସୁଥିବା ସବୁ ମଣିଷ ତା’ ପାଇଁ କୁଣିଆ ବା ଅତିଥି। ସମ୍ମାନ ଦେବା ଡଙ୍ଗରିଆର ଧର୍ମ। ସେଥିପାଇଁ ଉପର ଦେଶର ଗାଁରେ ପାଦଦେଲେ ତଳ ଦେଶର ଲୋକ ପାଲଟିଯାଆନ୍ତି ମାହାପ୍ରୁ ଲୋକ। କିର୍ଲି ଓ ସୁସୁକାରୀ ଶବ୍ଦରେ ଭାବନା ରାଇଜରୁ ଫେରିଲା ବେଳକୁ ଦେଖିଲି ଆଉ ଜଣେ ତଳ ଦେଶର ଲୋକ ବସିଥିଲା ଖଟିଆ ଉପରେ। ଖଟିଆ ବୁଲୁଥିଲା ଶୂନ୍ୟରେ। ଝଲସୁଥିଲା ଖୁସି ଡଙ୍ଗରିଆଙ୍କ ମୁହଁରେ।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ସମସ୍ତେ ଭିନ୍ନ ଭିନ୍ନ ଡିଜାଇନର ଆକର୍ଷଣୀୟ ଘର କରୁଛନ୍ତି କିନ୍ତୁ ବେଙ୍ଗାଲୁରୁର ଦମ୍ପତି ଶ୍ରୀନି ଏବଂ ସୁଷମା ଏଭଳି ଘର ନିର୍ମାଣ କରିଛନ୍ତି, ଯେଉଁଥିରେ ବିଦ୍ୟୁତ ଓ ପାଣି ପାଇଁ ବାହାର ଉପରେ ନିର୍ଭର କରିବାକୁ ପଡୁନାହିଁ। ଘରେ ସବୁଜ ଶକ୍ତିର ଉପଯୋଗ ଏବକାର ସମୟର ଆହ୍ୱାନ ହୋଇଥିବାବେଳେ ସେମାନେ ଉକ୍ତ ଘରେ ତାହା ପ୍ରମାଣିତ କରିପାରିଛନ୍ତି। ସେମାନେ ଘରକୁ କାଠ, ଇଟା ଓ ପ୍ଲାଷ୍ଟର ପାରିସରେ ନିର୍ମାଣ କରିଛନ୍ତି। ଏହି ଦୁଇ ମହଲା ଘରକୁ ୨୦୧୬ରେ ଆରମ୍ଭ କରି ୨୦୧୮ରେ ଶେଷ କରିଥିଲେ। ଏହି ଘରେ ସେମାନେ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଘରର ସବୁ ଜଳ ଆବଶ୍ୟକତା ଏଥିରେ ପୂରଣ କରୁଛନ୍ତି। ଏହାକୁ ଫିଲଟର କରି ପାନୀୟ ଜଳ ଭାବେ ବି ବ୍ୟବହାର କରୁଛନ୍ତି। ଉତ୍ପାଦିତ ୨ କିଲୋୱାଟ ସୌର ବିଦ୍ୟୁତ୍‌ରେ ଘରର ସବୁ କିଛି ଚାଲୁଛି। ଶକ୍ତି ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନଜନିତ ବିପଦକୁ ଟାଳିବା ଲାଗି ବାସ୍ତବରେ ଏଭଳି ଏକ ଶତପ୍ରତିଶତ ପରିବେଶ ଉପଯୋଗୀ ଘର ଅତ୍ୟନ୍ତ ଉପଯୋଗୀ ବୋଲି କହନ୍ତି ଶ୍ରୀନି।

## ୨୫ ବର୍ଷ ତଳର ଧରିତ୍ରୀ

୯ ମେ ୧୯୯୮

- ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ମନୋହର ଯୋଶୀଙ୍କ କ୍ୟାବିନେଟ୍‌ରୁ ଜଙ୍ଗଲ ମନ୍ତ୍ରୀ ଗଣେଶ ନାଏକ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଗୋବିନ୍ଦରାଓ ଚୌଧୁରୀ ବହିଷ୍କୃତ।
- ବେଲ୍‌ଜିୟମ ସ୍କ୍ୱାଶ ଚାମ୍ପିୟନଶିପ୍‌ର ୧୬ ବର୍ଷରୁ କମ୍ ବିଭାଗରେ ଭାରତର ରିଆ ଭଣ୍ଡାରୀଙ୍କ ଜୁନିୟର ଆନ୍ତର୍ଜାତିକ ଟାଇଟଲ ହାସଲ।
- କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଏଲ୍.କେ. ଆଡଭାନୀଙ୍କ ସମେତ ମାନବ ସମ୍ବଳ ମନ୍ତ୍ରୀ ମୁରଲୀ ମନୋହର ଯୋଶୀ ଓ ରାଷ୍ଟ୍ରମନ୍ତ୍ରୀ ଉମା ଭାରତୀଙ୍କୁ ବରଖାସ୍ତ କରାଯିବା ନେଇ ଆଗତ ଏକ ଜନସ୍ୱାର୍ଥ ସମ୍ବଳିତ ପିଟିସନ ଦିଲ୍ଲୀ ହାଇକୋର୍ଟରେ ଖାରଜ।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରହସନ ବନ୍ଦ ହେଉ

ମହାଶୟ,

ସରକାରଙ୍କ ବସ୍‌ଭଡ଼ା ଘୋଷଣା ପ୍ରହସନ ପରି ଲାଗୁଛି। ଏକ୍ସପ୍ରେସ୍, ଡିଲକ୍ସ, ସାଧାରଣ ବସଭଡ଼ା ଖବରକାଗଜ, ରେ ବିଶଦ ଭାବେ ବାହାରୁଛି, କିନ୍ତୁ କେହି ମାନିବା ଦେଖାଯାଉ ନାହିଁ। ଆମ ଗାଁରୁ କଟକ ମାତ୍ର ୪୦ କିଲୋମିଟରରୁ କମ୍। ମାତ୍ର ବସ୍ ଭଡ଼ା ୫୦ ଟଙ୍କା। ସେହିପରି କଟକରୁ ଭୁବନେଶ୍ୱର ମାତ୍ର ୨୫ରୁ ୩୦ କିଲୋମିଟର । ସାଧାରଣ ବସ୍‌ରେ ୫୦ ଟଙ୍କା ଦେବାକୁ ବାଧ୍ୟ। ସବୁ ବସ୍ ବରମୁଣ୍ଡା ଯାଏ ଭଡ଼ା ଦାବି କରୁଛନ୍ତି। ଗାଡ଼ିରେ ଧାନ ବସ୍ତା ପରି ଲୋକଙ୍କୁ ଭର୍ତ୍ତି କରି ନେଉଛନ୍ତି। ଅଭିଯୋଗ ଶୁଣିବାକୁ ବା ଶୃଙ୍ଖଳିତ କରିବାକୁ କେହିନାହାନ୍ତି। ହେଲ୍‌ମେଟ୍ ଚେକିଂ ପାଇଁ, ନମ୍ବର ନବୀକରଣ ପାଇଁ ବିଭାଗ ତତ୍ପର। ମାତ୍ର ଯାତ୍ରୀ ସଂଖ୍ୟା ଜଗିବାକୁ କେହି ଆଗ୍ରହ ଦେଖାଉ ନାହାନ୍ତି। ‘ମୋ ବସ୍’ ବି ସାଧାରଣ ବସ୍ ଭଡ଼ା ନେଉନାହିଁ। ତେଣୁ ଏ ଘୋଷଣା ପ୍ରହସନ ବନ୍ଦ ହୋଇଯିବା ଆବଶ୍ୟକ। ସ୍ୱଚ୍ଛ ଭାରତ, ପରିବେଶ ସୁରକ୍ଷା, ଡାକବାଜି ଯନ୍ତ୍ର ନିୟନ୍ତ୍ରଣ, ଗୁଟ୍‌ଖା, ସିଗାରେଟ୍ ନିଷେଧ କେବଳ ସରକାରଙ୍କ ଲୋକଦେଖାଣିଆ। ଖବରକାଗଜରେ ବିଜ୍ଞାପନ ପ୍ରହସନ ବନ୍ଦ ହେବା ଜରୁରୀ।

**–ଡାକ୍ତର ରାଜୀବ ଷଡ଼ଙ୍ଗୀ, ସୂର୍ଯ୍ୟ ନିଳୟମ, କୁଣ୍ଡି, କୁମୁଡ଼ା ଜୟପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆପଦର ବହ୍ନି ଜାଳି ଜରା ମରଣକୁ
ଉପହସି
ହେଉ ସେ ବିଜୟୀ ବୀର ଦିଅ ତବ
ଆଶିଷ ବରଷି।

–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୯ ମେ, ୨୦୨୩



## ସଂକ୍ଷେପରେ

### ବାଇକ୍ ପୋଡ଼ି ଅଭିଯୋଗ, ଯୁବକ ଗିରଫ

**ନୂଆପଡ଼ା ଅଫିସ,୮।୫:** ନୂଆପଡା ଜିଲା ତରବୋଡ ଫାଣ୍ଡି ଅଧୀନ ଡୁମେରପାଣି ଗ୍ରାମରେ ରବିବାର ରାତ୍ରିରେ ବାଇକ ପୋଡି ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଡୁମେରପାଣି ଗାଁର ଘାସିରାମ ସୁନାନୀ (୩୬)। ସୂଚନାମତେ ଲଖନା ଥାନା ସିଲଭା ଗ୍ରାମର ବୃନ୍ଦାବନ ପରାଭୋଇଙ୍କ ଏକ ବାଇକ୍ (ନ.ଓଡି୨୬-୬୬୨୫) ତାରବୋଡ ଫାଣ୍ଡି ଅଧିନ ଦର୍ଲିପଡା ଗାଁର ବଳରାମ ପରାଭୋଇ ଭଉଣୀ ଜ୍ୱାଇଁ କୌଣସି କାମରେ ଯିବା



ପାଇଁ ବଡଶାଳକ ବୃନ୍ଦାବନଙ୍କଠାରୁ ମାଗି ଆଣିଥିଲେ। ସେହି ବାଇକକୁ ଦର୍ଲିପଡା ଗାଁ ପାଖ ଡୁମେରପାଣି ଗାଁର ଘାସିରାମ କୌଣସି କାମରେ ଯିବା ପାଇଁ ମାଗି ଆଣି ରବିବାର ରାତ୍ରି ପ୍ରାୟ ୮ଟାରେ ଘର ସମ୍ମୁଖରେ ବାଇକ ଉପରେ ପେଟ୍ରୋଲ ଢାଳ ନିଆଁ ଲଗାଇ ଦେଇଛି। ବାଇକ୍ ସମ୍ପୂର୍ଣ୍ଣ ପୋଡି ଯାଇଛି। ଏ ନେଇ ତରବୋଡ ଫାଣ୍ଡିରେ ଏକ ମାମଲା (ନଂ. ୧୨୩/୨୩) ରୁଜୁ କରି ଘାସିରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଧିକ ତଦନ୍ତ କରାଯାଉଛି ବୋଲି ତରବୋଡ ଫାଣ୍ଡି ଅଧିକାରୀ ରାମଲାଲ ଜୁରିଆ ସୂଚନା ଦେଇଛନ୍ତି।
ଫଟୋ-ପୋଡି ଯାଇଥିବା ବାଇକ୍।

### ରିଷିଡା ଗ୍ରାମ ଉନ୍ନୟନ କମିଟି କାର୍ଯ୍ୟାଳୟ ଉଦ୍‌ଘାଟିତ



**କର୍ଲାମୁଣ୍ଡା,୮।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଦୁର୍ଗାମଣ୍ଡପ ନିକଟରେ ରିଷିଡାର ସର୍ବୋଚ୍ଚ ବେସରକାରୀ ଅନୁଷ୍ଠାନ ଗ୍ରାମ ଉନ୍ନୟନ କମିଟି କାର୍ଯ୍ୟାଳୟ ସୋମବାର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସେବତୀ ରଣା ଯୋଗଦେଇ ଉଦଘାଟନ କରି ଗ୍ରାମର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସଭାପତି ନନ୍ଦକିଶୋର ରଣାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ନରୋତ୍ତମ ସେଲମା, ସହସମ୍ପାଦକ ଲକ୍ଷ୍ମୀପ୍ରସାଦ ସେଠ, ପୂର୍ବତନ ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ସଞ୍ଜୟ ଜୈନ, ତ୍ରିଶଙ୍କୁ ରଣା, ରଞ୍ଜନ ନାଏକ, ସୁଶାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ କାର୍ଯ୍ୟାଳୟ ନିହାତି ଆବଶ୍ୟକ ଥିଲା। ଏଠାରେ ଗ୍ରାମର ବିକାଶ ନେଇ ବିଭିନ୍ନ ବର୍ଗର ଲୋକେ ଏକତ୍ରିତ ହୋଇ ଆଲୋଚନା କରିବା ସହିତ ସମାଧାନ ଦିଗରେ ପଦକ୍ଷେପ ନେଇ ପାରିବେ ବୋଲି ମତ ପ୍ରକାଶ କରିଥିଲେ।

# ତୃତୀୟ ପର୍ଯ୍ୟାୟରେ ରୂପାନ୍ତରିତ ହେଲା ୧୧୫ ହାଇସ୍କୁଲ



ଭବାନୀପାଟଣାରେ ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥିଗଣ।

**କଳାହାଣ୍ଡି ଜିଲା**
- ଆଭାସି ମାଧ୍ୟମରେ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ
- କୋକରା ବ୍ଲକରେ ୮ ସ୍କୁଲ ସାମିଲ

**ଭବାନୀପାଟଣା/କୋକସରା, ୮।୫(ସ୍ୱ.ପ୍ର./ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ତୃତୀୟ ପର୍ଯ୍ୟାୟରେ ୧୧୫ଟି ସରକାରୀ ହାଇସ୍କୁଲ ୫-ଟି ମାଧ୍ୟମରେ ରୂପାନ୍ତରିତ ହୋଇଛି। ସୋମବାର ଅପରାହ୍ନରେ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ (ଆଭାସି) ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିୟାନ ଉପସ୍ଥିତ ଥିଲେ। ସେହିପରି ଚତୁର୍ଥ ପର୍ଯ୍ୟାୟରେ ଜିଲାର ୮୨ଟି ହାଇସ୍କୁଲକୁ ୫ଟିରେ ସାମିଲ କରାଯିବ ବୋଲି ବିଭାଗୀୟ ସଚିବ କହିଥିଲେ। କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଭବାନୀପାଟଣା ପୋଲିସ ହାଇସ୍କୁଲଠାରେ ଆୟୋଜିତ ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ଧର୍ମଗଡ ବିଧାୟକ ମୌଷଧି ବାଗ, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ନର୍ଲା ବିଧାୟକ ଭୁପିନ୍ଦର ସିଂହ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ପ୍ରମୁଖ ଯୋଗଦେଇଥିଲ। ୫-ଟିର ସଫଳ ରୂପାୟନ ଦ୍ୱାରା ଛାତ୍ରୀଛାତ୍ରମାନେ ଗୁଣାତ୍ମକ ଶିକ୍ଷା, ସ୍ମାର୍ଟ କ୍ଲାସ, ଇ ଲାଇବ୍ରେରୀ, ଅତ୍ୟାଧୁନିକ ବିଜ୍ଞାନଗାରର ସୁବିଧା ନିଜ ବିଦ୍ୟାଳୟରେ ପାଇ ପାରୁଛନ୍ତି ବୋଲି ଅତିଥିମାନେ ଅଭିଭାଷଣରେ କହିଥିଲେ। ସେହିପରି ସ୍ଥାନୀୟ ପୋଲିସ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ନାଏକ ୫-ଟି ହାଇସ୍କୁଲ ଅନୁଭୂତି ଉପରେ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ରୂପାନ୍ତରିତ ହୋଇଥିବା ହାଇସ୍କୁଲର ଶିକ୍ଷକ ପ୍ରତିନିଧିମାନେ ଯୋଗଦେଇଥିଲେ।

ସେହିପରି କୋକସରା ବ୍ଲକରେ ତୃତୀୟ ପର୍ଯ୍ୟାୟରେ ସୋମବାର ୮ ସ୍ମାର୍ଟ ସ୍କୁଲ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଜିଲାର ୧୧୫ଟି ସ୍ମାର୍ଟ ସ୍କୁଲ ରୂପାନ୍ତରିତ ହୋଇଥିବା ବେଳେ କୋକସରା ବ୍ଲକର ଆମପାଣି ଜନଜାତି ଆବାସିକ ବିଦ୍ୟାଳୟ, କାଉଡୋଳା ହାଇସ୍କୁଲ, ବଡ଼ପୋଡ଼ାଗୁଡା ପଞ୍ଚାୟତ ହାଇସ୍କୁଲ, ଗୋଟୋମୁଣ୍ଡା ହାଇସ୍କୁଲ, ଚନ୍ଦ୍ରଭାନୁ ଉଚ୍ଚ ବିଦ୍ୟାଳୟ ଚିକିଲି, ଫୁପଗାଁ ହାଇସ୍କୁଲ, କାଶିବାହଲ ହାଇସ୍କୁଲ ଓ ଧନସରା ଏସଏସଡି ହାଇସ୍କୁଲ ସାମିଲ ହୋଇଛି। ସ୍ମାର୍ଟ ସ୍କୁଲ ରୂପାନ୍ତରିତ ଲୋକର୍ପଣ ଉତ୍ସବ କାର୍ଯ୍ୟକ୍ରମ ବିଡିଓ ଉତ୍ତମ କୁମାର ବାଗ, ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝି ଉପସ୍ଥିତ ରହିଥିଲେ। ଉତ୍ସରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହାସହ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଅଭିଭାବକ, ସ୍କୁଲ ପରିଚାଳନା କମିଟି ସଦସ୍ୟ, ଜନପ୍ରତିନିଧିମାନେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ସ୍ମାର୍ଟ ସ୍କୁଲ ଲୋକାର୍ପଣ ସରିଥିଲେ ମଧ୍ୟ କୋକସରା ବ୍ଲକର ବିଭିନ୍ନ ସ୍କୁଲରେ ରୂପାନ୍ତରିତ କାର୍ଯ୍ୟ ସମ୍ପାଦନ ଶେଷ ହୋଇ ନ ଥିବା ଦେଖିବାକୁ ମିଳିଛି।

# ଥଇଥାନ, ଜମି ବୁଡ଼ି କ୍ଷତିପୂରଣ ରାଶି ପାଇଁ ଦାବିପତ୍ର



ଦାବିପତ୍ର ଦେବା ପାଇଁ ଆସିଥିବା ଛତିଶଗଡ଼ବାସୀ।

**ନୂଆପଡ଼ା ଅଫିସ,୮।୫**

ନୂଆପଡା ସଦର ବ୍ଲକ ଅପରଜୋଙ୍କ ଜଳ ସେଚନ ପ୍ରକଳ୍ପ ପତୋରା ନିର୍ମାଣ ସମୟରେ ଅଧିକାଂଶ ଲୋକଙ୍କ ଜମି ବୁଡି ଯାଇଯାଛି। ହେଲେ ଆଜି ପର୍ଯ୍ୟନ୍ତ ଥଇଥାନ ରାଶି କିମ୍ବା ଜମି ବୁଡି କ୍ଷତି ପୂରଣ ଟଙ୍କା ପାଇ ନାହାନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ଥଇଥାନ, ଜମି ବୁଡି କ୍ଷତି ପୂରଣ ରାଶି ପାଇଁ ଜିଲାପାଳ ହେମକାନ୍ତ ସାଏଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ ୧୯୮୧-୮୨ରେ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ପତୋରା ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରାଯାଇଥିଲା। ସେହି ସମୟରେ କେରମେଲି ପଞ୍ଚାୟତ ମାରାଗୁଡା ଗାଁର ରୂପସିଂ କଅଁର ପିତା-ପିଲାଲାଲ କଅଁର ଓ ତାତି କଅଁର ନାମରେ ମାରାଗୁଡା ମୌଜା, ଖାତାନଂ-୭୨ରେ ୧୮ ଏକର ୭୭ ଡିସମିଲ ଜମି ରହିଥିଲା। ସମ୍ପୂର୍ଣ୍ଣ ବୁଡି ଅଞ୍ଚଳ ଘୋଷଣା ହେବାରୁ ଏମାନେ ମାରାଗୁଡା ଗାଁ ଛାଡି ଛତିଶଗଡ ଗରିଆବନ୍ଧ ଜିଲା, ଛୁରା ଥାନା ଭ୍ୟାସାମୁଣ୍ଡା ଗାଁକୁ ଯାଇ ରହୁଛନ୍ତି। ପ୍ରକଳ୍ପ ନିର୍ମାଣ ହୋଇ ୪୦ ବର୍ଷରୁ ଊର୍ଦ୍ଧ୍ୱ ହୋଇ ଯାଇଥିଲେ ମଧ୍ୟ ଥଇଥାନା ରାଶି କିମ୍ବା ଜମି ବୁଡିର କ୍ଷତି ପୂରଣ ରାଶି ପାଇ ନାହାନ୍ତି। ଜମିଦାରମାନଙ୍କ ମୃତ୍ୟୁ ହୋଇ ଯାଇଥିବାରୁ ତାଙ୍କ ପରିବାର ତଥା ପୁଅବୋହୂମାନେ ଦାବି କରୁଛନ୍ତି। ସୋମବାର ଉର୍ମିଳା କଅଁର, ସ୍ୱାମୀ ଭବସିଂ କୁଅଁର ଥଇଥାନ ରାଶି ଓ ଜମି ବୁଡି କ୍ଷତି ପୂରଣ ରାଶି ଶୀଘ୍ର ପ୍ରଦାନ କରିବା ପାଇଁ ଛତିଶଗଡରୁ ଆସି ଜିଲାପାଳ ସାଏଙ୍କୁ ଏକ ଦାବିପତ୍ର ଦେଇ ଯାଇଛନ୍ତି।

## ପାଷ୍ଟିକୁଡି ୫-ଟି ସ୍କୁଲ ଉଦ୍‌ଘାଟିତ

**କେସିଙ୍ଗା,୮।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ନିର୍ମାଣ ହୋଇଥିବା ୫ଟି ସ୍କୁଲ ଉଦ୍‌ଘାଟନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫେନ୍ସ ଦ୍ୱାରା ସୋମବାର ଉଦଘାଟନ କରିଛନ୍ତି। କେସିଙ୍ଗା ବ୍ଲକରେ ୧୦ଟି ୫-ଟି ସ୍କୁଲ ମଧ୍ୟରୁ ପାଷ୍ଟିକୁଡି ସରକାରୀ ଉଚ୍ଚ ବିଦ୍ୟାଳୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସ୍କୁଲ ବ୍ଲକରେ ପ୍ରଥମ ହୋଇଥିବା ବିଡିଓ ପ୍ରଫୁଲ୍ଲ କୁମାର ଅଦୁ ପ୍ରକାଶ କରିଛନ୍ତି। ଏହି ସ୍କୁଲରେ କେସିଙ୍ଗା ବ୍ଲକର ସବୁଠାରୁ ଭିନ୍ନ ଧରଣ ପ୍ରକାରରେ ନିର୍ମାଣ କରାଯାଇଛି। ଏହି ସ୍କୁଲରେ ଖେଳ ପଡିଆ, ବ୍ୟାଡ଼ମିଣ୍ଟନ ପଡିଆ, ମୁଖ୍ୟ ଗେଟ, ବିଭିନ୍ନ ପ୍ରକାର ରଙ୍ଗ ବେରଙ୍ଗରେ ସାଜ ସଜ୍ଜାରେ ନିର୍ମାଣ କରାଯାଇଥିବାରୁ କେସିଙ୍ଗା ବ୍ଲକର ୧୦ଟି ୫ଟି ସ୍କୁଲରୁ ଅନ୍ୟତମ ହୋଇ ଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଏହି ପାଷ୍ଟିକୁଡି ଉଚ୍ଚ ବିଦ୍ୟାଳୟକୁ ଏକ ନମ୍ବର ଭାବେ ଘୋଷଣା କରାଯାଇଛି। ସେହିପରି ବ୍ଲକର ବାଲସି, ଶିରୋଲ, କନ୍ତେଶିର ଆଦି ସ୍କୁଲ ଉଦଘାଟନ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନ୍‌ଫେନ୍ସ ଦ୍ୱାରା ଉଦଘାଟନ ହୋଇଯାଇଛି।

## ଗାଡ଼ି ଧକ୍କାରେ ୨ ମଇଁଷି ମୃତ, ୨ ଆହତ

**ନୂଆପଡ଼ା ଅଫିସ,୮।୫**

ନୂଆପଡା ଜିଲା କୋମନା ଥାନା ପଲସିପାଣି ଛକଠାରେ ଜାତୀୟ ରାଜପଥ ଉପରେ ଅଜଣା ଗାଡି ଧକ୍କାରେ ୨ ମଇଁଷି ମୃତ ଓ ୨ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଜଟଗଡ ପଞ୍ଚାୟତ ସାହାଜଟ ଗାଁର ନରୋତମ ଅହିରଙ୍କ ୧୫ରୁ ଊର୍ଦ୍ଧ୍ୱ ମଇଁଷି ଚରିବାକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ ପଲସିପାଣି ଛକ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ଏକ ଅଜଣା ଗାଡି ଧକ୍କା ଦେଇ ଚାଲିଗଲା। ଦୁଇଟି ମଇଁଷି ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଦୁଇଟିର ଅବସ୍ଥା ଗୁରୁତର ରହିଛି। ଯେଉଁ ସ୍ଥାନରେ ପଡିରହିଛି ସେହି ସ୍ଥାନରୁ ଉଠି ପାରୁନାହିଁ। ଶରୀରରେ ବହୁତ ଆଘାତ ମଧ୍ୟ ଲାଗିଛି। ବଡ ବଡ ମଇଁଷି ହୋଇଥିବାରୁ ଚିକିତ୍ସାଳୟକୁ ନେବା ପାଇଁ ସମ୍ଭବ ହେଉ ନାହିଁ। ଦୁଇଟି ମରି ଯାଇଥିବା ମଇଁଷି ଶହେ ମିଟର ଦୁର ବ୍ୟବଧାନରେ ପଡିଥିବାରୁ ଧକ୍କା ଦେଇ ଘୋଷାଡି ନେଇଥିବା ଅନୁମାନ କରାଯାଉଛି। ଗରିବ ଚାଷୀ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବିପତ୍ର

**ଭବାନୀପାଟଣା,୮।୫(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ଼ ସହରଠାରେ ଭାରତ ରତ୍ନ ଡ଼. ବି.ଆର. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ଥାନୀୟ ବହୁଜନ ସଂଗ୍ରାମ ସମିତି ପକ୍ଷରୁ ସୋମବାର ଜିଲପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜୁନାଗଡ଼ ସହର ଜିଲାର ଐତିହାସିକ ପୁରାତନ ସହର, ଏଥିସହ ଜିଲାର କେନ୍ଦ୍ରସ୍ଥଳରେ ଅବସ୍ଥିତ ଏକ ମୁଖ୍ୟ ବାଣିଜ୍ୟ କେନ୍ଦ୍ର, ହେଲେ ପରିତାପର ବିଷୟ ଏହି ସହରରେ ସମ୍ବିଧାନ ପ୍ରଣେତା ଭରତ ରତ୍ନ ଡ୍ର. ବାବାସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନାହିଁ, ଏଣୁ ଏହି ମହାପୁରୁଷଙ୍କ ପ୍ରତି ଉପଯୁକ୍ତ ମର୍ଯ୍ୟାଦା ଓ ସମ୍ମାନ ମିଳିପାରୁନି। ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି। ଏଣୁ ଜୁନାଗଡ଼ ସହରର ନୂଆ ବସଷ୍ଟାଣ୍ଡ ପରିସର ମଧ୍ୟରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି କରାଯାଇଛି। ସେହିପରି ଅନୁରୂପ ଭାବେ ଏହି ଦାବିପତ୍ର ଧର୍ମଗଡ଼ ଉପଜିଲାପାଳ ବେଦଭୂଷଣଙ୍କୁ, ଜୁନାଗଡ଼ ତହସିଲଦାର, ବିଡିଓ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖଙ୍କୁ ଏହି ଦାବିପତ୍ର ଦିଆଯାଇଛି। ଏହି ଅବସରରେ ସଂଗଠନର ସଭାପତି ରଞ୍ଜନ କୁମାର ଜାଲ, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନିଆଲ, ମୁଖ୍ୟ ଉପଦେଷ୍ଟା ନରେନ୍ଦ୍ର କ୍ଷିତି, ଉପସଭାପତି ଧରଣୀ ଭୋଇ, ସମ୍ପାଦକ ଶରତ ଶବର, ରବିଶଙ୍କର ସୁନାନୀ, ଦୁଷ୍ମନ୍ତ ନାଏକ, ଉଗ୍ରେସନ କନ୍ଦ ପାନ, ମନୋଜ ଧଙ୍ଗଡାମାଝି, ଅଞ୍ଜନ କ୍ଷିତି, କୁମର ମଣିଦୁର୍ଗା ପ୍ରମୁଖଙ୍କ ସମେତ ସଙ୍ଗଠନର ଅନେକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବିଶେଶ୍ୱର ମନ୍ଦିରରେ ଥାଳ ଉଠା ପାଇଁ ପୂଜାର୍ଚ୍ଚନା



ଥାଳ ଉଠା ପାଇଁ ପୂଜାର୍ଚ୍ଚନା କରାଯାଉଛି।

**ପଲମ,୮।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନସ୍ଥ ରୁପ୍ରା ପଞ୍ଚାୟତସ୍ଥିତ ଖମ୍ବପଡା ଗ୍ରାମର ବିଶେଶ୍ୱର ଶୈବପୀଠରେ ଶୀତଳଷଷ୍ଠୀ ଉପଲକ୍ଷେ ପୂଜାର୍ଚ୍ଚନାର ଅବ୍ୟବହିତ ପୂର୍ବରୁ ପ୍ରସ୍ତୁତି ହୋଇଯାଇଛି। ବିଶେଶ୍ୱର ମହାଦେବ ମନ୍ଦିର ପରିସରରେ ପରମ୍ପରା ଅନୁସାରେ ଥାଳ ଉଠା କାର୍ଯ୍ୟକ୍ରମ ହୋଇଯାଇଛି। ଏହି ଅବସରରେ ପୂଜାର୍ଚ୍ଚନାରେ ବାବା ଶିବଙ୍କ ପିତାଓ ମାତା ଭାବେ ରୁପ୍ରା ପଞ୍ଚାୟତସ୍ଥିତ ଧଅଁରାମାଲ ଗ୍ରାମର ବ୍ରଜ ରଣା ଓ ବିଦୁସୁତା ରଣା ତଥା ମାତା ପାର୍ବତୀଙ୍କ ମାତା ପିତା ଭାବେ ମୁସ୍କୁଟି ଗ୍ରାମ ପଞ୍ଚାୟତସ୍ଥିତ ସାଲିଙ୍ଗ ଗ୍ରାମର ଯୁଜେଷ୍ଟି ସାହୁ ଓ ମତି ସାହୁ ଉପସ୍ଥିତ କାର୍ଯ୍ୟକ୍ରମ ନିର୍ବାହ କରିଥିଲେ। କମିଟି ସୂଚନା ଅନୁସାରେ ଆସନ୍ତା ୨୪ ତାରିଖରେ ଶିତଳଷଷ୍ଠୀ ଯାତ୍ରା ପାଇଁ ଜ୍ୟେଷ୍ଠ ପଞ୍ଚମୀ ଦିନ କାର୍ଯ୍ୟକ୍ରମ ହେବ ବୋଲି ପ୍ରକାଶ କରିଥିଲେ। ଉକ୍ତ ଥାଳଉଠା ଉତ୍ସବରେ ପୂଜକ ଭାବେ ପୂର୍ଣ୍ଣଚନ୍ଦ୍ର ପୂଝାରୀ ଦାୟିତ୍ୱ ନିର୍ବାହ କରିଥିଲେ। କମିଟି ବରିଷ୍ଠ ସଦସ୍ୟ ହରେକୃଷ୍ଣ ସାହୁ, ଯେମନ୍ତ ପୁଟେଲ, ପ୍ରତାପ ପଟ୍ଟନାୟକ, ସବାଷ ପୁଟେଲ, ମନୋଜ ସାହୁ, ଗୋପାଳ ପୂଝାରୀ, ଗୋବିନ୍ଦ ସାହୁ, ଡମ୍ବରୁ ବାଗ, ସୁଜିତ ରଣା, ଯୁବରାଜ ସାହୁ, ହରିଶ୍ଚନ୍ଦ୍ର ସାହୁ ଓ ତୁମେଶ୍ୱର ରଣା ପ୍ରମୁଖଙ୍କ ସମେତ ଶିବଶକ୍ତି ସାଂସ୍କୃତିକ ଅନୁଷ୍ଠାନ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଢ଼ହଗାଁ ପଞ୍ଚାୟତରେ ଯୁଗ୍ମ ଜନଶୁଣାଣି ଶିବିର

**କୋକସରା,୮।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଢ଼ହଗାଁ ପଞ୍ଚାୟତରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କୁଞ୍ଜଲତା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନଶୁଣାଣିରେ ବିଡିଓ ଉତ୍ତମ କୁମାର ବାଗ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଅଭିଯୋଗ ନେଇ ଆସିଥିବା ହିତାଧିକାରୀଙ୍କ ଆବାସ ଘର, ପିଡିଏସ, ଭତ୍ତା ଓ ଅନ୍ୟାନ୍ୟ ଅଭିଯୋଗ ଓ ସମସ୍ୟା ଉପରେ ଅଭିଯୋଗ ଶୁଣିବା ସହ ଶୀଘ୍ର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତ। ଜନଶୁଣାଣି ଶିବିରରେ ମୋଟ ୨୮୫ ଅଭିଯୋଗ ଉପରେ ଅଧିକାରୀମାନେ ଶୁଣାଣି କରିଥିଲେ। କାର୍ଯ୍ୟକ୍ରମ ଢ଼ହଗାଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ସୋରି ପରିଚାଳନା କରିଥିଲେ। ଗ୍ରାମ ରୋଜଗାର ସେବକ ଦୁର୍ଯ୍ୟୋଧନ ଦାସ ଓ ପଞ୍ଚାୟତ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଜନଶୁଣାଣି କାର୍ଯ୍ୟକ୍ରମରେ ଅନେକ ବିଭାଗ ଅଧିକାରୀ ଅନୁପସ୍ଥିତ ରହିଥିବାରୁ ଅଭିଯୋଗ ନେଇ ଆସିଥିବା ଅଭିଯୋଗକାରୀ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।



ଲୋକଙ୍କ ଅଭିଯୋଗ ଶୁଣାଣି କରାଯାଉଛି।

# ୩୪ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ

**ଜିଲାସ୍ତରୀୟ ରେଡ୍‌କ୍ରସ୍ ଦିବସ**

**ଭବାନୀପାଟଣା,୮।୫(ସ୍ୱ.ପ୍ର.)**

ଭାରତୀୟ ରେଡ୍‌କ୍ରସ୍ ସୋସାଇଟି କଳାହାଣ୍ଡି ଶାଖା ଓ ଜିଲା ପ୍ରଶାସନ ଆନୁକୁଲ୍ୟରେ ସୋମବାର ଭବାନୀପାଟଣାରେ ଜିଲାସ୍ତରୀୟ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ରେଡକ୍ରସ ସଭ୍ୟ ଓ ସ୍ୱେଚ୍ଛାସେବୀ, କଲେଜ ଛାତ୍ରୀଛାତ୍ର, ବିଭାଗୀୟ ଅଧିକାରୀଙ୍କ ଏକ ଶୋଭାଯାତ୍ରା ବାହାରିଥିଲା। ସ୍ୱଚ୍ଛତା, ମାନବ ସେବା, ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ସେବା, ସଡ଼କ ସୁରକ୍ଷା ଉପରେ ସ୍ଲୋଗାନ ଦେଇ ସହର ପରିକ୍ରମା କରାଯାଇଥିଲା। ସଭା ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଚିନ ପାୱାର ରେଡ୍‌କ୍ରସ୍ ପତାକା ଉତ୍ତୋଳନ କରି ଶପଥ ପାଠ କରାଇଥିଲେ। ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସିଡିଓ, ଜିଲା ପରିଷଦ, କଳାହାଣ୍ଡି ସଚିନ ପାୱାର ଯୋଗଦେଇ ରେଡକ୍ରସ ପ୍ରତିଷ୍ଠାତା ସର୍ ହେନେରୀ ଡୁନାଣ୍ଟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲା ଜରୁରୀ ଅଧିକାରୀ ପ୍ରମୋଦ କୁମାର ଖିଲୋ ସ୍ୱାଗତ କରି ଜିଲା ରେଡ଼କ୍ରସ ସଂସ୍ଥା କଳାହାଣ୍ଡି ଶାଖାର କାର୍ଯ୍ୟ, ଆୟବ୍ୟୟ ବିବରଣୀ, ରକ୍ତ ଭଣ୍ଡାର, ସଂସ୍ଥାର ସମ୍ପତ୍ତି ଉପରେ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ରେଡକ୍ରସ୍ ସ୍ୱେଚ୍ଛାସେବୀମାନଙ୍କ କାର୍ଯ୍ୟ ପ୍ରଶଂସା କରି ଏହି ସଂସ୍ଥା ଜିଲାରେ ଆହୁରି କ୍ରିୟାଶୀଳ କରିବାକୁ ମତ ରଖିଥିଲେ। ସୂଚନା ଅନୁଯାୟୀ ଆର୍ଥିକବର୍ଷ ୨୦୨୨-୨୩ରେ ସର୍ବମୋଟ ୧୬,୪୫,୬୭୨ ଟଙ୍କା ଆୟ ହୋଇଛି। ତନ୍ମଧ୍ୟରୁ ୩୪ ଜଣଙ୍କୁ ଆର୍ଥିକ ସହାୟତା ବାବଦକୁ ୪,୪୮,୩୧୮ ଟଙ୍କା ପ୍ରଦାନ କରାଯାଇଛି। ଜିଲା ରେଡକ୍ରସ ସଂସ୍ଥାର ଭବାନୀପାଟଣା, ଧର୍ମଗଡ, ଜୁନାଗଡ ଓ କେସିଙ୍ଗାଠାରେ ୨୬ ମେଡିକାଲ କେବିନ୍ ଓ ୬୧ଟି ଦୋକାନ ଗୃହ ଭଡ଼ା ସୂତ୍ରରେ ଦିଆଯାଇଛି। ଉପସ୍ଥିତ ସଭ୍ୟମାନେ ରେଡକ୍ରସ୍ ସଭ୍ୟମାନଙ୍କୁ ଆଇଡି କାର୍ଡ, ସମ୍ପୂର୍ଣ୍ଣ ଡାଟାବେସ, ପରିଚାଳନା ବୈଠକ, ଆଜୀବନ ସଭ୍ୟ ବୃଦ୍ଧି, ଆୟଉପରେ ଗୁରୁତ୍ୱ ଦେବାକୁ ମତ ରଖିଥିଲେ। ଏହି ଅବସରରେ ବ୍ୟକ୍ତିଗତ ସର୍ବୋଚ୍ଚ ରକ୍ତଦାତା ଭାବେ ରାଜେଶ ଗଉଡ଼, ସିଁଣିବାସ ପାତ୍ର, ଯୋଗେଶ୍ୱର ଅଗ୍ରୱାଲ, ଡ ଅନୁଜା ପାଣ୍ଡେ, ଶାନ୍ତି ମାଝିଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସର୍ବୋଚ୍ଚ ରକ୍ତଦାନ ସଂଗ୍ରହ ଅନୁଷ୍ଠାନ ରୂପେ ଜୀବନ ବିନ୍ଦୁ, ଜିଲା ବିଜେଡି ମହିଳା ମଞ୍ଚ, ଆମ ଓଡ଼ିଶା, ପ୍ରଗତି ଡ଼ିଗ୍ରୀ କଲେଜ, ପୋଲିସ କଳାହାଣ୍ଡିଙ୍କୁ ସମାଜ ସେବା ତଥା ରକ୍ତଦାନ ସାହାଯ୍ୟ କ୍ଷେତ୍ରରେ ଶାନ୍ତନୁ ପରିଡ଼ା, ସୁନୀଲ ଶତପଥୀ, ସଚ୍ଚିଦାନନ୍ଦ ମହାକୁଡ, ସଞ୍ଜୀବ ସାହୁ, ସୁଧୀର ପଣ୍ଡାଙ୍କୁ ମୁଖ୍ୟ ଅତିଥି ସଚିନ ପାୱାର ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ସେଭଳି ରେଡକ୍ରସ୍ ପ୍ରତିଷ୍ଠାତା ସର୍ ହେନରୀ ଡୁନାଣ୍ଟଙ୍କ ଏକ ସୁନ୍ଦର ଫଟୋଚିତ୍ର ଆଙ୍କିଥିବା ୮ବର୍ଷ ବାଳକ ଅସ୍ମିତ୍ ଆର୍ଯ୍ୟାନ୍ ଶତପଥୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରଯାଇଥିଲା। ଏହି ଅବସରରେ ସ୍ଥାନୀୟ ମୁଖ୍ୟ ଡାକ୍ତରଖାନା ପରିସରରେ ବ୍ଲଡବ୍ୟାଙ୍କରେ ସ୍ୱେଚ୍ଛାସେବୀମାନେ ରକ୍ତ ଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଜୀବନ ସଭ୍ୟ ସୁରଜିତ ସିଂ, ଅଜୟ ମିଶ୍ର, ଅଶୋକ ପଟ୍ଟନାୟକ, ଡିଆଇପିଆର୍‌ଓ ମନୋଜ ବେହେରା, ଜୀବିକା ଏକ୍ସପର୍ଟ କୁମୁଦିନୀ ମିଶ୍ର, ୟୁଥ୍ ରେଡକ୍ରସ, ଯୁବ ରେଡକ୍ରସ୍ ସଭ୍ୟ, ସଞ୍ଜୟ ମିଶ୍ର, ମହେନ୍ଦ୍ର ପଣ୍ଡା, ରବି କାନୁନଗୋ ଉପସ୍ଥିତ ଥିଲେ।



ରେଡ୍‌କ୍ରସ୍ ଦିବସ ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୯ ମେ ୨୦୨୩



## ସଂକ୍ଷେପରେ

### ଯାଦବ ସମାଜ କାର୍ଯ୍ୟକାରିଣୀ ବୈଠକ

**ବରପାଲି,୮।୫(ଡି.ଏନ.ଏ.):** ବରପାଲି ବ୍ଲକ ଯାଦବ ସାଂସ୍କୃତିକ ସମାଜର କାର୍ଯ୍ୟକାରିଣୀ ବୈଠକ ଜୟଗୋପାଳ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବରପାଲି ବ୍ଲକ ସଭାପତି ମନଫୁଲ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉତ୍କଳ ଯାଦବ ସମାଜ ରାଜ୍ୟ ଉପସଭାପତି ଧନସିଂ ଭୋଇ ମୁଖ୍ୟଅତିଥି, ଜିଲା ସଭାପତି ରାଜୁ ଘିଭେଲା, ପ୍ରେମରାଜ ଥାପା, ଖାଡିଆ ବଗର୍ତ୍ତି, ପବିତ୍ର ଥାପା, ଲାଲ ଯୁଆଡ଼ି, କୁଞ୍ଜ ବିହାରୀ ରାଉତ, ଫଗୁନୁ ଚାଉଁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜର ସାଙ୍ଗଠନିକ, ପାରମ୍ପରିକ, ସାମାଜିକ ଆଲୋଚନା ହୋଇଥିଲା। ବୈଠକରେ ଗୋବିନ୍ଦ ଯୁଆଡି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରସାନନ୍ଦ ଥାପା ଧନ୍ୟବାଦ ଅର୍ପଣ କରିଥିଲେ। ବରପାଲି ବ୍ଲକର ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

### ଫେରାର ଅଭିଯୁକ୍ତ ଗିରଫ

■ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

**ଭେଡ଼େନ,୮।୫(ଡ଼ି.ଏନ.ଏ.):** ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଥୁଆପାଲି ଛକରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଫେରାର ଅଭିଯୁକ୍ତ ଏମ୍‌ଡ଼ି କାଦିର ଖାଁଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ପୋଲିସ ଶନିବାର ଏମଡ଼ି ମୁନାବେଗ ନାମକ ଯୁବକଙ୍କୁ ଗିରଫ କରିଥିବା ବେଳେ ଅନ୍ୟତମ ଅଭିଯୁକ୍ତ କାଦିର ଫେରାର ଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୧୩୯।୨୩) ରୁଜୁ ହୋଇଛି। ପ୍ରକାଶ ଯେ, ଗତ ଗୁରୁବାର ରାତିରେ ଅତାବିରା ଥାନା ପତ୍ରାପାଲି ଗ୍ରାମର ବି. ଶେଖର ଓରଫ୍ ଗୁଡ୍ଡୁ (୩୫) କୌଣସି କାମରେ ବିନିକା ଯାଇ ଫେରୁଥିବା ସମୟରେ ଥୁଆପାଲିର ଏମଡ଼ି ମୁନାବେଗ ଏବଂ ଏମଡ଼ି କାଦିର ଖାଁ ତାଙ୍କୁ ଭୁଜାଲି ଓ ବ୍ଲେଡ଼ରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଗୁଡ୍ଡୁଙ୍କ ପେଟ, ବେକ ଓ ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା। ଥୁଆପାଲିରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଉଥିବା ବେଳେ ଅସାମାଜିକଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏଠାରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ଧର୍ମରକ୍ଷା ଯଜ୍ଞ, ପ୍ରବଚନ ଉଦ୍‌ଯାପିତ

**ସରଣ୍ଡା,୮।୫(ଡି.ଏନ.ଏ.):** ସନାତନ ହିନ୍ଦୁ ସଂସ୍କୃତି ସୁରକ୍ଷା ସମିତି, ଯୁଗଚେତନା ଟ୍ରଷ୍ଟ ବରଗଡ଼ ଆନୁକୂଲ୍ୟରେ ଅତାବିରା ବ୍ଲକ ନିଲେଇପାଲିଠାରେ ରବିବାର ଧର୍ମରକ୍ଷା ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ଭକ୍ତ ଯୋଗଦେଇ ସମୟ ଦାନ, ଅଂଶଦାନ କରି ଆଶୀର୍ବାଦ ନେଇଥିଲେ। ଶନିବାର ଅପରାହ୍ନରେ କଳସ ଯାତ୍ରା ଓ ଦେବ ଆବାହନ ଓ ବ୍ରହ୍ମବିଦ୍ୟା ବିସ୍ତାରରେ ସନାତନ ହିନ୍ଦୁ ସଂସ୍କୃତିର ଭୂମିକା ଉପରେ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଦିବସରେ ଧ୍ୟାନ, ଯୋଗ, ପ୍ରାର୍ଥନା, ଯଜ୍ଞ, ସଂସ୍କାର, ଧର୍ମଦୀକ୍ଷା ସଂକଳ୍ପ ସମାରୋହ ହୋଇଥିଲା। ଅପରାହ୍ନରେ ପୂର୍ଣ୍ଣାହୁତି ଓ ସଙ୍ଗଠନାତ୍ମକ କାର୍ଯ୍ୟଯୋଜନା ଏବଂ ରାତିରେ ପରିବାର ନିର୍ମାଣରେ ଆମର ଦାୟିତ୍ୱ ଉପରେ ପ୍ରବଚନ ହୋଇଥିଲା। ଶେଷରେ ଦୀପଯଜ୍ଞ, ଶାନ୍ତିପାଠ ଓ ବିଦାୟୀ ସମାରୋହ ସମ୍ପନ୍ନ କରାଯାଇଥିଲା । କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ।

# ବରଗଡ଼-ରାୟପୁର ରେଳପଥ ନିର୍ମାଣ ଦାବି

**ବରଗଡ଼ ଅଫିସ୍,୮।୫**




ସଂଘର୍ଷ ସମିତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାଗଣ।

ବରଗଡ଼-ରାୟପୁର ରେଳ ଲାଇନ ନିର୍ମାଣ ସଂଘର୍ଷ ସମିତିର ଏକ ବୈଠକ ସୋମବାର ବରଗଡ଼ରେ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ରେଳ ଉପଭୋକ୍ତା ସଂଘ ପକ୍ଷରୁ ଆୟୋଜିତ ଏହି ବୈଠକରେ ଛତିଶଗଡ଼ ମହାସମୁଦ ଏମ୍‌ପି ଚୁନିଲାଲ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ରାୟପୁରରୁ ବରଗଡ଼ ଭାୟା ସରାଇପାଲି ଓ ସୋହେଲା ଦେଇ ଏକ ରେଳ ଲାଇନ ନିର୍ମାଣ ହେଲେ ଭୁବନେଶ୍ୱର ଏବଂ ରାୟପୁର ମଧ୍ୟରେ ଦୂରତା ୧୫୦କି.ମି ହ୍ରାସ ପାଇବ। ଫଳରେ ଏହି ରେଳ ଲାଇନ ନିର୍ମାଣ ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବେ ବୋଲି ଏମ୍‌ପି ସାହୁ କହିଥିଲେ। ଏଥିପାଇଁ ତାଙ୍କ ନେତୃତ୍ୱରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଏକ ପ୍ରତିନିଧି ଦଳ ଭେଟିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରସ୍ତାବିତ ଏହି ରେଳ ଲାଇନର ଅଧିକାଂଶ ଅଞ୍ଚଳ ଛତିଶଗଡ଼ରେ ଆସୁଥିବାରୁ ଏଥିରେ ସମ୍ପୃକ୍ତ ଅଞ୍ଚଳର ଅଧିକ ଜନ ପ୍ରତିନିଧି, ଲୋକଙ୍କୁ ଯୋଡ଼ିବା ପାଇଁ ମତପ୍ରକାଶ ପାଇଥିଲା। ବୈଠକରେ ବରଗଡ଼ ରେଳ ଉପଭୋକ୍ତା ସଂଘର କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରୀତମ ସିଂ, ଅଭିଜିତ ପ୍ରତିହାର, ଅଚ୍ୟୁତାନନ୍ଦ ବାରିକ, ମଳୟ ମହାନ୍ତି, ନିର୍ମଳ କର, ତୁଳସୀ ଚରଣ ଦାଶ, ସରାଇପାଲି ଅଞ୍ଚଳର ଦିଲୀପ ଗୁପ୍ତା, ଅମର ବଗା, ତିଳକ ପ୍ରସାଦ ସାହୁ, ସୋହେଲାରୁ ପ୍ରମୋଦ ଦେବତା, ଗିରିଜେଶ ଖାଡ଼ଙ୍ଗା, ସତ୍ୟଜିତ ପ୍ରଧାନ, ବଳବୀର ସିଂ ଠାକୁର ଉପସ୍ଥିତ ଥିଲେ। ମଙ୍ଗଳବାର ଛତିଶଗଡ଼ ବସନାରେ ପରବର୍ତ୍ତୀ ବୈଠକ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

# ମୃତ୍ୟୁ ପରେ ଶରୀର ଦାନ, ପ୍ରେରଣାର ଉତ୍ସ ସାଜିଲେ

**ସରଣ୍ଡା,୮।୫(ଡି.ଏନ.ଏ.)**



ଆଦିତ୍ୟ ମହାପାତ୍ର।

ଚକ୍ଷୁଦାନ, ରକ୍ତଦାନ ଏବଂ ଶରୀର ଦାନ କରି ଅନେକ ଲୋକ ସମାଜରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥାନ୍ତି। ସମାନ ଭାବରେ ବରଗଡ଼ ଜିଲା ଭଟଲି ବ୍ଲକ ଉର୍ଦ୍ଧୁନା ଗାଁର ଆଦିତ୍ୟ ମହାପାତ୍ରଙ୍କ ମୃତ୍ୟୁ ପରେ ପରିବାର ଲୋକେ ତାଙ୍କ ଶରୀରକୁ ବୁର୍ଲା ସ୍ଥିତ ଭିମ୍‌ସାର ମେଡିକାଲ କଲେଜକୁ ଦାନ କରିଛନ୍ତି।

ସୂଚନା ଅନୁସାରେ, ଆଦିତ୍ୟ ମହାପାତ୍ର ନିଜ ମୃତ୍ୟୁ ପରେ ଶରୀର ଦାନ କରିବା ପାଇଁ କଟକ ସ୍ଥିତ 'ବଡି' ଅନୁଷ୍ଠାନରେ ପଞ୍ଜୀକରଣ କରିଥିଲେ। ଗତ ସପ୍ତାହରେ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ତାଙ୍କୁ ବରଗଡ଼ରୁ ବୁର୍ଲା ଏବଂ ଶେଷରେ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତ ରବିବାର ରାତିରେ ତାଙ୍କର ୭୮ବର୍ଷ ବୟସରେ ଦେହାନ୍ତ ହୋଇଥିଲା। ଏହାପରେ ଆଦିତ୍ୟଙ୍କ ମରଶରୀରକୁ ବରଗଡ଼ ମହିଳା ଜାଗୃତି ଶାଖା ତତ୍ତ୍ୱାବଧାନରେ ଖେଦାପାଲି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଜିମା ଦିଆଯାଇଥିଲା। ସୋମବାର ଉକ୍ତ ମରଶରୀରକୁ ବୁର୍ଲା ଭିମ୍‌ସାର ମେଡିକାଲ କଲେଜକୁ ହସ୍ତାନ୍ତର କରାଯାଇଛି। ଆଦିତ୍ୟ ତାଙ୍କର ତିନି ପୁତ୍ର ଓ ତିନି ଝିଅ ନାତି ନାତୁଣୀଙ୍କ ସମେତ ବିଧବା ପତ୍ନୀଙ୍କୁ ଛାଡି ଯାଇଛନ୍ତି। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ତେବେ ମୃତ୍ୟୁ ପରେ ଶରୀର ଦାନ ଭଳି ନିଷ୍ପତ୍ତି ଜୀବିତ ଅବସ୍ଥାରେ ନେଇଥିବାରୁ ସେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

# ସିପିଏଲ୍ କ୍ରିକେଟ: ହରିଜନ ହରିକେନ୍ସ ଚାମ୍ପିୟନ

**ଭେଡ଼େନ,୮।୫(ଡ଼ି.ଏନ.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ହାଇସ୍କୁଲ ପଡ଼ିଆରେ ଚାଲିଥିବା ସିପିଏଲ୍ କ୍ରିକେଟ ଟୁର୍ନାମେଣ୍ଟରେ ହରିଜନ ହରିକେନ୍ସ ଦଳ ଚାମ୍ପିୟନ ହୋଇଛି। ରବିବାର ବାଞ୍ଜିପାଲି ଏକାଦଶ ଏବଂ ହରିଜନ ହରିକେନ୍ସ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ହରିଜନ ହରିକେନ୍ସ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେବା ସହ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ବିନିମୟରେ ୯୬ ରନ୍ କରିଥିଲା। ଜବାବରେ ବାଞ୍ଜିପାଲି ଏକାଦଶ ୭ ଉଇକେଟ ହରାଇ ମାତ୍ର ୮୮ ରନ୍ କରି ପରାଜିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ସରପଞ୍ଚ ରାଜକିଶୋର ମେହେର ମୁଖ୍ୟ ଅତିଥି, ଖବରଦାତା ମୁକୁନ୍ଦ ଷଡ଼ଙ୍ଗୀ, ରାଜୀବ ମେହେର, ବୁଲୁ ଦାଶ, ହରିଶ୍ଚନ୍ଦ୍ର ରାଉତିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟରେ ପ୍ରକାଶ କୁମ୍ଭାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ମ୍ୟାନ୍ ଅଫ୍ ଦି ସିରିଜ୍ ଟ୍ରଫି ପ୍ରଦାନ କରାଯାଇଥିଲା। ହରି ରାଉତିଆ, ପିଣ୍ଟୁ ରୋହିଦାସ ଖେଳ ପରିଚାଳନା କରିଥିବା ବେଳେ ବୈଷ୍ଣବ ସୁରୁଜାଲ, ନରୋତ୍ତମ ଛୁରିଆ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ରୋହିଦାସ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ ।



ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

# ନିଆରା ଢଙ୍ଗରେ ଜନ୍ମଦିନ ପାଳନ

**ଭେଡ଼େନ,୮।୫(ଡ଼ି.ଏନ.ଏ.)**

ସାଜସଜ୍ଜା ନ ଥିଲା କି ବନ୍ଧୁବାନ୍ଧବ, ଇଷ୍ଟମିତ୍ର ନ ଥିଲେ। ନାମିଦାମୀ କେକ୍, ଭୋଜିଭାତର ଆସର ମଧ୍ୟ ନ ଥିଲା। ଏକ ରକ୍ତଦାନ ଶିବିର ଆୟୋଜନରେ ପାଳନ ହେଲା ଜନ୍ମଦିନ। ଯାହାକି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ଯାମପାଲି ଗ୍ରାମର କୋଶଳ ସଂଗ୍ରାମୀ ମୁନ୍ନା ହାତୀ ରବିବାର ନିଜ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ସ୍ଥାନୀୟ ସରପଞ୍ଚ ବିଜନ କୁମାର କର୍ମୀ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ରେଡ଼କ୍ରସ ସଂସ୍ଥାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିବା ବେଳେ କୋଶଳ ସେନାର ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ। ଏବେ ଡ଼ାକ୍ତରଖାନାମାନଙ୍କରେ ରୋଗୀମାନଙ୍କ ପାଇଁ ରକ୍ତର ଘୋର ଅଭାବ ପରିଲକ୍ଷିତ ହେଉଛି। ଅନେକ ରୋଗୀ ରକ୍ତ ଅଭାବରୁ ମୃତ୍ୟୁମୁଖରେ ମଧ୍ୟ ପଡୁଛନ୍ତି। ତେବେ ଜନ୍ମଦିନ ଭଳି ପବିତ୍ର ଦିନରେ ଅଯଥା ଅପବ୍ୟୟ ନ କରି ଅନ୍ୟମାନଙ୍କ ଜୀବନ ବଞ୍ଚାଇବା ତଥା ମା' ମାଟି ପାଇଁ ସମସ୍ତେ ରକ୍ତଦାନ କରନ୍ତୁ ବୋଲି ମୁନ୍ନା ହାତୀ କହିଛନ୍ତି।

# ମଥୁରା କଟକରେ କୁବୁଜା ଉଦ୍ଧାର

**ବରପାଲି,୮।୫(ଡି.ଏନ.ଏ.)**

ବରଗଡ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ଲୋକକଳା ଗ୍ରାମ କୁମ୍ଭାରୀ ଗ୍ରାମରେ କୃଷ୍ଣ ଲୀଳା ପରିବେଷଣ କରାଯାଉଛି। ଏହି କ୍ରମରେ ରବିବାର ନାଟ୍ୟାଭିନୟରେ ମହାବଳଶାଳୀ ଯୋଦ୍ଧାଙ୍କ ନିଧନରେ କଂସ ମହାରାଜ ଚିନ୍ତିତ, ଗୁପ୍ତରେ କୃଷ୍ଣ ବଳରାମଙ୍କ ମାରିବା ପାଇଁ ଧନୁଯାତ୍ରା ଆୟୋଜନ, କୁବୁଜା ଉଦ୍ଧାର ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ମହାରାଜା କଂସଙ୍କ ଦରବାରରେ ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ ଓ ଖବରଦାତା ବାଲକିଶୋର ଖାଡ଼ଙ୍ଗା ରାଜକ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରଜମଣ୍ଡଳୀରେ ସତ୍ୟନାରାୟଣ ମିଶ୍ର ପୂଜାପାଠ କରିଥିବା ବେଳେ ନିମାଇଁ ପଟେଲ ଓ ସାଥି କୃଷ୍ଣଲୀଳା ଗାୟନ କରିଛନ୍ତି।



କଂସ ଦରବାରରେ ଉପସ୍ଥିତ ରାଜ ଅତିଥି।

# ଜିଲାପାଳଙ୍କୁ ଭେଟିଲେ ଏସ୍‌ଏଚ୍‌ଜି ପ୍ରତିନିଧି



ଜିଲାପାଳଙ୍କୁ ଫେରାଦ ହୋଇଥିବା ଏସ୍‌ଏଚ୍‌ଜି ପ୍ରତିନିଧିବୃନ୍ଦ ।

**ବରଗଡ଼ ଅଫିସ୍,୮।୫**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଝାନ ଗ୍ରାମର ପୂର୍ଣ୍ଣବନ୍ଧିଏନ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ଏକ ପ୍ରତିନିଧି ଦଳ ସୋମବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ବିଭାଗୀୟ ଅଧିକାରୀଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ସରକାରୀ ଯୋଜନାରୁ ସ୍କୁଲ ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଏସ୍‌ଏଚ୍‌ଜିମାନଙ୍କୁ ଦାୟିତ୍ୱ ଦିଆଯାଉଛି। ତେବେ ସେମାନଙ୍କ ଅଞ୍ଚଳର ସ୍କୁଲଗୁଡ଼ିକର ଏହି ଦାୟିତ୍ୱ ନେବା ପାଇଁ ପୂର୍ଣ୍ଣବନ୍ଧିଏନ ସ୍ୱୟଂ ସହାୟକ ଗୋଷ୍ଠୀ ଆଗ୍ରହ ପ୍ରକାଶ କରିଛି। ଏ ଦିଗରେ ବିହିତ ପଦକ୍ଷେପ ନେବା ସହ ଏହି ଦାୟିତ୍ୱ ପ୍ରଦାନ ପାଇଁ ଉକ୍ତ ଏସ୍‌ଏଚ୍‌ଜିର ସଭାନେତ୍ରୀ କଲି ବରିହା, ସମ୍ପାଦିକା ଶାନ୍ତି ବରିହାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ୫୫ ଅଭିଯୋଗର ଶୁଣାଣି

**ବରଗଡ଼ ଅଫିସ୍,୮।୫**

ବରଗଡ଼ ଜିଲା ବିଜେପୁର ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପି.ଏସ୍ ମିନା, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦିତ୍ୟ ଗୋୟଲ, ପଦ୍ମପୁର ଉପଜିଲାପାଳ ସଦାକର କୁମାର ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ୍ ୫୫ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ସେହି ଅଭିଯୋଗ ଗୁଡ଼ିକ ଉପରେ ପଚାରି ବୁଝିବା ସହ ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବରପାଲି କଲେଜରେ ବିଶ୍ୱ ରେଡକ୍ରସ୍ ଦିବସ

**ବରପାଲି,୮।୫(ଡି.ଏନ.ଏ.)**

ବରପାଲି ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଶାଖା ପକ୍ଷରୁ ସୋମବାର ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଛି। ଯୁବ ରେଡକ୍ରସ୍ ପରାମର୍ଶଦାତା ଅଧ୍ୟାପକ ଅଲେଖ ମହାନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବରପାଲି କଲେଜର ଅଧକ୍ଷ ସୁଶୀଲ କୁମାର ଶତପଥୀ ମୁଖ୍ୟ ଅତିଥି, ବିଜେପୁର କଲେଜର ଯୁବ ରେଡକ୍ରସ୍ ପରାମର୍ଶଦାତା ଅଧ୍ୟାପକ ସରୋଜ କୁମାର ପାଣିଗ୍ରାହୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ରେଡକ୍ରସ୍‌ର ଆବଶ୍ୟକତା ତଥା ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ସ୍ୱେଚ୍ଛାସେବୀ ଅନମୋଲ ଅଗ୍ରହରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅରୁଣ କୁମାର ବାରିକ, ବିଶ୍ୱନାଥ ସାହୁ, ସ୍ୱେଚ୍ଛାସେବୀ ଆକାଶ ଗୁପ୍ତା, ଅରୁଣ ବାଗ ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବରେ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ବିକାଶ ଲ ସ୍କୁଲରେ ରେଡ୍‌କ୍ରସ ଦିବସ

**ବରଗଡ଼ ଅଫିସ୍,୮।୫**

ବରଗଡ଼ର ବିକାଶ ଲ ସ୍କୁଲରେ ବିଶ୍ୱ ରେଡ଼କ୍ରସ୍ ଦିବସ ସୋମବାର ପାଳିତ ହୋଇଛି। ଅଧ୍ୟକ୍ଷ ଡଃ ବିକ୍ରମ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରପାଲି ଜଗବନ୍ଧୁ ଦାସ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ତଥା ରେଡ଼କ୍ରସ କାଉନସେଲର ଯତୀନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରେଡ଼କ୍ରସ ଦିବସ ପାଳନ ଏବଂ ଏଥିରେ ଯୁବବର୍ଗଙ୍କ ଭୂମିକା ଉପରେ ସେ ଆଲୋକପାତ କରିଥିଲେ। ପ୍ରଥମ ବର୍ଷ ଛାତ୍ର ଲଲାଟେନ୍ଦୁ ବେହେରା ଏବଂ ଆକାଶ ପଟ୍ଟନାୟକ ରେଡ଼କ୍ରସ ଇତିହାସ ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ପ୍ରଶଂସା କରିଥିଲେ। ଅଧ୍ୟାପକ ଅଭିନନ୍ଦନ ଝୁଣ୍ଟିଆ, ଅଭିନବ ସ୍ୱାଇଁ, ଅଧ୍ୟାପିକା ସ୍ୱାଗତିକା ସାହୁ, ସାଗରିକା ବିଶ୍ୱାଳ, ରୋଜି ମେହେର, ରଜତ ବରିହା ପ୍ରମୁଖ ସହଯୋଗ କରିଥିଲେ। ଲ ସ୍କୁଲ ସଂଯୋଜକ ଶିବାନନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଜୈମିନି କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ରେଡ଼କ୍ରସ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଜଙ୍ଗଲ କିସମ ଯୋଗୁ ହେଉନି ରାସ୍ତା

**ବରଗଡ଼ ଅଫିସ୍,୮।୫**

ବରଗଡ଼ ଜିଲା ଝାରବନ୍ଧ ବ୍ଲକ କନ୍ଦାଡଙ୍ଗର ପଞ୍ଚାୟତ ଡୁଡୁକିଦାଦରକୁ ଭଲ ରାସ୍ତାଟିଏ ନାହିଁ। ଭଲରେ ଗ୍ରାମବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ଅଭିଯୋଗ ନେଇ ସୋମବାର ଡୁଡୁକିଦାଦର ଗ୍ରାମବାସୀ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଡୁଡୁକିଦାଦର ଗ୍ରାମରୁ ଝାରବନ୍ଧକୁ ଯାତାୟାତ ପାଇଁ ଏପର୍ଯ୍ୟନ୍ତ ଭଲ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ରାସ୍ତା ମଝିରେ ପ୍ରାୟ ୩୦୦ ମିଟର ସଂରକ୍ଷିତ ଜଙ୍ଗଲ ଥିବା ଯୋଗୁ ସେହି ସ୍ଥାନକୁ କଂକ୍ରିଟ କିମ୍ବା ଭଲ ରାସ୍ତା ନିର୍ମାଣ କରି ହେଉନାହିଁ। ଅନ୍ୟପଟେ ସେହି ରାସ୍ତା ଦେଇ ସାଧାରଣ ଲୋକ, ଛାତ୍ରୀଛାତ୍ର ସ୍କୁଲ, କଲେଜ ନିୟମିତ ଯିବା ଆସିବା କରୁଛନ୍ତି ଏବଂ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସଂରକ୍ଷିତ ଜଙ୍ଗଲ କିସମ ଭାବେ ରହିଥିବା ସେହି ରାସ୍ତାକୁ ପିଚୁ କିମ୍ବା କଂକ୍ରିଟ କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଗ୍ରାମର କୃପାସିନ୍ଧୁ ସାହୁଙ୍କ ନେତୃତ୍ୱରେ ଗ୍ରାମର ଏକ ପ୍ରତିନିଧି ଦଳ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ।



ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ।

## ସଂକ୍ଷେପରେ

### ଦେଶୀ ମଦ ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୮।୫:** କୁଲୁଙ୍ଗା ଅଞ୍ଚଳରେ ଦେଶୀମଦ କାରବାର ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୁଡୁ ସରଦାର(୨୪)। ତାଙ୍କଠାରୁ ୨୦ ଲିଟରରୁ ଊର୍ଦ୍ଧ୍ୱ ମଦ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୫।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି।

### ଚୋରି ଅଭିଯୋଗରେ ଗିରଫ

**ରାଉରକେଲା ଅଫିସ,୮।୫:** ଚୋରି ଅଭିଯୋଗରେ ଉଦିତନଗର ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମାଲଗୋଦାମ ଅଞ୍ଚଳର ଢୋଲୁ ଓରଫ ରାହୁଲ ପ୍ରଧାନ(୨୪)। ତାଙ୍କଠାରୁ ଚୋରି ହୋଇଥିବା ପାଣିପମ୍ପ, ୨ଟି ମୋବାଇଲ ଜବତ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି। ଏପ୍ରିଲ ୧୭ରେ ଢୋଲୁ ବାସନ୍ତୀ କଲୋନୀ ଅଞ୍ଚଳର ଜଣଙ୍କ ଘରୁ ପାଣିପମ୍ପ ଚୋରି କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୨୧।୨୩) ରୁଜୁ କରି ତଦନ୍ତ ଚଳାଇଥିଲା।

### ଟଙ୍କା ସହ ରୁପା ଅଳଙ୍କାର ଚୋରି ଅଭିଯୋଗ

**ରାଉରକେଲା ଅଫିସ,୮।୫:** ଛେଣ୍ଡ ଥାନା ଅଞ୍ଚଳର କାବେରୀ ଚୌଧୁରୀଙ୍କ ଘରୁ ଚୋରି ୮ ହଜାର ଟଙ୍କା ସହ ରୁପା ଅଳଙ୍କାର ଚୋରି ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୭୩।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କାବେରୀଙ୍କ ପରିବାର ଲୋକେ ଭୁବନେଶ୍ୱର ଯାଇଥିବାବେଳେ ସେ ଘରେ ଏକା ରହୁଥିଲେ। ଗତ ୬ ତାରିଖ ରାତିରେ ଆଲମିରା ଭାଙ୍ଗି ଲକରରୁ ୮ ହଜାର ଟଙ୍କା ଓ ୪ଶହ ଗ୍ରାମରୁପା ଅଳଙ୍କାର ଚୋରି ହୋଇଥିଲା। ପରଦିନ ଆଲମିରା ଭଙ୍ଗାଯାଇଥିବା ଦେଖି କାବେରୀ ଥାନାରେ ଅଭିଯୋଗ କରିଥିଲେ।

### ଠକେଇ ଅଭିଯୋଗରେ ଜଣେ ଗିରଫ

**ରାଉରକେଲା ଅଫିସ,୮।୫:** ସାଇକେଲ କିଣିବାକୁ କହି ଟଙ୍କା ନେଇ ଫେରାର ଅଭିଯୋଗରେ ସେକ୍ଟର-୭ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାସନ୍ତୀକଲୋନୀ ଅଞ୍ଚଳର ଆଦର୍ଶ ସାହୁ(୨୪)। ସୋମବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୭୧।୨୩) ରୁଜୁ ତଦନ୍ତ ଚଳାଇଥିଲା। ଆଦର୍ଶ ଛାତ୍ରୀଛାତ୍ରଙ୍କୁ ସାଇକେଲିଂ କୋଚିଂ ଦେବା ସହ କ୍ରୀଡାବିତ୍‌ଙ୍କଠାରୁ ଟଙ୍କା ନେଇ ସାଇକେଲ କିଣି ଦେଇଥାନ୍ତି। ସେ ସେକ୍ଟର-୭ ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ସାଇକେଲ କିଣିଦେବା ପାଇଁ ୩ଲକ୍ଷ ଟଙ୍କା ନେଇ ଫେରାର ହୋଇ ଯାଇଥିଲେ।

### ଚୋରି କରି ୨ ଗିରଫ

**ବେଲପାହାଡ଼,୮।୫(ଡି.ଏନ.ଏ.):** ଚୋରି ଅଭିଯୋଗରେ ବେଲପାହାଡ଼ ପୋଲିସ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୁମାଡେରା ଖମାରପଡ଼ା ଦୁବରାଜ ପ୍ରଧାନ (୩୬) ଓ ଚନ୍ଦ୍ରଶେଖର ମାଝି (୩୨)। ଗୁମାଡେରା ଜମିଦାରପଡ଼ା ଗୁଆଲାପ ମୁକୁଲ କୁମାରଙ୍କ ଅଭିଯୋଗ କ୍ରମେ ଗତ ୬ ତାରିଖରେ ତାଙ୍କ ଘର ରଙ୍ଗ କାମରେ ଅଭିଯୁକ୍ତ ଦ୍ୱୟ ନିୟୋଜିତ ଥିଲେ। ଘର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସେମାନେ ନଗଦ ୨୦ ହଜାର ଟଙ୍କା ସହିତ ଅନ୍ୟ ସାମଗ୍ରୀ ଚୋରି କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପୋଲିସ ଅଭିଯୁକ୍ତଙ୍କଠାରୁ ୭୦୦ ଟଙ୍କା ଓ କିଛି ଚୋରି ସାମଗ୍ରୀ ଜବତ କରିଛି।

# ୧.୭୬ ଲକ୍ଷ ଠକେଇ ଅଭିଯୋଗରେ ୪ ଗିରଫ

**ରାଉରକେଲା ଅଫିସ,୮।୫**

- ୨୧ ଏଟିଏମ୍ କାର୍ଡ ସହ ୧୨ ମୋବାଇଲ ଜବତ
- ଗ୍ରାହକଙ୍କ ନମ୍ବର ସଂଗ୍ରହ କରି ଲୁଟୁଥିଲେ



ଗାଜିଆବାଦରୁ ଗିରଫ ହୋଇଥିବା ୪ ଅଭିଯୁକ୍ତ।

ଜଣେ ବ୍ୟକ୍ତିଙ୍କଠାରୁ ଲକ୍ଷାଧିକ ଟଙ୍କା ସାଇବର ଠକେଇ ଅଭିଯୋଗରେ ରଘୁନାଥପାଲି ପୋଲିସ ଉତ୍ତର ପ୍ରଦେଶ ଗାଜିଆବାଦରୁ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗାଜିଆବାଦର ନିତିନ କଷନା(୩୨), ରବି କୁମାର(୩୫), ମୁଜାଫରପୁର ନଗରର ଅଜୟ କୁମାର(୨୫) ଏବଂ ଆଶିଷ ଚୌଧୁରୀ(୨୭)। ସେମାନଙ୍କଠାରୁ ଏକ ଟାଟା ସଫାରି ଗାଡ଼ି (ନଂ.ୟୁପି୧୬ଏଭି/୮୧୧୭) ଓ ବିଭିନ୍ନ ଇନ୍‌ସୁରାନ୍ସ କମ୍ପାନୀର ପଲିସି ଗ୍ରାହକଙ୍କ ଫୋନ ନମ୍ବର ଓ ସେମାନଙ୍କ ନାମ ସହ ୧୨ଟି ମୋବାଇଲ, ଗୋଟିଏ ଲାପଟପ୍, ବିଭିନ୍ନ ବ୍ୟାଙ୍କର ୨୧ଟି ଏଟିଏମ କାର୍ଡକୁ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ଗାଜିଆବାଦରେ ଏକ କଲ୍ ସେଣ୍ଟର କରିବା ସହ ବିଭିନ୍ନ କ୍ଷେତ୍ରରୁ ଡିଫଲ୍ଟ କଷ୍ଟମରମାନଙ୍କ ଫୋନ୍ ନମ୍ବର ସଂଗ୍ରହ କରି ଏହି ଠକେଇ କାର୍ଯ୍ୟ କରୁଥିଲେ ବୋଲି ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଏସ.ଏନ. ସାମଦ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ପ୍ରକାଶ ଯେ, ରାଉରକେଲା ସିଭିଲ୍ ଟାଉନସିପ୍ ଅଞ୍ଚଳରେ ରହୁଥିବା ସ୍ୱେତା ଚନ୍ଦନ ନାମକ ବ୍ୟକ୍ତି ଏଚ୍‌ଡିଏଫସି ଲାଇଫ୍ ଇନ୍‌ସ୍ୟୁରାନ୍ସରେ ୨୦୧୭ ଡିସେମ୍ବର ଏବଂ ୨୦୧୮ ଜାନୁଆରୀରେ ୨ଟି ପଲିସି କରିଥିଲେ। ସେଥିରେ ପ୍ରଥମ ପ୍ରିମିୟମ୍ ଭାବେ ୫୧ହଜାର ଏବଂ ୨୫ହଜାର ଟଙ୍କା ଦେଇଥିଲେ। କିନ୍ତୁ ପ୍ରଥମ ପ୍ରିମିୟମ ଦେଲା ପରେ ସେ ଆଉ ପ୍ରିମିୟମ୍ ଦେଇପାରି ନ ଥିଲେ। ସେହି ପଲିସିର ରିଭାଇଭାଲ ବା ପୁନର୍ବାର କ୍ରିୟାଶୀଳ କରିବା ପାଇଁ ଶ୍ୱେତା ଏଚ୍‌ଡିଏଫସି ଲାଇଫ୍ ଇନ୍‌ସ୍ୟୁରାନ୍ସ କାର୍ଯ୍ୟାଳୟକୁ ଯାଇଥିଲେ। ଏଚ୍‌ଡିଏଫସି ଲାଇଫ୍ ଇନ୍‌ସ୍ୟୁରାନ୍ସ କାର୍ଯ୍ୟାଳୟ ତାଙ୍କୁ ପୁନଃ କ୍ରିୟାଶୀଳ କରିବା ପାଇଁ କଷ୍ଟମର କେୟାର ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ଗତ ଜାନୁଆରୀ ମାସରେ ଶ୍ୱେତା କଷ୍ଟମର କେୟାରରେ ଯୋଗାଯୋଗ କରିଥିଲେ ଏବଂ ଗୋଟିଏ କମ୍ପ୍ଲେନ ନମ୍ବର ଦେଇଥିଲେ। ଉକ୍ତ ନମ୍ବରରେ ଯୋଗାଯୋଗ କରିବା ପରେ ତାଙ୍କୁ କମ୍ପ୍ଲେନ ନମ୍ବରରେ ଏପ୍ରିଲ ୬ ତାରିଖରେ ଫୋନ୍ ଆସିଥିଲା। ତାଙ୍କୁ ଆଧାର କାର୍ଡ ନମ୍ବର, ବ୍ୟାଙ୍କ ଡିଟେଲ୍‌ସ ଆଦି ଦେବା ପାଇଁ କୁହାଯାଇଥିଲା। ପରେ ତାଙ୍କ ଆକାଉଣ୍ଟରୁ ୧ଲକ୍ଷ ୭୬ହଜାର ଟଙ୍କା କଟିଯାଇଥିଲା। ଗତ ଏପ୍ରିଲ ୧୯ ତାରିଖରେ ରଘୁନାଥପାଲି ଥାନାରେ ଏ ସମ୍ପର୍କରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୧୧୬।୨୩) ରୁଜୁ କରି ତଦନ୍ତ କରିଥିଲା। ଥାନାଧିକାରୀ ସୁବ୍ରତ ମେହେରଙ୍କ ନେତୃତ୍ୱରେ ଏକ ଟିମ୍ ଗାଜିଆବାଦ ଯାଇ ସେଠାରୁ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଟୋଲଗେଟରେ ପଡୁନି ଟିକସ

**ଦେବଗଡ଼,୮।୫(ଡି.ଏନ୍.ଏ.)**

**ବିଜେଡି ଜିଲା ସଭାପତିଙ୍କୁ ଧନ୍ୟବାଦ ଦେଲେ ଜିଲାବାସୀ**

ଦେବଗଡ଼ ଜିଲା ବାରକୋଟ ବ୍ଲକ ବଡ଼କୁଦ ଗ୍ରାମ ନିକଟ ୪୯ନଂ ଜାତୀୟ ରାଜପଥ ଟୋଲ ଗେଟରେ ଆଉ ଜିଲାବାସୀଙ୍କ ପାଇଁ ଟିକସ ପଡୁନି। ଜିଲାର ନଂ ଓଡି ୨୮ ଅଛି ତେବେ ଚାଳକଙ୍କୁ ଟିକସ ଛାଡ଼ କରାଯାଉଛି। ଯଦି ଅନ୍ୟ ଜିଲାର ନଂ ଅଛି ତେବେ ଚାଳକ କିମ୍ବା ମାଲିକ ଯାନ ବାହାନ ଗୁଡ଼ିକର ଆର୍ସି ବୁକ୍ ଦେଖାଇ ନିଜକୁ ଜିଲାର ବାସିନ୍ଦା ହୋଇଥିବା ପ୍ରମାଣିତ କଲେ ସେମାନଙ୍କର ଟୋଲ ଟିକସ ଛାଡ଼ କରାଯାଉଛି। ଏଥିପାଇଁ ବିଜେଡି ଜିଲା ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ଜିଲାବାସୀ ଧନ୍ୟବାଦ ଜଣାଇଛନ୍ତି। ସୂଚନା ଥାଉକି , ମାର୍ଚ୍ଚ ୧୧ରେ ଟୋଲ ଟିକସ ଛାଡ଼ କରିବାକୁ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ବହୁ ନେତା କର୍ମୀ ଉକ୍ତ ଟୋଲ ଗେଟରେ ବିକ୍ଷୋଭ ପ୍ରଦର୍ଶନ କରିବାସହ ଧାରଣା ଦେଇଥିଲେ।

# ସଡ଼କ ସୁରକ୍ଷା ସଚେତନତା ପାଇଁ ମାନବଶୃଙ୍ଖଳ

**ରାଉରକେଲା ଅଫିସ,୮।୫**

ଆର୍‌ଏସ୍‌ପି ସୁରକ୍ଷା ଇଞ୍ଜିନିୟରିଂ ବିଭାଗ, ଅଗ୍ନିଶମ ସେବା, ଡିଜାଇନ ଓ ଶପ୍‌ସ ବିଭାଗର ପ୍ରାୟ ୧୫୦ ଜଣ କର୍ମଚାରୀ ଓ ଠିକା ଶ୍ରମିକମାନେ ସୋମବାର ସଡକ ସୁରକ୍ଷା ଉପରେ ସଚେତନତା ସୃଷ୍ଟି ପାଇଁ ଏକ ମାନବଶୃଙ୍ଖଳ ଗଠନ କରିଥିଲେ। ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍-ଇନ୍‌ଚାର୍ଜ ଆଶା କାର୍ଥା ଓ ଅବକାଶ ବେହେରାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନ ସଡ଼କ ସୁରକ୍ଷା ନିୟମର ୨ଟି ପ୍ରମୁଖ ଦିଗ ଓଭରଟେକିଂ ଏବଂ ରେଡ୍ ଲାଇନ୍ ଉଲ୍ଲଂଘନ ରୋକିବା ଉପରେ କେନ୍ଦ୍ରୀଭୂତ ରହିଥିଲା। ଅଗ୍ନିଶମ ତାଲିମ କେନ୍ଦ୍ରରୁ ଇଡି (ୱାର୍କସ) ଚତୁର୍ଭୁଜ ମଧ୍ୟରେ ମାନବଶୃଙ୍ଖଳ ଗଠନ ହୋଇଥିଲା। ଅଂଶଗ୍ରହଣକାରୀ ଉକ୍ତ ବିଷୟ ଉପରେ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ସେହିପରି ଲୋକମାନଙ୍କୁ କାଉନସେଲିଂ ମଧ୍ୟ କରାଯାଇଥିଲା। ଏଥିରେ ବାହକମାନଙ୍କୁ ଇଡି ୱାର୍କସ ବିଲ୍ଡିଂ ନିକଟରେ ନୂତନ ଭାବେ ସ୍ଥାପିତ ରେଡ୍ ଲାଇଟ ଉଲ୍ଲଂଘନ ପ୍ରଣାଳୀ ଏବଂ ଏହାସହ ଜଡିତ ଦଣ୍ଡ ବ୍ୟବସ୍ଥା ବିଷୟରେ ମଧ୍ୟ ସୂଚନା ଦିଆଯାଇଥିଲା। ଏହି ନୂତନ ସିଷ୍ଟମ ସ୍ୱୟଂଚାଳିତ ନମ୍ବର ପ୍ଲେଟ ଚିହ୍ନଟ କ୍ୟାମେରା ସହ ସଜ୍ଜିତ ହୋଇଛି। ଏହା ରେଡ୍ ସିଗନାଲ ଉଲ୍ଲଂଘନ କରୁଥିବା ଯାନର ପଞ୍ଜୀକରଣ ନମ୍ବର ଚିତ୍ରଗୁଡ଼ିକୁ କ୍ୟାପ୍‌ଚର କରିବ ଏବଂ ଉଲ୍ଲଂଘନକାରୀଙ୍କ ଆକାଉଣ୍ଟରୁ ଜରିମାନା ଆଦାୟ ପାଇଁ ଚିହ୍ନଟ ମଧ୍ୟ କରିବ। ଓଭରଟେକ ପାଇଁ ବାହନ ଆରୋହୀଙ୍କ ଆଚରଣ ଓ ମନୋଭାବକୁ ଦୂର କରିବା ଅଭିଯାନର ଦ୍ୱିତୀୟ ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି କୁହାଯାଇଛି।




ସଡ଼କ ସୁରକ୍ଷା ପାଇଁ ସଚେତନତା ଅଭିଯାନ ଚାଲିଛି।

# ଅତ୍ୟାଧୁନିକ ଅଲଟ୍ରା ଫିଲ୍ଟରେଶନ ପାନୀୟ ଜଳ ୟୁନିଟ୍ ଉଦ୍‌ଘାଟିତ

**ରାଉରକେଲା ଅଫିସ,୮।୫**




ନୂତନ ପାନୀୟ ଜଳ ୟୁନିଟ୍ ତୃପ୍ତି ଉଦ୍‌ଘାଟନ କରାଯାଉଛି।

ଆରଏସପି ହଟ୍ ଷ୍ଟ୍ରିପ୍ ମିଲ-୨ରେ ସ୍ଥାପିତ ପ୍ରଥମ ଅତ୍ୟାଧୁନିକ ଅଲଟ୍ରା ଫିଲ୍ଟରେଶନ ପାନୀୟ ଜଳ ୟୁନିଟ୍ 'ତୃପ୍ତି'କୁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସେବା ବିଭାଗର ସିଜିଏମ ଇନଚାର୍ଜ ଦେବବ୍ରତ ଦତ୍ତ, ସିଓ, ସିସିଡି, ୟୁଟିଲିଟିଜ ଏବଂ ପରିବେଶ ବିଭାଗର ସିଜିଏମ ଆଇ ରାଜନ୍, ଗୁଣବତ୍ତା ବିଭାଗର ସିଜିଏମ ଆଚିଶ ଚନ୍ଦ୍ର ସରକାର, ସିଜିଏମ ଇଲେକ୍ଟ୍ରିକାଲ ଏମ୍. କେ. ମହାନ୍ତି, ସି ଏଣ୍ଡ ଆଇଟି ବିଭାଗର ସିଜିଏମ୍ କୌଶିକ କୁମାର ସେନଗୁପ୍ତା, କାର୍ମିକ ଓ ପ୍ରଶାସନ ବିଭାଗର ସିଜିଏମ ବିରେନ୍ଦ୍ର କୁଲୁ, ଟ୍ରେଡ ୟୁନିୟନ ଓ ଅଧିକାରୀ ସଂଘର ପ୍ରତିନିଧି ତଥା ଏଚ୍‌ଏସ୍‌ଏମ୍-୨ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ସୂର୍ଯ୍ୟବଂଶୀ ପାନୀୟ ଜଳର ଗୁଣବତ୍ତା ବଜାୟ ରଖିବା ପାଇଁ ୟୁନିଟର ପ୍ରଭାବଶାଳୀ ରକ୍ଷଣାବେକ୍ଷଣ ଅଭ୍ୟାସ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଲଟ୍ରା ଫିଲ୍ଟରେଶନ ୟୁନିଟ୍ ସ୍ଥାପନା ସହ ସଂଶ୍ଳିଷ୍ଟ ସମସ୍ତ ସମ୍ପୃକ୍ତ ଏଜେନ୍ସି ଗୁଡିକୁ ମଧ୍ୟ ସେ ଅଭିନନ୍ଦନ ଜଣାଇଥିଲେ। ଏହିଅବସରରେ ତୃପ୍ତିନାମ ପ୍ରସ୍ତାବିତ କରିବା ପାଇଁ ଏସଏମଏସ-୨ ବିଭାଗର ଓସିଟି ରସଲ ସୋରେଙ୍ଗଙ୍କୁ ନିର୍ବାହୀ ନିର୍ଦ୍ଦେଶକ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ପାନୀୟ ଜଳ ୟୁନିଟ୍ ପ୍ରତି ଘଣ୍ଟାରେ ୧ହଜାର ଲିଟର ଜଳ ବିଶୋଧନ କ୍ଷମତା ରଖିଛି ଏବଂ ଏଥିରେ ୫ହଜାର ଲିଟର ବିଶୁଦ୍ଧ ପାନୀୟ ଜଳ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହି ସୁବିଧା କର୍ମଚାରୀ, ଠିକା ଶ୍ରମିକ, ବିକ୍ରେତା, ଯୋଗାଣକାରୀ ଏବଂ ଏଚଏସଏମ-୨ରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ଏଜେନ୍ସିର ଲୋକମାନଙ୍କୁ ଉଚ୍ଚ ଗୁଣମାନର ପାନୀୟ ଜଳ ଯୋଗାଇବ। ଏଥିରେ ୫ଟି ପର୍ଯ୍ୟାୟ ବିଶୋଧନ ପ୍ରକ୍ରିୟା ପରେ ଜଳ ବିଶୁଦ୍ଧ ହେବା ବ୍ୟବସ୍ଥା ରହିଛି। ଅଲଟ୍ରା ଫିଲ୍ଟରେଶନ ୟୁନିଟ୍ କମ୍ ଶକ୍ତି ବ୍ୟବହାର କରି ଏବଂ କମ୍ ଜଳ ନଷ୍ଟ କରି ଆବଶ୍ୟକ ମାନଦଣ୍ଡ ସହକାରେ ଜଳ ଉପଲବ୍ଧ କରାଇବ। ସିଭିଲ ଇଞ୍ଜିନିୟରିଂ ସେବା, ଜଳ ପ୍ରବନ୍ଧନ ଏବଂ ଶପ୍‌ସ ବିଭାଗ ସହଯୋଗରେ ଏସଏମଏସ-୨ ବିଭାଗ ଦ୍ୱାରା ଏହି ନୂତନ ବ୍ୟବସ୍ଥା ସ୍ଥାପିତ ହୋଇଛି ବୋଲି ଆର୍‌ଏସ୍‌ପି ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

# ଯୁଗ୍ମ ଜନଶୁଣାଣି ଶିବିରରେ ୫ ଅଭିଯୋଗ ଶୁଣାଣି

**ଦେବଗଡ଼,୮।୫(ଡି.ଏନ୍.ଏ.)**

ଦେବଗଡ଼ ଜିଲା ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗ ଦେଇ ୫ ଅଭିଯୋଗ ଶୁଣାଣି କରିଥିଲେ। ଏହାର ତୁରନ୍ତ ସମାଧାନ ପାଇଁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବ୍ୟକ୍ତିଗତ ୫ଟି ଥିବାବେଳେ ସାମୂହିକ ସମସ୍ୟା ଆଦୌ ନ ଥିଲା। ଶିବିରରେ ବିଭିନ୍ନ ସମସ୍ୟା ଯଥା, ବୋରୱେଲ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ପ୍ରମୋଦ କୁମାର ରଥ, ପିଡି ଡିଆର୍‌ଡିଏ ଲୁକାଶ ପ୍ରଧାନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିଆ, ଡେପୁଟିକଲେକ୍ଟର ଲୀଳାବତୀ ନାୟକ ରିଆମାଳ ତହସିଲଦାର ଓ ସମସ୍ତ ଜଳାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# କୁଡୁମୀଙ୍କୁ ଅନୁସୂଚିତ ଜନଜାତି ମାନ୍ୟତା ପ୍ରଦାନ ଦାବି

**ରାଉରକେଲା ଅଫିସ/ବିଶ୍ରା,୮।୫(ଡି.ଏନ.ଏ.)**

ରାଉରକେଲା ବିଶ୍ରା ବ୍ଲକ ଅନ୍ତର୍ଗତ ତରେକେଲା ଗ୍ରାମ ସ୍ଥିତ ଟୁସୁଭବନଠାରେ ସୋମବାର ଆଦିବାସୀ କୁଡୁମୀ ସମାଜ କେନ୍ଦ୍ରୀୟ କମିଟି ତତ୍ତ୍ୱାବଧାନରେ ନାଗାପିଢି କୁଡୁମୀ ସମାଜ ପକ୍ଷରୁ ଏକ ଚିନ୍ତନ ମନ୍ଥନ ଜୁଡୁଆହୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନାଗାରାପିଢି ସଭାପତି ଧ୍ରୁବ ଚରଣ ମାହାନ୍ତ ସଭାପତିତ୍ୱ କରିଥିଲେ। ଲହୁଣୀପଡା ଛନାୟକ ପ୍ରଗଣା ଉପ ସଭାପତି ଭୃକୁଟି ମାହାନ୍ତ, ଲବଙ୍ଗ ପ୍ରଗଣା ସଭାପତି ରଙ୍ଗଲାଲ ମାହାନ୍ତ, ସମ୍ପାଦକ ଯୁଗଳ କିଶୋର ମାହାନ୍ତ, ଅବନୀ ମାହାନ୍ତ, କୁଡୁମାଲି ଆଖଡା ସଭାପତି ସୁବାଷ ମାହାନ୍ତ, ସମ୍ପାଦକ ସୀତାରାମ ମାହାନ୍ତ, ପାଲଲହଡା କୁଡୁମୀ ସମାଜ ସଂଯୋଜକ ପ୍ରତାପ ମାହାନ୍ତ, କେନ୍ଦ୍ରୀୟ କମିଟିର ମୁଖ୍ୟ ସଙ୍ଗଠକ ତଥା କୁଡୁମୀ ସମାଜ ବିଶାରଦ ଶଶଧର ମାହାନ୍ତ, ଝାଡ଼ଖଣ୍ଡ ରାଜ୍ୟ ଆଦିବାସୀ କୁଡୁମୀ ସମାଜର ସାଧାରଣ ସମ୍ପାଦକ ମୁରଲୀଧର ମାହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଜାତିଭିତ୍ତିକ ଜନଗଣନା ପାଇଁ ସରକାରଙ୍କୁ ଲିଖିତ ଭାବେ ଜଣାଇବା ପାଇଁ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାର କୁଡୁମୀଙ୍କୁ ଅନୁସୂଚିତ ଜନଜାତି ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ସୁପାରିଶ କରନ୍ତୁ ନଚେତ୍ ଓଡିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ଆସନ୍ତା ସେପ୍ଟେମ୍ବର ୨୦ତାରିଖରେ କୁଡୁମୀ ସମାଜ ରେଳରୋକୋ ଆନ୍ଦୋଳନ କରିବ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ନାଗାପିଢିର ସକ୍ରିୟ ସଦସ୍ୟ ତଥା ଶିକ୍ଷକ ନିରଞ୍ଜନ ମାହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୀତାରାମ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବ ସମାଜ ପ୍ରାଣୀଙ୍କ ହିତରେ ତତ୍ପର ହେବା ଆବଶ୍ୟକ

**ରାଉରକେଲା ଅଫିସ,୮।୫**



ରେଡକ୍ରସ୍ ଦିବସ ଉପଲକ୍ଷେ ଶୋଭାଯାତ୍ରା ଚାଲିଛି।

ରାଉରକେଲାରେ ସୋମବାର ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଯାଇଛି। ଏ ନେଇ ପ୍ରଶାସନ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଏବଂ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସକାଳ ୭ଟାରେ ଆର୍‌ଏମ୍‌ସି ଅଫିସ ସମ୍ମୁଖରେ ରାଉରକେଲା ସିଭିଲ ଡିଫେନ୍ସ ପକ୍ଷରୁ ବିଶ୍ୱ ରେଡକ୍ରସ୍ ଦିବସ ସମ୍ବନ୍ଧୀୟ ଏକ ଡେମୋ ପ୍ରଦର୍ଶନ ହୋଇଥିଲା। ଦୁର୍ଘଟଣା ସମୟରେ ଫାଷ୍ଟ ଏଡ୍ କିପରି ନିଆଯାଏ ତାହା ପ୍ରଦର୍ଶିତ ହୋଇଥିଲା। ପରେ ଆର୍‌ଏମ୍‌ସି ଅଫିସ ସମ୍ମୁଖରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ଉଦିତନଗରରେ ପହଞ୍ଚିବା ପରେ ଉଦିତନଗର ହାଇସ୍କୁଲରେ ରେଡକ୍ରସ ପତାକା ଉତ୍ତୋଳନ ହୋଇଥିଲା। ଏହାପରେ ପାନପୋଷ ଆଇଟିଡିଏ ହଲ୍‌ରେ ଏକ ବୈଠକ ହୋଇଥିଲା। ବୈଠକରେ ରାଉରକେଲା ଅତିରିକ୍ତ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିର ଯୁବବର୍ଗ ସାମାଜିକ ପ୍ରାଣୀଙ୍କ ହିତ ସାଧନରେ ତତ୍ପର ହେବା ଆବଶ୍ୟକ ବୋଲି କହିଥିଲେ। ଯୁବବର୍ଗଙ୍କୁ ସାମାଜିକ ହିତ ସାଧନରେ ସମସ୍ତ ସହଯୋଗ ଯୋଗାଇବା ନିତାନ୍ତ ଜରୁରୀ ବୋଲି ସେ ମତ ଦେଇଥିଲେ। ଅତିରିକ୍ତ ଉପଜିଲାପାଳ ସରୋଜିନୀ କୁଲୁ, ସହକାରୀ ଜିଲାପାଳ ନିବେଦିତା ପ୍ରଧାନ, ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସୀମା ଫାତିମା ଏକ୍କା ଓ ଡାକ୍ତର ପୂଜା ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# ହାଇସ୍କୁଲରେ ବିଶ୍ୱ ରେଡ୍‌କ୍ରସ ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବେଲପାହାଡ,୮।୫(ଡି.ଏନ.ଏ.)**

ବେଲପାହାଡ ବି.ଆର୍. ହାଇସ୍କୁଲରେ ସୋମବାର ଜନ ହେନେରୀ ଡୁନାଣ୍ଟଙ୍କ ଜନ୍ମଦିନ ତଥା ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ ହୋଇଯାଇଛି। ରେଡକ୍ରସର ପ୍ରତିଷ୍ଠାତା ଜନ ଡୁନାଣ୍ଟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ବିଭାଗୀୟ ଶିକ୍ଷକ ଦିଲୀପ କୁମାର ସାହୁ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହାସହ ରେଡକ୍ରସର ପ୍ରତିଷ୍ଠାତା ଡୁନାଣ୍ଟଙ୍କ ଜୀବନୀ ତଥା କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ପ୍ରଧାନ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ରେଡକ୍ରସ ନୀତି (ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତା) ଓ ଉଦ୍ଦେଶ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ସୁରେନ୍ଦ୍ର ରାଉତ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଚରିତ୍ର ଗଠନ ପାଇଁ ପ୍ରେରଣା ଦେଇଥିଲେ।

# ପାର୍କ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

**ରାଉରକେଲା ଅଫିସ,୮।୫**

- ସବୁଆଡେ କୁଢ଼ କୁଢ଼ ଅଳିଆ
- ଲାଇଟ୍ ଜଳୁନି କି ସଫେଇ ହେଉନି
- ପାଚେରି ନ ଥିବାରୁ ପଶୁଛନ୍ତି ଗାଈଗୋରୁ
- ସମସ୍ୟା ସମାଧାନ କରାଯିବ କହିଲା ଆର୍‌ଏମ୍‌ସି

କୋମଳମତି ଶିଶୁ ଓ ବରିଷ୍ଠ ନାଗରିକମାନଙ୍କ ଆମୋଦ ପ୍ରମୋଦ ଉଦ୍ଦେଶ୍ୟରେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ପାର୍କ ନିର୍ମାଣ କରାଯାଇଛି। ମାତ୍ର ଉକ୍ତ ପାର୍କଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ଅବସ୍ଥାରେ ପଡିଛି। ସେହିପରି ପାର୍କ ଭିତରେ ଅସାମାଜିକ ଯୁବକଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ରାଉରକେଲା ବାସନ୍ତୀ କଲୋନୀ ଡିଏଭି ଛକ ବସଷ୍ଟାଣ୍ଡ ନିକଟରେ ଥିବା ଶିଶୁ ପାର୍କରେ ଏଭଳି ଦେଖିବାକୁ ମିଳିଛି।

ଆର୍‌ଏମ୍‌ସି ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ପାର୍କ ନିର୍ମାଣ କରାଯାଇଥିଲା। ପାର୍କରେ ଶିଶୁ ଓ ବରିଷ୍ଠ ନାଗରିକମାନେ ବସିବା ପାଇଁ ଚେୟାର ସାଙ୍ଗକୁ ଦୋଳି, ଜିମ୍ ଉପକରଣ ଲାଗିଥିଲା। ମାତ୍ର ଏହାର ଚାରିପଟେ ପାଚେରି ନ ଥିବାରୁ ବିଭିନ୍ନ ସମୟର ଏଠାରେ ବୁଲାପ୍ରାଣୀ ପଶି ପାର୍କର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛନ୍ତି। ପାଚେରି ଘେରା ଯାଇ ନ ଥିବାରୁ ଅସାମାଜିକ ଯୁବକମାନେ ମଦ୍ୟପାନ କରିବା ସହ ଜରି ଓ ପ୍ଲାଷ୍ଟିକ ବୋତଲ ଏଣେତେଣେ ପକାଇ ଦେଉଛନ୍ତି। ପାର୍କ ପାଖରେ ବସ୍‌ଷ୍ଟାଣ୍ଡ ଥିବାରୁ ଯାତ୍ରୀମାନେ ଏଠାରୁ ବସ୍‌ରେ ଯିବାକୁ ଅସୁରକ୍ଷିତ ମଣୁଛନ୍ତି। ପାର୍କରେ ଲାଗିଥିବା ଲାଇଟଗୁଡିକ ଚୋରି ହୋଇଥିବାରୁ ସଞ୍ଜ ନଇଁଲେ ଅନ୍ଧାର ରହୁଛି। ଏଠାକୁ ଆର୍‌ଏମ୍‌ସିର କୌଣସି ସଫେଇ କର୍ମଚାରୀ ଆସୁନାହାନ୍ତି। ଫଳରେ ପାର୍କ ଭିତରେ କୁଢ଼ କୁଢ଼ ଅଳିଆ ପଡିରହୁଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା କହରା ଜେନା କୁହନ୍ତି, ସ୍ଥାନୀୟ ବସ୍ତିବାସୀ ଓ ଜନସାଧାରଣଙ୍କ ପାଇଁ ଆର୍‌ଏମ୍‌ସି ପକ୍ଷରୁ ପାର୍କ ତିଆରି କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଆର୍‌ଏମ୍‌ସିର ଅଣଦେଖା ମନୋଭାବ ଯୋଗୁ ପାର୍କ ପରିସରରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ଫଳରେ ପାର୍କ ଭିତରକୁ ପିଲାମାନଙ୍କୁ ନେଇ ଯିବା ଭୟ ଲାଗୁଛି। ଆର୍‌ଏମ୍‌ସି ଏଥିପ୍ରତି ଉଚିତ ପଦକ୍ଷେପ ନେବା ଆବଶ୍ୟକ। ସେହିପରି ପାର୍କ ଚାରିପଟେ ପାଚେରି ଘେରାଗଲେ ଏଭଳି ପରିସ୍ଥିତି ଉପୁଜନ୍ତା ନାହିଁ ବୋଲି ଅମିୟ ପୋଥାଳ କହିଛନ୍ତି। ଏ ସମ୍ପର୍କରେ ଆର୍‌ଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ଡିଏଭି ଛକ ପାର୍କର ସମସ୍ୟାକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ନାହିଁ। ଯଦି ପାର୍କରେ କୌଣସି ସମସ୍ୟା ଉପୁଜୁଛି ତେବେ ଆସନ୍ତା ୭ ଦିନ ମଧ୍ୟରେ ଆମେ ସମାଧାନ କରିବୁ ବୋଲି ଭୋଇ କହିଥିଲେ।

## ସଂକ୍ଷେପରେ

### ଦିନଦ୍ୱିପ୍ରହରରେ ଲୁଟିନେଲେ ୩ଲକ୍ଷ ଟଙ୍କା

କଣ୍ଟାବାଞ୍ଜି, ୮।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ସୋମବାର ଜଣେ ବିଦେଶୀ ମଦ ଦୋକାନ ମ୍ୟାନେଜରଙ୍କଠାରୁ ଦୁର୍ବୃତ୍ତ ୩ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ପୂର୍ବାହ୍ନ ପ୍ରାୟ ୧୧ଟାରେ କଣ୍ଟାବାଞ୍ଜି ଷ୍ଟେଟବ୍ୟାଙ୍କ ବଜାର ଶାଖା ସମ୍ମୁଖରେ ଏହି ଘଟଣା ଘଟିଛି। ସ୍ଥାନୀୟ ମାଇକେଲ ବିଦେଶୀ ମଦ ଦୋକାନ ମ୍ୟାନେଜର ଟଙ୍କା ଜମା କରିବାକୁ ଷ୍ଟେଟବ୍ୟାଙ୍କକୁ ଆସିଥିଲେ। କେତେକ ମୁଖାପିନ୍ଧା ଦୁର୍ବୃତ୍ତ ବାଇକ୍‌ରେ ଆସି ଅତର୍କିତଭାବେ ତାଙ୍କ ପାଖରେ ଟଙ୍କା ଥିବା ବ୍ୟାଗକୁ ଝାମ୍ପି ନେଇ ନମ୍ବର ବିହୀନ ବାଇକରେ ଫେରାର ହୋଇଯାଇଥିଲେ। ବ୍ୟାଗରେ ୩ଲକ୍ଷ ଟଙ୍କା ଥିବା ମ୍ୟାନେଜର ସୁନୀଲ ପ୍ରସାଦ କଣ୍ଟାବାଞ୍ଜି ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା(୧୧୫/୨୩) ରୁଜୁ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ ଯେ, କେତେକ ନମ୍ବର ବିହୀନ ବାଇକରେ ଆସିଥିବା ଲୁଟେରା ବ୍ୟାଙ୍କ ସମ୍ମୁଖରେ ପୂର୍ବରୁ ସଜାଗ ହୋଇ ରହିଥିଲେ। ପୋଲିସ ଘଟଣାର ତନାଘନା ଚଳାଇଛି।

### ଜିଲା ପରିଷଦ ଅଧ୍ୟକ୍ଷାଙ୍କ ଉନ୍ନୟନ ସମୀକ୍ଷା

ଲୋଇସିଂହା,୮।୫(ଡି.ଏନ.ଏ): ବଲାଙ୍ଗୀର ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଲୋଇସିଂହା ବ୍ଲକ ଗସ୍ତ କରି ସୋମବାର ଉନ୍ନୟନ କାମର ସମୀକ୍ଷା କରିଛନ୍ତି। ବିଡିଓ ଆକାଶ ରଞ୍ଜନ ସାହୁ ଜିଲା ପରିଷଦ ଅଧ୍ୟକ୍ଷା ସାହୁଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ବ୍ଲକ ସଭାଗୃହରେ ଶିକ୍ଷା, ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ବନ ବିଭାଗ, ତହସିଲ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଉନ୍ନୟନ କାମର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଜିଲାପରିଷଦ ଅଧ୍ୟକ୍ଷାଙ୍କ ଫାଇଲ ସମୀକ୍ଷାକୁ ନେଇ ଅସନ୍ତୋଷବ୍ୟକ୍ତ କରିଛନ୍ତି ବୁର୍ଡା ସମିତି ସଭ୍ୟ ସୁନୀଲ ଅଗ୍ରୱାଲ । ଗ୍ରାମାଞ୍ଚଳର ବହୁ ବୃଦ୍ଧାବୃଦ୍ଧ ଏବଂ ଅସହାୟ ଲୋକେ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ପାଖକୁ ଯାଇ ବାସ୍ତବ ସ୍ଥିତି ପରଖିବା ସହ ଗ୍ରାମାଞ୍ଚଳର ବିକାଶ କାମ ସମୀକ୍ଷା କଲେ ଭଲ ହୁଅନ୍ତା ବୋଲି ସେ କହିଛନ୍ତି।

### ଯାଦବ ସମାଜ ସଂଗଠକ ଜଗମୋହନ ଭୋଇଙ୍କ ପରଲୋକ

ଖଡ଼ିଆଳ,୮।୫.(ଡି.ଏନ୍.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ



ଭୋଜପୁରସ୍ଥିତ ବାସଭବନରେ ବରିଷ୍ଠ ଯାଦବ ସମାଜ ସଂଗଠକ ଜଗମୋହନ ଭୋଇଙ୍କ ପରଲୋକ ହୋଇଛି। ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ଅଞ୍ଚଳର ବହୁ ସଂଖ୍ୟକ ଲୋକଙ୍କ ସମାଗମ ହୋଇଥିଲା। ସେ ତାଙ୍କ ଜୀବନ କାଳରେ ଅନେକ ସମାଜ ସଂଗଠନ କାମରେ ନିଜକୁ ସାମିଲ କରି ବେଶ ପ୍ରଶଂସିତ ହୋଇଛନ୍ତି। ତାଙ୍କ ମୃତ୍ୟୁରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବଡ଼ ପୁଅ ହିମାଂଶୁ ଭୋଇ ମୁଖାଗ୍ନି ଦେଇଥିଲେ।

# ବଢୁଛି ତାତି, ଜନଜୀବନ ଅସ୍ତବ୍ୟସ୍ତ

ବଲାଙ୍ଗୀର ଅଫିସ, ୮।୫

■ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ନାହିଁ ପିଇବା ପାଣି ବ୍ୟବସ୍ଥା
■ ପୂର୍ବାହ୍ନ ୧୧ରୁ ଲୋକେ ଘରୁ ବାହାରି ପାରୁନାହାନ୍ତି
■ ନାଁକୁ ଖୋଲାଯାଇଛି ଜଳଛତ୍ର

ବଲାଙ୍ଗୀର ଜିଲାରେ ଗ୍ରୀଷ୍ମ ପ୍ରବାହ ଅଘୋଷିତ କର୍ଫ୍ୟୁ ଅନୁରୂପ ସ୍ଥିତି ସୃଷ୍ଟି କରିଛି। ଟାଣ ଖରା ଯୋଗୁଁ ଲୋକେ ଘରୁ ବାହାରିବାକୁ ଡରୁଛନ୍ତି। ଫଳରେ ପୂର୍ବାହ୍ନ ୧୧ଟାରୁ ରାସ୍ତାଘାଟ ଶୂନଶାନ୍ ହୋଇଯାଉଛି। ୪୦ଡିଗ୍ରୀ ଉପରେ ତାପମାତ୍ରା ରହୁଥିବା ଏବଂ ଗୁଳୁଗୁଳି ହେଉଥିବାରୁ ଲୋକେ ନାହିଁନଥିବା ଅସୁବିଧା ଭୋଗ କରୁଛନ୍ତି। ପରିବା ବ୍ୟବସାୟୀ, ବିକ୍ରେତା, ଦିନ ମଜୁରିଆ, ନିର୍ମାଣ ଶ୍ରମିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡେଲିମାର୍କେଟ ଏବଂ ସାପ୍ତାହିକ ବଜାରରେ ପନିବରିବା ବିକ୍ରେତାମାନେ ରାସ୍ତକଡରେ ଟାଣ ଖରାରେ ବସିବା ଦୃଶ୍ୟ ବିଚଳିତ କରୁଛି। ଗାଁ ଗହଳରୁ ସହରକୁ ଆସୁଥିବା ଲୋକେ ଅଂଶୁଘାତ ଭୟରେ ଅପରାହ୍ଣ ପର୍ଯ୍ୟନ୍ତ ଅଟକି ରହୁଥିବା ଦେଖାଯାଉଛି। ସକାଳୁଆ ଅଫିସ ହୋଇଥିଲେ ମଧ୍ୟ ବିଭିନ୍ନ କାମ ପାଇଁ ଅଫିସ ଆସୁଥିବା ଲୋକେ ହଟହଟା ହେଉଛନ୍ତି। ବଲାଙ୍ଗୀର ସହରର ଜିଲା ପରିଷଦ କାର୍ଯ୍ୟନିର୍ବାହୀ କାର୍ଯ୍ୟାଳୟ, ଏସ୍‌ପି ଅଫିସ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ଥିବା ଗଛ ତଳେ ବହୁ ଲୋକ ଅଟକି ରହୁଥିବା ଦେଖାଯାଉଛି। ସବୁଠୁ ବେଶୀ ଭିଡ ପରିଲକ୍ଷିତ ହେଉଛି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ। ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ଲୋକେ ବାଧହୋଇ ଟାଣ ଖରାରେ ମଧ୍ୟ ବାହାରୁଛନ୍ତି। ଏଠାରେ ସକାଳେ ସବୁଠୁ ଅଧିକ ଭିଡ ପରିଲକ୍ଷିତ ହେଉଛି। ରେଜିଷ୍ଟ୍ରେସନ୍ କାଉଣ୍ଟରରେ ଲୋକଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ରୋଗୀ ଓ ପରିଜନଙ୍କ ଅସୁବିଧା ଦୂର କରିବାକୁ ଅଧିକ କାଉଣ୍ଟର ବ୍ୟବସ୍ଥା କରିବାକୁ ଦାବି ହେଉଛି। ଅନ୍ୟପଟେ ବସ ଟର୍ମିନାଲର ଅବସ୍ଥା ମଧ୍ୟ ଭଲ ନାହିଁ। ସେଠାରେ ଯାତ୍ରୀଙ୍କ ପାଇଁ ବିଶେଷ ସୁବିଧା ଉପଲବ୍ଧ ହେଉ ନ ଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ଗତ ମାର୍ଚ୍ଚ ମାସରୁ ଖରାର ପ୍ରକୋପ ଦେଖାଇଥିଲେ ମଧ୍ୟ ମଝିରେ କାଳବୈଶାଖୀ, ଲଘୁଚାପଜନିତ ବର୍ଷା ଏବଂ ମେଘୁଆ ପାଗ ଯୋଗୁଁ ଲୋକେ କିଛିଟା ଆଶ୍ୱସ୍ତି ପାଇଥିଲେ। ତେବେ ମେ ମାସ ପ୍ରାରମ୍ଭରୁ ଖରା ଟାଣ ହୋଇଛି। ପ୍ରତିଦିନ ୪୦ଡିଗ୍ରୀରୁ ଉର୍ଦ୍ଧ୍ୱ ଉଷ୍ଣତା ଅନୁଭବ ହେଉଥିବାବେଳେ ଗୁଳୁଗୁଳି ଯୋଗୁଁ ଲୋକେ ଆଉଟୁପାଉଟୁ ହେଉଛନ୍ତି। ବଲାଙ୍ଗୀର ଡେଲିମାର୍କେଟଠାରେ ରିକ୍ସା ଚଳାଉଥିବା ରାଜୁ ରଣା କହିଛନ୍ତି ଯେ, ଲୋକେ ଖରାରେ ଘରୁ ବାହାରୁ ନଥିବାରୁ ତାଙ୍କ ଉପାର୍ଜନ କମିଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା ପରେ କେତେବେଳେ କେଉଁଠି ଗୋଟେ ଦୁଇଟି ଲୋକ ରିକ୍ସାରେ ଯିବା ଆସିବା କରୁଛନ୍ତି। ବଲାଙ୍ଗୀର ସହରର ସମାଜସେବୀ ତଥା ଆଡଭୋକେଟ ବାଳକୃଷ୍ଣ ଷଡଙ୍ଗୀ କହିଛନ୍ତି, ଖରା ବଢ଼ିବା କାରଣରୁ ଘରୁ ବାହାରିବାକୁ ଲୋକେ ଭୟ କରୁଛନ୍ତି। ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଛି ମାତ୍ର ସେଠାରେ ପାଣି ବ୍ୟବସ୍ଥା ନାହିଁ। କେବଳ କପଡା ଢ଼ଙ୍କା ଯାଇଛି। ହସ୍ପିଟାଲ ପରିସରରେ ମଧ୍ୟ ପିଇବା ପାଣି ବ୍ୟବସ୍ଥା ନଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ଏଦିଗରେ ପ୍ରଶାସନ ବ୍ୟବସ୍ଥା କରିବା ସହ ଅତି କମ୍‌ରେ ଲୋକଙ୍କୁ ଥଣ୍ଡା ପାଣି ଯୋଗାଇବା ବ୍ୟବସ୍ଥା କରିବା ଉଚିତ୍ ବୋଲି ସେ କହିଛନ୍ତି।



ଟାଣ ଖରା ଯୋଗୁ ବଲାଙ୍ଗୀର ସହରର ବ୍ୟସ୍ତବହୁଳ ଭାଗୀରଥି ଛକ ଜନଶୂନ୍ୟ ହୋଇପଡ଼ିଛି।

# ଭଡ଼ା ପାଇଁ ଖରାରେ ୫ କି.ମି. ଚାଲିଲେ ବୃଦ୍ଧ ଦମ୍ପତି



ଭଡ଼ା ଟଙ୍କା ପାଇଁ ଆସିଥିବା ବୃଦ୍ଧ ଦମ୍ପତି।

ନୂଆପଡ଼ା ଅଫିସ,୮।୫

ନୂଆପଡା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ପଗାରପାଣି ଗାଁର ବୃଦ୍ଧ ଦମ୍ପତି ଭଡ଼ା ଟଙ୍କା ପାଇଁ ପ୍ରବଳ ଖରାରେ ୫ କି.ମି. ଚାଲି ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ଜାଣପଡ଼ିଛି। ସୂଚନାରୁ ପ୍ରକାଶ ଯେ, ପଗାରପାଣି ଗାଁର ବନ୍ତ ତାଣ୍ଡି ଓ ତାଙ୍କ ସ୍ତ୍ରୀ ହିରନ ବାଇ ତାଣ୍ଡି ଭଡ଼ା ଟଙ୍କା ପୂର୍ବରୁ ନିଜ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଆଣୁଥିଲେ। ଯେଉଁଦିନଠାରୁ ରାଜ୍ୟ ସରକାର ଆକାଉଣ୍ଟରେ ଟଙ୍କା ଜମା କରିବା ବ୍ୟବସ୍ଥା କରିଠାରୁ ବୃଦ୍ଧା ଦମ୍ପତିଙ୍କ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ନୂଆପଡା ଶାଖା ଜମା ଖାତାରେ ଠିକ ଭାବେ ଟଙ୍କା ଜମା ହେଉଥିଲା। ହେଲେ ଗତ ଫେବୃୟାରୀଠାରୁ ୩ ମାସର ଭଡ଼ା ଟଙ୍କା ପାଇ ନ ଥିବାରୁ ୫ କି.ମି. ରାସ୍ତା ନୂଆପଡାକୁ ଖରାରେ ଚାଲି ଚାଲି ଆସି ବ୍ୟାଙ୍କରେ ଚେକ କଲା ବେଳକୁ ଟଙ୍କା ଜମା ହୋଇ ନାହିଁ ବୋଲି ବ୍ୟାଙ୍କ କର୍ମଚାରୀ ବୃଦ୍ଧା ଦମ୍ପତିଙ୍କୁ କହିଥିଲେ। ନିରାଶ ହୋଇ ଦମ୍ପତି ନୂଆପଡା ବ୍ଲକ କାର୍ଯ୍ୟାଳୟକୁ ଯାଇ ପଚାରି ଆସିଥିଲେ। ହେଲେ ଟଙ୍କା ପାଇ ନ ଥିଲେ। ଜଣେ ଯୁବକ ବ୍ଲକ କାର୍ଯ୍ୟାଳୟ ପାଖକୁ ବୃଦ୍ଧା ଦମ୍ପତିଙ୍କୁ ନେଇ ଛାଡିଥିଲେ। ସେଠାରେ ସରପଞ୍ଚ ପ୍ରତିନିଧି କୌଶିକ ସାହୁ ବୃଦ୍ଧା ଦମ୍ପତିଙ୍କୁ ନେଇ ଜମା ଖାତାକୁ ଚେକ କରାଇବାରୁ ଡାକଘର ଖାତାରେ ଟଙ୍କା ଜମା ହୋଇଥିବା ଜଣାପଡିଥିଲା। ପ୍ରଥମେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଭଡ଼ା ଟଙ୍କା ପଡୁଥିଲେ, ସେହି ଜମା ଖାତାରେ ନ ପଡି ଡାକଘର ଖାତାରେ ଜମା ହେଉଥିବାରୁ ହିତାଧିକାରୀମାନେ ଜାଣି ପାରୁ ନାହାନ୍ତି। ଆକାଉଣ୍ଟ ପେଇ ହେବା ଦିନଠାରୁ ଦିବ୍ୟାଙ୍ଗ, ବୃଦ୍ଧାବୃଦ୍ଧମାନେ ହଇରାଣ ହୋଇ ଦୂରଦୂରାନ୍ତକୁ ଭଡ଼ା ଟଙ୍କା ପାଇଁ ଯାଉଛନ୍ତି। ଅଧିକାଂଶ ବୃଦ୍ଧାବୃଦ୍ଧମାନଙ୍କ ଫିଙ୍ଗର ପ୍ରିଣ୍ଟ ଆସୁ ନାହିଁ। ଫିଙ୍ଗର ପ୍ରିଣ୍ଟ ନ ଆସିବା ଦ୍ୱାରା ବ୍ୟାଙ୍କ ଶାଖା ହଉ ବା ମିନି ବ୍ୟାଙ୍କରେ ଟଙ୍କା ଦେଉ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହିମାନଙ୍କୁ ଆକାଉଣ୍ଟ ପେଇ ନ କରି ପୂର୍ବ ଭଳି ହସ୍ତରେ ଦିଆଯାଉ ବୋଲି ସାଧାରଣରେ ଦାବି ହେଉଛି।

# ରେଡ୍‌କ୍ରସ ଦିବସରେ ସଚେତନତା ଶୋଭାଯାତ୍ରା

ମୁରିବାହାଲ, ୮।୫(ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଶିରୋଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସୋମବାର ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡକ୍ରସ ପତାକା ଉତ୍ତୋଳନ କରିଥିଲେ। ରେଡ଼କ୍ରସ ଦିବସର ଉଦ୍ଦେଶ୍ୟ ଓ ପାଳନ ସମ୍ବନ୍ଧରେ ମତ ରଖିଥିଲେ। ପରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରା ମଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ବିଦ୍ୟାଳୟର ଜୁନିୟର ରେଡ଼କ୍ରସ ବିଭାଗ ଦାୟିତ୍ୱରେ ଥିବା ଶିକ୍ଷକ ଜଗଦୀଶ ସୁନାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଶିକ୍ଷୟିତ୍ରୀ ରମଣୀ ସାହାଣୀ, ଲିଲୁ ମୋହନ ପଧାନ, ମୋହନ ପ୍ରଧାନୀ ଉପସ୍ଥିତ ଥିଲେ। ଶେଷରେ ମୋହନ ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ।





ଶିରୋଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ରାଲିରେ ବାହାରିଛନ୍ତି।

## ବନପାଳଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ

ବାଉଁଶୁଣୀ,୮।୫(ଡି.ଏନ୍.ଏ.)

ବୌଦ୍ଧ ଜିଲାରେ ଜଙ୍ଗଲ ମାଫିଆ ଦିନକୁ ଦିନ ଗଛ କାଟି ଜଙ୍ଗଲ ସଫା କରିଦେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ମନମୁଣ୍ଡା ରେଞ୍ଜ ଅଧୀନ ଗୁନ୍ଦୁଲିଆ ସେକ୍ସନରେ ଥିବା ଛେଲିଆବୁଡ଼ା ଜଙ୍ଗଲରେ। ମାଫିଆମାନେ ବ୍ୟାପକ ଗଛ କାଟି ନେଉଥିବା ଗୁନ୍ଦୁଲିଆ ବନପାଳଙ୍କଠାରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ପଟୁଆପାଲି ଗ୍ରାମବାସୀ ଦୀର୍ଘ ୧୫ ବର୍ଷହେବ ଛେଲିଆବୁଡ଼ା ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଥିଲେ। ସରକାରଙ୍କ ପକ୍ଷରୁ ୨୦୧୯-୨୦ରେ ଉକ୍ତ ଜଙ୍ଗଲରେ ଗଛ ଲଗାଯାଇଥିଲା। ହେଲେ ଗ୍ରାମ୍ୟ କମିଟି କୌଣସି କାଗଜପତ୍ର ଦେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ତାହେଲେ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଚେତାବନୀ ଦେଇଛନ୍ତି।

# ରାସ୍ତା ଉପରେ ଡ୍ରେନ୍‌ର ଦୁର୍ଗନ୍ଧ ପାଣି



ରାସ୍ତା ଉପରେ ଡ୍ରେନର ଦୁର୍ଗନ୍ଧ ପାଣି।

ଖଡ଼ିଆଳ, ୮।୫(ଡି.ଏନ୍.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ତୁକୁଲା ମାଉସୀ ମନ୍ଦିର ପଡ଼ା ଡ୍ରେନର ଦୁର୍ଗନ୍ଧ ପାଣି ରାସ୍ତା ଉପରେ ବୋହି ପରିବେଶ ଦୁର୍ଗନ୍ଧମୟ କରୁଛି। ଡ୍ରେନକୁ ଦୀର୍ଘ ଦିନ ଧରି ସଫା କରାଯାଉ ନ ଥିବାରୁ ମଇଳା ଭର୍ତ୍ତି ହୋଇ ଏଭଳି ସମସ୍ୟା ଉପୁଜୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହି ପାଣିକୁ ଗ୍ରାମବାସୀ ମାଡ଼ି ଯିବା ଆସିବା କରୁଛନ୍ତି। ଦୁର୍ଗନ୍ଧ ପାଣି ଯୋଗୁ ରାସ୍ତା ଓ ଘର ଗୁଡ଼ିକରେ ପୋକ ସାଲୁବାଲୁ ହେବା ସହ ମଶା ମାଛି ସଂଖ୍ୟା ବୃଦ୍ଧି ପାଉଛି। ଗ୍ରାମର ଅନେକ ସ୍ଥାନରେ ମଧ ଡ୍ରେନ ସମସ୍ୟା ଲାଗି ରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଡ୍ରେନ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଯାଦବ ସମାଜ କାର୍ଯ୍ୟକାରିଣୀ ବୈଠକ

ବରପାଲି,୮।୫(ଡି.ଏନ.ଏ.)

ବରପାଲି ବ୍ଲକ ଯାଦବ ସାଂସ୍କୃତିକ ସମାଜର କାର୍ଯ୍ୟକାରିଣୀ ବୈଠକ ଜୟଗୋପାଳ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବରପାଲି ବ୍ଲକ ସଭାପତି ମନଫୁଲ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉତ୍କଳ ଯାଦବ ସମାଜ ରାଜ୍ୟ ଉପସଭାପତି ଧନସିଂ ଭୋଇ ମୁଖ୍ୟଅତିଥି, ଜିଲା ସଭାପତି ରାଜୁ ଘିଭେଲା, ପ୍ରେମରାଜ ଥାପା, ଖାଡିଆ ବରଗ୍ତି, ପବିତ୍ର ଥାପା, ଲାଲ ଯୁଆଡ଼ି, କୁଞ୍ଜ ବିହାରୀ ରାଉତ, ଫଗୁନୁ ଚାଉଁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜର ସାଙ୍ଗଠନିକ, ପାରମ୍ପରିକ, ସାମାଜିକ ଆଲୋଚନା ହୋଇଥିଲା। ବୈଠକରେ ଗୋବିନ୍ଦ ଯୁଆଡି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରସାନନ୍ଦ ଥାପା ଧନ୍ୟବାଦ ଅର୍ପଣ କରିଥିଲେ।

# ଡାକ୍ତରଖାନା ସଫେଇ କଲେ ବିଦ୍ୟାର୍ଥୀ

### ହରେକୃଷ୍ଣ ମହତାବ ହାଇସ୍କୁଲରେ ବିଶ୍ୱ ରେଡକ୍ରସ ଦିବସ ପାଳିତ

ଲୋଇସିଂହା, ୮।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲରେ ବିଶ୍ୱ ରେଡକ୍ରସ ଦିବସ ସୋମବାର ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ଉଦ୍ଧବ ପଟେଲ ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟିତ୍ରୀ ମିନାକ୍ଷୀରାଣୀ ମିଶ୍ର ଜୁନିୟରମାନଙ୍କୁ ହେଡନ ପାୱାରଙ୍କ ବିଷୟରେ କହିଥିଲେ। ଶିକ୍ଷକ ଭକ୍ତଚରଣ ନାଏକ ସ୍ୱାସ୍ଥ୍ୟ, ସେବା ଓ ବିଶ୍ୱବନ୍ଧୁତା ବିଷୟରେ କହିଥିଲେ । ପରେ ଜୁନିୟର ରେଡକ୍ରସ ଛାତ୍ରୀମାନେ ସ୍ଥାନୀୟ ଡାକ୍ତରଖାନା, ବ୍ଲକ ଅଫିସ ଏବଂ ବ୍ଲକଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଯାଇ ସଫେଇ କରିଥିଲେ। ଏହି ଅବସରରେ ବିଡିଓ ଆକାଶ ରଞ୍ଜନ ସାହୁ ରକ୍ତଦାନ କରି ଜୀବନ ବଞ୍ଚାଇବାକୁ ଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ବ୍ଲକଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନାକୁମାରୀ ବେହେରା ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏବିଓ ଟଙ୍କଧର ଭୋଇ, ରଶ୍ମିମତୀ ତ୍ରିପାଠୀ ପ୍ରମୁଖ ଜୁନିୟର ରେଡକ୍ରସ ଛାତ୍ରଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଶିକ୍ଷକ ରାଜ କୁମାର ଭୋଇ, ଚେତାବନୀ ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।





ବିଡିଓଙ୍କ ଗହଣରେ ଜୁନିୟର ରେଡ୍‌କ୍ରସ ଛାତ୍ର ଓ ଗାଇଡ ଶିକ୍ଷକ।

# ଜିଲାସ୍ତରୀୟ ଜଳ ସଂରକ୍ଷଣ ଅଭିଯାନ କାର୍ଯ୍ୟକ୍ରମ

ନୂଆପଡ଼ା ଅଫିସ,୮।୫

ନୂଆପଡା ସଦର ମହକୁମାସ୍ଥିତ ସିର୍ଡୋଲ କେଜିଏନଟି ସଭାଗୃହରେ ନେହେରୁ ଯୁବ କେନ୍ଦ୍ର ନୂଆପଡା ଓ କେଜିଏନଟି ସଂସ୍ଥାର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଜାତୀୟ ଜଳ ମିଶନ ବା ବର୍ଷା ଧାରା-୩ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ନୂଆପଡ଼ା ନେହେରୁ ଯୁବକେନ୍ଦ୍ର ଯୁବ ଅଧିକାରୀ ପ୍ରସନ୍ନ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡା ମୃତ୍ତିକା ସଂରକ୍ଷଣ ଅଧିକାରୀ ରାମେଶ୍ୱର ବାଗ ମୁଖ୍ୟଅତିଥି, ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ କେଜିଏନଟି ନିର୍ଦ୍ଦେଶକ ଜୟ ନାରାୟଣ ଘୋଷ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜଳ ବଞ୍ଚାଅ ପ୍ରାଣ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମରେ ଜିଲାର ୫୦ଟି ପ୍ରଭାବିତ ଗାଁରେ ଜଳ ସଂରକ୍ଷଣ ସଚେତନ ଅଭିଯାନ କାର୍ଯ୍ୟକ୍ରମ କରିବା ନିଷ୍ପତ୍ତି ନିଆଯାଇଛି। ଜଳ ଚଉପାଳ, କାନ୍ଥ ଲେଖା, ଜ୍ଞାନ ପରିଖ୍ୟାନ କରିବାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏମ୍‌ଟିଏସ ମୁକେଶ ପାଣ୍ଡେ, ଭଞ୍ଜ କିଶୋର ନାଏକ, ପୁରୁତମ ଶବର, ଭାରତୀ ଭୋଇ, ବିଶାଖା ହରିଜନ ଓ କେଜିଏନଟି କର୍ମକର୍ତ୍ତ ସହଯୋଗ କରିଥିଲେ।





ଅତିଥିମାନେ ପୋଷ୍ଟର ପ୍ରଦର୍ଶନ କରୁଛନ୍ତି।

# ରଙ୍ଗୀନ ମାଛ ଚାଷ ଆରମ୍ଭ



ରଙ୍ଗୀନ ମାଛ ଚାଷ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ।

ଖଡ଼ିଆଳ,୮।୫(ଡି.ଏନ୍.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ତୁକୁଲା ଗ୍ରାମରେ ଓଡ଼ିଶା ଜୀବିକା ମିଶନ ଶକ୍ତି ବିଭାଗ ପକ୍ଷରୁ ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୩ ଲକ୍ଷ ୫୦ ହଜାର ଟଙ୍କାରେ ପ୍ରଥମ ପର୍ଯ୍ୟାୟରେ ରଙ୍ଗୀନ ମାଛ ଚାଷ ଆରମ୍ଭ କରିଛନ୍ତି। ଏଥିରେ ଜୟ ମା' ଦୁର୍ଗା, ଧନଲକ୍ଷ୍ମୀ ଓ ଶ୍ରୀ ଗୁଣ୍ଡିଚା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଛନ୍ତି। ରେଡ୍ କେପ, କଲର ଟେରା, ଟାଇଗ୍ ବାର୍କ, ରୋଜି ବାର୍କ, ମିକ୍ସ ମେଲି, ଟାଇଗର ସାର୍କ, ଏଲବୀନା, ଟାଭିରି ସାର୍କ, କଲର ସ୍କେଲ ଭଳି ୮ ପ୍ରକାରର ମାଛ ଚାଷ କରାଯାଇଛି। ଏହି ମାଛକୁ ୧୦ଟି ପାଣି ଟାଙ୍କିରେ ଅତ୍ୟାଧୁନିକ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରାଯାଇଛି। ଏହି ରଙ୍ଗୀନ ମାଛ ଚାଷର ଉଦ୍ଦେଶ୍ୟ କମ ଖର୍ଚ୍ଚରେ, କମ ଜମିରେ ଓ ବୈଜ୍ଞାନିକ ପଦ୍ଧତିରେ ଚାଷ କରି ଅଧିକ ଉପାର୍ଜନ କରିବା। ବର୍ତ୍ତମାନ ଆଧୁନିକ ଯୁଗରେ ବିଭିନ୍ନ ପ୍ରକାର ସପିଙ୍ଗ ମଲ, ଦୋକାନ, ବାସ ଗୃହରେ ତଥା ସମସ୍ତ ସୌକିନ ଜାଗାରେ ରଙ୍ଗୀନ ମାଛକୁ କାଚ ବକ୍ସରେ ଭରି ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ୟବହାର କରାଯାଉଛି। ଫଳରେ ରଙ୍ଗୀନ ମାଛ ଚାହିଦା ଅଧିକ ରହିଛି। ଏଥିରେ ୩ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟା ସହଯୋଗ କରୁଛନ୍ତି। ଓଡ଼ିଶା ଜୀବିକା ମିଶନ ଶକ୍ତି ପକ୍ଷରୁ ବ୍ଲକ ପ୍ରକଳ୍ପ ପରିଚାଳକ ଡ. ମିଥୁନ ତାଣ୍ଡି, ବ୍ଲକ ସଂଯୋଜକ ଚନ୍ଦ୍ର ସୁନାନୀ, ଏମବିକେ ସତ୍ୟବତୀ ପଟେଲ ସହଯୋଗ କରିବା ସହ କିପରି ରଙ୍ଗୀନ ମାଛଚାଷ ଅଧିକ ଲୋକଙ୍କୁ ଆକୃଷ୍ଟ କରିବ ସେନେଇ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ଆଗାମୀ ଦିନରେ ରଙ୍ଗୀନ ମାଛକୁ କାଚ ବାକ୍ସରେ ରଖି ବଜାରରେ ମଧ୍ୟ ଛଡ଼ାଯିବ ବୋଲି ସେ କହିଛନ୍ତି। ଏହି ରଙ୍ଗୀନ ମାଛଚାଷ ପାଇଁ ବିଭାଗୀୟ ଅଧିକାରୀ ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ବୁଝେଇବା ପରେ ସେମାନେ ଆଗ୍ରହୀ ହୋଇଥିଲେ।

## ସଂକ୍ଷେପରେ

### ୫୫ ଅଭିଯୋଗ ଶୁଣିଲେ ଜିଲାପାଳ



ବୌଦ୍ଧ,୮।୫(ସ୍ୱ.ପ୍ର): ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣୀ ହୋଇଥିଲା। ଶିବିରରେ ସମୁଦାୟ ୫୫ଟି ଆପତ୍ତି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୫୦ ବ୍ୟକ୍ତିଗତ ମାମଲା ଓ ୫ ବିଭିନ୍ନ ଗ୍ରାମର ସାମୂହିକ ମାମଲା ରହିଥିଲା। ୨୩ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ରେଡକ୍ରସ ପାଣ୍ଠିରୁ ୧୧ ଜଣଙ୍କୁ ୮୩ ହଜାର ଟଙ୍କା ଦିଆଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ୪୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା। ଶିବିରରେ ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ଅତିରିକ୍ତ ଜିଲାପାଳ ଦାରିଦ୍ର ଭଞ୍ଜନ ମଦନ ମୋହନ ପାତ୍ର, ଉପଜିଲାପାଳ ରବିନ୍ଦ୍ର ନାଥ କହଁର, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରୀତାକାନ୍ତ ବଳିଆର ସିଂଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

### ବରିଷ୍ଠ ନାଗରିକ ମଞ୍ଚ ବୈଠକ

ବୌଦ୍ଧ,୮।୫(ସ୍ୱ.ପ୍ର): ବୌଦ୍ଧ ବିଜ୍ଞାପିତ ଅଞ୍ଚଳର ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଭାତ କୁମାର ସାହୁଙ୍କ ଅଧକ୍ଷତାରେ ଜିଲା ଟ୍ରକ ମାଲିକ ସଂଘ ସଭାଗୃହରେ କାର୍ଯ୍ୟକାରିଣୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରୁ ମୃତ୍ୟୁବରଣ କରିଥିବା ବରିଷ୍ଠ ନାଗରିକଙ୍କ ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ସମ୍ପାଦକ ବିଶ୍ୱନାଥ ମିଶ୍ର ମଞ୍ଚ ଗଠନ ଉପରେ ଆଲୋକପାତ କରିଥିଲେ। ଏଥିସହ ଗ୍ରାମାଞ୍ଚଳରେ ବାସ କରୁଥିବା ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟାର ସମାଧାନ, ମଞ୍ଚ ଗୃହ ନିର୍ମାଣ, ଠିକ ସମୟରେ ପୋଲିସ ପ୍ରସାଶନ ପକ୍ଷରୁ ପରିଚୟପତ୍ର ପ୍ରଦାନ କରାଯାଉ ନ ଥିବାରୁ ଆରକ୍ଷୀ ଅଧିକ୍ଷକଙ୍କ ସହ ସାକ୍ଷାତ କରିବା ଏବଂ ଜିଲାର ଗଠନମୂଳକ କାର୍ଯ୍ୟରେ ବରିଷ୍ଠ ନାଗରିକଙ୍କୁ ସାମିଲ କରୁ ନ ଥିବାରୁ ଜିଲାପାଳଙ୍କ ସହିତ ସାକ୍ଷାତ୍ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ସଭାପତି ଅଖିଳଚାନ୍ଦ ମହାପାତ୍ର, ଅକ୍ଷୟ କୁମାର ମହାନ୍ତି, ଉପ ସଭାପତି ଶିବ ପ୍ରସାଦ ମିଶ୍ର, ବରିଷ୍ଠ ଓକିଲ ସୁଧିର କୁମାର କର୍ଣ୍ଣ ଯୋଗଦେଇ ସଙ୍ଗଠନକୁ ତୃଣମୂଳ ସ୍ତରରୁ ସଙ୍ଗଠିତ କରି କିପରି ଜନହିତ କାର୍ଯ୍ୟ କରାଯାଇ ପାରିବ ତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଦିଆଯାଇଥିବା ଗୃହ ଏବଂ ଏହାର ମରାମତି କାର୍ଯ୍ୟ ସମାପନ କରାଯାଇଥିବାରୁ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ରଙ୍କୁ ପ୍ରଶଂସା କରାଯାଇଥିଲା। ବୈଠକରେ ବରିଷ୍ଠ ସଦସ୍ୟ ହରିଶ ମିଶ୍ର, ବସନ୍ତ ପଟ୍ଟନାୟକ, ତ୍ରିପୁରେନ୍ଦ୍ର ସାହାଣୀ, ଜ୍ଞାନ ପଟ୍ଟନାୟକ, ଭଗବାନ ଆଚାର୍ଯ୍ୟ, ମହେଶ ପ୍ରସାଦ ଦଲାଲ, ପୂର୍ଣ୍ଣଚନ୍ଦ୍ର ସାହୁ, ପଦ୍ମନାଭ ସାହୁ ସାମିଲ ହୋଇଥିଲେ।

# ୮ ବର୍ଷରେ ମଲେଣି ୮ ହାତୀ

ସୋନପୁର,୮।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ହାତୀଙ୍କ ଆବାସସ୍ଥଳୀ ଅସୁରକ୍ଷିତ ହୋଇପଡିଛି। କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ବି ହାତୀଙ୍କୁ ସୁରକ୍ଷା ଦିଆ ଯାଇପାରୁନି। ବିଦ୍ୟୁତ୍ ଆଘାତରେ ପ୍ରାୟତଃ ଅଧିକାଂଶ ହାତୀଙ୍କ ଜୀବନ ଯାଉଛି। ଗତ ୮ ବର୍ଷ ମଧ୍ୟରେ ଜିଲାରେ ୮ ହାତୀଙ୍କ ମୃତ୍ୟୁ ହୋଇଛି। ସେହି ଅନୁପାତରେ ସାଧାରଣ ଲୋକଙ୍କ ଜୀବନହାନୀ ମଧ ଘଟିଛି। ବଣୁଆ ହାତୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ପାଇଁ ସରକାରଙ୍କ ପକ୍ଷରୁ ଏଲିଫ୍ୟାଣ୍ଟ ଟ୍ରାକିଂ ବ୍ୟବସ୍ଥା କରାଯାଇଛି। କିନ୍ତୁ ଜିଲାରେ ହାତୀ ମୃତ୍ୟୁ ହାର ଉଦ୍‌ବେଗଜନକ ରହିଛି। ବର୍ତ୍ତମାନ ଜିଲାରେ ଗଜରାଜଙ୍କ ଜୀବନ ସଙ୍କଟରେ ରହିଛି। ଗୋଟିଏ ପଟେ ଜଙ୍ଗଲ ସୁରକ୍ଷା, ବନ୍ୟଜନ୍ତୁଙ୍କ ପାଇଁ ଜଳଉତ୍ସ ଖନନ, ହାତୀଙ୍କ ଖାଦ୍ୟ ପାଇଁ ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହାତୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଏଲିଫ୍ୟାଣ୍ଟ ସ୍କ୍ୱାଡ ଗଠନ କରାଯାଇଛି। କର୍ମଚାରୀଙ୍କୁ ନିୟୋଜିତ ହୋଇଛନ୍ତି। ମାତ୍ର ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁ ସେଭଳି ଯୋଜନା କେବଳ କାଗଜପତ୍ରରେ ସୀମିତ ରହିଛି। ଏଲିଫ୍ୟାଣ୍ଟ ସ୍କ୍ୱାଡର କର୍ମଚାରୀଙ୍କୁ ଜଙ୍ଗଲରେ ନିୟୋଜିତ କରା ନ ଯାଇ ଅଫିସ, ଅଧିକାରୀଙ୍କ ବାସଭବନ ଓ ବଗିଚା କାମରେ ଲଗାଯାଉଛି। ଫଳରେ ହାତୀପଲ ଗାଁ ମୁହାଁ ହୋଇ ଶତାଧିକ ଏକର ଜମିରେ ବ୍ୟାପକ ଧାନ ଫସଲ ନଷ୍ଟ କରୁଛନ୍ତି। ଜିଲାର ବାରପାହାଡ ଓ ଉଲୁଣ୍ଡା ଜଙ୍ଗଲଟି ହାତୀମାନଙ୍କ ପାଇଁ ଏକ ସୁରକ୍ଷିତ ସ୍ଥାନ ହୋଇଥିବାରୁ ପ୍ରତ୍ୟେକ ବର୍ଷ ସମ୍ବଲପୁର ଜିଲାର ରେଢାଖୋଲ ଓ ବଲାଙ୍ଗୀର ଜିଲାର ଲୋଇସିଂହା ଜଙ୍ଗଲ ଦେଇ ହାତୀମାନେ ଏଠାକୁ ଆସି ମାସ ମାସ ଧରି ରହିଥାନ୍ତି।

ଜଙ୍ଗଲରେ ହାତୀଙ୍କ ଖାଦ୍ୟ ଓ ପାଣିର ସୁବିଧା ପାଇଁ ବନବିଭାଗ ପକ୍ଷରୁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ହାତୀଙ୍କ ଖାଦ୍ୟର ସୁବିଧା ପାଇଁ ସୋନପୁର ଫରେଷ୍ଟ ରେଞ୍ଜ ପକ୍ଷରୁ ୨୦୧୫-୧୬ ଆର୍ଥିକ ବର୍ଷରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଶଙ୍ଖଚୋଳ

**ଆବାସସ୍ଥଳୀ ଅସୁରକ୍ଷିତ, ବିଦ୍ୟୁତ୍ ଆଘାତରେ ଯାଉଛି ଜୀବନ**



ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲର ରାସ୍ତାକଡରେ ହାତୀଙ୍କ ପାଇଁ ୧୦ହେକ୍ଟର ଜମିରେ ହାତୀ ଖାଦ୍ୟ ଚାରାରୋପଣ ପ୍ରକଳ୍ପ ସୃଷ୍ଟି କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ହାତୀପଲ ଖାଦ୍ୟ ଅନ୍ୱେଷଣରେ ଆଉ ଜନବସତି ମଧ୍ୟକୁ ନଯାଇ ଜଙ୍ଗଲରେ ଆବଶ୍ୟକ ଖାଦ୍ୟ ସୁବିଧାରେ ପାଇପାରିବେ। ଫଳରେ ହାତୀମାନେ ଖାଦ୍ୟ ଭାବରେ ଗ୍ରହଣ କରୁଥିବା ଶିଶୁ, ବାଉଁଶ, ଗମ୍ଭାରୀ, ଅଁଳା, ଖଇର ଓ ବର ଆଦି କିସମର ୧୬ ହଜାର ଚାରା ରୋପଣ କରାଯାଇଥିଲା। କିନ୍ତୁ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ବର୍ତ୍ତମାନ ଏହି ପ୍ରକଳ୍ପ କେବଳ ଫଳକରେ ସୀମିତ ରହିଛି।

ଜିଲାର ୪ଟି ବନକ୍ଷେତ୍ରାଞ୍ଚଳରେ ୧୫ଟି ଏଲିଫ୍ୟାଣ୍ଟ ସ୍କ୍ୱାଡ ଅଛନ୍ତି। ସେହିପରି ଏକାଧିକ ଏଲିଫ୍ୟାଣ୍ଟ ଟ୍ରାକର ଦଳ ରହିଛନ୍ତି। ଏହା ସତ୍ତ୍ୱେ ହାତୀ ମୃତ୍ୟୁକୁ ରୋକା ଯାଇପାରୁନି। ଗତ ଅପ୍ରେଲ ୧୧ ତାରିଖ ଭୋର ସମୟରେ ବିନିକା ରେଞ୍ଜ ବାରଡୁଙ୍ଗୁରି ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତାହାତୀର ମୃତ୍ୟୁ ହୋଇଥିଲା। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ୨୦୧୫ନଭେମ୍ବର ୨୨ରେ ସୋନପୁର ରେଞ୍ଜ ଅନ୍ତର୍ଗତ ତରଭା ବ୍ଲକ ଚିଠିପାଲି ସଂରକ୍ଷିତ ଜଙ୍ଗଲରେ ୨ଟି ମାଇ ହାତୀ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିଲେ। ୨୦୧୯ ନଭେମ୍ବର ୧୯ରେ ଉଲୁଣ୍ଡା ରେଞ୍ଜର ସାରସଦାଦର ଜଙ୍ଗଲରେ ବାର୍‌ହା ଫାଶରେ ପଡି ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣାର ମାତ୍ର ୨୦ ଦିନ ପରେ ୨୦୧୯ ଡିସେମ୍ବର ୭ରେ ଉଲୁଣ୍ଡା ରେଞ୍ଜ ପଞ୍ଚମହଲା ପଞ୍ଚାୟତର ବାଘପାଲିଠାରେ ମହାନଦୀ ପାରି ହେବା ସମୟରେ ଏକ ହାତୀ ଶାବକ ପାଣିରେ ବୁଡି ମୃତ୍ୟୁବରଣ କରିଥିଲା। ଏହି ଘଟଣାର ୪ ଦିନ ପରେ ବାରପାହାଡ ସଂରକ୍ଷିତ ଜଙ୍ଗଲର ଡୁମେରଖୋଲରୁ ଏକ ହାତୀ ଶାବକର ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା। ୨୦୨୧ ଡିସେମ୍ବର ୪ ତାରିଖରେ ବାରପାହାଡ ନିକଟ ବସଲାଟରେ ଏକ ପ୍ରାପ୍ତ ବୟସ୍କା ମାଈହାତୀ ମୃତ୍ୟୁ ବରଣ କରିଥିଲା। ଗତ ୨୦୨୨ ମାର୍ଚ୍ଚ ୨୩ ତାରିଖରେ ସୋନପୁର ରେଞ୍ଜ ବାଜିଖୋଲ ନିକଟସ୍ଥ ପଡିଆରୁ ଏକ ଦନ୍ତା ହାତୀର ମୃତଦେହ ଉଦ୍ଧାର ହୋଇଥିଲା। ୨୦୧୫ରେ ୨ଟି, ୨୦୧୯ରେ ୩ଟି, ୨୦୨୧, ୨୦୨୨ ଓ ୨୦୨୩ରେ ଗୋଟିଏ ଲେଖାଏ ହାତୀ ମୃତ୍ୟୁବରଣ କରିଥିବା ଜଣାଯାଇଛି। ତେଣୁ ଜଙ୍ଗଲରେ ହାତୀଙ୍କ ପାଇଁ ପ୍ରାକୃତିକ ଆବାସ ସୃଷ୍ଟି କରିବା ଓ ସୁରକ୍ଷା ପ୍ରଦାନ ପାଇଁ ବନ ବିଭାଗ ପଦକ୍ଷେପ ନେବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

## ଜଙ୍ଗଲ ସଫା କରିଦେଉଛନ୍ତି ମାଫିଆ

- ବନପାଳଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ

ବାଉଁଶୁଣୀ,୮।୫(ଡି.ଏନ୍.ଏ.)

ବୌଦ୍ଧ ଜିଲାରେ ମାତିଛନ୍ତି ଜଙ୍ଗଲ ମାଫିଆ। ଦିନକୁ ଦିନ ଗଛ କାଟି ଜଙ୍ଗଲ ସଫା କରିଦେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ମନମୁଣ୍ଡା ରେଞ୍ଜ ଅଧୀନ ଗୁନ୍ଦୁଲିଆ ସେକ୍ସନରେ ଥିବା ଛେଲିଆବୁଡ଼ା ଜଙ୍ଗଲରେ। ମାଫିଆମାନେ ବ୍ୟାପକ ଗଛ କାଟି ନେଉଥିବା ଗୁନ୍ଦୁଲିଆ ବନପାଳଙ୍କଠାରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ପଟୁଆପାଲି ଗ୍ରାମବାସୀ ଦୀର୍ଘ ୧୫ ବର୍ଷ ହେବ ଛେଲିଆବୁଡ଼ା ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଥିଲେ। ସରକାରଙ୍କ ତରଫରୁ ୨୦୧୯-୨୦ ମସିହାରେ ଉକ୍ତ ଜଙ୍ଗଲରେ ଗଛ ଲଗାଯାଇଥିଲା। ହେଲେ ଗ୍ରାମ୍ୟ କମିଟିକୁ କୌଣସି କାଗଜପତ୍ର ଦେଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶେଷରେ ଗ୍ରାମବାସୀ ସେହି ଜଙ୍ଗଲକୁ ସୁରକ୍ଷା ନ ଦେବାରୁ ଏବେ ସକ୍ରିୟ ହୋଇଛନ୍ତି ମାଫିଆ। କାଠ ମାଫିଆଙ୍କୁ ଗିରଫ କରିବା ପାଇଁ ଗ୍ରାମବାସୀ ବନପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଯଦି ତୁରନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯାଏ ତାହେଲେ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଚେତାବନୀ ଦେଇଛନ୍ତି।

## ବୀରମହାରାଜପୁରକୁ ଏନ୍‌ଏସି ମାନ୍ୟତା ଦିଅ




ଏନଏସି ମାନ୍ୟତା ଦାବିରେ ଏଏପି ତରଫରୁ ବାହାରିଥିବା ଶୋଭାଯାତ୍ରା।

ଅମରପାଲି, ୮।୫(ଡି.ଏନ.ଏ.)

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଏପିର ଦାବିପତ୍ର ପ୍ରଦାନ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ମୁଖ୍ୟାଳୟକୁ ଏନଏସି ମାନ୍ୟତା ଦାବି କରିଛି ଜିଲା ଆମ ଆଦମୀ ପାର୍ଟି(ଏଏପି)। ଏ ନେଇ ସୋମବାର ପୂର୍ବାହ୍ନରେ ଦଳର ଜିଲା ସଭାପତି ସୁରେଶ କଲତାଙ୍କ ନେତୃତ୍ୱରେ ବୀରମହାରାଜପୁର ତହସିଲଠାରୁ ଏକ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳ ଅଶୋକ କୁମାର ଭୋଇଙ୍କୁ ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାର ବୀରମହାରାଜପୁରକୁ ଏନଏସି ମାନ୍ୟତା ନ ଦେଇ ପ୍ରତାରଣା କରୁଛନ୍ତି ବୋଲି ଆନ୍ଦୋଳନକାରୀମାନେ କହିଥିଲେ। ଏହାର ପ୍ରତିବାଦ କରି ଦଳୀୟ କର୍ମକର୍ତ୍ତାମାନେ ସ୍ଥାନୀୟ ବିଧାୟକ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଉକ୍ତ ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପ ସଭାପତି ପୃଥ୍ୱୀରାଜ ଜଗଦଲା, ବଲାଙ୍ଗୀର ଜିଲା ସଭାପତି ଆଶିଷ ପାଣ୍ଡେ, ଘନଶ୍ୟାମ ଭୋଇ, ଭଗବାନ ବାଘ, ମାଧବ ମହାକୁରଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ବୀରମହାରାଜପୁରକୁ ଏନଏସି ମାନ୍ୟତା ଦିଆ ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି ଆନ୍ଦୋଳନକାରୀ।

## ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ବିନିକା, ୮।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ବିନିକା ବ୍ଲକ ସଭାଗୃହଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୩୦ଟି ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ୨୪ ଓ ୬ଟି ସାମୂହିକ ଥିଲା। ତନ୍ମଧ୍ୟରୁ ୫ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ସମସ୍ତ ଅଭିଯୋଗକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ନିମନ୍ତେ ପ୍ରେରଣ କରାଯାଇଥିଲା। ବିଡିଓ ବ୍ୟାସଦେବ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ।

## ରେଡକ୍ରସ ଦିବସରେ ୭୯ ୟୁନିଟ ରକ୍ତ ସଂଗ୍ରହ




ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

ସୋନପୁର, ୮।୫(ନି. ପ୍ର)

ସୁବର୍ଣ୍ଣପୁର ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ଜିଲାପାଳଙ୍କ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲାପାଳ ତଥା ଜିଲା ରେଡକ୍ରସ ସଂସ୍ଥା ସଭାପତି ସୂର୍ଯ୍ୟନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ସଂସ୍ଥା ଉପସଭାପତି ତଥା ସମାଜସେବୀ ଗୌରୀଶ୍ୟାମ ପଣ୍ଡା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର ଏବଂ ବକ୍ତାଭାବେ ଅଧାପକ ତଥା ଜୁନିୟର ରେଡ଼କ୍ରସର ଜିଲା ସଂଯୋଜକ ଉମାକାନ୍ତ ନାଗ ଯୋଗ ଦେଇଥିଲେ। ପ୍ରାରମ୍ଭରେ ରେଡକ୍ରସ ପ୍ରତିଷ୍ଠାତା ଜେନ ହେନେରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅତିଥିବୃନ୍ଦ ବିଶ୍ୱପ୍ରତି ହେନେରୀ ଡୁନଷ୍ଟଙ୍କ ଅବଦାନ ଏବଂ ରେଡକ୍ରସ ସଂସ୍ଥାର କଲ୍ୟାଣକାରୀ ଯୋଗଦାନର ପ୍ରଶଂସା କରିଥିଲେ। ରେଡକ୍ରସ ଶାଖାର ସଦସ୍ୟମାନଙ୍କ ସହିତ ଇଂ. ବିଭୁପ୍ରସାଦ ପଣ୍ଡା, ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଡାକ୍ତର ବିଶ୍ୱରଞ୍ଜନ ପତି, ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ସିଡିଭିଓ ଅନନ୍ତ ପ୍ରସାଦ ପଣ୍ଡା, ତହସିଲଦାର ନବୀନ କିଶୋର ପାୀ ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ଜରୁରୀକାଳୀନ ଶାଖାର ବିଶ୍ୱନାଥ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଦିବସ ଉପଲକ୍ଷେ ପ୍ରାତଃ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୭୯ଜଣ ରକ୍ତଦାନ କରିଥିଲେ। ପୂର୍ବାହ୍ନରେ ସ୍ଥାନୀୟ ସାନଝିଙ୍କିସ୍ଥିତ ମହିମା ବରିଷ୍ଠ ନାଗରିକ ଗୃହର ୨୦ଜଣ ଅନ୍ତେବାସିନୀ ଓ ୧୦ଜଣ ଅନ୍ତେବାସୀଙ୍କୁ ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ, ପୌର ପରିଷଦ ଅଧକ୍ଷା ତାମସୀ ତମସ୍ୱିତା ନାୟକ, ଇନ୍ଦୁମତୀ ପୁରୋହିତ, ସମ୍ପାଦକ ଆନନ୍ଦ ପଣ୍ଡା ପ୍ରମୁଖ ଶାଢ଼ୀ ଓ ଧୋତି ପ୍ରଦାନ କରିଥିଲେ।

## ନାମକୁ ମାତ୍ର ବିଶୁଦ୍ଧ ପାନୀୟ ଜଳ ଯୋଗାଣ

ବୌଦ୍ଧ,୮।୫(ସ୍ୱ.ପ୍ର.)

ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ କେତେକ ସ୍ଥାନରେ ପାନୀୟ ଜଳ ସସମ୍ୟା ଦେଖାଦେଇଛି। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଚାରିଛକ ହେଉଛି ଏକ ପ୍ରମୁଖ ସ୍ଥାନ। ଏଠାରେ ବ୍ଲକର ସମସ୍ତ କାର୍ଯ୍ୟାଳୟ, ପଞ୍ଚାୟତ ସମିତି, ତହସିଲ, ଦମକଳ କେନ୍ଦ୍ର, କୋର୍ଟ ଆଦି ରହିଛି। ଏଥିସହ ଏହା ଜିଲାର ମୁଖ୍ୟ ସ୍ଥଳ ଓ ପ୍ରତିଦିନ ଶତାଧିକ ସଂଖ୍ୟାରେ ଯାନବାହାନ ଚଳପ୍ରଚଳ କରିଥାଏ। ଏଠାରେ ପଞ୍ଚାୟତ ସମିତି ପକ୍ଷରୁ ତିଆରି ହୋଇଥିବା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ନାମକୁ ମାତ୍ର କୁହାଯାଉଛି। ଏହି ପାନୀୟ ଜଳ ପ୍ରକଳ୍ପ ହରଭଙ୍ଗା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ରହଛି। ଏହା ୧ ମାସ ତଳେ ଉଦ୍‌ଘାଟନ ହୋଇଥିଲା। କିନ୍ତୁ ବର୍ତ୍ତମାନ ଏଠାରେ ପାଣି ବାହାରୁ ନାହିଁ। ଫଳରେ ଦୁରଦୁରାନ୍ତରୁ ଆସୁଥିବା ଲୋକେ ପାଣି ପାଇଁ ଉହଳ ବିକଳ ହେଉଛନ୍ତି। ଏଥିପ୍ରତି ତୁରନ୍ତ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ମାସେ ତଳେ ଉଦ୍‌ଘାଟନ ହୋଇଥିବା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ

## ଅମଳ ଅଧିକ, ବିକ୍ରି ହୋଇପାରୁନି

ଅମରପାଲି, ୮।୫(ଡି.ଏନ.ଏ)

**ମୁଣ୍ଡରେ ହାତ ଦେଇ ବସିଛନ୍ତି କଖାରୁ ଚାଷୀ**



- କୁଇଣ୍ଟାଲ ପିଛା ୩ରୁ ୪ଶହ ଟଙ୍କାରେ ବିକୁଛନ୍ତି
- ବଜାର ବ୍ୟବସ୍ଥା ନାହିଁ କି ଶୀତଳ ଭଣ୍ଡାର ନାହିଁ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଚଳିତ ରବିଋତୁରେ ପ୍ରଚୁର ପରିମାଣରେ କଖାରୁ(ମାଖନ) ଉତ୍ପାଦନ ହୋଇଛି। ହେଲେ ବିକ୍ରି କରି ପାରୁ ନ ଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ହଜାର ହଜାର କୁଇଣ୍ଟାଲ କଖାରୁ ନଷ୍ଟ ହେବାକୁ ବସିଲାଣି। ଚଳିତ ବର୍ଷ ବୀରମହାରାଜପୁର ବ୍ଲକରେ ପ୍ରାୟ ୫ଶହ ହେକ୍ଟର ଜମିରେ କଖାରୁ ଚାଷ ହୋଇଥିଲା। ବ୍ଲକର କମିରା, ବିକଳପୁର, ସୁବଳୟା, ବଳରାମପୁର, ପଣ୍ଡୁଆ ଆଦି ଗ୍ରାମର ଚାଷୀ ପ୍ରବଳ ମାତ୍ରାରେ କଖରୁ ଚାଷ କରିଥିଲେ। ଏଥିପାଇଁ ଚାଷୀଙ୍କୁ କୌଣସି ସରକାରୀ ସହାୟତା ପ୍ରଦାନ କରାଯାଇ ନ ଥିଲା। ଚାଷୀ ଋଣ କରି ଚାଷ କରିଥିଲା। ଆଶାନୁରୂ ଅମଳ ମଧ ହୋଇଥିଲା। କୁଇଣ୍ଟାଲ ପ୍ରତି ଏକ ହଜାର ଟଙ୍କା ର ବିକ୍ରି ଲକ୍ଷ୍ୟ ରଖିଥିବା ଚାଷୀ ଏବେ ବିକ୍ରି କରିପାରୁନାହିଁ। ଅଭାବି ବିକ୍ରିର ଶିକାର ଚାଷୀ ଏବେ ହାତାଶ ହୋଇ ପଡିଛି। ଋଣ କିପରି ପରିଶୋଧ କରିବ ଚିନ୍ତାରେ ପଡିଯାଇଛି। ବିକ୍ରିବଟାର କୌଣସି ସୁବିଧା ନ ଥିବା ବେଳେ ଅମଳ ଫସଲ ରଖିବା ପାଇଁ ଶୀତଳ ଭଣ୍ଡାରର ମଧ ବ୍ୟବସ୍ଥା ନାହିଁ। ତେଣୁ ଚାଷୀ ବାଧ ହୋଇ କୁଇଣ୍ଟାଲ ପ୍ରତି ୩ ରୁ ୪ଶହ ଟଙ୍କାରେ କଖାରୁ ବିକ୍ରି କରୁଛି। ଏନେଇ କମିରା ପଞ୍ଚାୟତ ଅନ୍ତର୍ଗତ ବିକଳପୁର ଗ୍ରାମର ଚାଷୀ ପରକ୍ଷିତ କର୍ଣ୍ଣ କହନ୍ତି, ସେ ପ୍ରାୟ ୩ ଏକର ଜମିରେ କଖାରୁ ଚାଷ କରିଥିଲେ। ଭଲ ଅମଳ ମଧ ହୋଇଛି। ମାତ୍ର ଏବେ ବିକ୍ରି ହେଉନାହିଁ। ତେଣଉ ସେ କେମିତି ଋଣ ପରିଶୋଧ କରିବେ ଚିନ୍ତାରେ ଅଛନ୍ତି ବୋଲି କହିଛନ୍ତି। ଏ ନେଇ ବୀରମହାରାଜପୁର ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ବିଦ୍ୟାଧର ଦାଶଙ୍କୁ ପଚାରିବାରୁ କଖାରୁ ଚାଷ ପାଇଁ ସେମିତି କୌଣସି ସରକାରୀ ସହାୟତା ବ୍ୟବସ୍ଥା ନାହିଁ। ଚଳିତ ରବିଋତୁରେ ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକରେ ପ୍ରାୟ ୩ଶହ ହେକ୍ଟର ଜମିରେ ପନିପରିବା ଚାଷ ହାତକୁ ନିଆଯାଇଛି।ସେଥିରେ କଖାରୁ ଚାଷକୁ ସାମିଲ କରାଯାଇ ନାହିଁ। ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟିଦେଇ କଖାରୁ ଚାଷକୁ ଏଥିରେ ସାମିଲ କରି ଚାଷୀଙ୍କୁ ସୁବିଧା ସୁଯୋଗ ପ୍ରଦାନ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ପ୍ରତିଶ୍ରୁତି ରଖିଲାନି ପ୍ରଶାସନ

- ହାତୀ ଆକ୍ରମଣରେ ମୃତକଙ୍କ ସ୍ତ୍ରୀଙ୍କୁ ମିଳିନି ଚାକିରି
- ୩ଝିଅଙ୍କ ସହ ଦୁର୍ବିଷହ ଜୀବନ ବିତାଉଛନ୍ତି ମହିଳା

ବିନିକା, ୮।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଫୁଲମୁଠି ଗାଁର ଜିବର୍ଦ୍ଧନ କର୍ଣ୍ଣଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ଘଟଣାକୁ ଇତିମଧ୍ୟରେ ୫ବର୍ଷ ୬ମାସ ବିତିଛି। ହେଲେ ସେହି ସମୟରେ ଜିଲା ପ୍ରଶାସନ ଦେଇଥିବା ଲିଖିତ ପ୍ରତିଶ୍ରୁତି ଅନୁଯାୟୀ ଜିବର୍ଦ୍ଧନଙ୍କ ସ୍ତ୍ରୀ ଜୟନ୍ତୀ କର୍ଣ୍ଣ(୩୫)ଙ୍କୁ ଅଦ୍ୟାବଧି ସରକାରୀ ଚାକିରି ମିଳିନାହିଁ। ଫଳରେ ୩ଝିଅଙ୍କ ସହ ସେ ଦୁର୍ବିଷହ ଜୀବନ ବିତାଉଛନ୍ତି। ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଏପରିକି ବିଧାୟକ, ମନ୍ତ୍ରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏପରିକି ବିନିକାରେ ବିଭିନ୍ନ ସମୟରେ ହୋଇଥିବା ଜିଲାପାଳଙ୍କ ଜନ ଶୁଣାଣିରେ ଜଣାଇଲେ ମଧ କେବଳ ମିଳିଛି ପ୍ରତିଶ୍ରୁତି ବୋଲି ଜୟନ୍ତୀ କହିଛନ୍ତି।

୨୦୧୭ ନଭେମ୍ବର ୨୭ତାରିଖ ରାତ ପ୍ରାୟ ୯ଟାରେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଜିବର୍ଦ୍ଧନ କାମ ସାରି ଗାଁକୁ ଫେରୁଥିବା ବେଳେ ହାତୀପଲ ହାବୁଡ଼ରେ ପଡ଼ିଥିଲେ। ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅନୁକମ୍ପାମୂଳକ ସହାୟତା ସାଙ୍ଗକୁ



ତିନି ଝିଅଙ୍କ ସହ ଜୟନ୍ତୀ ପ୍ରଶାସନ ପକ୍ଷରୁ ପ୍ରଦତ୍ତ ପ୍ରତିଶ୍ରୁତି ପତ୍ର ଦେଖାଉଛନ୍ତି।

ପରିବାର ଭରଣ ପୋଷଣ ପାଇଁ ମୃତକଙ୍କ ସ୍ତ୍ରୀଙ୍କୁ ଯୋଗ୍ୟତା ଅନୁସାରେ ଚାକିରି ଦେବାକୁ ଦାବି କରି ୨୮ତାରିଖରେ ଶତାଧିକ ଲୋକେ ବିନିକା-ସୋନପୁର ମୁଖ୍ୟରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ପ୍ରଶାସନ ଓ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ତତ୍କାଳୀନ ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ ବିନିକାରେ ଆଦର୍ଶ ବିଦ୍ୟାଳୟ ଖୋଲିଲେ ଜୟନ୍ତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ମିଳିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବିନିକାରେ ଆଦର୍ଶ ବିଦ୍ୟାଳୟ ଖୋଲିବାର ୪ବର୍ଷ ବିତି ଯାଇଥିଲେ ମଧ ଜୟନ୍ତୀଙ୍କୁ କର୍ମ ସଂସ୍ଥାନ ଦିଆଯାଇନାହିଁ। ଏପରିସ୍ଥଳେ ୩ଝିଅ ଗାୟତ୍ରୀ(୧୬), ଧରିତ୍ରୀ(୧୩) ଓ ଅନନ୍ୟା(୮)ଙ୍କ ଲାଳନ ପାଳନ ସହ ତାଙ୍କର ଭବିଷ୍ୟତ ଗଠନ ନେଇ ଚିନ୍ତାରେ ପଡିଛନ୍ତି ଜୟନ୍ତୀ। ବିଧବା ଭତ୍ତା ଓ ପିଡିଏସ୍ ଚାଉଳ ମିଳୁଛି। ମାତ୍ର ତାହା ଅଭାବକୁ ପୂରଣ କରି ପାରୁନାହିଁ। ସୋମବାର ବହୁ ଆଶା ରଖି ଜୟନ୍ତୀ ୩ଝିଅଙ୍କୁ ସାଥିରେ ଧରି ବିନିକାଠାରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଆସି ତାଙ୍କ ସମସ୍ୟା ଓ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ସମ୍ପର୍କରେ ଜଣାଇଥିଲେ। ହେଲେ ପ୍ରଶାସନିକ ଅଧିକାରୀମାନେ ଋଣ ନେଇ ସ୍ୱାବଲମ୍ବୀ ହେବାକୁ ଜୟନ୍ତୀଙ୍କୁ ପରାମର୍ଶ ଦେଇଥିଲେ। ପରେ ତାଙ୍କ ଅଭିଯୋଗ ପତ୍ରକୁ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ ପାଖକୁ ପଠାଇ ଦେଇଥିଲେ। ଜୟନ୍ତୀ ୩ଝିଅଙ୍କ ସହ ନିରାଶ ହୋଇ ଘରକୁ ଫେରୁଥିବା ଦେଖିବାକୁ ମିଳିଥିଲା। ଜିଲା ପ୍ରଶାସନ ସହୃଦୟତାର ସହ ଜୟନ୍ତୀଙ୍କୁ ଥଇଥାନ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଅର୍ଡ଼ାବାହାଲରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

କୁଚିଣ୍ଡା,୮।୫(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଅର୍ଡାବାହାଲଠାରେ ସୋମବାର ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡ଼ିଓ ନିରଞ୍ଜନ ସା, ଅତିରିକ୍ତ ବିଡିଓ ସହଦେବ ନନ୍ଦ, ବିଏସ୍ଏସ୍ଓ ଇଉତି ଭୋଇ, ଅର୍ଡବାହାଲ ସରପଞ୍ଚ ଶୁଲେଶ୍ୱରୀ ମାଝିଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ଅର୍ଡାବାହାଲ, ବାଉରୀଗୋଡା, ପାରୁଆଭା ପଞ୍ଚାୟତରୁ ସର୍ବମୋଟ ୩୯ ଗୋଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୧୧ ଗୋଟି ଅଭିଯୋଗ ଶିବିର ସ୍ଥଳରେ ହିଁ ସମାଧାନ ହୋଇଥିଲା। ବ୍ଲକ କାର୍ଯ୍ୟାଳୟର ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ, ପିଏଇଓ ପ୍ରତାପ କୁମାର ସା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ତେଲେଙ୍ଗପାଲିରେ ଷୋଳପ୍ରହର ନାମଯଜ୍ଞ

ବ୍ରଜରାଜନଗର,୮।୫(ଡି.ଏନ.ଏ.): ବ୍ରଜରଜନଗର ପୌରାଞ୍ଚଳର ତେଲେଙ୍ଗପାଲିଠାରେ ଷୋଳପ୍ରହର ନମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଜିଲାରୁ ମୋଟ ୧୩ଗୋଟି କୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଲାଲବାହାଦୁର ଶାସ୍ତ୍ରୀ କ୍ଲବ ସଦସ୍ୟମାନେ ସହାୟତା ପ୍ରଦାନ କରିଥିଲେ। ରାଜୁ ପଠାରିଆ, ପିତାମ୍ବର କୁମ୍ଭାର, ଶୁଲଭ ତନ୍ତି, କିରଣ କଣ୍ଟା ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଆଲୋକ କୁମାର ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

### କୁଚିଣ୍ଡାରେ ବିଶ୍ୱ ରେଡ୍‌କ୍ରସ୍ ଦିବସ

କୁଚିଣ୍ଡା,୮।୫(ଡି.ଏନ.ଏ.): କୁଚିଣ୍ଡା ଅରୁଣୋଦୟ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ସୋମବାର ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସଭା ହୋଇଥିଲା। କୁଚିଣ୍ଡା ଉପଜିଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟଅତିଥି, କୁଚିଣ୍ଡା ବିଡିଓ ନିରଞ୍ଜନ ସା ମୁଖ୍ୟ ବକ୍ତା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାଜକିଶୋର ମିଶ୍ର, ସିଡିପିଓ କନକଲତା ନାୟକ, ଏସ୍‌ଡିଏମ୍‌ଓ ଡା. ସୁବୋଧ ନାଏକ, ଡା. ଶରତ ଚନ୍ଦ୍ର ଗୌନ୍ତିଆ, କୁଟୁରାଚୁଆଁ କଲେଜ ଅଧକ୍ଷ ନୀଳାଚଳ ତିୱାରୀ, ଜରାବଗା କଲେଜ ଅଧକ୍ଷ ସନ୍ତୋଷ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତ ଦାନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଶିଶୁ ସୁରକ୍ଷା କମିଟି ସଭ୍ୟ ପ୍ରଦୀପ ମହାକୁଳ ଅତିଥି ପରିଚୟ ଓ ଖବରଦାତା ସଞ୍ଜୟ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସେହିପରି କୁଚିଣ୍ଡା କଲେଜରେ ଅଧକ୍ଷା ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ବିଶ୍ୱ ରକ୍ତଦାନ ଦିବସ ପାଳିତ ହୋଇଛି। ଏଥିରେ ଇଂରାଜୀ ଅଧାପକ ଡ. ଅମିୟ କୁମାର ପାତ୍ର ବକ୍ତା ଭାବେ ଯୋଗଦେଇ ରେଡକ୍ରସ ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧାପକ ଭିକାରୀ ଓରାମ ସ୍ୱାଗତ ଭାଷଣ ଓ ଯୁବ ରେଡ଼କ୍ରସ ଅଧିକାରୀ ଦିବ୍ୟ ନାଗ ଧନ୍ୟବାଦ ଦେଇଥିଲେ।

# କୁମ୍ଭାରପଡ଼ାରେ ଗୋଷ୍ଠୀ ସଂଘର୍ଷ, ଉତ୍ତେଜନା

■ ଦୁଇସାଙ୍ଗ ଭିତରେ ଅଡିଓ ମେସେଜକୁ ଗଣ୍ଡଗୋଳ
■ ୨ ମାମଲା, ୫ ଗିରଫ

ସମ୍ବଲପୁର,୮।୫(ବ୍ୟୁରୋ)

ସମ୍ବଲପୁର ଧନୁପାଲି ଥାନାର କୁମ୍ଭାରପଡାରେ ରବିବାର ରାତିରେ ଗୋଷ୍ଠୀ ସଂଘର୍ଷ ପରେ ଚାପା ଉତ୍ତେଜନା ଲାଗିରହିଥିଲା। ସୋମବାର ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ପୋଲିସ ଫୋର୍ସ ମୁତାୟନ କରାଯାଇଛି। ଉଭୟ ଗୋଷ୍ଠୀଙ୍କ ଅଭିଯୋଗ କ୍ରମେ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ହେଲେ ଘଟଣା ଉଗ୍ରରୂପ ନେବା କିମ୍ବା ତଦନ୍ତରେ ବାଧା ସୃଷ୍ଟିହେବା ଆଶଙ୍କା କରି ପୋଲିସ ଗିରଫମାନଙ୍କ ନାମ କହିନାହିଁ।

ପୋଲିସ କହିବା ମୁତାବକ କୁମ୍ଭାରପଡାର ଦୁଇ ସାଙ୍ଗ ଭିତରେ ଅଡିଓ ମେସେଜକୁ ନେଇ ଏହି ଘଟଣା ଘଟିଛି। ଜଣେ ସାଙ୍ଗ ଆଉ ଜଣେ ସାଙ୍ଗକୁ ଫେସ୍‌ବୁକ ମେସେଞ୍ଜରରେ ଅଭଦ୍ର ଭାଷାରେ ଗାଳିଗୁଲଜ କରୁଥିଲେ। ଏହାକୁ ନେଇ କନ୍ଦଳ ଉପୁଜିଥିଲା। ପଥରମାଡ଼, ମରଣାନ୍ତକ ଆକ୍ରମଣ ପର୍ଯ୍ୟନ୍ତ କଥା ଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଘଟଣାରେ ୫ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଘଟଣାକୁ ନେଇ ସହରରେ ଉତ୍ତେଜନା ପ୍ରକାଶ ପାଇଛି। ଏସ୍‌ପି ବାତୁଲା ଗଙ୍ଗାଧର ନିଜେ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ଏସ୍‌ପି ଗଙ୍ଗାଧର କହିଛନ୍ତି, ଦୁଇଜଣ ସାଙ୍ଗଙ୍କ ଭିତରେ ଅଶ୍ଳୀଳ ମେସେଜକୁ ନେଇ ଏଭଳି ଘଟଣା ଘଟିଛି। ଏବେ ସ୍ଥିତି ନିୟନ୍ତ୍ରଣ ଭିତରେ ରହିଛି।


ଧନୁପାଲି ଥାନାକୁ ଏତଲା ଦେବାକୁ ଯାଉଛନ୍ତି ଏକ ପରିବାର।

# ଆତ୍ମନିର୍ଭରଶୀଳ ଏସ୍‌ଏଚ୍‌ଜିଙ୍କୁ ଭେଟିଲେ ସଭାପତି


ଏସ୍‌ଏଚ୍‌ଜି ମହିଳାଙ୍କୁ ଭେଟୁଛନ୍ତି ଆଦିବାସୀ ଉନ୍ନୟନ ସମବାୟ ନିଗମ ସଭାପତି।

ସମ୍ବଲପୁର,୮।୫(ବ୍ୟୁରୋ)

ରାଜ୍ୟ ଆଦିବାସୀ ଉନ୍ନୟନ ସମବାୟ ନିଗମ ସଭାପତି ଚମେଲି ଓରାମ ସୋମବାର ସମ୍ବଲପୁର ଜିଲା ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତ ଗସ୍ତ କରିଥିଲେ। ଏହି ଅବସରରେ ସେ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଭେଟି ଏମାନଙ୍କ ଜରିଆରେ ତେନ୍ତୁଳି କିଣାର ସମୀକ୍ଷା କରିଥିଲେ। ଏହି ସମୟରେ ଆଦିବାସୀ ଉନ୍ନୟନ ସମବାୟ ନିଗମ ସମ୍ବଲପୁର ଶାଖା ପରିଚାଳକ ରମାକାନ୍ତ ଜେନାଙ୍କ ସମେତ ଆଦିବାସୀ ଉନ୍ନୟନ ସମବାୟ ନିଗମ ନିର୍ଦ୍ଦେଶକ ଜଗଦିଶ ମୁଣ୍ଡାରୀ, ଓଏଲ୍‌ଏମ୍ ଡେପୁଟି ସିଇଓ ଶ୍ରୀମନ୍ତ ହୋତା, ଓଏଏସ୍ ଶିକ୍ଷା ନବିସ ସୋନାଲି ପଟ୍ଟନାୟକ, ମନୋଜ ମହନ୍ତ, କ୍ଷେତ୍ର ନିରୀକ୍ଷକ ବାୟା ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଏଚ୍‌ଜି ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରିବାରେ ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି ବୋଲି ସମବାୟ ନିଗମ ସଭାପତି ଓରାମ ପ୍ରକାଶ କରିଥିଲେ। ତେନ୍ତୁଳି କିଣା ସ୍ୱୟଂସହାୟିକା ଗୋଷ୍ଠୀ ସହିତ ବନ ସୁରକ୍ଷା ସମିତି, ବନ୍ଧନ ସ୍ୱୟଂସହାୟିକା ଗୋଷ୍ଠୀ ଓ ପ୍ରଡ୍ୟୁସର କମ୍ପାନୀ ଜରିଆରେ କରାଯାଉଛି।

# ରେଳ ବିଭାଗ ପକ୍ଷରୁ ଗ୍ରୀଷ୍ମ ଅବକାଶ ଶିବିର


ଅବକାଶ ଶିବିରରେ ଭାଗ ନେଇଥିବା ପିଲାମାନେ।

ସମ୍ବଲପୁର,୮।୫(ବ୍ୟୁରୋ)

ସମ୍ବଲପୁର ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ନୃତ୍ୟ, ଚିତ୍ରାଙ୍କନ, ପହଁରିବା କ୍ଷେତ୍ରରେ ପିଲାମାନଙ୍କ ଦକ୍ଷତା ବିକାଶ ପାଇଁ ଗ୍ରୀଷ୍ମ ଶିବିର ଆୟୋଜନ କରାଯାଇଛି। ସୋମବାର ଆରମ୍ଭ ହୋଇଥିବା ଶିବିର ଜୁନ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ଡିଭିଜନାଲ ରେଳ ପରିଚାଳକ ଭିନୀତ ସିଂ ମୁଖ୍ୟଅତିଥି ଭାବରେ ଯୋଗଦେଇ ଗ୍ରୀଷ୍ମ ଅବକାଶ ସମୟକୁ ଉପଯୋଗ କରି ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା କହିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ବିଭାଗୀୟ ରେଳ ପରିଚାଳକ ଆନନ୍ଦ ସିଂ ଉପସ୍ଥିତ ଥିଲେ। ଏହି ଉତ୍ସବରେ ରେଳ ମହିଳା କଲ୍ୟାଣ ସଂଗଠନ ସଭାପତି ଅଞ୍ଜନି ସିଂ, ସଂଗଠନର ସମସ୍ତ ସଦସ୍ୟ ଓ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ପ୍ରାୟ ୫୦ ପିଲା ଅଂଶଗ୍ରହଣ କରିଥିଲେ। ନାମଲେଖା ଓ ଅନ୍ୟାନ୍ୟ ବିବରଣୀ ପାଇଁ ସିନିୟର ଡିଭିଜନାଲ ପର୍ସନାଲ ଅଫିସରଙ୍କ ସହ ଯୋଗଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଓଏସ୍‌ଓୟୁ ୫ମ ସମାବର୍ତ୍ତନ ଉତ୍ସବ ଆଜି

ସମ୍ବଲପୁର,୮।୫(ବ୍ୟୁରୋ)

ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରି ଆଗେଇ ଚାଲିଥିବା ସମ୍ବଲପୁରସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)ର ପଞ୍ଚମ ସମାବର୍ତ୍ତନ ଉତ୍ସବ ମଙ୍ଗଳବାର ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲଙ୍କ ନିର୍ଦ୍ଦେଶ କ୍ରମେ କୁଳପତି ପ୍ରଫେସର ଡକ୍ଟର ଅର୍କ କୁମାର ଦାସ ମହାପାତ୍ର ଏଥିରେ ପୌରୋହିତ୍ୟ କରିବେ। ମୁଖ୍ୟଅତିଥି ଭାବେ ଆଇଆଇଟି ଖଡ଼ଗପୁରର ପୂର୍ବତନ ନିର୍ଦ୍ଦେଶକ ତଥା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦାମୋଦର ଆଚାର୍ଯ୍ୟ ଯୋଗଦେବାକୁ ସ୍ଥିର ହୋଇଛି। ଓଏସ୍‌ଓୟୁ ୨୦୧୫ ଜୁନ ୧୦ରେ ୨୨୩ ବିଦ୍ୟାର୍ଥୀଙ୍କୁ ନେଇ ଆରମ୍ଭ ହୋଇଥିବା ସ୍ଥଳେ ବର୍ତ୍ତମାନ ୪୨ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ନାମ ଲେଖାଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୧୭୩୨୭ ବିଦ୍ୟାର୍ଥୀ ସଫଳତା ସହ ଡିଗ୍ରୀ ହାସଲ କରି ବିଭିନ୍ନ ସରକାରୀ ଓ ଘରୋଇ ଅନୁଷ୍ଠାନରେ କାର୍ଯ୍ୟ କରୁଛନ୍ତି। ଏହି ସମାବର୍ତ୍ତନ ସମାରୋହରେ ଶିକ୍ଷାବର୍ଷ ୨୦୨୧-୨୨ରେ ୬୦୨୪ଜଣ ବିଦ୍ୟାର୍ଥୀ ଶିକ୍ଷାଗତ ପ୍ରମାଣପତ୍ର ପାଇବେ। ଏହାସହ ୩୩ଗୋଟି କାର୍ଯ୍ୟକ୍ରମର ୩୫ଜଣ ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯିବ। ବିଶ୍ୱବିଦ୍ୟାଳୟ ଅଧୀନରେ ୬ଟି ଜେଲ ଅଧ୍ୟୟନ କେନ୍ଦ୍ର ଯଥା ମଣ୍ଡଳ କାରାଗାର ସମ୍ବଲପୁର, ଭୁବନେଶ୍ୱର ଝାରପଡ଼ା, କଟକ, ବ୍ରହ୍ମପୁର, ବାଲେଶ୍ୱର ଓ କୋରାପୁଟରେ ରହିଛି। ସେହିପରି ୯୬ଟି ଅଧ୍ୟୟନ କେନ୍ଦ୍ର ଓ ୫ଟି ଆଞ୍ଚଳିକ କେନ୍ଦ୍ର ରହିଛି। ଓଏସ୍‌ଓୟୁର ସ୍ଥାୟୀ ଶିକ୍ଷକ (ପ୍ରଧ୍ୟାପକ) ଓ କର୍ମଚାରୀ ପଦବୀ ନାହିଁ। ହେଲେ ୪୩ଟି ସ୍ଥାୟୀ ଶିକ୍ଷକ (ପ୍ରଧ୍ୟାପକ) ଓ ୧୪ଟି କର୍ମଚାରୀ ପଦବୀ ସୃଷ୍ଟି ପାଇଁ ଅନୁମୋଦନ ମିଳିଛି।

# ବିଭିନ୍ନ ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର



ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

ନାକଟିଦେଉଳ,୮।୫(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ଜାମୁଯୋରୀ ପଞ୍ଚାୟତର କୁଡ଼ାନାଳୀ ଓ ତଳନାଳୀ ଗ୍ରାମରେ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଗ୍ରାମର ଆଦ୍ୟାଶା ଫାଉଣ୍ଡେସନ ପକ୍ଷରୁ ସୋମବାର ନାକଟିଦେଉଳ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୁଡ଼ାନାଳୀ ଗ୍ରାମର ମହ୍ଲାର ସାହିରେ ପାନୀୟ ଜଳ ସମସ୍ୟା ଲାଗି ରହିଥିବା ବେଳେ ସାହିଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରି କି ଅପରିଷ୍କାର ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଏଠାରେ ଏକ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଫାଉଣ୍ଡେଶନ ପକ୍ଷରୁ ଦାବି କରାଯାଇଛି। ତଳନାଳୀ ଗ୍ରାମରେ ଥିବା କୁଡ଼ାନାଳୀ ସରକାରୀ ବିଦ୍ୟାଳୟ ଯିବା ରାସ୍ତାରେ ଥିବା ଗ୍ରାମଦେବତୀ ମା' ପାଞ୍ଚଖଣ୍ଡା ପୀଠରେ ଏକ ସୌରଚାଳିତ ଜଳଯୋଗାଣ ପ୍ରକଳ୍ପ କରିବାକୁ ଦାବି ହୋଇଛି। ଏହା କାର୍ଯ୍ୟକାରୀ ହେଲେ ପୀଠକୁ ଆସୁଥିବା ଭକ୍ତ ଓ ସ୍କୁଲ ଯାଉଥିବା ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ଫାଉଣ୍ଡେଶନ ଅଧକ୍ଷା ରଶ୍ମିତା ରାଉତଙ୍କ ନେତୃତ୍ୱରେ ବିଡିଓ ବିବେକାନନ୍ଦ ସାହୁଙ୍କୁ ଦାବିପତ୍ର ଦିଆଯାଇଛି।

# ଡିଜିଟାଲ ବ୍ୟାଙ୍କ ସଚେତନତା ଶିବିର


ସଚେତନତା ଶିବିରରେ ଯୋଗଦେଇଥିବା ଅତିଥିଗଣ।

କୁଚିଣ୍ଡା,୮।୫(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପାରୁଅଭା ପଞ୍ଚାୟତ ଅଫିସଠାରେ ସୋମବାର ଡିଜିଟାଲ ବ୍ୟାଙ୍କ କାରବାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୁଚିଣ୍ଡା ବିଡ଼ିଓ ନିରଞ୍ଜନ ସା, ସମ୍ବଲପୁର ଏଲ୍‌ଡିଏମ୍ ଶିବାଜୀ ପଟେଲ,ଏପିଡ଼ି ବିକାଶ ମହାନ୍ତି, ପାରୁଅଭା ସରପଞ୍ଚ ସୁବସିନୀ ଧାନ, କୁଚିଣ୍ଡା ୟୁଜିବି ଶାଖା ପରିଚାଳକ ଉଦଘାଟନ କରିଥିଲେ। ବ୍ୟାଙ୍କର ବିଭିନ୍ନ ପ୍ରକାର ଡିଜିଟାଲ କାରବାର ଓ ବିଭିନ୍ନ ବୀମା ଯୋଜନା ଉପରେ ଏପିଡ଼ି ମହାନ୍ତି ଓ ଏଲ୍‌ଡିଏମ୍ ପଟେଲ ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟାମାନଙ୍କୁ ଅବଗତ କରାଇଥିଲେ। ବ୍ଲକ ଓଏଲ୍‌ଏମ୍ ବିପିଏମ୍ ଟିପେନସନ ବେହେରା, ବିଏଲ୍‌ସି ସୁବାସ ପଣ୍ଡା, ଏମ୍‌ବିକେ ମିଳନ ମଞ୍ଜରୀ କର, ବ୍ୟାଙ୍କ ମିତ୍ର ପୁଷ୍ପା ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଲେଜରେ ଏନ୍‌ସିସି ଶାଖା ଉଦ୍‌ଘାଟିତ

ଜମନକିରା,୮।୫(ଡି.ଏନ.ଏ.)

ଜମନକିରା ମହାବିଦ୍ୟାଳୟଠାରେ ସୋମବାର ଏନ୍‌ସିସି ଶାଖା ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ପଞ୍ଚମ ବାଟାଲିୟନର କମାଣ୍ଡିଂ ଅଫିସର କର୍ଣ୍ଣେଲ ସି. ସି. ନାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ଅରୁଣ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରିଚାଳନା ସମିତିର ପୂର୍ବତନ ସଦସ୍ୟ ଆଦିପ୍ରସାଦ ମହକୁଳ, ପୂର୍ବତନ ଜମନକିରା ବ୍ଲକ ଚେୟାରମ୍ୟାନ କେଦାରନାଥ ବରିହା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏନ୍‌ସିସିର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି କର୍ଣ୍ଣେଲ ନାଗ ୫୧ ଜଣ ଛାତ୍ରୀଛାତ୍ରଙ୍କ ନାମ ଏନ୍‌ସିସି ପାଇଁ ପଞ୍ଜୀକରଣ କରିଥିଲେ। ଅଧାପକ ପ୍ରଦୀପ କୁମାର ପଣ୍ଡା ସଭା ପରିଚାଳନା କରିଥିବା ବେଳେ ଅଧାପିକା ଅରୁଣା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

# ଜିଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ ଦିବସ

ସମ୍ବଲପୁର,୮।୫(ବ୍ୟୁରୋ)

ମାନବ ସେବା ହିଁ ମାଧବ ସେବା। ସମସ୍ତଙ୍କ ପାଖରେ ମାନବୀୟ ଗୁଣ ରହିଛି। ତାହାକୁ ଜନସେବାରେ ନିୟୋଜିତ କରିବାକୁ ହେବ। ଏକଜୁଟ ହୋଇ କାମ କଲେ ଆମେ ବହୁତ ଲୋକଙ୍କ କାମରେ ଆସିପାରିବା ବୋଲି ସୋମବାର ଆୟୋଜିତ ଜିଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ ଦିବସରେ ମତ ପ୍ରକାଶ ପାଇଥିଲା। ସମ୍ବଲପୁର ଜିଲା ରେଡକ୍ରସ ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରେଡ୍‌କ୍ରସ ସମ୍ପାଦକ ଜୟ ଜର୍ଜ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ପୂର୍ବତନ ଅଧକ୍ଷା ମଞ୍ଚାସୀନ ଥିଲେ। ବିଭିନ୍ନ ସାମାଜିକ ଅନୁଷ୍ଠାନ, କଲେଜ ଛାତ୍ରୀଛାତ୍ର, ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ବ୍ଲଡ ବ୍ୟାଙ୍କରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା ଓ ରେଡକ୍ରସର ପୂର୍ବତନ ଭାଇସ୍ ଚେୟାରମ୍ୟାନ ନୀଳେନ୍ଦ୍ରି ପଣ୍ଡା ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୨୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା।



ଅତିଥିଙ୍କ ଗହଣରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

# ଶିକ୍ଷାଦାନ କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର,୮।୫(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ ଜାଗୃତି ମହିଳା ମଣ୍ଡଳ ସଭାପତି ପଦ୍ମଜା ସିଂଙ୍କ ଦ୍ୱାରା ସୋମବାର ଏକ ଶିକ୍ଷାଦାନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ମହିଳା ମଣ୍ଡଳର ଦୁଇ ଉପସଭାପତି ଆଲପାନା ଶୁକ୍ଲା ରାଓ ଓ ରଶ୍ମି ବେହୁରାଙ୍କ ସମେତ କାର୍ଯ୍ୟନିର୍ବାହୀ କମିଟି ଓ ମଣ୍ଡଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଯେଉଁ ପିଲାମାନଙ୍କର ମାତାପିତା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ସେହି ପିଲାମାନଙ୍କୁ ସାହାଯ୍ୟ କରିବା ପାଇଁ ଏହି ଶିକ୍ଷାଦାନ କେନ୍ଦ୍ର ପରିଚାଳିତ ହେଉଛି। ପିଲାମାନଙ୍କୁ କେବଳ ମାଗଣା ଶିକ୍ଷାଦାନ ନୁହେଁ ଆବଶ୍ୟକ ଶିକ୍ଷା ସାମଗ୍ରୀ ମଧ୍ୟ ଯୋଗାଇ ଦିଆଯାଉଛି। ପିଲାମାନଙ୍କ ପାଇଁ ଜଣେ ଶିକ୍ଷକ ନିଯୁକ୍ତ ହୋଇଥିବାବେଳେ ତାଙ୍କ ଦରମା ବୋର୍ଡ ପ୍ରଦାନ କରିଥାଏ।

# ଠିକା କମ୍ପାନୀକୁ ପ୍ରଶାସନର ଅନୁକମ୍ପା ଅଭିଯୋଗ

## ତହସିଲଦାରଙ୍କୁ ଘେରିଲେ ଗ୍ରାମବାସୀ

କୁଚିଣ୍ଡା,୮।୫(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଗୋଛରା ପଞ୍ଚାୟତର ଭେଡେନ ନଦୀ ଉପରେ ବ୍ୟାରେଜ ନିର୍ମାଣ କରୁଥିବା ଆର୍‌ଏସ୍‌ଏ କମ୍ପାନୀ ପ୍ରତି କୁଚିଣ୍ଡା ପ୍ରଶାସନ ଅନୁକମ୍ପା ପ୍ରଦର୍ଶନ କରୁଥିବା ଜନକଡିହି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଟେଣ୍ଡର ନେଇଥିବା ଆର୍‌ଏସ୍‌ଏ ଠିକା କମ୍ପାନୀ ଗତ ରବିବାର ପଥର ଫଟାଇବା ନିମନ୍ତେ ବିସ୍ଫୋରଣ କରିଥିଲା। ତେବେ ଏହି ଶକ୍ତିଶାଳୀ ବିସ୍ଫୋରଣକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକଟ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିବା କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେଙ୍କୁ ଘେରାଉ ମଧ୍ୟ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଗତ ୭ ତାରିଖରେ ବିସ୍ଫୋରଣ ସମୟରେ ପ୍ରଚଣ୍ଡ ଶବ୍ଦ ହେବା ସହ ଘରଗୁଡ଼ିକ ଦୋହଲି ଯାଇଥିଲା। ବିସ୍ଫୋରଣ ସ୍ଥାନଠାରୁ ପ୍ରାୟ ୪୦୦ ମିଟର ଦୂରରେ ଥିବା ଲକ୍ଷ୍ମଣ ମୁଣ୍ଡାଙ୍କ ଘରେ ଏକ ବଡ଼ ପଥର ପଡ଼ିବା ସହ ଆଉ ଏକ ପଥର ତାଙ୍କ ଘର ଅଗଣାରେ ପଡ଼ିଥିଲା। ଏହାଦେଖି ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଘଟଣାସ୍ଥଳକୁ ଆସି ଏହାର ତୀବ୍ର ବିରୋଧ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେଙ୍କୁ ଘେରାଉ କରି ତାଙ୍କ ସହିତ ଯୁକ୍ତିତର୍କ କରିଥିଲେ। କମ୍ପାନୀକୁ ପ୍ରଶାସନ ଅହେତୁକ ଅନୁକମ୍ପା ଦେଖାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ପରିସ୍ଥିତି ଜଟିଳ ହେଉଥିବା ଦେଖି କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ସହିତ ଆଲୋଚନା କରି କ୍ଷତିପୂରଣ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଗ୍ରାମବାସୀଙ୍କ କହିବା କଥା କମ୍ପାନୀକୁ ସମ୍ବଲପୁର ଜିଲାପାଳ ତାଙ୍କ ପତ୍ର ସଂଖ୍ୟା ୧୯୧୪/ତା ୧୭।୧୨।୨୦୨୨ରେ ବିସ୍ଫୋରଣ କରି କର୍ଯ୍ୟସ୍ଥଳୀରେ ପଥର ଫଟାଇବା ପାଇଁ ଅନୁମତି ଦେଇଛନ୍ତି। ମାତ୍ର ଏଥିପାଇଁ ରଖିଥିବା ସର୍ତ୍ତକୁ କମ୍ପାନୀ ପାଳନ କରୁନାହିଁ। ଏଣୁ କମ୍ପାନୀକୁ ବିସ୍ଫୋରଣ ପାଇଁ ଦିଆଯାଇଥିବା ଅନୁମତିକୁ ବାତିଲ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଟେଟେଙ୍କୁ ପଚାରିବାରେ ସେ ପଥର ପଡିବା ଘଟଣାକୁ ସ୍ୱୀକାର କରିବା ସହ ଗ୍ରାମବାସୀଙ୍କ ଘେରାଉକୁ ଅସ୍ୱୀକାର କରିଛନ୍ତି। ଯାହାର କିଛି କ୍ଷତି ହୋଇଛି ତାଙ୍କୁ କମ୍ପାନୀ କ୍ଷତିପୂରଣ ପ୍ରଦାନ କରିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଭିଜିଲାନ୍ସ ମାମଲାରେ ପୂର୍ବତନ ଜିଆରଏସ୍ ଦଣ୍ଡିତ

**ଭବାନୀପାଟଣା,୮।୫(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଏମ୍. ରାମପୁର ବ୍ଲକ ମୋହନଗିରି ପଞ୍ଚାୟତର ପୂର୍ବତନ ଜିଆରଏସ୍ ଦିବାକର ସାହୁ ସୋମବାର ଭିଜିଲାନ୍ସ ମାମଲାରେ ଦଣ୍ଡିତ ହୋଇଛନ୍ତି। ୨୦୧୭ରେ ବିଜୁ ପକ୍କା ଘର ଯୋଜନାରେ ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକ ପାଉଣା ପାଇଁ ମଷ୍ଟର ରୋଲ କରିଦେବା ନାଁରେ ଜଣେ ହିତାଧିକାରୀଙ୍କଠାରୁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହାର ରାୟ ସୋମବାର ପ୍ରକାଶ ପାଇଛି। ଭବାନୀପାଟଣା ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଶ୍ରୀକାନ୍ତ ମିଶ୍ର ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଫା ୭/୧୩(୨) ଓ ଆରଡବ୍ଲୁ ୧୩(୧)(ଡି)ରେ ୪ବର୍ଷ ଜେଲ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆହୁରି ୩ ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛି। ସେହିପରି ଅନ୍ୟ ଏକ ଦଫାରେ ଆହୁରି ୩ ବର୍ଷ ଜେଲ ଦଣ୍ଡାଦେଶ ଓ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହାପୂର୍ବରୁ ପୂର୍ବତନ ଜିଆରଏସ୍ ଚାକରିରୁ ବହିଷ୍କୃତ ହୋଇଛନ୍ତି। ଅନ୍ୟପକ୍ଷରେ ଦୋଷୀ ସାବ୍ୟସ୍ତ ପରେ ଅଭିଯୁକ୍ତ ପୂର୍ବତନ ଜିଆରଏସଙ୍କୁ ଜେଲ ଯିବାକୁ ପଡିଛି। ଏହି ମାମଲା ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ପିପି ଅଶ୍ୱିନୀ ସାହୁ ପରିଚାଳନା କରିଥିଲେ।

### ଚୋରି ଅଭିଯୋଗରେ ୨ ଗିରଫ

**ବେଲପାହାଡ଼,୮।୫(ଡି.ଏନ.ଏ.):** ବେଲପାହାଡ଼ ପୋଲିସ ଜଣଙ୍କ ଘରୁ ଚୋରି କରିବା ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବେଲପାହାଡ଼ ଗୁମାଡେରା ଖମାରପଡ଼ା ଦୁବରାଜ ପ୍ରଧାନ (୩୬) ଓ ଚନ୍ଦ୍ରଶେଖର ମାଝି (୩୨)। ଗୁମାଡେରା ଜମିଦାରପଡ଼ା ଗୁଆଲାପ ମୁକୁଲ କୁମାର (୨୪)ଙ୍କ ଅଭିଯୋଗ କ୍ରମେ ଗତ ୬ ତାରିଖରେ ସେ ନିଜ ଘରେ ରଙ୍ଗ କରାଇଥିଲେ। ଏହି କାର୍ଯ୍ୟରେ ଅଭିଯୁକ୍ତ ଦ୍ୱୟ ନିୟୋଜିତ ଥିଲେ। ଘର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତମାନେ ନଗଦ ୨୦ ହଜାର ଟଙ୍କା ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ପୋଲିସ କେସ୍ ନମ୍ବର ୧୦୮/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପୋଲିସ ଅଭିଯୁକ୍ତଙ୍କଠାରୁ ନଗଦ ୭୦୦ ଟଙ୍କା ଓ କିଛି ଚୋରି ସାମଗ୍ରୀ ଜବତ କରିଛି।

# ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ

**ସୋନପୁର,୮।୫(ନି.ପ୍ର.)**


ମୃତ ଶିଶୁକୁ ଧରି ପରିବାରବର୍ଗ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି।

ଚିକିତ୍ସା ଅବହେଳାରୁ ଏକ ମାସର ଶିଶୁ ପୁତ୍ରର ମୃତ୍ୟୁ ହୋଇଥିବା ପରିବାରବର୍ଗ ସୋମବାର ଅଭିଯୋଗ କରିଛନ୍ତି। ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କପାସିରା ଗାଁର ସମ୍ରାଟ ପ୍ରଧାନଙ୍କ ୧ ମାସର ଶିଶୁ ପୁତ୍ର ଅସୁସ୍ଥ ଥିଲା। ସମ୍ରାଟ ଶିଶୁକୁ ସୁବର୍ଣ୍ଣପୁର ପ୍ରସୂତିକାଳୀନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଶିଶୁର ଚିକିତ୍ସା କରୁଥିଲେ। ତେବେ ୧ ଘଣ୍ଟା ପରେ ଶିଶୁର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହୋଇପଡିଥିଲା। ଚିକିତ୍ସା କରୁଥିବା ଡାକ୍ତର ଶିଶୁକୁ ବୁର୍ଲା ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଶିଶୁକୁ ବୁର୍ଲା ନିଆ ଯାଉଥିଲା ବେଳେ ଉଲୁଣ୍ଡା ନିକଟରେ ଶିଶୁଟି ଗୁରୁତର ହୋଇ ପଡିଥିଲା । ମା ବାପା ଶିଶୁକୁ ଉଲୁଣ୍ଡା ଡାକ୍ତରଖାନାକୁ ନେଇ ଡାକ୍ତରଙ୍କୁ ଦେଖାଇ ଥିଲେ। ତେବେ ଦାୟିତ୍ୱରେ ଥିବା ଡାକ୍ତର ଶିଶୁକୁ ଚିକିତ୍ସା କଲେନି କି ମୃତ ଘୋଷଣା କଲେନାହିଁ। ଓଲଟି ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ପାଇଁ ପରାମର୍ଶ ଦେଇଥିଲେ। ପରିବାରବର୍ଗ ଉଲୁଣ୍ଡାରୁ ପୁଣି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଫେରିଥିଲେ। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ମଧ ଶିଶୁଙ୍କ ପରିବାରବର୍ଗଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରି ନ ଥିଲେ। ଶିଶୁକୁ ମୃତ ଘୋଷଣା କରିବାକୁ ଡାକ୍ତର ମନା କରିଥିଲେ।

**ଜିଲାପାଳଙ୍କ ହସ୍ତକ୍ଷେପ ପରେ ଶିଶୁଙ୍କୁ ମୃତ ଘୋଷଣା କରାଗଲା**

ମୃତ ଶିଶୁକୁ ଧରି ପରିବାରବର୍ଗ ଦୀର୍ଘ ୫ ଘଣ୍ଟା ଡାକ୍ତର ଓ ଅଧିକାରୀଙ୍କୁ ନେହୁରା ହୋଇଥିଲେ ମାତ୍ର କେହି ଶୁଣି ନ ଥିଲେ। ବାଧ ହୋଇ ମୃତ ଶିଶୁକୁ ଧରି ମା କୁନି ପ୍ରଧାନ, ବାପା ସମ୍ରାଟ ଓ ଜେଜେମା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳଙ୍କୁ ଗୁହାରୀ କରିଥିଲେ। ସୁବର୍ଣ୍ଣପୁରର ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଏହି ଘଟଣା ଜାଣିବା ପରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତିଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିବା ପରିବାରବର୍ଗ ସୂଚନା ଦେଇଛନ୍ତି।

# ଶ୍ରୀନିବାସଙ୍କୁ ଅତିବଡ଼ୀ, ଅରୁଣଙ୍କୁ ଡିଜି ପାହ୍ୟା

**ବଲାଙ୍ଗୀର ଅଫିସ, ୮।୫**

**■ବଲାଙ୍ଗୀର ପାଇଁ ସ୍ମରଣୀୟ ମେ**
**■ଶୁଭେଚ୍ଛା ଜଣାଇଲେ ଜିଲାବାସୀ**


ଅରୁଣ କୁମାର ଷଡ଼ଙ୍ଗୀ    ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା

ବଲାଙ୍ଗୀର ଜିଲାବାସୀଙ୍କ ପାଇଁ ମେ ମାସ ସ୍ମରଣୀୟ ହୋଇଛି। ବଲାଙ୍ଗୀର ମାଟିର ଦୁଇଜଣ କୃତି ସନ୍ତାନଙ୍କୁ ନେଇ ବଲାଙ୍ଗୀରବାସୀ ଗର୍ବ ଅନୁଭବ କରିଛନ୍ତି। ରାଜ୍ୟର ଜଣେ ସଫଳ ଆଇପିଏସ୍ ଅଧିକାରୀ ଭାବେ ଜଣାଶୁଣା ଅରୁଣ କୁମାର ଷଡଙ୍ଗୀଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ମିଳିଥିବାବେଳେ ବିଶିଷ୍ଟ ସାହିତ୍ୟିକ ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତାଙ୍କୁ ଅତିବଡ଼ୀ ସମ୍ମାନରେ ସମ୍ମାନିତ କରାଯାଇଛି। ବଲାଙ୍ଗୀର ସହର ସୁଦପଡା ନିବାସୀ ଅରୁଣ କୁମାର ଷଡଙ୍ଗୀ ୧୯୯୦ ବ୍ୟାଚ୍ ଭାରତୀୟ ପୋଲିସ ସେବାରେ ଯୋଗଦାନ କରିଥିଲେ। ତାଳଚେରର ଏସ୍‌ଡିପିଓ ଭାବେ କାର୍ଯ୍ୟ ଆରମ୍ଭ କରିଥିବା ଷଡଙ୍ଗୀ ରାୟଗଡା, ବ୍ରହ୍ମପୁର, ଜଗତସିଂହପୁର, ଭୁବନେଶ୍ୱର ଏସ୍‌ପି ତଥା କଟକ କ୍ରାଇମବ୍ରାଞ୍ଚ ଏସ୍‌ପି ଭାବେ ଦାୟତ୍ୱ କୁଲାଇଥିଲେ। ଏହାପରେ ଉତ୍ତରାଞ୍ଚଳ କେନ୍ଦ୍ରୀୟ ରେଞ୍ଜ ଡିଆଇଜିପି, ପୋଲିସ ଆଇଜି ଏବଂ ବିଜ ପଟ୍ଟନାୟକ ପୋଲିସ ଏକାଡେମୀର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ମେ ପ୍ରଥମ ସପ୍ତାହରେ ତାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ବଲାଙ୍ଗୀର ସହର ସମେତ ଜିଲାବାସୀ ଏଥିରେ ଖୁସି ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ଓଡିଶାର ଅନ୍ୟତମ ପ୍ରବୀଣ କବି, କଥାକାର, ସାହିତ୍ୟିକ, ଚିତ୍ରଶିଳ୍ପୀ ଏବଂ ଅନୁବାଦକ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା(୮୮)ଙ୍କ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସର୍ବୋଚ୍ଚ ସମ୍ମାନ ଅତିବଡୀ ଜଗନ୍ନାଥ ଦାସ ସମ୍ମାନ ପ୍ରଦାନ କରାଯାଇଛି। ୧୯୩୫ ମସିହା ଜାନୁୟାରୀ ୬ରେ ଜନ୍ମଗ୍ରହଣ କରିଥିବା ଉଦ୍‌ଗାତା ଏଯାବତ୍ ୩୨୬ ଖଣ୍ଡ ପୁସ୍ତକ ରଚନା କରିସାରିଛନ୍ତି। ଓଡିଆ, ହିନ୍ଦୀ, କୋଶଲୀ ଭାଷାରେ ସେ ଅଗଣିତ କବିତା, ପ୍ରବନ୍ଧ, ଗଳ୍ପ, ନାଟକ ରଚନା କରିବା ସହ ହିନ୍ଦୀ ଓ ଇଂଲିଶ ଭାଷାରେ ଅନୁବାଦ କରିଛନ୍ତି। ବଲାଙ୍ଗୀରର ରାଧାରାଣୀପଡା ନିବାସୀ ଉଦ୍‌ଗାତା ଏଇ ପରିଣତ ବୟଷରେ ମଧ ସାହିତ୍ୟ ରଚନାରେ ମଗ୍ନ ଅଛନ୍ତି। ପୂର୍ବରୁ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିସାରିଛି। ଏହା ସହିତ ଦେଶର ବିଭିନ୍ନ ପ୍ରଦେଶ ତଥା ରାଜ୍ୟର ବିଭିନ୍ନ ଅନୁଷ୍ଠାନରୁ ସେ ସମ୍ମାନିତ ହୋଇଛନ୍ତି। ତାଙ୍କୁ ରାଜ୍ୟର ଶ୍ରେଷ୍ଠ ସାହିତ୍ୟ ସମ୍ମାନ ଅତିବଡ଼ୀ ପୁରସ୍କାର ପ୍ରଦାନ କରାଯିବା ପରେ ବଲାଙ୍ଗୀର ଜିଲା ସମେତ ଓଡିଶାର ବିଭିନ୍ନ ସ୍ଥାନରୁ ତାଙ୍କ ପାଖକୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।

# ୭ମାସ ବିତିଲା, ମିଳିନି ଶ୍ରମିକଙ୍କ ମଜୁରି

**ଲାଠୋର, ୮।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅଧୀନ ମସିଣା ଗ୍ରାମର ବଡ଼ ଝରିଆ ନାଳରେ ବୁସ କଟିଙ୍ଗ କାମ ଏମ୍‌ଜିଏନଆରଇଜିଏସ୍ ଯୋଜନାରେ ଶ୍ରମିକମାନେ କରିଥିଲେ। ୨୦୨୧ମସିହାରେ ଏହି କାମ ହୋଇଥିଲେ ହେଁ ଅଦ୍ୟାବଧି ସେମାନଙ୍କୁ ମଜୁରି ମିଳିନାହିଁ। ଏପରକି ଅଭିଯୋଗ ପରେ ତଦନ୍ତ ହେବା ସତ୍ତ୍ୱେ ମଜୁରି ମିଳି ନଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଗତ ଜୁଲାଇ ୨୦୨୧ମସିହାରେ ମସିଣା ଗ୍ରାମର ୨୨ଜଣ ଶ୍ରମିକ ବଡ଼ ଝରିଆ ନାଳରେ ବୁସ କଟିଙ୍ଗ କାମ କରିଥିଲେ। କାମ କରିବାର ୧୫ ଦିନ ମଧ୍ୟରେ ଶ୍ରମିକଙ୍କୁ ମଜୁରି ପ୍ରଦାନର ସରକାରୀ ନିୟମ ଥିବା ବେଳେ ଏକ ବର୍ଷ ବିତି ଯାଇଥିଲେ ମଧ ୧୨ଦିନର ମଜୁରି ପ୍ରଦାନ କରାଯାଇନାହିଁ। ଘଟଣାକୁ ନେଇ ୧୭ ଅକ୍ଟୋବର ୨୦୨୨ରେ ଧରିତ୍ରୀରେ ବର୍ଷେ ବିତିଲା ବୁସ କଟିଙ୍ଗ ମଜୁରି ପାଇ ନାହାନ୍ତି ଶ୍ରମିକ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବିଭାଗୀୟ କର୍ମଚାରୀ ତତ୍ପରତା ପ୍ରକାଶ କରି ଗ୍ରାମକୁ ଆସି ତଦନ୍ତ କରିଥିଲେ। ଇତ୍ୟବସରେ ୭ ମାସ ବିତିଯାଇଛି। ହେଲେ ମଧ ସମ୍ପୃକ୍ତ ଶ୍ରମିକମାନଙ୍କୁ ତାଙ୍କ ମଜୁରି ପ୍ରଦାନ କରାଯାଇନାହିଁ। ଶ୍ରମିକମାନେ ମଜୁରି ପାଇଁ କହିଲେ ଅବଶିଷ୍ଟ କାମ ସରିଲେ ମଜୁରି ପ୍ରଦାନ କରାଯିବ ବୋଲି କୁହାଯାଉଥିବା ଶ୍ରମିକମାନେ କହିଛନ୍ତି। ଏ ନେଇ ବିଡ଼ିଓ ବିଜୟ କୁମାର ହୋତାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

smbselfie@gmail.com


@ ସୁବ୍ରତ


@ ବିଷ୍ଣୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅନୁଦାନ ବିନିଯୋଗରେ ଅନିୟମିତତା

**ବୌଦ୍ଧ,୮।୫(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ବିକାଶ ପାଇଁ ଯୋଗାଇ ଦିଆଯାଇଥିବା ପଞ୍ଚଦଶ ଅନୁଦାନ ବିନିଯୋଗରେ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରି ବ୍ୟାପକ ଅନିୟମିତତା ହୋଇଥିବା ନେଇ ଜନପ୍ରତିନିଧିମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷର ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ପାଇଁ କଣ୍ଟମାଳ ପଞ୍ଚାୟତ ସମିତିରେ ଆଲୋଚନା ହୋଇଥିବା ପ୍ରକଳ୍ପଗୁଡିକ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇନାହିଁ । ଖୁଣ୍ଟିଗୋରା, ଖମନମୁଣ୍ଡା, କୁଲୁତାଯୋର ଗ୍ରାମପଞ୍ଚାୟତରେ ବହୁ ପ୍ରକଳ୍ପ ତାଲିକାରେ ସ୍ଥାନିତ ହୋଇଥିବା ବେଳେ କଣ୍ଟମାଳ, ଖଲିଆପାଲି, ବରଗୋଛା, ଗୁଡଭେଲିପଦର, ପଲସାଗୋରା, ଘିକୁଣ୍ଡି, ଦପଲା, ଯୋଗିନ୍ଦ୍ରପୁର ଓ ବିଳାସପୁର ଗ୍ରାମପଞ୍ଚାୟତକ କେବଳ ବାଧ୍ୟତାମୂଳକ ପ୍ରକଳ୍ପ ତାଲିକାରେ ସ୍ଥାନିତ ହୋଇଛି। କଣ୍ଟମାଳ ବ୍ଲକରେ ତ୍ରିସ୍ତରୀୟ

**ଜିଲାପାଳଙ୍କୁ ଜନପ୍ରତିନିଧିଙ୍କ ଅଭିଯୋଗ**

ଜନ ପ୍ରତିନିଧିଙ୍କୁ ଅଣଦେଖା କରି ମାତ୍ର ୩/୪ ଗୋଟି ଗ୍ରାମପଞ୍ଚାୟତରେ ବହୁ ସଂଖ୍ୟାରେ ପ୍ରକଳ୍ପ ତାଲିକାରେ ସ୍ଥାନୀତ ହେବା ପରିତାପର ବିଷୟ ବୋଲି ସେମାନେ ଦର୍ଶାଇଛନ୍ତି। ଏ ନେଇ ଜନ ପ୍ରତିନିଧିମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ଏ ଦିଗରେ ପଦକ୍ଷେପ ନେବା ସହ ୨୦୨୩-୨୪ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ପ୍ରକଳ୍ପ ତାଲିକାକୁ ବାତିଲ କରାଯାଇ ନୂତନ ତାଲିକା ପ୍ରସ୍ତୁତ କରିବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲାପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ରୁଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁ, ପଲଶାଗୋରା ସରପଞ୍ଚ ସୌଦାମିନି ମଲ୍ଲିକ, ଶୁଣ୍ଡିପଦର ସରପଞ୍ଚ ସୁଜାତା ଭୋଇ, ଖଲିଆପାଲି ସମିତିସଭ୍ୟ କେଦାର ନାଥ ସାହୁ, ଖଟଖଟିଆ ସମିତି ସଭ୍ୟା ଆଲାଦିନ ମହାଲିକ, ଖୁଣ୍ଟିଗୋରା ସମିତିସଭ୍ୟା ଭାରତୀ ସାହୁଙ୍କ ସମତେ ବହୁ ଜନ ପ୍ରତିନିଧି ସାମିଲ ଥିଲେ ।

# ବାଳିକା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ରେଡକ୍ରସ ଦିବସ

**ବଲାଙ୍ଗୀର ଅଫିସ, ୮।୫**

ବଲାଙ୍ଗୀର ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ଜୁନିୟର ରେଡକ୍ରସ ସୋସାଇଟି ତରଫରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଛି। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ କେଶବ ମେହେର ଯୋଗଦେଇ ଚଳିତବର୍ଷର ବିଷୟବସ୍ତୁ କୌଣସି ଭେଦଭାବ ନ ରଖି ଲୋକଙ୍କୁ ସାହାଯ୍ୟ କରିବା ସମ୍ପର୍କରେ କହିଥିଲେ। ସ୍ୱାସ୍ଥ୍ୟ ସେବା ଓ ସମ୍ମାନିତ ଅତିଥି ଭାବେ ଜିଲା ଜୁନିୟର ରେଡକ୍ରସ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଯୋଗଦେଇ ରେଡକ୍ରସ ଦିବସ ପାଳିବାର ଉଦ୍ଦେଶ୍ଯ ଜ୍ଞାପନ କରିଥିଲେ । ଜିଲା ଜୁନିୟର ରେଡକ୍ରସ ଅଫିସର ସୁବାସ ଚନ୍ଦ୍ର ପଟେଲ ଆଗାମୀ ଦିନରେ ଜିଲା ଜୁନିୟର ରେଡକ୍ରସ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ କାଉନସିଲରମାନଙ୍କୁ ଆହ୍ୱାନ ଦେଇଥିଲେ। ପରେ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ପଥିକମାନଙ୍କୁ ଅଂଶୁଘାତ ପ୍ରତି ସଚେତନତା କରାଯିବା ସହିତ ଦହି ପାଣି ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ରାଜ୍ୟ ସାଧନ କର୍ମୀ ବିକାଶ ରଞ୍ଜନ ସାହୁ ପରିଚାଳନା କରିଥିବାବେଳେ ଟାଉନ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ କାଉନସିଲର ଦିଗାମ୍ବର ନାଏକ, ରବୀନ୍ଦ୍ର ଠେଟୁଆଲ, ରାମ ନାରାୟଣ ଦାଶ, ରଞ୍ଜିତ ମିଶ୍ର, ପ୍ରଭାକର ଛନ୍ଦ, ଡୁଲେଶ୍ୱର ବାରିକ, ରଞ୍ଜିତା ମିଶ୍ର, ଅରୁନ୍ଧତୀ ବଡେଇ, ଟୁନିତା ସାହୁ, ସୁରେନ୍ଦ୍ର ନାଏକ, ସଦାନନ୍ଦ ବାଘ, କୃଷ୍ଣଚନ୍ଦ୍ର ବାଗ, ସୁନିତା ପାଣିଗ୍ରାହୀ, ଝୁନିତା ଭୋଇ, ଟିକେଜାଲ ସହଯୋଗ କରିଥିଲେ।



ଅଂଶୁଘାତ ପ୍ରତି ସଚେତନତା କରାଯିବା ସହ ଲୋକଙ୍କୁ ଦହି ପାଣି ବଣ୍ଟନ କରାଯାଉଛି।

# ଲକ୍ଷ୍ୟ ସ୍ଥିର ହେଲେ ସଫଳତା ମିଳିବ

**ବୌଦ୍ଧ,୮।୫(ସ୍ୱ.ପ୍ର)**

**■ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ**
**■ ସରକାରୀ ମାନ୍ୟତା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ଅବସରରେ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅତିରିକ୍ତ ଜିଲାପାଳ ଦାରିଦ୍ରଭଞ୍ଜନ ମଦନ ମୋହନ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇଥିଲେ। ୭୦ ଦଶକରେ ସ୍ୱର୍ଗତ ନଟବର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଉଚ୍ଚଶିକ୍ଷା ଅନୁଷ୍ଠାନ ତାର ଲକ୍ଷ୍ୟପ୍ରାପ୍ତିରେ ସଫଳ ହୋଇଥିବା ପ୍ରକାଶ କରିଥିଲେ। ଅନେକ ପ୍ରତିକୂଳ ପରିସ୍ଥିତି ଓ ସମସ୍ୟା ଦେଇ ଗତି କରିଥିବା ଏହି ମହାବିଦ୍ୟାଳୟ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟସ୍ତରରେ ସଫଳତା ହାସଲ କରି ସୁନାମ ଅର୍ଜନ କରଥିବାରୁ ମନ୍ତ୍ରୀ ଅମାତ୍ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟରେ ସୁବିଧା ସୁଯୋଗ ସୃଷ୍ଟି ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଉତ୍ସବରେ ଛାତ୍ର ନେତା ଜିତେନ୍ଦ୍ର ବେହେରା ମହାବିଦ୍ୟାଳୟର ପାଣି ସମସ୍ୟା, ଚେୟାର, କମନରୁମ୍, ଇ-ଲାଇବ୍ରେରୀ ସମସ୍ୟା ଆଦି ବିଷୟରେ କହିଥିଲେ। ଜିଲାର ଏକମାତ୍ର ପୁରାତନ ମହାବିଦ୍ୟାଳୟ ହୋଇଥିବାବେଳେ ଆଜି ପର୍ଯ୍ୟନ୍ତ ସରକାରୀ ମାନ୍ୟତା ପାଇନଥିବା ନେଇ ସେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ଅମାତ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟ ସରକାର ସମସ୍ତ ଶିକ୍ଷାନୁଷ୍ଠାନରେ ଆବଶ୍ୟକତା ଅନୁଯାୟୀ ସୁବିଧା ସୁଯୋଗ ସୃଷ୍ଟିକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ମହାବିଦ୍ୟାଳୟ କର୍ମଚାରୀ ସରକାରୀ ମହାବିଦ୍ୟାଳୟର କର୍ମଚାରୀଙ୍କ ଭଳି ବେତନ ପାଉଛନ୍ତି। ଯଦି ସରକାର ଆଗାମୀ ଦିନରେ ବେସରକାରୀ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରନ୍ତି ତାହେଲେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ନାମ ନିଶ୍ଚିତ ସେଥିରେ ସ୍ଥାନ ପାଇବ ବୋଲି କହିଥିଲେ। ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଛାତ୍ରୀଛାତ୍ରଙ୍କ ସଫଳତା ସହ ଅନୁଷ୍ଠାନର ପ୍ରଗତି ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପାତ୍ର ଛାତ୍ରୀଛାତ୍ରମାନେ ଶିକ୍ଷାଗ୍ରହଣ ଉପରେ ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦେବା ସହିତ ଜୀବନରେ ଲକ୍ଷ୍ୟ ସ୍ଥିର ହେଲେ ସଫଳତା ନିଶ୍ଚୟ ମିଳିବ ବୋଲି କହିଥିଲେ। ମହବିଦ୍ୟାଳୟର ବିକାଶ ଯାତ୍ରାରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟତମ ଅତିଥିଭାବେ ଛାତ୍ରସଂସଦ ଉପଦେଷ୍ଟା ଅଧାପକ ନିରଞ୍ଜନ ମିଶ୍ର ଉପସ୍ଥିତ ଥିବାବେଳେ ସାଂସ୍କୃତିକ ଉପଦେଷ୍ଟା ଅଧାପକ ପ୍ରବୀର କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ଅଧାପିକା ଗୀତାଞ୍ଜଳୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ଓ ମଞ୍ଚାସୀନ ଅନ୍ୟ ଅତିଥି।

# ରେଡକ୍ରସକୁ କ୍ରିୟାଶୀଳ କରିବାକୁ ଗୁରୁତ୍ୱ

**ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳିତ**

**ବଲାଙ୍ଗୀର ଅଫିସ, ୮।୫**



ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳନ ଅବସରରେ ରକ୍ତଦାନ ଶିବିରରେ ରକ୍ତଦାନ କରାଯାଉଛି।

ଭାରତୀୟ ରେଡକ୍ରସ ସୋସାଇଟି ବଲାଙ୍ଗୀର ଶାଖା ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ସୋମବାର ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଥିଲା। ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲଠାରେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ମୁଖ୍ୟଅତିଥିଭାବେ ଯୋଗଦେଇ ରେଡକ୍ରସ ପତାକା ଉତ୍ତୋଳନ କରିଥିଲେ ଓ ରେଡକ୍ରସ ଦିବସର ଶପଥ ପାଠ କରାଇଥିଲେ। ପରେ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲସ୍ଥିତ ରକ୍ତ ଭଣ୍ଡାରଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ପ୍ରଥମେ ଅତିରିକ୍ତ ଜିଲାପାଳ ଧରୁଆ ଓ ଜିଲା କ୍ରୀଡା ଅଧିକାରୀ ପରାଶର ବାଗ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମେଡିକାଲ ଅଧିକ୍ଷକ ଡ଼ ମାନସୀ ପଣ୍ଡା, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ କୁବେର ଚନ୍ଦ୍ର ମହନ୍ତ, ଅତିରିକ୍ତ ମେଡିକାଲ ଅଧିକ୍ଷକ ଡ଼ ପ୍ରଭାତ କୁମାର ରଥ, ଜିଲା ଜରୁରୀକାଳୀନ ଅଧିକାରୀ ତଥା ଭାରତୀୟ ରେଡକ୍ରସ ସୋସାଇଟି ବଲାଙ୍ଗୀର ଶାଖା ସମ୍ପାଦକ ଶୁଭସ୍ମିତା ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ଥିଲେ।

ପରେ ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳନ ଉପଲକ୍ଷେ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲସ୍ଥିତ ସମ୍ମିଳନୀ କକ୍ଷଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅତିରିକ୍ତ ଜିଲ୍ଲାପାଳ ଧରୁଆ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସଭାରେ ପାଟଣାଗଡ ଉପଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ମହନ୍ତ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ କୁମାର ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଭାରେ ଦେଓଗାଁ ତହସିଲଦାର ଯୁଗଳ ବିଶ୍ୱାଳ, ଯୁଥ୍ ରେଡକ୍ରସ ସଂଯୋଜକ ଡ଼ ଦୈତାରୀ ପୂଝାରୀ, ପାଟଣାଗଡର ଓକିଲ ଇନ୍ଦୁଭୂଷଣ ଠାକୁର, ରେଡକ୍ରସ ସ୍ୱେଚ୍ଛାସେବୀ ରାମ ନାରାୟଣ ଦାସ, ରବିଚନ୍ଦ୍ର ପଶାୟତ, ଦିବ୍ଯସ୍ମିତା ସାହୁ ରେଡକ୍ରସ ଦିବସ ର ତାତ୍ପର୍ଯ୍ୟ ତଥା ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କ ଭୂମିକା ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ । ବଲାଙ୍ଗୀର ଜିଲାରେ ୨୦୨୨-୨୩ ଆର୍ଥିକ ବର୍ଷରେ ରେଡକ୍ରସ ପାଣ୍ଠି ବୃଦ୍ଧି ନିମନ୍ତେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲା ଅବକାରୀ ବିଭାଗ ଓ ଜିଲ୍ଲା କାର୍ଯ୍ୟାଳୟ ଅନ୍ତର୍ଗତ ନ୍ୟାୟିକ ବିଭାଗକୁ ଅତିଥିମାନେ ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ।

# ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ

ସୋନପୁର,୮।୫(ନି.ପ୍ର.)

ଚିକିତ୍ସା ଅବହେଳାରୁ ଏକ ମାସର ଶିଶୁ ପୁତ୍ରର ମୃତ୍ୟୁ ହୋଇଥିବା ପରିବାରବର୍ଗ ସୋମବାର ଅଭିଯୋଗ କରିଛନ୍ତି। ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କପାସିରା ଗାଁର ସମ୍ରାଟ ପ୍ରଧାନଙ୍କ ୧ ମାସର ଶିଶୁ ପୁତ୍ର ଅସୁସ୍ଥ ଥିଲା। ସମ୍ରାଟ ଶିଶୁକୁ ସୁବର୍ଣ୍ଣପୁର ପ୍ରସୂତିକାଳୀନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଶିଶୁର ଚିକିତ୍ସା କରୁଥିଲେ। ତେବେ ୧ ଘଣ୍ଟା ପରେ ଶିଶୁର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହୋଇପଡିଥିଲା। ଚିକିତ୍ସା କରୁଥିବା ଡାକ୍ତର ଶିଶୁକୁ ବୁର୍ଲା ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଶିଶୁକୁ ବୁର୍ଲା ନିଆ ଯାଉଥିଲା ବେଳେ ଉଲୁଣ୍ଡା ନିକଟରେ ଶିଶୁଟି ଗୁରୁତର ହୋଇ ପଡିଥିଲା। ମା' ବାପା ଶିଶୁକୁ ଉଲୁଣ୍ଡା ଡାକ୍ତରଖାନାକୁ ନେଇ ଡାକ୍ତରଙ୍କୁ ଦେଖାଇ ଥିଲେ। ତେବେ ଦାୟିତ୍ୱରେ ଥିବା ଡାକ୍ତର ଶିଶୁକୁ ଚିକିତ୍ସା କଲେନି କି ମୃତ ଘୋଷଣା କଲେନାହିଁ। ଓଲଟି ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ପାଇଁ ପରାମର୍ଶ ଦେଇଥିଲେ। ପରିବାରବର୍ଗ ଉଲୁଣ୍ଡାରୁ ପୁଣି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଫେରିଥିଲେ। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ମଧ୍ୟ ଶିଶୁଙ୍କ ପରିବାରବର୍ଗଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରି ନ ଥିଲେ। ଶିଶୁକୁ ମୃତ ଘୋଷଣା କରିବାକୁ ଡାକ୍ତର ମନା କରିଥିଲେ।



ମୃତ ଶିଶୁକୁ ଧରି ପରିବାରବର୍ଗ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି।

### ଜିଲାପାଳଙ୍କ ହସ୍ତକ୍ଷେପ ପରେ ଶିଶୁଙ୍କୁ ମୃତ ଘୋଷଣା କରାଗଲା

ମୃତ ଶିଶୁକୁ ଧରି ପରିବାରବର୍ଗ ଦୀର୍ଘ ୫ ଘଣ୍ଟା ଡାକ୍ତର ଓ ଅଧିକାରୀଙ୍କୁ ନେହୁରା ହୋଇଥିଲେ ମାତ୍ର କେହି ଶୁଣି ନ ଥିଲେ। ବାଧ୍ୟ ହୋଇ ମୃତ ଶିଶୁକୁ ଧରି ମା' କୁନି ପ୍ରଧାନ, ବାପା ସମ୍ରାଟ ଓ ଜେଜେମା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳଙ୍କୁ ଗୁହାରୀ କରିଥିଲେ। ସୁବର୍ଣ୍ଣପୁରର ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଏହି ଘଟଣା ଜାଣିବା ପରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତିଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିବା ପରିବାରବର୍ଗ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଭିଜିଲାନ୍ସ ମାମଲାରେ ପୂର୍ବତନ ଜିଆରଏସ୍ ଦଣ୍ଡିତ

ଭବାନୀପାଟଣା,୮।୫(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଏମ୍. ରାମପୁର ବ୍ଲକ ମୋହନଗିରି ପଞ୍ଚାୟତର ପୂର୍ବତନ ଜିଆରଏସ୍ ଦିବାକର ସାହୁ ସୋମବାର ଭିଜିଲାନ୍ସ ମାମଲାରେ ଦଣ୍ଡିତ ହୋଇଛନ୍ତି। ୨୦୧୭ରେ ବିଜୁ ପକ୍କା ଘର ଯୋଜନାରେ ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକ ପାଉଣା ପାଇଁ ମଷ୍ଟର ରୋଲ କରିଦେବା ନାଁରେ ଜଣେ ହିତାଧିକାରୀଙ୍କଠାରୁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହାର ରାୟ ସୋମବାର ପ୍ରକାଶ ପାଇଛି। ଭବାନୀପାଟଣା ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଶ୍ରୀକାନ୍ତ ମିଶ୍ର ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଫା ୭/୧୩(୨) ଓ ଆରଡବ୍ଲୁ ୧୩(୧)(ଡି)ରେ ୪ବର୍ଷ ଜେଲ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆହୁରି ୩ ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛି। ସେହିପରି ଅନ୍ୟ ଏକ ଦଫାରେ ଆହୁରି ୩ ବର୍ଷ ଜେଲ ଦଣ୍ଡାଦେଶ ଓ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହାପୂର୍ବରୁ ପୂର୍ବତନ ଜିଆରଏସ୍ ଚାକରିରୁ ବହିଷ୍କୃତ ହୋଇଛନ୍ତି। ଅନ୍ୟପକ୍ଷରେ ଦୋଷୀ ସାବ୍ୟସ୍ତ ପରେ ଅଭିଯୁକ୍ତ ପୂର୍ବତନ ଜିଆରଏସଙ୍କୁ ଜେଲ ଯିବାକୁ ପଡିଛି। ଏହି ମାମଲା ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ପିପି ଅଶ୍ୱିନୀ ସାହୁ ପରିଚାଳନା କରିଥିଲେ।

### ଚୋରି ଅଭିଯୋଗରେ ୨ ଗିରଫ

ବେଲପାହାଡ଼,୮।୫(ଡି.ଏନ.ଏ.): ବେଲପାହାଡ଼ ପୋଲିସ ଜଣଙ୍କ ଘରୁ ଚୋରି କରିବା ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବେଲପାହାଡ଼ ଗୁମାଡେରା ଖମାରପଡ଼ା ଦୁବରାଜ ପ୍ରଧାନ (୩୬) ଓ ଚନ୍ଦ୍ରଶେଖର ମାଝି (୩୨)। ଗୁମାଡେରା ଜମିଦାରପଡ଼ା ଗୁଆଲାପ ମୁକୁଲ କୁମାର (୨୪)ଙ୍କ ଅଭିଯୋଗ କ୍ରମେ ଗତ ୬ ତାରିଖରେ ସେ ନିଜ ଘରେ ରଙ୍ଗ କରାଇଥିଲେ। ଏହି କାର୍ଯ୍ୟରେ ଅଭିଯୁକ୍ତ ଦ୍ୱୟ ନିୟୋଜିତ ଥିଲେ। ଘର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତମାନେ ନଗଦ ୨୦ ହଜାର ଟଙ୍କା ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ପୋଲିସ କେସ୍ ନମ୍ବର ୧୦୮/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପୋଲିସ ଅଭିଯୁକ୍ତଙ୍କଠାରୁ ନଗଦ ୭୦୦ ଟଙ୍କା ଓ କିଛି ଚୋରି ସାମଗ୍ରୀ ଜବତ କରିଛି।

# ଶ୍ରୀନିବାସଙ୍କୁ ଅତିବଡ଼ୀ, ଅରୁଣଙ୍କୁ ଡିଜି ପାହ୍ୟା

ବଲାଙ୍ଗୀର ଅଫିସ, ୮।୫

■ ବଲାଙ୍ଗୀର ପାଇଁ ସ୍ମରଣୀୟ ମେ
■ ଶୁଭେଚ୍ଛା ଜଣାଇଲେ ଜିଲାବାସୀ



ଅରୁଣ କୁମାର ଷଡ଼ଙ୍ଗୀ



ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା

ବଲାଙ୍ଗୀର ଜିଲାବାସୀଙ୍କ ପାଇଁ ମେ ମାସ ସ୍ମରଣୀୟ ହୋଇଛି। ବଲାଙ୍ଗୀର ମାଟିର ଦୁଇଜଣ କୃତି ସନ୍ତାନଙ୍କୁ ନେଇ ବଲାଙ୍ଗୀରବାସୀ ଗର୍ବ ଅନୁଭବ କରିଛନ୍ତି। ରାଜ୍ୟର ଜଣେ ସଫଳ ଆଇପିଏସ୍ ଅଧିକାରୀ ଭାବେ ଜଣାଶୁଣା ଅରୁଣ କୁମାର ଷଡଙ୍ଗୀଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ମିଳିଥିବାବେଳେ ବିଶିଷ୍ଟ ସାହିତ୍ୟିକ ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତାଙ୍କୁ ଅତିବଡ଼ୀ ସମ୍ମାନରେ ସମ୍ମାନିତ କରାଯାଇଛି। ବଲାଙ୍ଗୀର ସହର ସୁଦପଡା ନିବାସୀ ଅରୁଣ କୁମାର ଷଡଙ୍ଗୀ ୧୯୯୦ ବ୍ୟାଚ୍ ଭାରତୀୟ ପୋଲିସ ସେବାରେ ଯୋଗଦାନ କରିଥିଲେ। ତାଳଚେର ଏସ୍‌ଡିପିଓ ଭାବେ କାର୍ଯ୍ୟ ଆରମ୍ଭ କରିଥିବା ଷଡଙ୍ଗୀ ରାୟଗଡା, ବ୍ରହ୍ମପୁର, ଜଗତସିଂହପୁର, ଭୁବନେଶ୍ୱର ଏସ୍‌ପି ତଥା କଟକ କ୍ରାଇମବ୍ରାଞ୍ଚ ଏସ୍‌ପି ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ଉତ୍ତରାଞ୍ଚଳ କେନ୍ଦ୍ରୀୟ ରେଞ୍ଜ ଡିଆଇଜିପି, ପୋଲିସ ଆଇଜି ଏବଂ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ମେ ପ୍ରଥମ ସପ୍ତାହରେ ତାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ବଲାଙ୍ଗୀର ସହର ସମେତ ଜିଲାବାସୀ ଏଥିରେ ଖୁସି ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ଓଡିଶାର ଅନ୍ୟତମ ପ୍ରବୀଣ କବି, କଥାକାର, ସାହିତ୍ୟିକ, ଚିତ୍ରଶିଳ୍ପୀ ଏବଂ ଅନୁବାଦକ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା(୮୮)ଙ୍କ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସର୍ବୋଚ୍ଚ ସମ୍ମାନ ଅତିବଡୀ ଜଗନ୍ନାଥ ଦାସ ସମ୍ମାନ ପ୍ରଦାନ କରାଯାଇଛି। ୧୯୩୫ ମସିହା ଜାନୁୟାରୀ ୬ରେ ଜନ୍ମଗ୍ରହଣ କରିଥିବା ଉଦ୍‌ଗାତା ଏଯାବତ୍ ୩୨୬ ଖଣ୍ଡ ପୁସ୍ତକ ରଚନା କରିସାରିଛନ୍ତି। ଓଡିଆ, ହିନ୍ଦୀ, କୋଶଲୀ ଭାଷାରେ ସେ ଅଗଣିତ କବିତା, ପ୍ରବନ୍ଧ, ଗଳ୍ପ, ନାଟକ ରଚନା କରିବା ସହ ହିନ୍ଦୀ ଓ ଇଂଲିଶ ଭାଷାରେ ଅନୁବାଦ କରିଛନ୍ତି। ବଲାଙ୍ଗୀର ରାଧାରାଣୀପଡା ନିବାସୀ ଉଦ୍‌ଗାତା ଏଇ ପରିଣତ ବୟଷରେ ମଧ୍ୟ ସାହିତ୍ୟ ରଚନାରେ ମଗ୍ନ ଅଛନ୍ତି। ପୂର୍ବରୁ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିସାରିଛି। ଏହା ସହିତ ଦେଶର ବିଭିନ୍ନ ପ୍ରଦେଶ ତଥା ରାଜ୍ୟର ବିଭିନ୍ନ ଅନୁଷ୍ଠାନରୁ ସେ ସମ୍ମାନିତ ହୋଇଛନ୍ତି। ତାଙ୍କୁ ରାଜ୍ୟର ଶ୍ରେଷ୍ଠ ସାହିତ୍ୟ ସମ୍ମାନ ଅତିବଡ଼ୀ ପୁରସ୍କାର ପ୍ରଦାନ କରାଯିବା ପରେ ବଲାଙ୍ଗୀର ଜିଲା ସମେତ ଓଡିଶାର ବିଭିନ୍ନ ସ୍ଥାନରୁ ତାଙ୍କ ପାଖକୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।

# ୭ମାସ ବିତିଲା, ମିଳିନି ଶ୍ରମିକଙ୍କ ମଜୁରି

ଲାଠୋର, ୮।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅଧୀନ ମସିଣା ଗ୍ରାମର ବଡ଼ ଝରିଆ ନାଳରେ ବୁସ କଟିଙ୍ଗ କାମ ଏମ୍‌ଜିଏନଆରଇଜିଏସ୍ ଯୋଜନାରେ ଶ୍ରମିକମାନେ କରିଥିଲେ। ୨୦୨୧ମସିହାରେ ଏହି କାମ ହୋଇଥିଲେ ହେଁ ଅଦ୍ୟାବଧି ସେମାନଙ୍କୁ ମଜୁରି ମିଳିନାହିଁ। ଏପରକି ଅଭିଯୋଗ ପରେ ତଦନ୍ତ ହେବା ସତ୍ତ୍ୱେ ମଜୁରି ମିଳି ନଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଗତ ଜୁଲାଇ ୨୦୨୧ମସିହାରେ ମସିଣା ଗ୍ରାମର ୨୨ଜଣ ଶ୍ରମିକ ବଡ଼ ଝରିଆ ନାଳରେ ବୁସ କଟିଙ୍ଗ କାମ କରିଥିଲେ। କାମ କରିବାର ୧୫ ଦିନ ମଧ୍ୟରେ ଶ୍ରମିକଙ୍କୁ ମଜୁରି ପ୍ରଦାନର ସରକାରୀ ନିୟମ ଥିବା ବେଳେ ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ୧୨ଦିନର ମଜୁରି ପ୍ରଦାନ କରାଯାଇନାହିଁ। ଘଟଣାକୁ ନେଇ ୧୭ ଅକ୍ଟୋବର ୨୦୨୨ରେ ଧରିତ୍ରୀରେ ବର୍ଷେ ବିତିଲା ବୁସ କଟିଙ୍ଗ ମଜୁରି ପାଇ ନାହାନ୍ତି ଶ୍ରମିକ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବିଭାଗୀୟ କର୍ମଚାରୀ ତତ୍ପରତା ପ୍ରକାଶ କରି ଗ୍ରାମକୁ ଆସି ତଦନ୍ତ କରିଥିଲେ। ଇତ୍ୟବସରେ ୭ ମାସ ବିତିଯାଇଛି। ହେଲେ ମଧ୍ୟ ସମ୍ପୃକ୍ତ ଶ୍ରମିକମାନଙ୍କୁ ତାଙ୍କ ମଜୁରି ପ୍ରଦାନ କରାଯାଇନାହିଁ। ଶ୍ରମିକମାନେ ମଜୁରି ପାଇଁ କହିଲେ ଅବଶିଷ୍ଟ କାମ ସରିଲେ ମଜୁରି ପ୍ରଦାନ କରାଯିବ ବୋଲି କୁହାଯାଉଥିବା ଶ୍ରମିକମାନେ କହିଛନ୍ତି। ଏ ନେଇ ବିଡ଼ିଓ ବିଜୟ କୁମାର ହୋତାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ସୁବ୍ରତ



@ ବିଷ୍ଣୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅନୁଦାନ ବିନିଯୋଗରେ ଅନିୟମିତତା

ବୌଦ୍ଧ,୮।୫(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ବିକାଶ ପାଇଁ ଯୋଗାଇ ଦିଆଯାଇଥିବା ପଞ୍ଚଦଶ ଅନୁଦାନ ବିନିଯୋଗରେ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରି ବ୍ୟାପକ ଅନିୟମିତତା ହୋଇଥିବା ନେଇ ଜନପ୍ରତିନିଧିମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷର ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ପାଇଁ କଣ୍ଟମାଳ ପଞ୍ଚାୟତ ସମିତିରେ ଆଲୋଚନା ହୋଇଥିବା ପ୍ରକଳ୍ପଗୁଡିକ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଖୁଣ୍ଟିଗୋରା, ଖମନମୁଣ୍ଡା, କୁଲୁତାଯୋର ଗ୍ରାମପଞ୍ଚାୟତରେ ବହୁ ପ୍ରକଳ୍ପ ତାଲିକାରେ ସ୍ଥାନିତ ହୋଇଥିବା ବେଳେ କଣ୍ଟମାଳ, ଖଲିଆପାଲି, ବରଗୋଛା, ଗୁଡଭେଲିପଦର, ପଲସାଗୋରା, ଘିକୁଣ୍ଡି, ଦପଲା, ଯୋଗିନ୍ଦ୍ରପୁର ଓ ବିଳାସପୁର ଗ୍ରାମପଞ୍ଚାୟତକ କେବଳ ବାଧ୍ୟତାମୂଳକ ପ୍ରକଳ୍ପ ତାଲିକାରେ ସ୍ଥାନିତ ହୋଇଛି। କଣ୍ଟମାଳ ବ୍ଲକରେ ତ୍ରିସ୍ତରୀୟ

### ଜିଲାପାଳଙ୍କୁ ଜନପ୍ରତିନିଧିଙ୍କ ଅଭିଯୋଗ

ଜନ ପ୍ରତିନିଧିଙ୍କୁ ଅଣଦେଖା କରି ମାତ୍ର ୩/୪ ଗୋଟି ଗ୍ରାମପଞ୍ଚାୟତରେ ବହୁ ସଂଖ୍ୟାରେ ପ୍ରକଳ୍ପ ତାଲିକାରେ ସ୍ଥାନୀତ ହେବା ପରିତାପର ବିଷୟ ବୋଲି ସେମାନେ ଦର୍ଶାଇଛନ୍ତି। ଏ ନେଇ ଜନ ପ୍ରତିନିଧିମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ଏ ଦିଗରେ ପଦକ୍ଷେପ ନେବା ସହ ୨୦୨୩-୨୪ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ପ୍ରକଳ୍ପ ତାଲିକାକୁ ବାତିଲ କରାଯାଇ ନୂତନ ତାଲିକା ପ୍ରସ୍ତୁତ କରିବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲାପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ରୁଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁ, ପଲଶାଗୋରା ସରପଞ୍ଚ ସୌଦାମିନି ମଲ୍ଲିକ, ଶୁଣ୍ଡିପଦର ସରପଞ୍ଚ ସୁଜାତା ଭୋଇ, ଖଲିଆପାଲି ସମିତିସଭ୍ୟ କେଦାର ନାଥ ସାହୁ, ଖଟଖଟିଆ ସମିତି ସଭ୍ୟା ଆଲାଦିନ ମହାଲିକ, ଖୁଣ୍ଟିଗୋରା ସମିତିସଭ୍ୟା ଭାରତୀ ସାହୁଙ୍କ ସମତେ ବହୁ ଜନ ପ୍ରତିନିଧି ସାମିଲ ଥିଲେ।

# ବାଳିକା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ରେଡକ୍ରସ ଦିବସ

ବଲାଙ୍ଗୀର ଅଫିସ, ୮।୫

ବଲାଙ୍ଗୀର ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ଜୁନିୟର ରେଡକ୍ରସ ସୋସାଇଟି ତରଫରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଛି। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ କେଶବ ମେହେର ଯୋଗଦେଇ ଚଳିତବର୍ଷର ବିଷୟବସ୍ତୁ କୌଣସି ଭେଦଭାବ ନ ରଖି ଲୋକଙ୍କୁ ସାହାଯ୍ୟ କରିବା ସମ୍ପର୍କରେ କହିଥିଲେ। ସ୍ୱାସ୍ଥ୍ୟ ସେବା ଓ ସମ୍ମାନିତ ଅତିଥି ଭାବେ ଜିଲା ଜୁନିୟର ରେଡକ୍ରସ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଯୋଗଦେଇ ରେଡକ୍ରସ ଦିବସ ପାଳିବାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲା ଜୁନିୟର ରେଡକ୍ରସ ଅଫିସର ସୁବାସ ଚନ୍ଦ୍ର ପଟେଲ ଆଗାମୀ ଦିନରେ ଜିଲା ଜୁନିୟର ରେଡକ୍ରସ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ କାଉନସିଲରମାନଙ୍କୁ ଆହ୍ୱାନ ଦେଇଥିଲେ। ପରେ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ପଥିକମାନଙ୍କୁ ଅଂଶୁଘାତ ପ୍ରତି ସଚେତନତା କରାଯିବା ସହିତ ଦହି ପାଣି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜ୍ୟ ସାଧନ କର୍ମୀ ବିକାଶ ରଞ୍ଜନ ସାହୁ ପରିଚାଳନା କରିଥିବାବେଳେ ଟାଉନ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କାଉନସିଲର ଦିଗାମ୍ବର ନାଏକ, ରବୀନ୍ଦ୍ର ଠେଟୁଆଲ, ରାମ ନାରାୟଣ ଦାଶ, ରଞ୍ଜିତ ମିଶ୍ର, ପ୍ରଭାକର ଛନ୍ଦ, ଡୁଲେଶ୍ୱର ବାରିକ, ରଞ୍ଜିତା ମିଶ୍ର, ଅରୁନ୍ଧତୀ ବଢେଇ, ଚୁନିତା ସାହୁ, ସୁରେନ୍ଦ୍ର ନାଏକ, ସଦାନନ୍ଦ ବାଘ, କୃଷ୍ଣଚନ୍ଦ୍ର ବାଗ, ସୁନିତା ପାଣିଗ୍ରାହୀ, ଝୁନିତା ଭୋଇ, ଟିକେଜାଲ ସହଯୋଗ କରିଥିଲେ।




ଅଂଶୁଘାତ ପ୍ରତି ସଚେତନତା କରାଯିବା ସହ ଲୋକଙ୍କୁ ଦହି ପାଣି ବଣ୍ଟନ କରାଯାଉଛି।

# ଲକ୍ଷ୍ୟ ସ୍ଥିର ହେଲେ ସଫଳତା ମିଳିବ

ବୌଦ୍ଧ,୮।୫(ସ୍ୱ.ପ୍ର)

■ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ
■ ସରକାରୀ ମାନ୍ୟତା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ଅବସରରେ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇଥିଲେ। ୭୦ ଦଶକରେ ସ୍ୱର୍ଗତ ନଟବର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଉଚ୍ଚଶିକ୍ଷା ଅନୁଷ୍ଠାନ ତାର ଲକ୍ଷ୍ୟପ୍ରାପ୍ତିରେ ସଫଳ ହୋଇଥିବା ପ୍ରକାଶ କରିଥିଲେ। ଅନେକ ପ୍ରତିକୂଳ ପରିସ୍ଥିତି ଓ ସମସ୍ୟା ଦେଇ ଗତି କରିଥିବା ଏହି ମହାବିଦ୍ୟାଳୟ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟସ୍ତରରେ ସଫଳତା ହାସଲ କରି ସୁନାମ ଅର୍ଜନ କରଥିବାରୁ ମନ୍ତ୍ରୀ ଅମାତ୍ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟରେ ସୁବିଧା ସୁଯୋଗ ସୃଷ୍ଟି ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଉତ୍ସବରେ ଛାତ୍ର ନେତା ଜିତେନ୍ଦ୍ର ବେହେରା ମହାବିଦ୍ୟାଳୟର ପାଣି ସମସ୍ୟା, ଚେୟାର, କମନରୁମ୍, ଇ-ଲାଇବ୍ରେରୀ ସମସ୍ୟା ଆଦି ବିଷୟରେ କହିଥିଲେ। ଜିଲାର ଏକମାତ୍ର ପୁରାତନ ମହାବିଦ୍ୟାଳୟ ହୋଇଥିବାବେଳେ ଆଜି ପର୍ଯ୍ୟନ୍ତ ସରକାରୀ ମାନ୍ୟତା ପାଇନଥିବା ନେଇ ସେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ଅମାତ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟ ସରକାର ସମସ୍ତ ଶିକ୍ଷାନୁଷ୍ଠାନରେ ଆବଶ୍ୟକତା ଅନୁଯାୟୀ ସୁବିଧା ସୁଯୋଗ ସୃଷ୍ଟିକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ମହାବିଦ୍ୟାଳୟ କର୍ମଚାରୀ ସରକାରୀ ମହାବିଦ୍ୟାଳୟର କର୍ମଚାରୀଙ୍କ ଭଳି ବେତନ ପାଉଛନ୍ତି। ଯଦି ସରକାର ଆଗାମୀ ଦିନରେ ବେସରକାରୀ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରନ୍ତି ତାହେଲେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ନାମ ନିଶ୍ଚିତ ସେଥିରେ ସ୍ଥାନ ପାଇବ ବୋଲି କହିଥିଲେ। ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଛାତ୍ରୀଛାତ୍ରଙ୍କ ସଫଳତା ସହ ଅନୁଷ୍ଠାନର ପ୍ରଗତି ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପାତ୍ର ଛାତ୍ରୀଛାତ୍ରମାନେ ଶିକ୍ଷାଗ୍ରହଣ ଉପରେ ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦେବା ସହିତ ଜୀବନରେ ଲକ୍ଷ୍ୟ ସ୍ଥିର ହେଲେ ସଫଳତା ନିଶ୍ଚୟ ମିଳିବ ବୋଲି କହିଥିଲେ। ମହବିଦ୍ୟାଳୟର ବିକାଶ ଯାତ୍ରାରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟତମ ଅତିଥିଭାବେ ଛାତ୍ରସଂସଦ ଉପଦେଷ୍ଟା ଅଧ୍ୟାପକ ନିରଞ୍ଜନ ମିଶ୍ର ଉପସ୍ଥିତ ଥିବାବେଳେ ସାଂସ୍କୃତିକ ଉପଦେଷ୍ଟା ଅଧ୍ୟାପକ ପ୍ରବୀର କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ଗୀତାଞ୍ଜଳୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।




ବାର୍ଷିକ ଉତ୍ସବରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ଓ ମଞ୍ଚାସୀନ ଅନ୍ୟ ଅତିଥି।

# ନିଶା ସେବନରୁ ଦୂରେଇ ରୁହନ୍ତୁ ଯୁବପୀଢ଼ି

## ବୌଦ୍ଧରେ ବିଶ୍ୱ ରେଡକ୍ରସ ଦିବସ ପାଳିତ

ବୌଦ୍ଧ, ୮।୫(ସ୍ୱ.ପ୍ର)

ବୌଦ୍ଧରେ ଜିଲାସ୍ତରୀୟ ରେଡକ୍ରସ ଦିବସ ସୋମବାର ପାଳିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ଯୋଗ ଦେଇଥିଲେ। ବୌଦ୍ଧ ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟ ସମେତ ବାଉଁଶୁଣୀ ସଂସ୍କାର ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ, ବୁଢ଼ୁପାଲି କେ.ବି.ହିଷ୍ଟ ମହାବିଦ୍ୟାଳୟ, ପୁରୁଣାକଟକ କେ.ଏନ.ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନାରାୟଣ ପ୍ରସାଦରେ ନବୀନ ପ୍ରସାଦ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଦମାମୁଣ୍ଡା ଜୟକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନଭାବେ ଯୁବ ରେଡକ୍ରସ ଶାଖାକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

ସଦ୍‌ଭାବନା ସଭାଗୃହଠାରେ ଆୟୋଜିତ ସଭାରେ ଜିଲାପାଳ ସତ୍ୟରଞ୍ଜନ ସାହୁ ଅଧ୍ୟକ୍ଷତା କରି ଜିଲାରେ ଚାଲିଥିବା ରେଡକ୍ରସ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ଦେଇଥିଲେ। ଗତ ଆର୍ଥିକ ବର୍ଷରେ ଜିଲାରେ ରେକର୍ଡ ପରିମାଣ ୧କୋଟିରୁ ଉର୍ଦ୍ଧ୍ୱ ଅର୍ଥ ସଂଗ୍ରହ କରାଯାଇଥିବାବେଳେ ଏହାକୁ ଦୁଇଗୁଣ କରାଯିବା ଲକ୍ଷ୍ୟ ରଖାଯାଇଛି। ସେହିପରି ରାଜ୍ୟ ରେଡକ୍ରସକୁ ୨୫ଲକ୍ଷ ୯୫ ହଜାର ୪୧ ଟଙ୍କା ସହଯୋଗ ରାଶି ପଠାଇ ରେଡକ୍ରସ କାର୍ଯ୍ୟକ୍ରମ ପାଇଁ ବୌଦ୍ଧ ଜିଲା ରାଜ୍ୟସ୍ତରରେ ପ୍ରଶଂସିତ ହୋଇଛି। ପ୍ରତ୍ୟେକ ଜନଶୁଣାଣି ଶିବିରରେ ଅସହାୟ, ଗରିବଲୋକଙ୍କୁ ଚିକିତ୍ସା ପାଇଁ ରେଡକ୍ରସ ପାଣ୍ଠି ଜରିଆରେ ସହାୟତା ପ୍ରଦାନ କରାଯାଇଛି। ତେବେ ଜିଲାରେ କିଡନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ନେଇ ଜିଲାପାଳ ସାହୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର କାରଣ ଓ ନିରାକରଣ ପାଇଁ ଏବେ ବୈଷୟିକ ଟିମ୍ ଦ୍ୱାରା ଅନୁଧ୍ୟାନ କରିବାକୁ ମନ୍ତ୍ରୀ ଅମାତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଯୁବପିଢ଼ୀ ନିଶା ଦ୍ୱାରା କବଳିତ ହେଉଥିବାରୁ ନିଶାମୁକ୍ତ ଜିଲା ଗଠନ ପାଇଁ ଜିଲାପାଳ ଏହି ଅବସରରେ ଆହ୍ୱାନ ଜଣାଇଥିଲେ।

ମୁଖ୍ୟଅତିଥି ଅମାତ ତାଙ୍କ ବକ୍ତବ୍ୟରେ କହିଥିଲେ କେବିକେ ଯୁକ୍ତ ଜିଲା ଭାବେ ବୌଦ୍ଧକୁ ବାର୍ଷିକ ୧କୋଟି ଟଙ୍କାର ଅତିରିକ୍ତ ଅନୁଦାନ ରାଜ୍ୟ ସରକାର ଯୋଗାଇଦେଉଛନ୍ତି। ତାହାର ବିନିଯୋଗ କରି କିଡନୀ ରୋଗର ଚିକିତ୍ସା ପାଇଁ ଭିତ୍ତିଭୂମି ସୃଷ୍ଟି କରିବାକୁ ଜିଲା ପ୍ରଶାସନକୁ ସେ ପରାମର୍ଶ ଦେଇଥିଲେ। ପରେ ମନ୍ତ୍ରୀ ଅମାତ ଉପସ୍ଥିତ ଛାତ୍ରୀଛାତ୍ର, ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିଶାମୁକ୍ତ ଜିଲା ଗଠନ ପାଇଁ ସଂକଳ୍ପର ଶପଥପାଠ କରାଇଥିଲେ। ଏହି ଅବସରରେ ବୌଦ୍ଧ ଜିଲାର ଐତହ୍ୟ, ସଂସ୍କୃତି, ପରମ୍ପରା, ହସ୍ତଶିଳ୍ପ, ବୟନ ଓ ମହାନଦୀର ପ୍ରାକୃତିକ ଶୋଭାରାଜିକୁ ନେଇ ପ୍ରସ୍ତୁତ ଏକ ବୃତ୍ତଚିତ୍ରକୁ ମୁଖ୍ୟ ଅତିଥି ଅମାତ ଉଦ୍‌ଘାଟନ କରିଥିଲେ। ସେହିପରି ବିଶ୍ୱ ରେଡକ୍ରସ ଦିବସ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ରକ୍ତଦାନ ଶିବିରରେ ୫୧ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ସଭାରେ ସମ୍ମାନିତ ଅତିଥିଭାବେ ଜିଲା ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର, ଉପଜିଲାପାଳ ରବିନ୍ଦ୍ରନାଥ କହଁର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲାରେ ସର୍ବାଧିକ ରେଡକ୍ରସ ପାଣ୍ଠିସଂଗ୍ରହ ପାଇଁ ଜିଲା ଅବକାରୀ ବିଭାଗ, ଜିଲାଯୋଗାଣ ବିଭାଗ ଓ ବୌଦ୍ଧ ତହସିଲକୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।



ବିଶ୍ୱ ରେଡକ୍ରସ ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ବରିଷ୍ଠ ବିଜେଡି ନେତା ହରଜେନ୍ଦ୍ର ସିଂଙ୍କ ପରଲୋକ

ସୁନ୍ଦରଗଡ,୮।୫(ଡି.ଏନ.ଏ)-ବରିଷ୍ଠ ବିଜେଡି ନେତା ତଥା ସୁନ୍ଦରଗଡର ପୂର୍ବତନ ଉପନଗରପାଳ ହରଜେନ୍ଦ୍ର ସିଂ(ବଣ୍ଟି)ଙ୍କ ସୋମବାର ଜିଲା ମୁଖ୍ୟ ଡାକ୍ତରଖାନାରେ



ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ସେ ଗତ କିଛିମାସ ହେବ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ତଳସରା ପୂର୍ବତନ ବିଧାୟକ ଡା.ପ୍ରଫୁଲ୍ଲ କୁମାର ମାଝୀ, ଜିଲା ପରିଷଦ ଅଧକ୍ଷ କୁନ୍ତୀ ପ୍ରଧାନ, ପୌରାଧକ୍ଷା ତନୟା ମିଶ୍ର, ସଞ୍ଜୟ ନନ୍ଦ, ମନୋରଞ୍ଜନ ଦାଶ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବରିଷ୍ଠ ବିଜେଡି ନେତା ଜୟନାରାୟଣ ତ୍ରିପାଠୀ, ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ଉପନଗରପାଳ ଲଲାଟେନ୍ଦୁ ପରିଡା, ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଜିଲା ଆଇନଜୀବୀ ସାଂଘ୍ୟର ଆବାହକ ଅଶୋକ ସ୍ୱାଇଁଙ୍କ ସମେତ ବିଜେଡି, କଂଗ୍ରେସ, ଭାଜପା ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ନାଗରିକ କମିଟିର କର୍ମକର୍ତ୍ତା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେରେ ପହଞ୍ଚି ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ସିଂ ବିଜେଡି ରାଜ୍ୟ ପରିଷଦ ସଭ୍ୟ ଓ ଜିଲା ବିଜେଡି ଉପସଭାପତି ଥିଲେ। ଗତ୧୯୯୨ରେ ସେ ସୁନ୍ଦରଗଡ ପୌରପରିଷଦର ଉପନଗରପାଳ ଥିଲେ। ତାଙ୍କ ମରଶରୀର ଜିଲା ମୁଖ୍ୟ ଡାକ୍ତରଖାନାରୁ ଆସି ତାଙ୍କ ବାସଭବନରେ ପହଞ୍ଚିବାପରେ ତାଙ୍କ ମରଶରୀର ଉପରେ ବିଜେଡି ପତାକା ଢାଙ୍କି ସମ୍ମାନ ଦିଆଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ରାଣୀବଗିଚା ସ୍ଥିତ ଇବ ନଦୀର ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ନିଆଯାଇ ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କରି ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

### ରାଜଗାଙ୍ଗପୁର ପୋଲିସର ସରବତ ବଣ୍ଟନ



ରାଜଗାଙ୍ଗପୁର, ୮।୫ (ଡି.ଏନ.ଏ): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ କିଛି ଦିନ ହେବ ଗ୍ରୀଷ୍ମ ଓ ରୌଦ୍ରତାପ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ଗାଁ ଗଣ୍ଡାରୁ ସହରକୁ ଆସୁଥିବା ଜନସାଧାରଣଙ୍କୁ ଏହି ରୌଦ୍ର ତାପରୁ ଲାଘବ ପାଇଁ ସୋମବାର ରାଜଗାଙ୍ଗପୁର ପୋଲିସ ଥାନା ସମ୍ମୁଖରେ ଏକ ଜଳଛତ୍ର ଖୋଲିବା ସହ ତୃଷାର୍ତ୍ତମାନଙ୍କୁ ଜଳ ଓ ସରବତ ବଣ୍ଟନ କରିଥିଲେ। ରାଜଗାଙ୍ଗପୁର ଥାନା ଅଧିକାରୀ ବିଭସ୍ୱ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ଜଳଛତ୍ର ଖୋଲାଯାଇଛି।

# ପାନୀୟ ଜଳ ସମସ୍ୟା ସମାଧାନ ଦାବିରେ ଘେରାଉ




ବସ୍ତିବାସିନ୍ଦା ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଯାଉଛନ୍ତି।

ରାଉରକେଲା ଅଫିସ,୮।୫

ପାନୀୟ ଜଳ ସମସ୍ୟା ସମାଧାନ ଦାବିରେ ରାଉରକେଲା ଇସ୍ପାତ ସହରାଞ୍ଚଳ ବସ୍ତିବାସିନ୍ଦା ସୋମବାର ଆର୍‌ଏସ୍‌ପିର ସହରସେବା ଅଫିସ ଘେରାଉ କରିଥିଲେ। ପରେ ଆର୍‌ଏସ୍‌ପି ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

#### ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଲା

ସୂଚନା ଅନୁସାରେ, ଇସ୍ପାତ ସହରାଞ୍ଚଳ ବସ୍ତିରେ ସ୍ଥାପିତ ପାନୀୟ ପ୍ରକଳ୍ପ ଏବଂ ସାର୍ବଜନୀନ ଶୌଚାଳୟ ଗୁଡିକ ସୋଲାର ମାଧ୍ୟମରେ ଦୀର୍ଘବର୍ଷ ହେଲା ଚାଲିଆସୁଛି। ତେବେ ସୋଲାର ସିଷ୍ଟମ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବାରୁ ବସ୍ତି ଲୋକଙ୍କୁ ଠିକ୍ ଭାବେ ପାନୀୟ ଜଳ ମିଳିପାରୁନାହିଁ। ଫଳରେ ରଘୁନାଥପାଲ୍ଲୀର ବହୁ ବସ୍ତି, ଫର୍ଟିଲାଇଜର ଦକ୍ଷିଣ ରାଉରକେଲା, ୧୬ନଂ. ବସ୍ତି, ଜଗନାଥ ବସ୍ତି ଏବଂ ଖଡିଆ ବସ୍ତିରେ ଲୋକେ ପାନୀୟ ଜଳ ପାଇଁ ହୀନସ୍ତା ହେଉଛନ୍ତି। ଏଣୁ ସୋଲାର ପରିବର୍ତ୍ତେ ବିଦ୍ୟୁତ୍ ଯୋଗେ ଜଳପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ଦାବିରେ କଂଗ୍ରେସ ନେତା ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ବସ୍ତି ବାସିନ୍ଦା ସୋମବାର ପୂର୍ବାହ୍ନ ୧୦ଟାରେ ଆର୍‌ଏସ୍‌ପି ସହରସେବା କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଖବର ପାଇ ସେକ୍ଟର-୩ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ପରେ ସହର ସେବା ପ୍ରଶାସକ ତଥା ସିଜିଏମ୍ ପ୍ରତାପ କିଶୋର ସ୍ୱାଇଁଙ୍କ ସହ ଆନ୍ଦୋଳନକାରୀମାନେ ଆଲୋଚନା କରି ତାଙ୍କୁ ୬ଦଫା ଦାବି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଆର୍‌ଏସ୍‌ପି ଟାଉନ ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ୍‌ଚାର୍ଜ ବି. କେ. ଜୋଜୋ, ସହରସେବା କାର୍ଯ୍ୟାଳୟର ଜିଏମ୍ ପି. କେ. ଦାସ, ବିଭାବସୁ ମଲ୍ଲିକଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ୭ ଦିନ ମଧ୍ୟରେ ବସ୍ତିବାସିନ୍ଦାଙ୍କ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀ, ଉପସଭାପତି ଉମେଶ ଶରଣ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ପ୍ରଭାତୀ ମିଶ୍ର ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

# ଜେଜେ ମା'ଙ୍କ ଇଚ୍ଛା ପୂରଣ କଲେ ନାତି, ନାତୁଣୀ

ବଡ଼ଗାଁ, ୮।୫(ଡି.ଏନ୍.ଏ)

#### ସଂକଟ ମୋଚନ ହନୁମାନ ମନ୍ଦିର ପ୍ରତିଷ୍ଠା

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଜରଙ୍ଗଲୋଇ ଚନ୍ଦ୍ରପଡାରେ ସଙ୍କଟ ମୋଚନ ମହାବୀର ହନୁମାନ ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞ କର୍ମ ସମାପନ ହୋଇଛି। ୪ ତାରିଖ ଅଙ୍କୁର ରୋପଣ ଓ ସାନ୍ଧ୍ୟରେ ବୈଠକୀ କୀର୍ତ୍ତନ ହୋଇଥିଲାବେଳେ ୫ ତାରିଖ କଳସ ଯାତ୍ରା, ମଣ୍ଡପ ପୂଜା, ଦେବତାଙ୍କ ମହା ଅଭିଷେକ, ଦେବତାଙ୍କ ପ୍ରାଣ ପ୍ରତିଷ୍ଠା ଓ ସନ୍ଧ୍ୟାରେ ଭଜନ ପରିବେଷଣ ହୋଇଥିଲା। ୬ତାରିଖ ମଣ୍ଡପ ପୂଜା, ହନୁମତ ଷୋଡ଼ଷ ଉପଚାର, ହନୁମାନ ଚାଳିଶା ଓ ମହା ଆଳତି କରାଯାଇଥିଲା। ୭ ତାରିଖ ବାସ୍ତୁ ଦହନ, ପାର୍ଶ୍ୱଦେବତା ପୂଜା, ଦେବତା ସ୍ଥାପନ, ଦେବତା ପ୍ରବେଶ ଓ ପୂର୍ଣ୍ଣାହୁତି ହୋଇଥିଲାବେଳେ ସନ୍ଧ୍ୟାରେ ଅଖଣ୍ଡ ରାମାୟଣ ପାଠ କରାଯାଉଛି। ସୂଚନା ଅନୁଯାୟୀ ୨୦୦୦ ମସିହାରେ ବଡ଼ଗାଁ ବ୍ଲକ୍‌ର ଉପାଧକ୍ଷା ସ୍ୱର୍ଗତ ପଙ୍କଜିନୀ ମହାନନ୍ଦିଆଙ୍କ ଠାରେ ତାଙ୍କ ମାଆ ସ୍ୱର୍ଗତ ହାରାବତୀ ଘର ସମ୍ମୁଖରେ ଏକ ହନୁମାନ ମନ୍ଦିର ନିର୍ମାଣ ପାଇଁ ଇଚ୍ଛା ପ୍ରକଟ କରିଥିଲେ ଓ ସେଠାରେ ଏକ ପଥରକୁ ହନୁମାନଙ୍କ ସ୍ୱରୂପ ଭାବନା ରଖି ପୂଜାର୍ଚ୍ଚନା କରୁଥିଲେ। ୨୦୦୨ ମସିହାରେ ଏକ ଛୋଟ ମନ୍ଦିର ନିର୍ମାଣ ଆରମ୍ଭ କରିଥିଲେ। କିନ୍ତୁ ତାହା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଥିଲା। ପଙ୍କଜିନୀ ମହାନନ୍ଦିଆଙ୍କ ଶ୍ୱଶୁର କୃଷ୍ଣଚନ୍ଦ୍ର ମହାନନ୍ଦ ଓ ଶାଶୁ ପିରୋ ମହାନନ୍ଦ ସେଠାରେ ନୂତନ ମନ୍ଦିର ନିର୍ମାଣ ଆରମ୍ଭ କରିଥିଲେ। ହେଲେ ତାଙ୍କ ଜୀବିତ ଅବସ୍ଥାରେ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ୨୦୨୦ ରେ ପଙ୍କଜିନୀ ମହାନନ୍ଦିଆଙ୍କ ଜ୍ୱାଇଁ ଟିକନାଥ ଭୈସାଙ୍କ ସହିତ ପରିବାର ପରିଜନଙ୍କ ସହଯୋଗରେ ନୂତନ ମନ୍ଦିର ନିର୍ମାଣ କାମ ଆରମ୍ଭ ହୋଇ ୨୦୨୧ ମସିହାରେ ସମ୍ପୂର୍ଣ୍ଣ ହୋଇଥିଲା। ନୟାଗଡ଼ର ବଂଶୀଧର ଦାସ ଓ କୃଷ୍ଣଚନ୍ଦ୍ର ମାଝୀ ମନ୍ଦିର ନିର୍ମାଣର ମୁଖ୍ୟ କାରିଗର କାମ କରିଥିଲେ। ଏହି ମନ୍ଦିର ପ୍ରତିଷ୍ଠାରେ ବରଗଡ଼ର କୈଳାଶ ଚନ୍ଦ୍ର ପଣ୍ଡା, ଦେବେନ୍ଦ୍ର ନାୟକ, ଆଶୋକ ତିୱାରୀ, ସୁବୋଧ ମହାପାତ୍ର, ଜଗନ୍ନାଥ ରଥ, ଯୁଧିଷ୍ଠିର ମହାପାତ୍ର, ଝାରସୁଗୁଡ଼ାର ପ୍ରଫୁଲ୍ଲ ମହାପାତ୍ର ପୂଜା ଓ ଯଜ୍ଞ କର୍ମ କରିଥିଲାବେଳେ ନବୀନ ମହାନନ୍ଦ ଓ ତାଙ୍କ ପତ୍ନୀ ହେମନ୍ତୀ, ନେତ୍ରାନନ୍ଦ ମହାନନ୍ଦ ପତ୍ନୀ ଲିନା, ଟିକନାଥ ଭୈସା ପତ୍ନୀ ଉମନ୍ତିନୀ, ସାଗର ନାୟକ ପତ୍ନୀ ଟିନାମୁନୀ, ଚୂଡ଼ାମଣି ମହାନନ୍ଦିଆ ପତ୍ନୀ ଚନ୍ଦ୍ରମା, ନରେନ୍ଦ୍ର ମହାନନ୍ଦିଆ ପତ୍ନୀ ପୂର୍ଣ୍ଣିମା, ଚୂଡ଼ାମଣି ବନଚୁର ପତ୍ନୀ ଲକ୍ଷ୍ମୀ, ତ୍ରୈଲୋଚନ ଜୟପୁରିଆ ପତ୍ନୀ କଳାବତି ଓ ଯୁଗେଶ୍ୱର୍ ଲାରଙ୍ଗ ଓ ତାଙ୍କ ପତ୍ନୀ ବୀଣା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ୪ ତାରିଖରୁ ଆରମ୍ଭ ହୋଇଥିବା ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମହାସମାରୋହରେ ପାଳିତ ହୋଇଛି। ୧୫୧ କଳସ ଶୋଭାଯାତ୍ରା ମନମୁଗ୍ଧକର ହୋଇଥିଲା। ବିଭିନ୍ନ ଦେବୀ ଦେବତା ରୂପରେ ସଜ୍ଜିତ ହୋଇ ନୃତ୍ୟ ଗୀତ ତାଳେ ତାଳେ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା।



ହନୁମାନ ମନ୍ଦିର ପ୍ରତିଷ୍ଠା କରିଥିବା ପରିବାର ସଦସ୍ୟ।

### ଚୋରି ସାମଗ୍ରୀ ଜବତ
### ୩ ନାବାଳକ ସହ ୧୨ ଧରାପଡ଼ିଲେ

ଦେବଗଡ଼, ୮।୫(ଡି.ଏନ୍.ଏ )

ଦେବଗଡ଼ ଆଦର୍ଶ ଥାନା ପୋଲିସ ଥାନାଅଞ୍ଚଳର ବିଭିନ୍ନ ସ୍ଥାନରେ ହୋଇଥିବା ୭ଟି ଚୋରି ମାମଲାରେ ୧୨ ଜଣଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିଛି। ଗିରଫ ହୋଇଥିବା ୧୨ ଜଣ ଅଭିଯୁକ୍ତଙ୍କ ମଧ୍ୟରେ ୩ ଜଣ ନାବାଳକ ରହିଥିବା ଜଣାପଡିଛି। ଖବର୍ ମୁତାବକ ବିଗତ ଦିନରେ ଦେବଗଡ ଆଦର୍ଶ ଥାନା ଅଧିନସ୍ଥ ବିଭିନ୍ନ ଗ୍ରାମରେ ୭ଟି ଚୋରି ଘଟଣା ଘଟିଥିବାବେଳେ ପୋଲିସ ଚୋରି ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ଏଥିସହ ଚୋରି କରିଥିବା ସନ୍ଦେହରେ ଦେବଗଡ ପୌରାଞ୍ଚଳ ରଜାମୁଣ୍ଡାର ଆକାଶ ଦେହୁରୀ, ଶ୍ରୀକାନ୍ତ ପଲେଇ, ରାଜେଶ ମୁଣ୍ଡା, ଦୀପକ କୁମାର ଦେହୁରୀ, ରୁଦ୍ର ସୁହୁଲା, ଡିଲେଶ୍ୱର ପାତ୍ର, ନୀଳ ସୁହୁଲା, ମାଣ୍ଟୁଲ ପାତ୍ର ଓ ତଳେଇସର ଗ୍ରାମର ସଂଜୟ ଶବରଙ୍କ ସମେତ ଦେବଗଡ ପୌରାଞ୍ଚଳ ନିକବର୍ତ୍ତୀ ସାହିର ୩ ଜଣ ନାବାଳକଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିଲା। ପଚରା ଉଚରା ସମୟରେ ଉପରୋକ୍ତ ୧୨ ଜଣ ଯାକ ବିଭିନ୍ନ ଚୋରି ମାମଲାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ପରେ ସେମାନଙ୍କ ନିକଟରୁ ଏକ ୱାଟର ପମ୍ପ, ୫ଟି ଗୁଲୁ ପମ୍ପ, ୪ଟି ସେଂଟ୍ରିଙ୍ଗ ପ୍ଲେଟ, ଗୋଟିଏ ବାଇକ, ୧୫ କେଜି ତମ୍ବା ତାର ଏବଂ ୫୦ କେଜି ଲୁହା ଛଡ ଜବତ କରିଥିଲା। ଉପରୋକ୍ତ ୧୨ ଜଣଙ୍କ ମଧ୍ୟରୁ ୯ ଜଣଙ୍କୁ କୋର୍ଟଚାଲାଣ କରିବା ସହ ସହ ଅବଶିଷ୍ଟ ୩ ଜଣ ନାବାଳକଙ୍କୁ କିଶୋର ନ୍ୟାୟ ପରିଷଦରେ ଉପସ୍ଥାପନ କରିଥିବା ଜଣାପଡିଛି ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ସୁବ୍ରତ



@ ବିଷ୍ଣୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଭିଜିଲାନ୍ସ ମାମଲାରେ ପୂର୍ବତନ ଜିଆର୍‌ଏସ୍ ଦଣ୍ଡିତ

**ଭବାନୀପାଟଣା,୮।୫(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଏମ୍. ରାମପୁର ବ୍ଲକ ମୋହନଗିରି ପଞ୍ଚାୟତର ପୂର୍ବତନ ଜିଆରଏସ୍ ଦିବାକର ସାହୁ ସୋମବାର ଭିଜିଲାନ୍ସ ମାମଲାରେ ଦଣ୍ଡିତ ହୋଇଛନ୍ତି। ୨୦୧୭ରେ ବିଜୁ ପକ୍କା ଘର ଯୋଜନାରେ ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକ ପାଉଣା ପାଇଁ ମଷ୍ଟର ରୋଲ କରିଦେବା ନାଁରେ ଜଣେ ହିତାଧିକାରୀଙ୍କଠାରୁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହାର ରାୟ ସୋମବାର ପ୍ରକାଶ ପାଇଛି। ଭବାନୀପାଟଣା ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଶ୍ରୀକାନ୍ତ ମିଶ୍ର ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଫା ୭/୧୩(୨) ଓ ଆରଡବ୍ଲୁ ୧୩(୧)(ଡି)ରେ ୪ବର୍ଷ ଜେଲ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି।

### ମହିଳା ମହାବିଦ୍ୟାଳୟରେ ବିଶ୍ୱ ରେଡକ୍ରସ ଦିବସ

ସୁନ୍ଦରଗଡ଼, ୮।୫(ଡି.ଏନ.ଏ.)

ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ ଯୁବ ରେଡକ୍ରସ ସଂଘ ତରଫରୁ ସୋମବାର ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେଆୟୋଜିତଏକସଚେତନତା କାର୍ଯ୍ୟକ୍ରମକୁ ସହପ୍ରାଧ୍ୟାପିକା ଡ.ସଞ୍ଚିତା ଅଭିଜିତା ପରିଚାଳନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀମାନେ ସୁବଲୟାସ୍ଥିତ ଆଦ୍ଭୁତ ଶିଶୁର ସଦନକୁ ଯାଇ ଅନ୍ତେବାସୀମାନଙ୍କୁ ବସ୍ତ୍ର, ଖେଳ ସାମଗ୍ରୀ, ପୁସ୍ତକ ଖାଦ୍ୟ ସାମଗ୍ରୀ, ଚିତ୍ରାଙ୍କନ ସାମଗ୍ରୀ ଆଦିବଣ୍ଟନ କରିଥିଲେ। ଅନ୍ତେବାସୀମାନେ ସଭାରେ ଭଜନ ଗାନ କରିଥିଲେ। ପ୍ରାଧ୍ୟାପକ ମନୋଜ କୁମନାୟକ,ସହପ୍ରାଧ୍ୟାପକ ଅଜିତ କୁମାର ସଞ୍ଜୟ କୁମାର ବେହେରା ଏବଂ ଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ରେଡକ୍ରସ୍ ଦିବସ ପାଳନ ଅବସରରେ ଛାତ୍ରୀଛାତ୍ର।

# ସରକାରୀ ମହାବିଦ୍ୟାଳୟରେ ବିଶ୍ୱ ରେଡକ୍ରସ ଦିବସ

ସୁନ୍ଦରଗଡ,୮।୫(ଡି.ଏନ.ଏ.)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ସୋମବାର ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯୁବ ରେଡକ୍ରସର ସଭାପତି ତଥା ମହାବିଦ୍ୟାଳୟର ଅଧକ୍ଷ ଡ.ଲଳିତ ରଞ୍ଜନ ସାହୁ ଆୟୋଜିତ ସଭାରେ ଅଧକ୍ଷତା କରି ରେଡକ୍ରସର ମହତ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ରେଡକ୍ରସ ଶାଖାର ଯୁଗ୍ମ ସମ୍ପାଦକ ଅଜିତ ପ୍ରସାଦ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଯୁବ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ଯୁବ ରେଡକ୍ରସର ଆବାହକ ଅଧ୍ୟାପକ ପିତାମ୍ବର ବେହେରା ପରିଚାଳନା କରିବା ସହ ଚଳିତବର୍ଷର ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେଇଥିଲେ। ବକ୍ତାମାନେ ରେଡକ୍ରସର ପ୍ରତିଷ୍ଠାତା ଜନ ଭେନେରୀ ଡୁନାଣ୍ଟଙ୍କ ଜନ୍ମଦିବସକୁ ରେଡକ୍ରସ ଦିବସ ରୂପେ ପାଳନ କରାଯାଉଥିବା ନେଇ ସୂଚନା ଦେଇଥିଲେ। ଏଥିସହିତ ଚଳିତ ବର୍ଷର ଥିମ 'ଆମ କାର୍ଯ୍ୟ ପନ୍ଥା ହୃଦୟରୁ ହେବା ଉଚିତ ବୋଲି ସୂଚନା ଦେଇଥିଲେ। କାଉନସେଲର ଅଧ୍ୟାପକ ପ୍ରଭାକର ସେଠୀ ଧନ୍ୟବାଦ ଦେଇଥିଲେ।




ବିଶ୍ୱ ରେଡକ୍ରସ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ଗାଁରୁ ମଦ ନିଶ୍ଚିହ୍ନ ପାଇଁ ମହିଳାଙ୍କ ଅଭିନବ ପ୍ରୟାସ

ଦେବଗଡ଼,୮।୫(ଡି.ଏନ୍.ଏ.)

#### ମଦ ବିକ୍ରିକଲେ ୭ ହଜାର ଜରିମାନା, ଧରାଇଦେଲେ ୨ ହଜାର ଟଙ୍କା ପୁରସ୍କାର

ଦେବଗଡ଼ ଜିଲା ରିଆମାଳ ବ୍ଲକ ବାଘବର ପଞ୍ଚାୟତର ରଞ୍ଜଣା ଓ ଖଜୁରିଆନାଳି ଗ୍ରାମରେ ମଦ ନିଶ୍ଚିହ୍ନ ପାଇଁ ଅଣ୍ଟାଭିଡ଼ିଛନ୍ତି ଶତାଧିକ ମହିଳା। ଗ୍ରାମରେ ମଦ ବିକ୍ରି କରାଇଦେବେ ନାହିଁ ବୋଲି ଶପଥ ନେବା ସହ ବିକ୍ରେତାଙ୍କୁ ନଗଦ ୭ ହଜାର ଟଙ୍କା ଜରିମାନା ଓ ଧରାଇଦେବା ଲୋକଙ୍କୁ ନଗଦ ୨ ହଜାର ଟଙ୍କା ପୁରସ୍କାର ପ୍ରଦାନ ପାଇଁ ଆନୁଷ୍ଠିକଭାବେ ଘୋଷଣା କରିଛନ୍ତି। ମହିଳାଙ୍କ ଏଭଳି ଉଦ୍ୟମ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସୋମବାର ୨ ଗ୍ରାମର ମଧ୍ୟ ଭାଗରେ ଥିବା ଆମ୍ବ ତୋଟାରେ ରଞ୍ଜଣା ସିଆର୍ପି ରଶ୍ମିତା ପ୍ରଧାନଙ୍କ ଅଧକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ଉଭୟ ଗ୍ରାମର ୧୫ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଉପସ୍ଥିତ ରହି ଗାଁରେ ସମ୍ପୂର୍ଣ୍ଣଭାବେ ମଦ ବିକ୍ରୀ ବନ୍ଦ କରିବାକୁ ବଜ୍ର ଶପଥ ନେବା ସହ ଏଥିପାଇଁ ବିଭିନ୍ନ ଗଠନମୂଳକ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ। ଏହି ବୈଠକରେ ବାଘବର ସରପଞ୍ଚ ଭକ୍ତବନ୍ଧୁ ପ୍ରଧାନ, ରଞ୍ଜଣା ଗ୍ରାମର ସଭାପତି ମୋହନ ଶବର, ସମ୍ପାଦକ ଯୁଧିଷ୍ଠିର ସାମଲ, ଖଜୁରିଆନାଳୀ ଗ୍ରାମର ଗାଁ ସଭାପତି ଶେଷଦେବ ବେହେରା ଓ ସମ୍ପାଦକ କୀର୍ତ୍ତନ ଶବର ପ୍ରମୁଖ ଉପସ୍ଥିତ ରହି ମହିଳାଙ୍କୁ ଉତ୍ସାହିତ କରିଥିଲେ। ଖଜୁରିଆନାଳୀ ସିଆର୍ପି ବାସନ୍ତୀ ବେହେରା ଧନ୍ୟବାଦ ଦେଇଥିଲେ।



ଗାଁରୁ ମଦ ନିଶ୍ଚିହ୍ନ ପାଇଁ ବସିଥିବା ବୈଠକ।

# ଜବାବ ଦାଖଲ କଲେନି ଜିଲାପାଳ, ଏସ୍‌ପି

କଟକ ଅଫିସ,୮।୫

#### ଓଏଚ୍‌ଆର୍‌ସିରେ ସମ୍ବଲପୁର ହନୁମାନ ଜୟନ୍ତୀ ଗୋଷ୍ଠୀ ସଂଘର୍ଷ ଘଟଣା
■ ଜୁନ୍ ୧୯ରେ ପରବର୍ତ୍ତୀ ଶୁଣାଣି

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଜିଲାପାଳ ଏବଂ ଏସ୍‌ପି ଓଡ଼ିଶା ମାନବାଧିକାର କମିଶନ୍(ଓଏଚ୍‌ଆର୍‌ସି)ଙ୍କ ନିକଟରେ ସୋମବାର ଜବାବ ଦାଖଲ କରିନାହାନ୍ତି। ଓଏଚ୍‌ଆର୍‌ସି ଗତ ଏପ୍ରିଲ ୨୪ରେ ଏହି ମାମଲାର ଶୁଣାଣି କରି ଜବାବ ଦାଖଲ ପାଇଁ ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଏହି ମାମଲାର ଶୁଣାଣି ହୋଇଥିଲା। ଆସନ୍ତା ଜୁନ୍ ୧୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆଇନଜୀବୀ ଶିବଶଙ୍କର ମହାନ୍ତି ଗତ ଏପ୍ରିଲ ୧୭ରେ ଓଏଚ୍‌ଆର୍‌ସିରେ ଏନେଇ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ହନୁମାନ ଜୟନ୍ତୀ ଅବସରରେ ସମ୍ବଲପୁରରେ ଗତ ଏପ୍ରିଲ ୧୨ରେ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲେ। ଏହି ଶୋଭାଯାତ୍ରାବେଳେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏହାପରେ ଇଣ୍ଟରନେଟ୍ ସେବାକୁ ସମ୍ପୂର୍ଣ୍ଣ ଅଚଳ କରିଦିଆଯାଇଥିବାରୁ ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ ପାଠପଢ଼ା ବ୍ୟାହତ ହେବା ସହ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସମ୍ବଲପୁର ସହରରେ ଇଣ୍ଟରନେଟ ସେବା ସ୍ୱାଭାବିକ କରିବା ପାଇଁ ନିବେଦନ କରାଯାଇଥିଲା। ଏଥିସହ ବାଇକ ଶୋଭାଯାତ୍ରାବେଳେ ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ କ'ଣ ପଦକ୍ଷେପ ନେଇଥିଲା, ଗୋଷ୍ଠୀ ସଂଘର୍ଷ ଆଶଙ୍କା ନେଇ ପୋଲିସ ଓ ଗୋଇନ୍ଦା ବିଭାଗ ପାଖରେ ପୂର୍ବରୁ ଖବର ଥିଲା କି ନାହିଁ, ହିଂସା ପଛରେ କ'ଣସବୁ କାରଣ ରହିଛି, ଶୋଭାଯାତ୍ରାବେଳେ ସଂଘଟିତ ହିଂସାକୁ ନିୟନ୍ତ୍ରଣ କରିବା ପାଇଁ ଯଥେଷ୍ଟ ପୋଲିସ ମୁତୟନ ହୋଇଥିଲେ କି ନାହିଁ, ହିଂସାକାଣ୍ଡ ପରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଛି କି ନାହିଁ ତାହା ଅଦାଲତରେ ଦର୍ଶାଇବା ନିମନ୍ତେ ପୋଲିସକୁ ନିର୍ଦ୍ଦେଶ ଦେବାକୁ କମିଶନ୍‌ଙ୍କୁ ନିବେଦନ କରାଯାଇଥିଲା। ଗୋଷ୍ଠୀ ସଂଘର୍ଷରେ ଆହତ ସାଧାରଣ ଲୋକ ଓ ପୋଲିସ କର୍ମଚାରୀଙ୍କ ପକ୍ଷରୁ କେତୋଟି ଅଭିଯୋଗ କରାଯାଇଛି ଏବଂ ଅଭିଯୋଗଗୁଡ଼ିକର ସବିଶେଷ ତଥ୍ୟ ସହ ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କମିଶନ୍‌ଙ୍କୁ ଜଣାଇବାକୁ ଆବେଦନ କରାଯାଇଛି। ସେହିପରି ସଂଘର୍ଷରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଓ ଆହତଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦିଆଯିବା ନେଇ କମିଶନ୍ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଥିଲା। ଏଥିରେ ସମ୍ବଲପୁର ଜିଲାପାଳ ଓ ଏସ୍‌ପିଙ୍କୁ ପକ୍ଷଭୁକ୍ତ କରାଯାଇଥିଲା।




ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍) ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ଓ ୟୁନିସେଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ସୋମବାର ଆଇଡିଏଟ୍-୨୦୨୩ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଆଇଡିଏଟର ଦ୍ୱାଦଶତମ ସଂସ୍କରଣରେ ଆୟୋଜିତ ଏକ ଆଲୋଚନାଚକ୍ରରେ ବିଭିନ୍ନ ସଂସ୍ଥାର ଅଭିଜ୍ଞ ତଥା ବରିଷ୍ଠ ଅଧିକାରୀ ଓସାମା ମଞ୍ଜରା, ମହର୍ଷି ବୈଷ୍ଣବ, ସିପ୍ରା ଝା, ପ୍ରବୀଣ କୁମାର କରନ, ଅନିତା କୁଜୁର ଏବଂ ନମିତା ଭଣ୍ଡାରେ ପ୍ରମୁଖ ଉପସ୍ଥିତ ଅଛନ୍ତି। (ଫଟୋ-ଚମନ ଗୌତମ)

## ଏୟାରଟେଲ୍ ଏକ୍ସଟ୍ରିମ୍ ଫାଇବର ସେବା

**ନୂଆଦିଲ୍ଲୀ,୮।୫**

ଦେଶର ପ୍ରମୁଖ ଟେଲିକମ କମ୍ପାନୀ ଏୟାରଟେଲ୍ ପକ୍ଷରୁ ନୂତନ ବ୍ରଡ୍‌ବ୍ୟାଣ୍ଡ ସେବା 'ଏୟାରଟେଲ୍ ଏକ୍ସଟ୍ରିମ୍ ଫାଇବର'ର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଦେଶର ନାଗରିକ, ବ୍ୟବସାୟ ଓ ସମୁଦାୟଗୁଡିକର ଅଭିବୃଦ୍ଧି ଏବଂ ବିକାଶ ପାଇଁ ବ୍ରଡ୍‌ବ୍ୟାଣ୍ଡ କନେକ୍ସନ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। କାରଣ ବର୍ତ୍ତମାନ ସମୟରେ ବ୍ରଡ୍‌ବ୍ୟାଣ୍ଡ ଏକ ଅତ୍ୟାବଶ୍ୟକ ଉପଯୋଗିତାରେ ପରିଣତ ହୋଇଯାଇଛି,ଯାହା ଲୋକମାନଙ୍କୁ ଇଣ୍ଟରନେଟ୍ ସହ ସଂଯୋଗ କରୁଛି। ସେହିଭଳି ଯୋଗାଯୋଗ, ଶିକ୍ଷା, ସ୍ୱାସ୍ଥ୍ୟସେବା, ବାଣିଜ୍ୟ ଆଦି ସୁବିଧା ମଧ୍ୟ ପ୍ରଦାନ କରୁଛି। ଏପରିକି ବ୍ରଡ୍‌ବ୍ୟାଣ୍ଡ ଡିଜିଟାଲ ଅନ୍ତରକୁ ଦୂର କରିବା ପାଇଁ ପ୍ରୟାସ ମଧ୍ୟ ଜାରି ରଖିଛି। ତେବେ ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ହାଇସ୍ପିଡ୍ ଇଣ୍ଟରନେଟ୍ ପାଇଁ ଉପଯୁକ୍ତ ପହଞ୍ଚ ନାହିଁ, ଯେଉଁ କାରଣରୁ ଡିଜିଟାଲ ଅନ୍ତର ଦେଖା ଦେଉଛି।

## ବାଲିଆପାଳରେ ଟ୍ରେଣ୍ଡ୍‌ସର ସର୍ବବୃହତ୍ ଷ୍ଟୋର




**ଭୁବନେଶ୍ୱର,୮।୫**

ରିଲାଏନ୍ସ ରିଟେଲ୍‌ର ପୋଷାକ ଏବଂ ଆସେସୋରିଜ୍ ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍‌ସର ସର୍ବବୃହତ୍ ଷ୍ଟୋର ନିକଟରେ ଉଦଘାଟିତ ହୋଇଯାଇଛି। ଏପରିକି କମ୍ପାନୀ ଓଡିଶା ୟୁନିଟ ପକ୍ଷରୁ ସୋମବାର ବାଲେଶ୍ୱର ଜିଲା ଅନ୍ତର୍ଗତ ବାଲିଆପାଳଠାରେ ଉକ୍ତ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ବିଶେଷ କରି ୭୦୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ଗଢି ଉଠିଥିବା ଏହି ଷ୍ଟୋର ସ୍ଥାନୀୟ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜ ସମ୍ଭାର ଓ ସୁଲଭ ମୂଲ୍ୟ ଉକ୍ତ ଷ୍ଟୋରକୁ ଅଧିକ ଆକର୍ଷଣୀୟ କରି ତୋଳିଛି। ଏପରିକି ସ୍ଥାନୀୟ ଅଞ୍ଚଳର ଗ୍ରାହକମାନେ ବର୍ତ୍ତମାନ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍‌ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟରେ ପାଇପାରିବେ। ଏଠାରେ ପ୍ରାରମ୍ଭିକ ଅଫର ଭାବେ ଗ୍ରାହକଙ୍କ ପାଇଁ ଅନେକ ଆକର୍ଷଣୀୟ ଅଫର ରହିଛି। ସେହିଭଳି ୩୯୯୯ ଟଙ୍କାର ସାମଗ୍ରୀ କିଣିଲେ ୨୪୯ ଟଙ୍କା ଦେଇ ଆକର୍ଷଣୀୟ ଉପହାର ପାଇପାରିବେ। କେବଳ ସେତିକି ନୁହେଁ ୩୯୯୯ ଟଙ୍କାର କିଣାକିଣି କରିଲେ ୨୦୦୦ ଟଙ୍କା ମୂଲ୍ୟର କୁପନ ସଂପୂର୍ଣ୍ଣ ମାଗଣାରେ ପାଇପାରିବେ।

## ଉତ୍ତମ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

**ଭୁବନେଶ୍ୱର,୮।୫**

ଦେଶର ପ୍ରମୁଖ ଘରୋଇ ଶିଳ୍ପ ସଂସ୍ଥା ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ ନିଃଶୁଳ୍କ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବାର ଶୁଭାରମ୍ଭ କରାଯାଇଛି। ବିଶେଷ କରି କମ୍ପାନୀର ଓଡ଼ିଶା ୟୁନିଟ ପାରାଦୀପ, କୋଇଡା ଓ ବଡବିଲ ଭଳି କ୍ଷେତ୍ର ସମେତ ସମ୍ପୃକ୍ତ ଜିଲାର ୭ରୁ ଅଧିକ ଗ୍ରାମପଞ୍ଚାୟତରେ ବସବାସ କରୁଥିବା ୧ ଲକ୍ଷରୁ ଅଧିକ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ଫଳରେ ଏଏମଏନ୍‌ଏସ୍ ଇଣ୍ଡିଆର ଭ୍ରାମ୍ୟମାଣ ମେଡିକାଲ ୟୁନିଟ୍ ଦ୍ୱାରା ୩ ଜିଲାର ଲୋକମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସ୍ୱାସ୍ଥ୍ୟସେବା ଓ ଆବଶ୍ୟକ ଚିକିତ୍ସା ଏବଂ ପରାମର୍ଶ ପାଇଁ ବେଶ ଉପକୃତ ହେଉଛନ୍ତି। ଅପରପକ୍ଷରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସିଆର୍ ଟିମ୍ ଏବଂ ଭ୍ରାମ୍ୟମାଣ ମେଡିକାଲ ୟୁନିଟ୍ ନିୟମିତ ଭାବେ କମ୍ପାନୀର କାର୍ଯ୍ୟକ୍ଷେତ୍ର ନିକଟସ୍ଥ ଗ୍ରାମଗୁଡିକୁ ଯାଇ ମାଗଣା ଚିକିତ୍ସା, ଡାକ୍ତରୀ ପରାମର୍ଶ, ପାଥୋଲୋଜିକାଲ୍ ଟେଷ୍ଟ ଏବଂ ରୋଗୀଙ୍କୁ ମାଗଣା ଔଷଧ ମଧ୍ୟ ପ୍ରଦାନ କରୁଛନ୍ତି। ବିଶେଷ କରି ଅଭିଜ୍ଞ ଡାକ୍ତର, ଫାର୍ମାସିଷ୍ଟ ଏବଂ ଅନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ଉକ୍ତ ମେଡିକାଲ ୟୁନିଟ୍ ସପ୍ତାହର ନିର୍ଦ୍ଦିଷ୍ଟ ଦିନଗୁଡିକରେ କମ୍ପାନୀର କାର୍ଯ୍ୟକ୍ଷେତ୍ର ନିକଟବର୍ତ୍ତୀ ଗ୍ରାମଗୁଡିକ ପରିଦର୍ଶନ କରିଥାନ୍ତି। ଏପରିକି ଡାକ୍ତର ଓ ଫାର୍ମାସିଷ୍ଟ ଗୁରୁତର ଥିବା ରୋଗୀଙ୍କ ଘରକୁ ଯାଇ ମଧ୍ୟ ଚିକିତ୍ସା ପ୍ରଦାନ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଉତ୍ତମ ଅଭ୍ୟାସ ଗ୍ରହଣ କରିବା ଓ ସୁସ୍ଥ ଜୀବନ ଯାପନ କରିବା ପାଇଁ ସମାଜର ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ କମ୍ପାନୀ ପକ୍ଷରୁ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ପ୍ରସଙ୍ଗରେ ଶିବିରମାନ ମଧ୍ୟ ଆୟୋଜନ କରାଯାଉଛି।

## ନୂଆଦିଲ୍ଲୀରେ ପତଞ୍ଜଳିର ବିଶାଳ ମହିଳା ସମ୍ମିଳନୀ



**ନୂଆଦିଲ୍ଲୀ,୮।୫**

ଦେଶର ପ୍ରମୁଖ ଘରୋଇ ଅନୁଷ୍ଠାନ ପତଞ୍ଜଳି ଯୋଗପୀଠ ପକ୍ଷରୁ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଷ୍ଟାଡିୟମରେ ଏକ ବିଶାଳ ମହିଳା ସମାବେଶ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏପରିକି ଯୋଗଗୁରୁ ସ୍ୱାମୀ ରାମଦେବଙ୍କ ନେତୃତ୍ୱରେ ପତଞ୍ଜଳି ବିଶ୍ୱବିଦ୍ୟାଳୟ ଭାରତ ସ୍ୱାଭିମାନ (ମହିଳା ୱିଙ୍ଗ) ସମେତ ଜି-୨୦ ସହଯୋଗୀ ସଙ୍ଗଠନ ଇଡବ୍ଲ୍ୟୁ-୨୦ର ମିଳିତ ଉଦ୍ୟମରେ ଏଭଳି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ୫,୫୦୦ରୁ ଅଧିକ ମହିଳା ଯୋଗ ଦେଇଥିଲେ । ବିଶେଷ କରି ମହିଳାମାନଙ୍କୁ ଶାରିରୀକି, ମାନସିକ ଏବଂ ଅଧ୍ୟାତ୍ମିକ ଭାବେ ଦୃଢ କରିବ ବୋଲି ସ୍ୱାମୀ ରାମଦେବ ଉକ୍ତ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରିବା ସହ ଯୋଗାସନ ସହ ଜଡିତ ବିଶେଷ ଶିକ୍ଷା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱାମୀ ରାମଦେବ କହିଛନ୍ତି, ଯୋଗ କେବଳ ଭାରତ ନୁହେଁ ବିଶ୍ୱବ୍ୟାପୀ ହେବ। ଯୋଗଧର୍ମ ସହ ସାରାବିଶ୍ୱରେ ସନାତନ ଧର୍ମର ପ୍ରସାର ଦିଗରେ ବର୍ତ୍ତମାନ ଉଦ୍ୟମ ଜାରି ରହିଛି। ସେହିଭଳି ଭାରତ ସାରା ବିଶ୍ୱର ନେତୃତ୍ୱ ନେବାର କ୍ଷମତା ରଖିଛି। ଏପରିକି ଏକ ସୁସ୍ଥ,ସମର୍ଥ, ସଂସ୍କାରୀ ଏବଂ ପରମ ବୈଭବଶାଳୀ ଭାରତ ଗଠନ ଦିଗରେ ମହିଳାମାନଙ୍କର ସବୁଠାରୁ ବଡ ଭୂମିକା ରହିଛି। ଉକ୍ତ କାର୍ଯ୍ୟକ୍ରମରେ ସାଧ୍ୱୀ ଦେବପ୍ରିୟା ଏବଂ ଡ.ଏନ.ପି ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଓଆଇର ୪ର୍ଥ ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୮।୫**

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଏପରିକି ୪ର୍ଥ ତ୍ରୈମାସିକରେ ବ୍ୟାଙ୍କ ମୋଟ ୧,୩୫୦ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଥିବା ବେଳେ ବ୍ୟାଙ୍କର ନେଟ୍ ଲାଭ ପୂର୍ବ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ତୁଳନାରେ ୧୨୩% ଅଭିବୃଦ୍ଧି ଘଟିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ବ୍ୟାଙ୍କର ନେଟ୍ ଲାଭ ୩,୪୦୫ କୋଟିରୁ ୪,୦୨୩ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ମୋଟ୍ ସୁଧ ଆୟ ପ୍ରାୟ ୩୮% ଅଭିବୃଦ୍ଧି ହାରରେ ୫,୪୯୩ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଅଣ ସୁଧ ଆୟ ପୂର୍ବ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସରେ ୧,୫୮୭ କୋଟି ଟଙ୍କା ରହିଥିବା ବେଳେ ଏହା ଚଳିତ ବର୍ଷ ଏହି ସମୟରେ ପାଖାପାଖି ଦ୍ୱିଗୁଣିତ ହୋଇ ୩,୦୯୯କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କ ରିଟେଲ୍, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ (ରାମ୍) ପୋର୍ଟଫୋଲିଓକୁ ୫୫ ରୁ ୫୮%କୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୯.୯୮ ରୁ ୭.୩୧%କୁ ହ୍ରାସ ପାଇଛି। ଚଳିତ ବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ୧୬.୨୮%କୁ ବୃଦ୍ଧି ପାଇଛି। ବ୍ୟାଙ୍କର ଗ୍ଲୋବାଲ ଡିପୋଜିଟ୍ ୬.୬୪% ଅଭିବୃଦ୍ଧି ହାରରେ ୬,୬୯,୫୮୬ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଗ୍ଲୋବାଲ ଆଡଭାନ୍ସରେ ୧୨.୮୭ % ବୃଦ୍ଧି ଘଟି ୫,୧୫,୮୫୨ କୋଟି ଟଙ୍କାରେ ପହଞ୍ଚିଛି। ଦେଶର ବିଭିନ୍ନ ଯୋଜନାବଦ୍ଧ ସ୍ଥାନରେ ଶାଖା ଖୋଲି ବ୍ୟାଙ୍କ ଏହାର ବ୍ୟବସାୟିକ କାର୍ଯ୍ୟକୁ ଆହୁରି ବିସ୍ତାର କରିବାକୁ ଯାଉଛି ବୋଲି ବ୍ୟାଙ୍କ ପକ୍ଷରୁ ପ୍ରକାଶ ପାଇଛି।

ଫୁରସତ୍

# ଶାଢ଼ିରେ ମହିଳାଙ୍କ ସ୍କେଟିଂ

**ନୂଆଦିଲ୍ଲୀ**



ବରଫାବୃତ ଅଞ୍ଚଳକୁ ଗଲେ ସମସ୍ତେ ସ୍କେଟିଂ କରିବାକୁ ବହୁତ ପସନ୍ତ କରନ୍ତି। ସେଠାରେ ଥିବା ବରଫର ମଜା ମଧ୍ୟ ନେଇଥାନ୍ତି। ସ୍କେଟିଂ କରିବାବେଳେ ସେମାନେ ସ୍ୱତନ୍ତ୍ର ଧରଣର ପୋଷାକ ପିନ୍ଧିଥାନ୍ତି। ନିକଟରେ ଜଣେ ମହିଳାଙ୍କୁ ଶାଢ଼ିରେ ସ୍କେଟିଂ କରୁଥିବା ନେଇ ଏକ ଏକ ଭିଡିଓ ବେଶ ଭାଇରାଲ ହେବାରେ ଲାଗିଛି। ଏଥିରେ ମହିଳାଙ୍କ ଆତ୍ମବିଶ୍ୱାସକୁ ଲୋକେ ଅଧିକ ପ୍ରଶଂସା କରିଛନ୍ତି। ରିପୋର୍ଟ ମୁତାବକ, ଦିବ୍ୟା ମୈୟା ତାଙ୍କର ଏହି ଆଡଭେଞ୍ଚର ଭିଡିଓ ଶେୟାର କରିଛନ୍ତି। ସେଥିରେ ସେ ମହାରାଷ୍ଟ୍ର ଷ୍ଟାଇଲରେ ଶାଢ଼ି ପିନ୍ଧିଥିବା ଦେଖିବାକୁ ମିଳିଛି। ସେ ଏକ ଗୀତ ଲଗାଇ ଶୁଣିବା ସହ ବରଫରେ ସ୍କେଟିଂର ମଜା ନେଉଛନ୍ତି। ଏହା ପୂର୍ବରୁ ମଧ୍ୟ ତାଙ୍କର ଲମ୍ବା ଡ୍ରେସ ପିନ୍ଧି ସ୍କେଟିଂ କରୁଥିବା ଏକ ଭିଡିଓ ଦେଖିବାକୁ ମିଳିଥିଲା। ତାଙ୍କୁ ଶାଢ଼ି ପିନ୍ଧିବାକୁ ବେଶୀ ଭଲ ଲାଗେ ବୋଲି ସେ କହିଛନ୍ତି। ସ୍ପୋର୍ଟ୍ସ ଏବଂ ଟ୍ରାଭଲିଂ ଦିବ୍ୟାଙ୍କୁ ବେଶ ପସନ୍ଦ। ଏଥିସହ ସେ ଜଣେ ସୋସିଆଲ ମିଡିଆ ଇନଫ୍ଲୁଏନଶର ମଧ୍ୟ। ତାଙ୍କର ଏହି ଭିଡିଓରେ ଅନେକ ଲୋକେ ବହୁତ ଭଲ ଭଲ କମେଣ୍ଟ କରିଛନ୍ତି। ସେ ନାରୀଙ୍କ ପାଇଁ ପ୍ରେରଣାଦାୟୀ ବୋଲି ଅନେକ କମେଣ୍ଟ ଆସିଛି।

# ଶେହନାଜଙ୍କ ସହ ଡେଟିଂ ଗୁଜବ




**ମୁମ୍ବାଇ:** ଅଭିନେତା, ଆଙ୍କର ତଥା ଡ୍ୟାନ୍ସର ରାଘବ ଜୁଏଲ ଅଭିନେତ୍ରୀ ଶେହନାଜ ଗିଲଙ୍କ ସହ ଡେଟିଂ କରୁଥିବା ନେଇ କିଛି ସମୟ ଧରି ଚର୍ଚ୍ଚା ଜୋର ଧରିଛି। ଏବେ ଏହାକୁ ନେଇ ରାଘବ ମୁହଁ ଖୋଲିଛନ୍ତି। ସେ ଏହି ଡେଟିଂ ଖବରକୁ ଗୁଜବ ବୋଲି ସେ ଏକ ସାକ୍ଷାତକାରରେ କହିଛନ୍ତି। ସେମାନେ କେବଳ ଭଲ ସାଙ୍ଗ। ଏହି ଖବରରେ କୌଣସି ସତ୍ୟତା ନାହିଁ। ସେ ବଲିଉଡ୍ ଭାଇଜାନ୍ ସଲମାନ୍ ଖାନଙ୍କ ଭଳି ସିଙ୍ଗଲ ଅଛନ୍ତି ବୋଲି କହିଛନ୍ତି। ସଲମାନ୍‌ଙ୍କ ଫିଲ୍ମ 'କିସି କା ଭାଇ କିସି କି ଜାନ୍'ରେ ରାଘବ ଏବଂ ଶେହନାଜଙ୍କୁ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ। ଏହି ସିନେମାର ଶୁଟିଂ ଆରମ୍ଭ ହେବାବେଳୁ ସେମାନଙ୍କ ମିଳାମିଶା ବଢିବା ଦୁହେଁ ଏକାଠି ବୁଲାବୁଲି କରୁଛନ୍ତି। ଯେଉଁଥିପାଇଁ ଏପରି ଏକ ଗୁଜବ ଖବର ଶୁଣିବାକୁ ମିଳୁଛି। ଶେହନାଜ ବିଗ୍‌ବସ୍- ୧୩ର ଫେମ୍। ସେଥିପାଇଁ ଲୋକେ ତାଙ୍କ ସହ ମିଶିବାକୁ ପସନ୍ଦ କରନ୍ତି। ରାଘବ ମଧ୍ୟ ତାଙ୍କୁ ଭଲ ସାଙ୍ଗ ହିସାବରେ ବେଶ ପସନ୍ତ କରୁଥିବା କହିଛନ୍ତି।

# ପରୀକ୍ଷାରେ ଫେଲ୍ ହେବାରୁ ମିଛ ଅପହରଣ ନାଟକ

**ୱାଶିଂଟନ**

ଅନେକ ସମୟରେ ପରୀକ୍ଷା ରେଜଲ୍ଟ ଖରାପ ହୋଇଥାଏ। ସେତେବେଳେ ପିଲା ମାତା-ପିତାଙ୍କୁ ମିଛ ସତ କହିଥାନ୍ତି। ହେଲେ ନିକଟରେ ଜଣେ ଝିଅ ପରୀକ୍ଷାରେ ଫେଲ ହେବାରୁ ଏପରି କାମ କରିଛନ୍ତି, ଯାହା ଆଶ୍ଚର୍ଯ୍ୟଜନକ। କଲେଜ ପଢୁଥିବା ଏକ ଝିଅଙ୍କ ପରୀକ୍ଷା ରେଜଲ୍ଟ ଖରାପ ହେବାରୁ ସେ ତାଙ୍କ ପରିବାର ସମେତ ପୋଲସକୁ ମଧ୍ୟ ବୋକା ବନେଇଛି। ରିପୋର୍ଟ ମୁତାବକ, ୨୩ ବର୍ଷୀୟା କ୍ଲୋଏ ଷ୍ଟିନ ନିଜର ମିଛ କିଡନାପ କରି ପ୍ରଶାସନକୁ ହଇରାଣ କରିଛନ୍ତି। ୨ ମେ'ରେ ଘଟିଥିବା ଏହି ମିଛ ଘଟଣାକୁ ପୋଲିସ ଜାଣିପାରି ତାଙ୍କୁ କାବୁ କରିଥିଲା। ଏବେ ତାଙ୍କ ଉପରେ




୪ଟି ଦଫା ଲଗାଯିବା ସହ ମାମଲାର ତଦନ୍ତ ଚାଲିଛି। ରିପୋର୍ଟ ମୁତାବକ, କ୍ଲୋଏ ପୋଲିସକୁ କହିଛନ୍ତି, ସେ ଗ୍ରାଜୁଏଶନରେ ଫେଲ ହୋଇଛନ୍ତି। ସେ ଏହି ଲଜ୍ୟାରୁ ବର୍ତ୍ତିବାକୁ ନିଜର ମିଛ କିଡନାପିଂ କରିଥିଲେ। ମେ' ୧ ତାରିଖ ରାତି ୧୦ଟା ୩୦ରେ ସେ ତାଙ୍କ ପରିବାରକୁ ଫୋନ କରି କେହି ତାଙ୍କୁ କିଡନାପ କରାଯାଇଥିବା କହିଥିଲେ। ପରେ ତାଙ୍କ ପାର୍ଟନର ତାଙ୍କଠାରୁ ଫୋନ ଛଡାଇ ନେଇଥିଲେ। ଖବରପାଇ ପୋଲିସ ତାଙ୍କ ଖୋଜାଖୋଜି କରିବାରେ ତାଙ୍କ ଗାଡ଼ି ମିଳିଥିଲା। ହେଲେ କ୍ଲୋଏ ମିଳି ନ ଥିଲେ। ପରେ ପୋଲିସ ତାଙ୍କୁ ନିଖୋଜ ଘୋଷଣା କରି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଅଭିଯାନରେ ପୋଲିସ ହଜାର ଡଲାର ଖର୍ଚ୍ଚ କରିଥିଲା। ଏଥିସହ ପୋଲିସ ହେଲିକପ୍ଟରର ମଧ୍ୟ ସାହାଯ୍ୟ ନେଇଥିଲା। ପରେ କ୍ଲୋଏଙ୍କୁ ପୋଲିସ ତାଙ୍କ ସାଙ୍ଗ ଘରୁ ସୁରକ୍ଷିତ କାବୁ କରିଥିଲା। ଆସନ୍ତା ୨୫ ତାରିଖରେ ଏହି ମାମଲାର ପ୍ରଥମ ଶୁଣାଣି ଅଛି।

# ୨୦୦ କିଗ୍ରାର କେକ୍ ପ୍ୟାଲେସ

**ମହାରାଷ୍ଟ୍ର:** ବିଭିନ୍ନ ସ୍ଥାନରେ ଅନେକ ପ୍ୟାଲେସ ରହିଛି, ଯାହା କି ଦେଖିବାକୁ ବହୁତ ସୁନ୍ଦର ହୋଇଥାଏ। ଯେପରିକି ଆଗ୍ରାରେ ଅବସ୍ଥିତ ତାଜମହଲ। ହେଲେ ପ୍ୟାଲେସ ଯାହାକି କେକ୍‌ରେ ପ୍ରସ୍ତୁତ, ତାହା କେବେ ଦେଖିଛନ୍ତି କି? ନିକଟରେ ଜଣେ କେକ୍ ଆର୍ଟିଷ୍ଟ




ଏପରି ଏକ ରାଜକୀୟ ପ୍ୟାଲେସ ପ୍ରସ୍ତୁତ କରି ୱାର୍ଲ୍ଡ ରେକର୍ଡ କରିଛନ୍ତି। ରିପୋର୍ଟ ମୁତାବକ, ପୁଣେର ୩୭ ବର୍ଷୀୟା ପ୍ରାଚୀ ଧବଳ ଦେବ ଜଣେ କେକ୍ ଆର୍ଟିଷ୍ଟ ଭାବେ ଏହି ପ୍ୟାଲେସ୍‌କୁ ପ୍ରସ୍ତୁତ କରିଛନ୍ତି। ଏହାର ଲମ୍ବ ୧୦ ଫୁଟ ୧ ଇଞ୍ଚ ହୋଇଥିବାବେଳେ ଉଚ୍ଚତା ୪ ଫୁଟ ୭ ଇଞ୍ଚ ଏବଂ ମୋଟେଇ ୩ ଫୁଟ ୮ ଇଞ୍ଚ। ଉକ୍ତ କେକ୍‌ର ଓଜନ ୨୦୦ କିଗ୍ରା। ଏହା ଦେଖିବାକୁ ଅତ୍ୟନ୍ତ ସୁନ୍ଦର ଏବଂ ସ୍ୱାଦିଷ୍ଟ। ବଡ଼ ନିରାମିଷ କେକ୍‌ରେ ପ୍ୟାଲେସ ପ୍ରସ୍ତୁତ କରିଥିବା ନେଇ ପ୍ରାଚୀଙ୍କ ଏହା ୩ୟ ୱାର୍ଲ୍ଡ ରେକର୍ଡ। ଏଥିରେ ସେ ଅନେକ ଭାରତୀୟ ସ୍ଥାପତ୍ୟକୁ ତାଙ୍କର ଏହି କେକ୍‌ରେ ସ୍ଥାନ ଦେଇଛନ୍ତି, ଯାହାର ରଙ୍ଗ ରହିଛି ସମ୍ପୂର୍ଣ୍ଣ ଧଳା। ସେ ଏହାକୁ ଭାରତର ବିଭିନ୍ନ ସ୍ଥାନରେ ଥିବା ବିଭିନ୍ନ କୀର୍ତ୍ତିରାଜିରୁ ଅନୁପ୍ରାଣିତ ହୋଇ ଏହି କେକ୍ ପ୍ୟାଲେସ ପ୍ରସ୍ତୁତ କରିଥିବା କହିଛନ୍ତି। ତାଙ୍କୁ ଏହି କେକ୍ ପ୍ୟାଲେସ ପାଇଁ ୩ ସପ୍ତାହ ସମୟ ଲାଗିଥିଲା। କିନ୍ତୁ ଏହା କୌଣସି ପ୍ୟାଲେସର ଅବିକଳ ନୁହେଁ। ସେ ୨୦୨୨ରେ କରିଥିବା ନିଜ ରେକର୍ଡକୁ ବର୍ତ୍ତମାନ ଭାଙ୍ଗିଛନ୍ତି। ସେତେବେଳେ ସେ ୧୦୦ କିଗ୍ରାର ଏକ କେକ୍ ପ୍ୟାଲେସ ପ୍ରସ୍ତୁତ କରିଥିଲେ। ପ୍ରାଚୀ ସବୁବେଳେ ତାଙ୍କ କେକ୍ ସାହାଯ୍ୟରେ କିଛି ନୂଆ କରିବାକୁ ପ୍ରୟାସ କରିଥା'ନ୍ତି। ପ୍ରଥମ ପ୍ରୟାସରେ ସେ ୩ ଇଞ୍ଚ ଲମ୍ବର ଏକ ପ୍ୟାଲେସ ପ୍ରସ୍ତୁତ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୮।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ବେଙ୍ଗାଲୁରୁର ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ରବିବାର ଶେଷ ହୋଇଥିବା ୫ମ ଇଣ୍ଡିଆନ ଓପନ୍ ପାରା ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ମୋଟ୍ ୮ ପଦକ ଜିତିଛି। ପଦକ ବିଜେତା ପାରା ଆଥଲେଟ ମାନେ ସୋମବାର ଭୁବନେଶ୍ୱରରେ ପହଞ୍ଚିଥିବା ବେଳେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଜୟନ୍ତୀ ବେହେରା ୧୦୦, ୨୦୦, ୪୦୦ ମିଟରରେ ୩ଟି ସ୍ୱର୍ଣ୍ଣ, ପଙ୍କଜ ଭୁଏ ୨୦୦ ମିଟର ଓ ଲଙ୍ଗଜମ୍ପ୍‌ରେ ୨ ସ୍ୱର୍ଣ୍ଣ ଓ ୧୦୦ ମିଟରରେ ରୌପ୍ୟ ପଦକ ହାସଲ କରିଥିଲେ। ସୁଚିତ୍ରା ପରିଡ଼ାଙ୍କୁ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ମିଳିଥିଲା। ସେହିପରି ପ୍ରଫୁଲ୍ଲ କୁମାର ଖଣ୍ଡାୟତରାଏ ଶଟ୍‌ପୁଟ୍‌ରେ ବ୍ରୋଞ୍ଜ ପଦକ ପାଇଥିଲେ। ଟିମ୍ ସହିତ କୋଚ୍ ମାର୍କଣ୍ଡ ରେଡ୍ଡୀ(ପାରା ଅଲିମ୍ପିଆନ୍) ଫେରିଥିବା ବେଳେ ସ୍ୱାଗତ ପାଇଁ କ୍ରୀଡା ଓ ଯୁବ ସେବା ବିଭାଗର ଓଏସ୍‌ଡି ସ୍ୱରୂପ ନନ୍ଦନ ବେହେରା ଓ ପାରା ସ୍ପୋର୍ଟ୍ସ ଆସୋସିଏଶନର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଭୁବନେଶ୍ୱରରେ ପହଞ୍ଚିବା ପରେ ପାରା ଆଥ୍ଲେଟ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା।

# ଦୀପ୍‌ଗ୍ରେସ୍ ଉପଅଧିନାୟିକା

**ନୂଆଦିଲ୍ଲୀ,୮।୫(ପି.ଟି.)**

ଭାରତୀୟ ମହିଳା ହକି ଦଳର ଅଷ୍ଟ୍ରେଲିଆ ଗସ୍ତ ପାଇଁ ୨୦ ଜଣିଆ ଦଳ ସୋମବାର ଘୋଷଣା କରାଯାଇଛି। ଗୋଲ କିପର ସବିତା ପୁନିଆ ଏହି ଦଳର ଅଧିନାୟକ ରହିଛନ୍ତି। ଓଡ଼ିଆ ଝିଅ ତଥା ଡିଫେଣ୍ଡର ଦୀପଗ୍ରେସ୍ ଏକ୍କାଙ୍କୁ ତାଙ୍କର ଡେପୁଟି ଚୟନ କରାଯାଇଛି। ହାଙ୍ଗ ଝୌରେ ଖେଳା ଯିବାକୁ ଥିବା ଏସିଆନ୍ ଗେମ୍ସର

## ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତୀୟ ଦଳ ଘୋଷଣା

ପ୍ରସ୍ତୁତି ପାଇଁ ଭାରତୟ ଦଳ ଏହି ଗସ୍ତରେ ଯାଉଛି। ଆସନ୍ତା ମେ ୧୮ ତାରିଖରେ ଆଡିଲେଡରେ ଭାରତ ଏହାର ପ୍ରଥମ ମ୍ୟାଚ୍ ଖେଳିବ। ୨୦୨୨ ବର୍ଷରେ ଶ୍ରେଷ୍ଠ ଖେଳାଳି ଭାବରେ ବଲବୀର ସିଂ ସିନିୟର ପୁରସ୍କାର ପାଇଥିବା ସବିତା ଅଧିନାୟିକା ରହିଥିବା ବେଳେ ଗୋଲକିପିଂ ଦାୟିତ୍ୱ ମଧ୍ୟ ନିର୍ବାହ କରିବେ। ଦ୍ୱିତୀୟ ଗୋଲକିପର ଭାବରେ ବିଚ୍ଛୁ ଦେବୀ ଖରିବାମ ଦଳରେ ସ୍ଥାନ ପାଇଛନ୍ତି। ଡିଫେଣ୍ଡର ଭାବରେ ଦୀପଗ୍ରେସ୍ ଏକ୍କା, ନିକ୍କି ପ୍ରଧାନ, ଇଶିକା ଚୌଧାରୀ, ଉଦିତା ଓ ଗୁରଜିତ କୌର ଏହି ଦଳରେ ସ୍ଥାନ ପାଇଛନ୍ତି।

ନିଶା, ନଭଜୋତ କୌର, ମୋନିକା, ସଲିମା ଟେଟେ, ନେହା, ନବନୀତ କୌର୍, ସୋନିକା, ଜ୍ୟୋତି ଓ ବଲଜିତ୍ କୌରଙ୍କୁ ମିଡଫିଲ୍ଡର ଭାବରେ ସାମିଲ କରାଯାଇଛି। ଫରୱାର୍ଡ ଲାଇନ୍‌ରେ ୨୫୦ରୁ ଅଧିକ ମ୍ୟାଚ୍ ଖେଳିଥିବା ଭାରତର ଅନୁଭବୀ ଖେଳାଳି ବନ୍ଦନା କାଟାରିୟା ସ୍ଥାନ ପାଇଛନ୍ତି। ତାଙ୍କ ସହିତ ଲାଲରେମସିଆମି, ସଙ୍ଗୀତା କୁମାରୀ ଓ ଶର୍ମିଳା ଦେବୀ ଫରୱାର୍ଡ ଖେଳାଳି ଭାବରେ ସ୍ଥାନ ପାଇଛନ୍ତି। ଦଳ ଚୟନକୁ ନେଇ କୋଚ୍ ଜାନିକ୍ ଶପ୍‌ମ୍ୟାନ୍ ଖୁସି ଜାହିର କରିଛନ୍ତି। ଦୁଇ ଦୁଇଟି ପ୍ରଶିକ୍ଷଣ ଶିବିର ପରେ ଖେଳାଳିଙ୍କୁ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାକୁ ସୁଯୋଗ ମିଳୁଥିବାରୁ ସମ୍ପୂର୍ଣ୍ଣ ଦଳ ଉତ୍ସାହିତ ଅଛି। ଅଷ୍ଟ୍ରେଲିଆ ସର୍ବଦା ଆକ୍ରମଣାତ୍ମକ ଓ ସ୍ପିଡ୍ ହକି ଖେଳିଥାଏ ଯାହାକି ଆମ ପାଇଁ ଏକ ନୂତନ ଚ୍ୟାଲେଞ୍ଜ ଭାବରେ ଉଭା ହେବ। ମେ ୧୮, ୨୦ ଓ ୨୧ରେ ଅଷ୍ଟ୍ରେଲିଆକୁ ଦଳ ଭେଟିବାକୁ ଯାଉଥିବା ବେଳେ ଅଷ୍ଟ୍ରେଲିଆ ଏ ସହିତ ୨୫ ଓ ୨୭ ତାରିଖରେ ମ୍ୟାଚ୍ ଖେଳିବ। ମେଟ୍ ଷ୍ଟାଡିୟମରେ ସମସ୍ତ ମ୍ୟାଚ ଖେଳାଯିବ।


ଭାରତୀୟ ମହିଳା ହକି ଦଳ।

### ଭାରତୀୟ ଦଳ

ଗୋଲକିପର: ସବିତା ପୁନିଆ, ବିଚ୍ଛୁ ଦେବୀ ଖରିବାମ।
ଡିଫେଣ୍ଡର: ଦୀପଗ୍ରେସ୍ ଏକ୍କା, ନିକ୍କି ପ୍ରଧାନ, ଇଶିକା ଚୌଧାରୀ, ଉଦିତା ଓ ଗୁରଜିତ କୌର।
ମିଡ ଫିଲ୍ଡର: ନିଶା, ନଭଜୋତ କୌର, ମୋନିକା, ସଲିମା ଟେଟେ, ନେହା, ନବନୀତ କୌର୍, ସୋନିକା, ଜ୍ୟୋତି ଓ ବଲଜିତ୍ କୌର।
ଫରୱାର୍ଡ: ବନ୍ଦନା କାଟାରିୟା, ଲାଲରେମସିଆମି, ସଙ୍ଗୀତା କୁମାରୀ ଓ ଶର୍ମିଳା ଦେବୀ।

## ସ୍ପାଇଡରମ୍ୟାନ୍‌ରେ ଭଏସ୍ ଦେବେ ଗିଲ୍

**ନୂଆଦିଲ୍ଲୀ, ୮।୫:** ଭାରତୀୟ ଦଳର ଓପନିଙ୍ଗ ବ୍ୟାଟର ଶୁବମନ ଗିଲ୍ ହଲିଉଡ୍ ଫିଲ୍ମ ସ୍ପାଇଡର ମ୍ୟାନ୍ ପାଇଁ ନିଜର ଭଏସ୍ ଦେବେ। ବିଶ୍ୱର ପ୍ରଥମ କ୍ରୀଡାବିତ୍ ଭାବରେ ସେ ଏଭଳି ସୌଭାଗ୍ୟ ଅର୍ଜନ କରିବାକୁ ଯାଉଛନ୍ତି। ସୋନୀ ପିକଚର୍ସ ପକ୍ଷରୁ ସୋମବାର ଏହି ଘୋଷଣା କରାଯାଇଥିବା ବେଳେ ଶୁବମନଙ୍କ ଏକ



ଭିଡିଓ ଜାରି କରାଯାଇଛି। ସ୍ପାଇଡରମ୍ୟାନ୍ ସିରଜ୍‌ର ଆଗାମୀ ଫିଲ୍ମ ସ୍ପାଇଡରମ୍ୟାନ୍: ଆକ୍ରସ୍ ଦ ସ୍ପାଇଡର୍‌ଭର୍ସରେ ଭଏସ୍ ଦେବେ। ଭାରତୀୟ ସ୍ପାଇଡରମ୍ୟାନ ଚରିତ୍ର ପବିତ୍ର ପ୍ରଭାକର ପାଇଁ ସେ ଉଭୟ ହିନ୍ଦି ଓ ପଞ୍ଜାବୀ ଭାଷାରେ ସ୍ୱର ଦେବେ। ଅନ୍ୟ ପକ୍ଷରେ ଇଂରାଜୀରେ ପିଟର ପାର୍କର ଚରିତ୍ର ପାଇଁ କରଣ ସୋନୀ ଭଏସ୍ ପ୍ରଦାନ କରିବେ। ପ୍ରଥମ ଥର ପାଇଁ ସ୍ପାଇଡରମ୍ୟାନ ଚଳଚ୍ଚିତ୍ରରେ ପବିତ୍ର ପ୍ରଭାକର ଚରିତ୍ର ପଦାର୍ପଣ କରିବାକୁ ଯାଉଛି।


## CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**OFFTC ENTERPRISE BHUBANESWAR**
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ରେଡ୍‌ବୁଲ୍‌କୁ ଅପରାଜେୟ ରଖିଲେ ଭର୍ଷ୍ଟାପେନ୍

**ମାୟାମି ଗାର୍ଡେନ୍ସ (ଫ୍ଲୋରିଡା), ୮।୫ (ଏପି)**

ଗତ ଦୁଇଥର ଫର୍ମୁଲା ୱାନ୍ ଚାମ୍ପିୟନ ମାକ୍ସ ଭର୍ଷ୍ଟାପେନ୍ ମୟାମି ଗ୍ରାଁପ୍ରି ମୋଟର ରେସ୍ ଜିତିବା ଦ୍ୱାରା ରେଡ୍‌ବୁଲ ଚଳିତ ସିଜନରେ ଅପରାଜେୟ ରହିଛି। ରେଡ୍‌ବୁଲ୍ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଥିବା ସମସ୍ତ ୫ଟି ରେସ୍‌ରେ ବିଜୟ ଲାଭ କରିଛି। ଏଠାରେ ଭର୍ଷ୍ଟାପେନ୍‌ଙ୍କ ଟିମ୍‌ମେଟ୍ ସର୍ଗିଓ ପେରେଜ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଦୁଇ ଡ୍ରାଇଭରଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ସିଜନରେ ରେଡ୍‌ବୁଲ୍ ଏଥରକୁ ମିଶାଇ ଚତୁର୍ଥ ଥର ପ୍ରଥମ-ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି। ସିଜନରେ ଭର୍ଷ୍ଟାପେନ ୩ଟି ରେସ୍ ଜିତିଥିବା ବେଳେ ୨ଟି ପେରେଜ ବିଜୟୀ ହୋଇଛନ୍ତି। ଭର୍ଷ୍ଟାପେନଙ୍କର ଏହା ହେଉଛି କ୍ୟାରିୟରର ୩୮ତମ ବିଜୟ। ରେଡ୍‌ବୁଲ ପାଇଁ ସବୁଠାରୁ ଅଧିକ ବିଜୟ ଆଣିଦେବାରେ ସେ ସେବାଷ୍ଟିଆନ ଭେଟେଲଙ୍କ ସମକକ୍ଷ ହୋଇପାରିଛନ୍ତି। ଆଷ୍ଟନ ମାର୍ଟିନ ପାଇଁ ଚଳିତ ସିଜନରେ ଫର୍ନାଣ୍ଡୋ ଆଲୋଁସୋଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଛି। ୫ଟି ରେସ୍‌ରେ ଏହା ଥିଲା ତାଙ୍କୁ ଚତୁର୍ଥ ପୋଡିୟମ ଫିନିଶ।



ମର୍ସିଡିଜର ଜର୍ଜ ରସେଲ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ରେସ୍‌ରେ ଯଥାକ୍ରମେ ପଞ୍ଚମରୁ ଦଶମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ କାର୍ଲୋସ ସେଞ୍ଜ ଜୁନିୟର (ଫେରାରି), ଲୁଇସ୍ ହାମିଲଟନ (ମର୍ସିଡିଜ୍), ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), ପିଏରେ ଗାସ୍‌ଲି (ଅଲ୍‌ପାଇନ୍), ଏଷ୍ଟିବାନ ଓକନ (ଅଲ୍‌ପାଇନ) ଓ କେଭିନ ମାଗ୍ନସେନ୍। ସୂଚନାଯୋଗ୍ୟ, ଏଠାରେ ବିଜୟ ଦ୍ୱାରା ଭର୍ଷ୍ଟାପେନ୍ ଷ୍ଟାଣ୍ଡିଂରେ ପେରେଜଙ୍କ ମଧ୍ୟରେ ବ୍ୟବଧାନ ବର୍ତ୍ତମାନ ୧୪ ପଏଣ୍ଟ ରହିଛି। ପେରେଜ ଏଠାରେ ମାତ୍ର ୫.୩ ସେକେଣ୍ଡ ବ୍ୟବଧାନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ।

# କଟକ-କନ୍ଧମାଳ ମ୍ୟାଚ ଅମୀମାଂସିତ


କଟକ ଓ କନ୍ଧମାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ସାହାଣୀ କପ୍ ଫୁଟ୍‌ବଲ

**ଭୁବନେଶ୍ୱର, ୮।୫ (ସ୍ପୋର୍ଟ୍ସ ବ୍ୟୁରୋ)**

୬୨ତମ ଆନ୍ତଃ ଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍-୨୦୨୩ର ୭ମ ଓ ୮ମ କ୍ୱାର୍ଟରଫାଇନାଲ ଲିଗ୍ ମ୍ୟାଚ ସୋମବାର ଖେଳାଯାଇଛି। ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଫୁଟ୍‌ବଲ ଆରେନାରେ କଟକ ଓ କନ୍ଧମାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ ଗୋଲ୍‌ରେ ଅମୀମାଂସିତ ଭାବେ ଶେଷ ହୋଇଛି। ବିଜୟ ମୁଖୀ ୨୦ତମ ମିନିଟରେ ଏକ ଗୋଲ ସ୍କୋର କରି କନ୍ଧମାଳକୁ ୧-୦ରେ ଅଗ୍ରଣୀ କରିଥିଲେ। କଟକର ପିଣ୍ଟୁ ସାମଲ ୪୨ତମ ମିନିଟ୍‌ରେ ଏକ ଗୋଲ୍ ଦେଇ ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ପରେ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ୍ ଦେଇ ନ ପାରିବାରୁ ମାଚ ଡ୍ର ଭାବେ ଶେଷ ହୋଇଥିଲା। ଶ୍ରୀକାନ୍ତ ବହିଦାର, ସୁବ୍ରତ ପୁରୋହିତ, ପ୍ରଦୀପ୍ତ ନାୟକ ଓ ପ୍ରଶାନ୍ତ ପାଲ୍ ମ୍ୟାଚ ଅଫିସିଆଲ ଏବଂ ଦୁର୍ଗା ମାଧବ ନାୟକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। କଟକସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ରାଉରକେଲା ୩-୦ ଗୋଲ୍‌ରେ ଖୋର୍ଦ୍ଧକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ବେତାଳ ଲଖୱା ତିନୋଟି ଯାକ ଗୋଲ୍ ଯଥାକ୍ରମେ ୯ମ, ୮୩ମ ଓ ୮୬ତମ ମିନିଟ୍‌ରେ ସ୍କୋର କରିଥିଲେ। ବିପୁଳ କୁମାର ବିଦ୍ୟାଧର, ଶଶିକାନ୍ତ ଦାସିଆ, ଲିଙ୍ଗରାଜ ପ୍ରଧାନ ଓ ଲକ୍ଷ୍ମଣ ସେଠ୍ ମ୍ୟାଚ ଅଫିସିଆଲ ଏବଂ ଜୁଗଳ କିଶୋର ଦାସ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।


## Classified Everyday 0674-2580101, 2549949


REAL ESTATE

**SALE**

Gharabari, boundarywall, yellowzone plot sale near CV. Raman College, Tamando. 7008492511. D-0241

ତମାଣ୍ଡୋ ମୌଜା ବିଡିଏ ଟାଉନ୍ ପ୍ଲାନିଙ୍ଗ ସ୍କିମ୍-୨ରେ ଏ୦.୬୬୩ ଡିସିମିଲି କ୍ଷେତ୍ରର ଗୋଟିଏ ପ୍ଲଟ୍ ବିକ୍ରିହେବ। କେବଳ ଆଗ୍ରହୀ କ୍ରେତା ଯୋଗାଯୋଗ କରନ୍ତୁ। ନଂ.-୮୦୯୩୩୫୯୧୪୫, (8093359145. D-0303

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.- D-74855

ପୁରୀ ବାଟଗାଁ ମଉଜାରେ sqft.-900/- ହିସାବରେ 1000 sqft.ର ସ୍ଥିତିବାନ୍ ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ କରନ୍ତୁ: 8144462229, 9090301002. D-69082

Apartment sale near Sum Hospital Bhubaneswar. @ 4200/sqft.- Contact- 9777433701. D-74853

**4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399.** D-0263

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ। ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ। ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600.** D-74851


CONSTRUCTION

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74677

**Relax, Refresh your body, Mind at Saikrupa Spa with best therapies. 8984068077.** D-0282

Newly open health benefits SPA special offer @ 799 Jaydev Vihar. 8018429809. D-75105

Spa full body Massage Therapist Gents & ladies @799/- Bhubaneswar. Kajal-9337672475. D-0260

**AFFIDAVIT**

I, Tapas Kumar Kunar S/o Shiba Prasad Kunar (31 Years) R/o Village - Mapada, Kanut, Belpada, Balangir, Odisha have changed my surname from "KUNAR" to "KUANR" vide Affidavit before the Executive Magistrate on Dt.03/05/2023. Henceforth, I shall be known as "TAPAS KUMAR KUANR" for all purposes. D-0285

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୋତ୍ସବ**



**ସ୍ୱର୍ଗତ ସଦାନନ୍ଦ ସାହୁ** (ବିଟୁଳି ନନା)
ବିଶାଣିଖରିଦା, ଏରେଇଁ, ଚରମ୍ପା, ଭଦ୍ରକ
ଆବିର୍ଭାବ: ୧୦।୦୬।୧୯୩୮
ତିରୋଧାନ: ୩୦।୦୫।୨୦୨୧
ଆପଣ ଆମମାନଙ୍କୁ ଦୁଇବର୍ଷ ହେଲା ସବୁଦିନ ପାଇଁ ଛାଡ଼ି ଚାଲିଗଲେଣି। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମ ପାଇଁ ଅବିସ୍ମରଣୀୟ। ଆମେ ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ ଏବଂ କରୁଥିବୁ। ଆପଣଙ୍କ ଆଶୀର୍ବାଦ ସର୍ବଦା ଆମ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା। ଆପଣଙ୍କର ହତଭାଗ୍ୟ: ସ୍ତ୍ରୀ: ଗଙ୍ଗାରାଣୀ, ଝିଅ: ଚଗଲି, ଟିକନ, ଜ୍ୱାଇଁ: ବିଜୟ, ଦେବ, ନାତି: ତପା, ବାପୁନା, ନାତୁଣୀ: ମାମୁନି, କୁନୁରୁ ଓ ବାବୁଲି, ବୁଲୁ, ସନା ସମସ୍ତ ପରିବାର ଏବଂ ବନ୍ଧୁବାନ୍ଧବଗଣ।
ଧ-୦୩୦୨

**ଦଶାହ ଉପଲକ୍ଷେ**



**ସ୍ୱର୍ଗତା କୁନ୍ତଳା ପଟ୍ଟନାୟକ**
ୟୁନିଟ୍-୩, ଖାରବେଳନଗର, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୪୩
ତିରୋଧାନ: ୩୦।୦୪।୨୦୨୩
ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୪୦୬୭

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰କୈଳାସ ଚନ୍ଦ୍ର ନାୟକ**
ଖାଟିକିଆ, ଖଣ୍ଡଗିରିବାରି, ଭୁବନେଶ୍ୱର
ତିରୋଧାନ- ୦୯।୦୫।୨୦୦୯ (ବୁଦ୍ଧ ପୂର୍ଣ୍ଣିମା)
ବାପା, ଆଜି ତୁମର ୧୩ତମ ଶ୍ରାଦ୍ଧବାର୍ଷିକୀ ଦିବସ ଉପଲକ୍ଷେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଝିଅ: ମୀନା, ବୀଣା, ପୁଅ: ମୋହନ, ନାତୁଣୀ: ଡିଡି
ଧ-୦୨୯୭

# ଗ୍ରୀନ୍ ହୋମ୍

ଘରକୁ ସବୁଜ ସୁନ୍ଦର କରିବାକୁ ଅନେକେ ଭଲ ପାଆନ୍ତି। ହେଲେ ପର୍ଯ୍ୟାପ୍ତ ସ୍ଥାନ ଅଭାବରୁ କେହି କେହି ଇଚ୍ଛା ଥିଲେ ବି ଗଛ ଲଗାଇପାରନ୍ତି ନାହିଁ। ହେଲେ ଆପଣ ଚାହିଁଲେ ଅଳ୍ପ ସ୍ଥାନରେ ବି ମନିପ୍ଲାଣ୍ଟ ଏବଂ ଅନ୍ୟ ଇନ୍‌ଡୋର ପ୍ଲାଣ୍ଟ ଲଗାଇ ନିଜ ଗ୍ରୀନ୍ ହୋମ୍ ସ୍ୱପ୍ନ ସାକାର କରିପାରିବେ .....



★ ଘରର କାନ୍ଥ ରଙ୍ଗ ଅନୁଯାୟୀ ବଜାରରୁ ହ୍ୟାଙ୍ଗିଙ୍ଗ୍ ପଟ୍ ଆଣି ପ୍ଲାଣ୍ଟ ଲଗାଇଲେ ଇଣ୍ଟେରିଅର ଅଧିକ ଆକର୍ଷଣୀୟ ହୋଇପାରିବ।

★ଝାଲେରି, ଚଢ଼େଇ ବସା, ଚା କେଟିଲ୍ ଷ୍ଟାଇଲ୍‌ର ବିଭିନ୍ନ ହ୍ୟାଙ୍ଗିଙ୍ଗ୍ ପଟ୍‌ରେ ଭଳିକି ଭଳି ଇନ୍‌ଡୋର ପ୍ଲାଣ୍ଟ ରଖି ଘରକୁ ଆର୍ଟିଷ୍ଟିକ୍ ଟଚ୍ ଦେଇପାରିବେ।

★ବିଭିନ୍ନ ଶୋ ପ୍ଲାଣ୍ଟକୁ ହ୍ୟାଙ୍ଗିଙ୍ଗ୍ ପଟ୍‌ରେ ଲଗାଇ ଛାତ କିମ୍ବା ବାଲ୍‌କୋନିରେ ହୁକ୍ ଲଗାଇ ମଧ୍ୟ ଟଙ୍ଗାଇଲେ ଖୁବ୍ ସୁନ୍ଦର ଦିଶିବ।

★ଘରେ ଥିବା ପୁରୁଣା ପ୍ଲାଷ୍ଟିକ୍ ବୋତଲଗୁଡ଼ିକୁ କଣାକରି ସେଥିରେ ମନିପ୍ଲାଣ୍ଟ, ସ୍ପାଇଡର୍ ପ୍ଲାଣ୍ଟ ଆଦି ଲଗାଇପାରିବେ। ଏହାକୁ ବିଭିନ୍ନ କଲର ଦେଇ ମଧ୍ୟ ଆକର୍ଷଣୀୟ ଡିଜାଇନ୍ କରି ସେଥିରେ ପ୍ଲାଣ୍ଟ ଲଗାଇପାରିବେ। ଆପଣ ଚାହିଁଲେ ଏହାକୁ ହ୍ୟାଙ୍ଗିଙ୍ଗ୍ ପଟ୍ ଭାବେ ବି ବ୍ୟବହାର କରିପାରିବେ।

★ବଜାରରୁ କ୍ରିଷ୍ଟାଲ ବଲ୍ ଷ୍ଟାଇଲ୍ ହ୍ୟାଙ୍ଗିଙ୍ଗ୍ ପଟ୍ ଆଣି ସେଥିରେ ମନି ପ୍ଲାଣ୍ଟ ଲଗାଇ ଘରକୁ ଡେକୋରେଟ୍ କରିପାରିବେ। ତା'ଛଡ଼ା ବିଭିନ୍ନ ସକୁଲାଣ୍ଟ ଭେରାଇଟିର ପ୍ଲାଣ୍ଟ ବି ଘର ସଜାଇବା ଲାଗି ବେଷ୍ଟ ଅପ୍ସନ।

★ଆକ୍ୱାରିୟମ୍ ହ୍ୟାଙ୍ଗିଙ୍ଗ୍ ଷ୍ଟାଣ୍ଡରେ ବି ପ୍ଲାଣ୍ଟଲଗାଇବାରଆଇଡିଆଆପଣଙ୍କ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ।

# ପିଲାଙ୍କୁ ରଖନ୍ତୁ ଫିଟ୍

ବର୍ତ୍ତମାନ ମେଦବହୁଳତା ଅନେକ ପିଲାଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ପାଲଟିଛି। ତେଣୁ ପିଲାଙ୍କୁ ସ୍ଲିମ୍ ଫିଟ୍ ରଖିବା ଲାଗି କେତେକ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ....



– ବର୍ତ୍ତମାନ ଅସନ୍ତୁଳିତ ଖାଦ୍ୟାଭ୍ୟାସ ଅନେକ ପିଲାଙ୍କ ଠାରେ ମେଦବହୁଳତା ଦେଖାଦେବାର ସବୁଠାରୁ ବଡ କାରଣ। ସେମାନେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ପ୍ରତି ଆଗ୍ରହୀ ହେଉଛନ୍ତି। ଏଥିରେ ଥିବା ତେଲ, ମସଲା, ମଇଦା ଇତ୍ୟାଦି ସେମାନଙ୍କ ଶରୀରରେ ଚର୍ବି ଥିବାରୁ ମେଦବହୁଳତା ପାଇଁ କେତେକଙ୍କ ଠାରେ ଡାଇବେଟିସ୍ ଏବଂ ହୃଦ୍‌ରୋଗ ଭଳି ସମସ୍ୟା ସୃଷ୍ଟି କରୁଛି। ତେଣୁ ପିଲାଙ୍କୁ ଏଭଳି ଖାଦ୍ୟ ବଦଳରେ ଘରେ ରନ୍ଧା ଖାଦ୍ୟ ଦିଅନ୍ତୁ।

– ପିଲାଙ୍କୁ ଚକ୍‌ଲେଟ୍, ଆଇସ୍‌କ୍ରିମ୍, ବିଭିନ୍ନ ମିଠା ଭଳି ମିଠା ଖାଦ୍ୟ ଅଧିକ ଦିଅନ୍ତୁ ନାହିଁ। ଏହା ମଧ୍ୟ ପିଲାଙ୍କ ଠାରେ ମେଦବହୁଳତାର କାରଣ ସାଜିଥାଏ।

– ପିଲାର ସକାଳେ ଅଧିକ ସମୟ ଶୋଇବା ଏବଂ ଜଳଖିଆ ନ ଖାଇବାର ବଦଭ୍ୟାସ ଥିଲେ ବଦଳାନ୍ତୁ। ନଚେତ୍ ପିଲା ସକାଳର ଜଳଖିଆ ମିସ୍ କଲେ ତା'କୁ ସାରା ଦିନ ଏନର୍ଜେଟିକ୍ ଲାଗି ନ ଥାଏ। କେବଳ ଏତିକି ନୁହେଁ ଏହାଦ୍ୱାରା ଭୋକ ଅଧିକ ହେବା ଦ୍ୱାରା ମଧ୍ୟାହ୍ନ ଭୋଜନରେ ଆବଶ୍ୟକରୁ ଅଧିକ ଖାଇବା ଦ୍ୱାରା ମେଦବହୁଳତା ହୁଏ। ତେଣୁ ଫିଟ୍ ରହିବା ଲାଗି ପିଲାଙ୍କୁ ସକାଳ ଜଳଖିଆ ଖାଇବାକୁ ଦିଅନ୍ତୁ।

– ଖାଇବା ସମୟରେ ଟିଭି, ମୋବାଇଲ୍ ଆଦି ଦେଖିବା ଅନେକ ପିଲାଙ୍କର ଏକ ନିଶା। ହେଲେ ଏହାଦ୍ୱାରା ଅଜାଣତରେ ଆବଶ୍ୟକରୁ ଖାଇହୋଇଯାଏ। କେହି କେହି ଟିଭି ଦେଖିବା ବେଳେ ଚିପ୍ସ, କୁର୍‌କୁରେ ଭଳି ବିଭିନ୍ନ ଚଟ୍‌ପଟା ଖାଦ୍ୟ ମଧ୍ୟ ଖାଇବାକୁ ପସନ୍ଦ କରନ୍ତି। ତେବେ ଏସବୁ ଅଭ୍ୟାସ ଯୋଗୁ ଶରୀରକୁ ଅଧିକ ପରିମାଣରେ କ୍ୟାଲୋରୀ ଚାଲିଯାଏ, ଯାହାକି ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ।

– ପିଲାଙ୍କୁ ଫିଟ୍ ରଖିବାକୁ ହେଲେ ପ୍ରତିଦିନ କିଛି ସମୟ ବାହାରେ ଖେଳିବାକୁ କୁହନ୍ତୁ ଏବଂ ଯୋଗ, ବ୍ୟାୟାମ ଆଦି କରିବାକୁ ପରାମର୍ଶ ଦିଅନ୍ତୁ।

# ଯାତ୍ରା ବେଳେ...



ମହିଳାମାନେ ସାଧାରଣତଃ ପାରିବାରିକ କର୍ମଜଞ୍ଜାଳ ଭିତରେ ଛନ୍ଦିହୋଇ ରହିଥାନ୍ତି। ଏମିତିରେ ଯଦି କେଉଁଆଡ଼େ ବୁଲିଯିବାର ପ୍ଲାନିଂ ହୁଏ ସେମାନଙ୍କ ମନରେ ଉତ୍କଣ୍ଠା କହିଲେ ନ ସରେ। ହେଲେ କାହା କାହା ଠାରେ ଗାଡ଼ିରେ ବସିବା ମାତ୍ରେ ବାରମ୍ବାର ବାନ୍ତିର କଷ୍ଟ ବୁଲିବାର ମଜାକୁ ଫିକା କରିଦିଏ ତ ଆଉ କେହି ବାନ୍ତି ଡରରେ ମନ ମାରି ଘରେ ରହି ବୁଲିବା ଖୁସି ସାଉଣ୍ଟିବାରୁ ହୁଅନ୍ତି ବଞ୍ଚିତ। ତେବେ ଏହି ସମସ୍ୟାର ବି ରହିଛି ପ୍ରତିକାର...









ପ୍ରତିଦିନର ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ବିରତି ନେଇ ନୂଆ ନୂଆ ସ୍ଥାନକୁ ବୁଲିଯିବାର ଆନନ୍ଦ ନେବାକୁ କିଏ ବା ନ ଚାହେଁ। ବିଶେଷକରି ଅଧିକାଂଶ ସମୟ ଘରେ ରହୁଥିବା ମହିଳାମାନେ ପରିବାର ସହ ଏହି ଖୁସିର ମୁହୂର୍ତ୍ତ ବିତେଇବାକୁ ଅପେକ୍ଷାକରି ରହିଥାନ୍ତି। ହେଲେ ଗାଡ଼ିରେ ଯାତ୍ରା କରିବା ସମୟରେ ଅନେକଙ୍କଠାରେ ହଠାତ୍ ଦେହ ଖରାପ ଲାଗିବା, ମୁଣ୍ଡ ବୁଲାଇବା ଏବଂ ବାନ୍ତି ହେବା ଭଳି ସମସ୍ୟା ଅନେକଙ୍କୁ ଏଭଳି ଖୁସିରୁ ବଞ୍ଚିତ କରିଥାଏ। ତେବେ ଏହା ଏକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଯାହାକୁ ମୋସନ ସିକ୍‌ନେସ୍ ବୋଲି କୁହାଯାଏ। ଏହି ସମସ୍ୟା କେତେକଙ୍କ ଠାରେ ବଂଶଗତ ମଧ୍ୟ ହୋଇପାରେ। ହେଲେ ଏହାକୁ ଡରି କେଉଁଆଡ଼େ ନ ଯିବା କିମ୍ବା କଷ୍ଟରେ ଯାତ୍ରାକରି ବୁଲିବାର ମଜାକୁ ଏଞ୍ଜୟ ନ କରିବା ଏହାର ସମାଧାନ ନୁହେଁ। କେତେକ ଦିଗ ପ୍ରତି ଦୃଷ୍ଟିଦେଲେ ଏହି ସମସ୍ୟା ଦୂର କରାଯାଇପାରିବ...

**ପେଟ ଖାଲି ଠିକ୍ ନୁହେଁ:** ଖାଇବା ପରେ ଗାଡ଼ିରେ ବସିଲେ ବାନ୍ତି ହୁଏ, ଏଭଳି ଧାରଣା ଅନେକଙ୍କ ମନରେ ରହିଛି। ତେଣୁ କେଉଁ ଆଡ଼େ ଯିବା ପୂର୍ବରୁ ସେମାନେ ଖାଲିପେଟରେ ରହିଥାନ୍ତି। ହେଲେ ଆପଣ ଜାଣନ୍ତିକି ଖାଲି ପେଟରେ ରହିବା ଦ୍ୱାରା ଗ୍ୟାସ୍, ଏସିଡିଟି ହୋଇ ମୁଣ୍ଡ ବୁଲେଇବା ସହ ଅଧିକ ବାନ୍ତି ହୋଇଥାଏ। ତେଣୁ ଗାଡ଼ିରେ ଯାତ୍ରା କରିବା ପୂର୍ବରୁ କିଛି ଖାଇବା ଭଲ। ତେଲ ମସଲା, ଛଣାଛଣି ଭଳି ଖାଦ୍ୟ ଏ ସମୟରେ ନ ଖାଇ କିଛି ହାଲୁକା ଖାଦ୍ୟ, ଫଳ ଆଦି ଖାଇବା ଅବା ଜୁସ୍ ପିଇବା ଲାଭଦାୟକ।

**ନିଅନ୍ତୁ ଡାକ୍ତରଙ୍କ ପରାମର୍ଶ:** ଅନେକ ମହିଳା ଗାଡ଼ିରେ ବାନ୍ତିହେବା ଭୟରେ ବାନ୍ତି ମେଡିସିନ୍ ଖାଇଦିଅନ୍ତି। ହେଲେ ଏହା ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। କାରଣ କେବେ କେବେ ଏହାର ନକାରାତ୍ମକ ପ୍ରଭାବ ମଧ୍ୟ ଶରୀର ଉପରେ ପଡ଼ିପାରେ। ତେଣୁ ଯଦି ମୋସନ ସିକ୍‌ନେସ୍ ସମସ୍ୟା ବେଶି ଥାଏ ତେବେ ଯାତ୍ରା ପୂର୍ବରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଇନେବା ଭଲ।

**ଆପଣାନ୍ତୁ ଘରୋଇ ଉପଚାର:** ଗାଡ଼ିରେ ଯିବା ବେଳେ ପାଖରେ ଅଦା ଖଣ୍ଡ ଏବଂ ଲେମ୍ବୁ ରଖନ୍ତୁ। ବାନ୍ତି ଲାଗିବା ମାତ୍ରେ ଏହାକୁ ଖାଆନ୍ତୁ। ଏଥିରେ ଥିବା ଆଣ୍ଟିଏମିଟିକ୍ ଗୁଣ ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା ଆଦି ଦୂର କରିବାରେ ସାହାଯ୍ୟ କରିଥାଏ। ମୋସନ ସିକ୍‌ନେସ୍ ଥିଲେ ଯାତ୍ରା ପୂର୍ବରୁ ଅଦା ଚା ପିଇବା ଲାଭଦାୟକ ହୋଇଥାଏ। ଅନେକଙ୍କ ଠାରେ ଗାଡ଼ିର ଧୂଆଁ, ପେଟ୍ରୋଲ, ଡିଜେଲ ଆଦିର ଗନ୍ଧ ମଧ୍ୟ ବାନ୍ତିର କାରଣ ସାଜିଥାଏ। ଏମିତିରେ ଲେମ୍ବୁ ଶୁଙ୍ଘିବା ଦ୍ୱାରା ବାନ୍ତି ହୋଇ ନ ଥାଏ।

**ସିଧା ବସନ୍ତୁ:** ଯାତ୍ରା ବେଳେ ବାନ୍ତି ନ ହେବା ଲାଗି ଆଗକୁ ମୁହଁ କରି ଆଗ କିମ୍ବା ମଝି ସିଟ୍‌ରେ ବସନ୍ତୁ। କାରଣ ଗାଡ଼ି ଭିତରେ ରାସ୍ତାର ବିପରୀତ ଦିଗକୁ ମୁହଁକରି କିମ୍ବା ବଡ଼ ଗାଡ଼ିର ପୂରା ପଛ ସିଟ୍‌ରେ ବସିଲେ ମୋସନ ସିକ୍‌ନେସ୍ ହୋଇ ବାନ୍ତି ହେବାର ଆଶଙ୍କା ବେଶି।

**ଖୋଲା ପବନ ଭଲ:** ଅନେକଙ୍କୁ ଗାଡ଼ି ଭିତରେ ଏସି ଲଗାଇ ବସିବା ଦ୍ୱାରା ବି ବାନ୍ତି ହୋଇଥାଏ, ଏମିତିରେ ଆପଣ କିଛି ସମୟ ଗ୍ଲାସ୍ ଖୋଲା ରଖିପାରିବେ। ବାହାର ଖୋଲା ପବନ ସଂସ୍ପର୍ଶରେ ଆସିବା ଦ୍ୱାରା ମଧ୍ୟ ବାନ୍ତିହୋଇ ନ ଥାଏ।

**ଆପଣାନ୍ତୁ ମ୍ୟୁଜିକ୍ ଥେରାପି:** ଗୀତରେ ଯାଦୁକରୀ ଶକ୍ତି ରହିଛି। ତେଣୁ ଏହାକୁ ମ୍ୟୁଜିକ୍ ଥେରାପି ଭଳି ବ୍ୟବହାର କରାଯାଏ। ଯଦି ଗାଡ଼ିରେ ବସିଲେ ବାନ୍ତି ହେଉଥାଏ ତେବେ ଏହି ସମସ୍ୟା ଦୂରକରିବା ଲାଗି ଭଲ ଗୀତ ଶୁଣନ୍ତୁ। ନିଜ ମନକୁ ଭୁଲାଇବା ଲାଗି ଏହା ସବୁଠୁ ଭଲ ମାଧ୍ୟମ। ଦେଖିବେ ଏହାଦ୍ୱାରା ଆପଣଙ୍କ ଧ୍ୟାନ ଗୀତ ଆଡକୁ ଯିବ ଏବଂ ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା ଆଦି ସମସ୍ୟା ଦୂର ହୋଇଯିବ।

**ପକାନ୍ତୁନି ପର୍‌ଫ୍ୟୁମ୍ :** ଯଦି ଗାଡ଼ିରେ ବସିଲେ ବାନ୍ତି ହେଉଥାଏ ତେବେ ଯାତ୍ରା ସମୟରେ ଟାଇଟ୍ ବଦଳରେ ହାଲୁକା ଏବଂ ଢିଲା କଟନ ପୋଷାକ ପିନ୍ଧିବା ସବୁଠୁ ଭଲ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅଧିକ ସୁଗନ୍ଧଯୁକ୍ତ ପର୍‌ଫ୍ୟୁମ୍ କିମ୍ବା ଗାଡ଼ି ଭିତରେ କଡ଼ା ସୁଗନ୍ଧଯୁକ୍ତ ଏୟାର ଫ୍ରେସ୍‌ନର ପକାନ୍ତୁ ନାହିଁ।



## ଏମାନେ କ'ଣ କରନ୍ତି



**ପିଙ୍କି ମହାପାତ୍ର**(ଗୃହିଣୀ, ଖୋର୍ଦ୍ଧା)– ଗାଡିରେ ବସିଲେ ଦେହ ଥରିବା ଆରମ୍ଭ ହୁଏ, ମୁଣ୍ଡ ବୁଲାଏ ଏବଂ ବାନ୍ତି ଲାଗେ। ଆଉ ଏହି ମୋଶନ ସିକ୍‌ନେସ୍ ମୋର ପିଲାବେଳୁ ରହିଛି। ବିଶେଷ କରି ଗାଡ଼ିର ଧୂଆଁ, ପେଟ୍ରୋଲ୍, ଡିଜେଲ୍ ଆଦିର ଗନ୍ଧ ମୋତେ ବେଶି କଷ୍ଟ ଦିଏ। ଯାହାକୁ ଦୂର କରିବା ଲାଗି ଲେମ୍ବୁ ଶୁଙ୍ଘେ। ସେହିପରି ଗାଡିରେ ଯିବା ବେଳେ ପର୍‌ଫ୍ୟୁମ୍ ଆଦୌ ବ୍ୟବହାର କରେ ନାହିଁ। ଦୂରବାଟ ଯିବାର ଥିଲେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଏ। ତେବେ ଯାତ୍ରା ସମୟରେ ଏସି ଗାଡି ବଦଳରେ ଗ୍ଲାସ୍ ଖୋଲା ରଖି କଡ ସିଟ୍‌ରେ ବସିଲେ ଏବଂ ଇୟରଫୋନ୍ ଲଗାଇ ଗୀତ ଶୁଣିଲେ ବାନ୍ତିରୁ ଧ୍ୟାନ ହଟିବା ସହ ସାମାନ୍ୟ ଆରାମ ଲାଗେ।



**ବାସନ୍ତିଲତା ନାୟକ**(ଗୃହିଣୀ, ଯାଜପୁର)– ଗାଡ଼ିରେ ବସିଲେ ବାନ୍ତି ହେବା ଭୟରେ ଇଛା ଥାଇ ମଧ୍ୟ ଅନେକ ସ୍ଥାନକୁ ଯାଇ ପାରେନି। ଦୁଇ ଚକିଆ ଗାଡ଼ି ବ୍ୟତୀତ କାର୍, ବସ୍ କିମ୍ବା ଅନ୍ୟ ଗାଡ଼ିରେ ଗଲେ ଏହିପରି ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ତେଣୁ ନିହାତି ଆବଶ୍ୟକ ଥିଲେ ଯିବା ପୂର୍ବରୁ ବାନ୍ତି ନ ହେବା ପାଇଁ ଔଷଧ ଖାଏ। ଗାଡିରେ ଡୋର୍ ଗ୍ଲାସ୍ ଖୋଲା ରଖେ, ଯାହାଦ୍ୱାରା ମୁହଁରେ ଖୋଲାପବନ ବାଜିଲେ ମୁଣ୍ଡ ବୁଲେଇବା ଏବଂ ବାନ୍ତି ହେବା ଅପେକ୍ଷାକୃତ କମ୍ ହୋଇଥାଏ। ତା'ଛଡା ହାଲୁକା ଖାଦ୍ୟ ଖାଏ ଏବଂ ଥଣ୍ଡା ପାଣି ପିଏ।

ସୌନ୍ଦର୍ଯ୍ୟ

# ରହିବନି ଆଖି ତଳ କଳାଦାଗ



ଆଖି ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ହେଲେ କେବେ କେବେ ବିଭିନ୍ନ କାରଣରୁ ଆଖିତଳେ କଳାଦାଗ ପଡ଼ିଯିବାରୁ ମୁହଁର ସୌନ୍ଦର୍ଯ୍ୟ ହ୍ରାସ କରିଥାଏ। ତେଣୁ ଏହାକୁ ପ୍ରାକୃତିକ ଉପାୟରେ ବ୍ୟବହାରକରି କିପରି ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ ଜାଣିରଖନ୍ତୁ ଟିପ୍ସ...



**ଟି ବ୍ୟାଗ୍:** ଟି ବ୍ୟାଗ୍‌କୁ ପାଣିରେ ବୁଡ଼ାଇ କିଛି ସମୟ ଫ୍ରିଜ୍‌ରେ ରଖିଦିଅନ୍ତୁ। ଏହାକୁ ବାହାରକରି ଆଖିତଳେ ଲଗାଇ ୧୦–୧୫ ମିନିଟ୍ ରଖନ୍ତୁ। କିଛିଦିନ ଏପରି କଲେ ଆଖିତଳ କଳାଦାଗ ଦୂରହେବ।

**ଆଳୁ ଏବଂ କାକୁଡ଼ି:** କଞ୍ଚା ଆଳୁ କିମ୍ବା କାକୁଡ଼ିକୁ ପତଳା ପତଳା କରି କାଟି ଆଖି ଉପରେ ଲଗାନ୍ତୁ ଯେପରି କଳାଦାଗ ଉପରେ ଏହା ରହୁଥିବ। ନଚେତ୍ ଆପଣ ଚାହିଁଲେ ଏହାକୁ ଭଲଭାବେ କୋରି ରସ ବାହାର କରିପାରିବେ। ଏକ ତୁଳା ସାହାଯ୍ୟରେ ଏହି ରସକୁ ଆଖି ତଳେ ଭଲ ଭାବେ ଲଗାଇ ଦିଅନ୍ତୁ। ୫–୧୦ ମିନିଟ୍ ପରେ ପାଣିରେ ମୁହଁ ଧୋଇଦିଅନ୍ତୁ। କିଛିଦିନ ଏପରି କଲେ ଆଖିତଳ କଳାଦାଗ ଦୂରହେବା ସହ ଖରାଦିନେ ହେଉଥିବା ଟ୍ୟାନିଂ ସମସ୍ୟା ମଧ୍ୟ ଦୂର ହୋଇଥାଏ।

**ଆଲୋଭେରା:** ଏହା ଏକ ପ୍ରାକୃତିକ ମଶ୍ଚରାଇଜର ଭଳି କାମ କରିଥାଏ। ଏହାର ଜେଲ୍ ବାହାରକରି ଆଖି ତଳେ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ। ୫–୭ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହା ତ୍ୱଚାକୁ ମଶ୍ଚରାଇଜ୍ କରିବା ସହ ଡାର୍କ ସର୍କଲ, ରିଙ୍କଲ୍ ମାର୍କ, ଏଜ୍‌ଲାଇନ୍ ଆଦି ଦୂରକରିବାରେ ସାହାଯ୍ୟ କରିଥାଏ।

**ଆଲମଣ୍ଡ ତେଲ, ଲେମ୍ବୁରସ:** ଏହି ପାତ୍ରରେ ଅଳ୍ପ ଆଲମଣ୍ଡ ତେଲ ନେଇ ସେଥିରେ ୪–୫ ବୁନ୍ଦା ଲେମ୍ବୁରସ ମିଶାଇ ଧୀରେ ଧୀରେ ଆଖି ତଳେ ମସାଜ କରନ୍ତୁ। ଆଖିତଳ ଫୁଲା, କଳାଦାଗ ଆଦି ଦୂର କରିବାରେ ସାହାଯ୍ୟ କରେ।

**ଜୀବନଶୈଳୀ:** ସୁଷମ ଖାଦ୍ୟ ଖାଆନ୍ତୁ, ଦିନକୁ ଅତି କମ୍‌ରେ ୩–୪ ଲିଟର ପାଣି ପିଅନ୍ତୁ। ଅତି କମ୍‌ରେ ଅଧଘଣ୍ଟା ଯୋଗ, ପ୍ରାଣାୟମ କଲେ ଅଧିକ ଉପକୃତ ହେବେ।

ଖାଦ୍ୟରୁଚି

# ଜେଲି କୁକିଜ୍

**ଆବଶ୍ୟକ ସାମଗ୍ରୀ:** ୨.୫ କପ୍ ମଇଦା, ୨୫୦ ଗ୍ରାମ୍ ବଟର, ୧/୪କପ୍ ଚିନି, ଗୋଟିଏ ଅଣ୍ଡା, ୮୫ ଗ୍ରାମ୍‌ର ଗୋଟିଏ ଲେଖାଏଁ ଲାଇମ୍, ରାସ୍ପବେରି, ଅରେଞ୍ଜ ଫ୍ଲେଭରଯୁକ୍ତ ଜେଲି କ୍ରିଷ୍ଟାଲ ପ୍ୟାକେଟ୍, ୧/୪ ଲିଟର ଗରମ ପାଣି।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବଟର ଏବଂ ଚିନିକୁ ଭଲଭାବେ ଗ୍ରାଇଣ୍ଡକରି କ୍ରିମ୍ ପ୍ରସ୍ତୁତ କରନ୍ତୁ। ସେଥିରେ ଅଣ୍ଡା ମିଶାଇ ପୁନର୍ବାର ଗୋଳାନ୍ତୁ। ଭଲ ଭାବେ ମିଶିଯିବା ପରେ ମଇଦା ପକାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ ଏବଂ ଧ୍ୟାନଦିଅନ୍ତୁ ଯେପରି ମଇଦା ଗୁଳା ରହି ନ ଯାଏ। ଏହାକୁ ୩ ଭାଗ କରିଦିଅନ୍ତୁ। ବର୍ତ୍ତମାନ ତିନୋଟି ପାତ୍ରରେ ଅଲଗା ଅଲଗା କରି ଜେଲି କ୍ରିଷ୍ଟାଲ୍ ରଖନ୍ତୁ ଏବଂ ପ୍ରତିଟି ପାତ୍ରରେ ଏକ ଚାମଚ ଗରମପାଣି ପକାଇ ଚାମଚ ସାହାଯ୍ୟରେ ଗୋଳାଇ ଦିଅନ୍ତୁ। ଏଥିରେ ପୂର୍ବରୁ ଭାଗ କରି ରଖିଥିବା କୁକିଜ୍ ମିକ୍ସ ପେଷ୍ଟ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ତିନୋଟି ଅଲଗା ଫ୍ଲେବରର କୁକିଜ୍ ମିକ୍ସକୁ ଏହାକୁ ଅଲଗା ଅଲଗା ପ୍ଲାଷ୍ଟିକ୍ ର୍‍ୟାପ୍ ସିଟ୍‌ରେ ରଖି ୩୦ ମିନିଟ୍ ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖିଦିଅନ୍ତୁ। ବର୍ତ୍ତମାନ ଓଭନ୍‌କୁ ୧୮୦° ସେଲ୍‌ସିଅସ୍‌ରେ ହିଟ୍ କରନ୍ତୁ। ତିନୋଟି ବଡ଼ ବେକିଂ ଟ୍ରେ ଉପରେ ବେକିଂ ପେପର ପକାନ୍ତୁ। ଫ୍ରିଜ୍‌ରୁ ପ୍ୟାକେଟ୍‌ଗୁଡ଼ିକୁ କାଢ଼ନ୍ତୁ। ଏହାକୁ ଛୋଟ ଛୋଟ ଗୁଳାକରି ହାତରେ ଚାପି ବରା ଆକୃତିର କରନ୍ତୁ ଏବଂ ଟ୍ରେରେ ରଖନ୍ତୁ। ସମସ୍ତ ଗୁଳା ଏଭଳି ରଖି ଦେବା ପରେ ୧୨ ମିନିଟ୍ ପର୍ଯନ୍ତ ମାଇକ୍ରୋୱେଭ୍‌ରେ ରଖନ୍ତୁ। ଏହାର ରଙ୍ଗ ସମାନ୍ୟ ବ୍ରାଉନ୍ ହୋଇଗଲେ ୫ ମିନିଟ୍ କୁଲ୍ କରନ୍ତୁ। ଟ୍ରେଗୁଡିକୁ ବାହାରକୁ ଆଣି କେକ୍‌କୁ କାଢି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଟେଷ୍ଟି ଜେଲି କୁକିଜ୍। ଏହାକୁ ସଭିଙ୍କୁ ଖୁଆଇବାର ମଜା ନିଅନ୍ତୁ।




କୋଲକାତାର ସଫଳ ବୋଲର ବରୁଣ ଚକ୍ରବର୍ତ୍ତୀ।

# କୋଲକାତାର ପଞ୍ଚମ ବିଜୟ

**କୋଲକାତା,୮।୫**

ମ୍ୟାଚ୍‌ର ଶେଷ ବଲରେ ଚୌକା ମାରି ରିଙ୍କୁ ସିଂ କୋଲକାତାକୁ ବିଜୟୀ କରଚ୍ଛନ୍ତି। ସୋମବାର ଆଇପିଏଲ୍‌ର ୫୩ ତମ ମ୍ୟାଚରେ ପଞ୍ଜାବ କିଙ୍ଗ୍ସକୁ ୫ ଉଇକେଟରେ ହରାଇ ଏହାର ୫ମ ବିଜୟ ହାସଲ କରିଛି କୋଲାକାତା ନାଇଟ ରାଇଡର୍ସ(କେକେଆର୍)। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଶିଖର ଧାୱନଙ୍କ ୫୭ ରନ୍ ବଳରେ ୨୦ ଓଭରରେ ୭ ଉଇକେଟ ୧୭୯ ରନ ସଂଗ୍ରହ କରିଥିଲା। ଜବାବରେ କେକେଆର୍ ୨୦ ଓଭରରେ ୫ ଉଇକେଟ ହରାଇ ୧୮୨ରନ୍ କରିଥିଲା। ପଞ୍ଜାବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୯ ରନ୍‌ରେ ୨ ଉଇକେଟ ହରାଇଥିଲା। ଗୋଟିଏ ପାର୍ଶ୍ୱରୁ ଶିଖର ଧାୱନ୍ ୫୭ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିଲେ। ଶେଷ ଆଡକୁ ରିଷି ଧାୱନ ୧୯, ଶାହରୁଖ୍ ଖାନ୍ ୨୧* ଓ ହରପ୍ରୀତ ବ୍ରାର ୧୭* ରନ୍ କରିବାରୁ ପଞ୍ଜାବ ୧୭୯ ରନ୍‌ରେ ପହଞ୍ଚିଥିଲା। ବରୁନ ଚକ୍ରବର୍ତ୍ତୀ ୩, ହର୍ଷିତ ରାଣା ୨ ଓ ନୀତୀଶ ରାଣା ଓ ସୁୟାଶ ଶର୍ମା ଗୋଟିଏ ଉଇକେଟ ନେଇଥିଲେ। ୧୮୦ ରନ୍ ପିଛା କରୁଥିବା କେକେଆର୍ ପକ୍ଷରୁ ନୀତୀଶ ରାଣା ସର୍ବାଧିକ ୫୧ ରନ୍ ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାସନ୍ ରୟ ୩୮ ଓ ଆନ୍ଦ୍ରେ ରସେଲ ୪୨ ରନ୍ କରିଥିଲେ। ୧୦ ବଲ୍‌ରୁ ୨୧ ରନ୍ କରିଥିବା ରିଙ୍କୁ ସିଂ ଶେଷ ବଲରେ ଚୌକା ମାରି ଦଳକୁ ଜିତାଇଥିଲେ। ପଞ୍ଜାବ ପକ୍ଷରୁ ରାହୁଲ ଚହର ୨, ହରପ୍ରୀତ ବ୍ରାର ଓ ନାଥାନ ଏଲିସ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୧୬ | +୦.୯୫୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୬ | ୪ | ୧୩ | +୦.୪୦୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୫ | ୧୧ | +୦.୨୯୪ |
| ରାଜସ୍ଥାନ ରୟାଲ୍ସ | ୧୧ | ୫ | ୬ | ୧୦ | +୦.୩୮୮ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୫ | ୬ | ୧୦ | -୦.୦୭୯ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୦ | ୫ | ୫ | ୧୦ | -୦.୨୦୯ |
| ପଞ୍ଜାବ କିଙ୍ଗ୍ସ | ୧୧ | ୫ | ୬ | ୧୦ | -୦.୪୪୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୫ | ୫ | ୧୦ | -୦.୪୫୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୪ | ୬ | ୮ | -୦.୪୭୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୪ | ୬ | ୮ | -୦.୫୨୯ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।

### ସଂକ୍ଷିପ୍ତ ସ୍କୋର

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୭୯/୭ (ଶିଖର ଧାୱନ-୫୭, ଜିତେଶ ଶର୍ମା-୨୧, ଶାହରୁଖ୍ ଖାନ୍-୨୧*, ବରୁନ୍ ଚକ୍ରବର୍ତ୍ତୀ-୩/୨୬, ହର୍ଷିତ ରାଣା-୨/୩୩, ନୀତୀଶ ରାଣା-୧/୭)। କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୮୨/୫ (ନୀତୀଶ ରାଣା-୫୧, ଆନ୍ଦ୍ରେ ରସେଲ-୪୨, ଜାସନ୍ ରୟ-୩୮, ରାହୁଲ ଚହର-୨/୨୩, ହରପ୍ରୀତ୍ ବ୍ରାର-୧/୪, ନାଥାନ ଏଲିସ୍-୧/୨୯)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**ମୁମ୍ବାଇ ବନାମ ବାଙ୍ଗାଲୋର**
ସ୍ଥାନ:ମୁମ୍ବାଇ,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ରାହୁଲଙ୍କ ସ୍ଥାନରେ ଇଶାନ

**ନୂଆଦିଲ୍ଲୀ,୮।୫**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ପାଇଁ ଭାରତୀୟ ଦଳରେ ସାମିଲ ହୋଇଛନ୍ତି ଇଶାନ୍ କିଶନ୍। ଆହତ ହୋଇ ବାଦ ପଡିଥିବା ଲୋକେଶ ରାହୁଲଙ୍କ ସ୍ଥାନରେ ଇଶାନଙ୍କୁ ସାମିଲ କରାଯାଇଛି। ଆଇପିଏଲ୍ ମ୍ୟାଚ୍ ଖେଳୁଥିବା ସମୟରେ ଲୋକେଶ ରାହୁଲ ଆହତ ହୋଇଥିବା ବେଳେ ତାଙ୍କର ସର୍ଜରୀ କରାଯିବ। ସେ ଅବଶିଷ୍ଟ ଆଇପିଏଲ୍ ସମେତ ଡବ୍ଲ୍ୟୁଟିସି ଫାଇନାଲରୁ ମଧ୍ୟ ବାଦ ପଡିଥିଲେ। ତାଙ୍କ ସ୍ଥାନରେ କାହାକୁ ଦଳରେ ସାମିଲ କରାଯିବ ସେ ନେଇ ଆଲୋଚନା ଲାଗି ରହିଥିଲା। ଇଶାନ୍ କିଶନ୍, ସଞ୍ଜୁ ସାମସନ୍, ଜୀତେଶ ଶର୍ମାଙ୍କ ମଧ୍ୟରୁ ଜଣଙ୍କୁ ସାମିଲ କରାଯିବା ନେଇ ଆଶା କରାଯାଉଥିଲା। ସୋମବାର ବିସିସିଆଇ ପକ୍ଷରୁ ସଂଶୋଧିତ ଦଳ ତାଲିକାରେ ଇଶାନଙ୍କ ନାମ ସାମିଲ କରାଯାଇଛି। ଏହା ବ୍ୟାତିତ ଦଳର ଅନ୍ୟ ସମସ୍ତ ଖେଳାଳି ସମାନ ରହିଛନ୍ତି। ରାହୁଲଙ୍କୁ ମିଶାଇ ଭାରତର ପ୍ରମୁଖ ଖେଳାଳିଙ୍କ ମଧ୍ୟ ୪ ଜଣ ଆହତ ହୋଇ ଡବ୍ଲ୍ୟୁଟିସିରୁ ବାଦ ପଡିଛନ୍ତି। ପୂର୍ବରୁ ରିଷଭ ପନ୍ତ, ଯଶପ୍ରୀତ୍ ବୁମରା ଓ ଶ୍ରେୟସ୍ ଆୟାର ଆହତ ହୋଇ ଭାରତୀୟ ଦଳରୁ ବାଦ ପଡିଥିଲେ। ବାମହାତୀ ପେସ୍ ବୋଲର ଜୟଦେବ ଉନାଡକଟ ମଧ୍ୟ ଆହତ ଅଛନ୍ତି। ତେବେ ଉନାଡକଟଙ୍କ ରିହାବ୍ ଆରମ୍ଭ ହୋଇଥିବା ବେଳେ ସେ ଫାଇନାଲ ପୂର୍ବରୁ ସୁସ୍ଥ ହେବା ନେଇ ଆଶା କରାଯାଉଛି। ଅନ୍ୟତମ ପେସ୍ ବୋଲର ଉମେଶ ଯାଦବଙ୍କ ବାମ ହାର୍ମଷ୍ଟ୍ରିଙ୍ଗରେ ସାମାନ୍ୟ ଲାଗିଥିବା ବେଳେ ସେ କୋଲକାତା ନାଇଟ୍ ରାଇଡର୍ସ ଦଳର ମେଡିକାଲ ଟିମ୍ ସହିତ ଚିକିତ୍ସିତ ହେଉଛନ୍ତି। ଋତୁରାଜ ଗାଏକ୍ୱାଡ, ମୁକେଶ କୁମାର ଓ ସୂର୍ଯ୍ୟକୁମାର ଯାଦବଙ୍କୁ ଷ୍ଟାଣ୍ଡବାଇ ଖେଳାଳି ଭାବରେ ସାମିଲ କରାଯାଇଛି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ୍, ଚେତେଶ୍ୱର ପୂଜାରା, ବିରାଟ କୋହଲି, ଆଜିଙ୍କ୍ୟ ରାହାଣେ, ଇଶାନ କିଶନ୍, ଶ୍ରୀକର ଭରତ (ଉଇକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ଶାର୍ଦ୍ଦୂଳ ଠାକୁର, ମହମ୍ମଦ ଶାମି, ମହମ୍ମଦ ସିରାଜ, ଉମେଶ ଯାଦବ ଓ ଜୟଦେବ ଉନାଡ୍‌କଟ।


ଇଶାନ କିଶନ

# ନମ୍ବର ୱାନ୍‌କୁ ଫେରିବେ ଅଲ୍‌କାରାଜ


ଟ୍ରଫି ସହ କାର୍ଲୋସ ଅଲ୍‌କାରାଜ।

**ମାଡ୍ରିଡ, ୮।୫ (ଏପି)**

କାର୍ଲୋସ ଅଲ୍‌କାରାଜ କ୍ରମାଗତ ଦ୍ୱିତୀୟ ଥର ମାଡ୍ରିଡ୍ ଓପନ ଟେନିସ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଏହାଦ୍ୱାରା ବିଶ୍ୱ ର୍‍ୟାଙ୍କିଙ୍ଗରେ ନମ୍ବର ୱାନ ସ୍ଥାନକୁ ଫେରିବା ପାଇଁ ପଥ ପରିଷ୍କାର ହୋଇଛି। ସ୍ପେନ ରାଜଧାନୀ ସହରରେ ଅନୁଷ୍ଠିତ ଫାଇନାଲରେ ଅଲ୍‌କାରାଜ ଲକି ଲୁଜର ଜାନ୍-ଲେନାର୍ଡ ଷ୍ଟ୍ରଫ୍‌ଙ୍କୁ ୬-୪, ୩-୬, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ରୋମ୍‌ରେ ଆଗାମୀ ଇଟାଲିଆନ ଓପନରେ ଅତି କମ୍‌ରେ ଗୋଟିଏ ମ୍ୟାଚ ଖେଳିଲେ ସେ ର୍‍ୟାଙ୍କିଙ୍ଗ ତାଲିକାର ନମ୍ବର ୱାନ ଦଖଲ କରିବା ଗ୍ୟାରେଣ୍ଟି ରହିଛି। ଏଠାରେ ବିଜୟ ଦ୍ୱାରା ଟୁର୍ନାମେଣ୍ଟ ଇତିହାସରେ କ୍ରମାଗତ ମାଡ୍ରିଡ୍ ଚାମ୍ପିୟନ ହେବାରେ ନାଡାଲଙ୍କ ପଛକୁ ଦ୍ୱିତୀୟ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ୨୦୦୫-୦୬ରେ ନାଡାଲଙ୍କ ପରେ ସଫଳତାର ସହ ଏକ ମାଷ୍ଟର୍ସ ୧୦୦୦ ଟାଇଟଲ ବଜାୟ ରଖିବାରେ ସେ ସର୍ବକନିଷ୍ଠ ଖେଳାଳି ମଧ୍ୟ ହୋଇପାରିଛନ୍ତି। ଗତବର୍ଷର ୟୁଏସ୍ ଓପନ ଚାମ୍ପିୟନ ଅଲ୍‌କାରାଜ ଚଳିତବର୍ଷ ଅନ୍ୟ ଦୁଇଟି ଟାଇଟଲ ବୁଏନ୍ସ ଏୟାର୍ସ ଏବଂ ଇଣ୍ଡିଆନ ୱେଲ୍ସରେ ଜିତିଥିଲେ। ଏହି ସିଜନରେ ଦୁଇଟି ମାଷ୍ଟର୍ସ ୧୦୦୦ ଟ୍ରଫି ଜିତିବାରେ ମଧ୍ୟ ସେ ହେଉଛନ୍ତି ପ୍ରଥମ ଖେଳାଳି।

# ଡେଥ୍ ବୋଲିଂ ଚିନ୍ତାରେ ମୁମ୍ବାଇ

**ମୁମ୍ବାଇ,୮।୫(ପି.ଟି.)**

ଆଇପିଏଲ୍‌ର ପ୍ଲେ ଅଫ୍ ଦୌଡ ବର୍ତ୍ତମାନ ସମସ୍ତ ଦଳ ପାଇଁ ଉନ୍ମୁକ୍ତ ରହିଛି। ମଙ୍ଗଳବାର ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଓ ଫାଫ୍ ଡୁ ପ୍ଲେସିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମୁହାଁମୁହିଁ ହେବେ। ଉଭୟ ଦଳ ପଏଣ୍ଟ ଟେବଲର ୫ ଓ ୬ ନମ୍ବର ସ୍ଥାନରେ ରହିଛନ୍ତି। ତେବେ ମୁମ୍ବାଇ ପାଇଁ ସବୁଠୁ ବଡ ଚିନ୍ତାର ବିଷୟ ପାଲଟିଛି ଅଧିନାୟକ ରୋହିତ ଶର୍ମାଙ୍କ ଫର୍ମ ଓ ଡେଥ୍ ବୋଲିଂ। ରୋହିତ ଶର୍ମା ଚଳିତ ଆଇପିଏଲରେ ୧୦ ମ୍ୟାଚ୍‌ରୁ ୧୮୪ ରନ୍ କରିଥିବା ବେଳେ ମାତ୍ର ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ଟପ୍ ଅର୍ଡରରେ ରୋହିତଙ୍କ ଫର୍ମରେ ସ୍ଥିରତା ନଥିବା ବେଳେ ଏହା ମୁମ୍ବାଇକୁ ଅସୁବିଧାରେ ପକାଉଛି। ଏପରିକି ରୋହିତଙ୍କ ଇନିଂସ ଅନ୍ୟ ଖେଳାଳିଙ୍କ ଉପରେ ମଧ୍ୟ ଚାପ ପକାଉଛି। ଏପରିକି ରୋହିତଙ୍କ ବିଫଳତାକୁ ସ୍ୱୀକାର କରିଛନ୍ତି ମୁମ୍ବାଇ କୋଚ୍ ମାର୍କ ବାଉଚର। ମୁମ୍ବାଇର ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଇଶାନ କିଶନ ଓ ସୂର୍ଯ୍ୟକୁମାର ଯାଦବ ଫର୍ମକୁ ଫେରିଥିବା ବେଳେ ଟିମ୍ ଡେଭିଡ୍ ଓ ତିଳକ ବର୍ମା ଫିନିଶର ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କରିଛନ୍ତି।

ଅନ୍ୟ ପକ୍ଷରେ ବାଙ୍ଗାଲୋର ଦଳ ସମ୍ପୂର୍ଣ୍ଣ ଭାବରେ ବିରାଟ କୋହଲି, ଫାଫ୍ ଡୁ ପ୍ଲେସି ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ବ୍ୟାଟିଂ ଉପରେ ନିର୍ଭର କରିବ।

# ରଜ କପ୍‌ରେ ଭାଗନେବେ ଓଡ଼ିଶାର ଶ୍ରେଷ୍ଠ ୨୪ ଦଳ

**ଭୁବନେଶ୍ୱର, ୮।୫ (ସ୍ପୋର୍ଟ୍ସ ବ୍ୟୁରୋ):** ଟେନିସ ବଲ କ୍ରିକେଟ ଖେଳାଳିଙ୍କ ପାଇଁ ଆଗାମୀ ରଜ ପର୍ବ ଉପଲକ୍ଷେ ଗୋପବନ୍ଧୁ କ୍ରିକେଟ କ୍ଲବ ପକ୍ଷରୁ ଜୁନ ୧୦ରୁ ଆରମ୍ଭ ହେବାକୁ ଯାଉଛି ନକ ଆଉଟ ଟି-୧୦ ଟେନିସ ବଲ କ୍ରିକେଟ ପ୍ରତିଯୋଗିତା। ୧୦ ଓଭର୍ ବିଶିଷ୍ଟ ଏହି ଦିବାରାତ୍ର ମ୍ୟାଚରେ ଭୁବନେଶ୍ୱର ବ୍ୟତିତ ବିଭିନ୍ନ ଜିଲାର ୨୪ ଦଳ ଅଂଶଗ୍ରହଣ କରିବେ। ଏଣ୍ଟ୍ରି ଫି ମାଗଣା ରହିଥିବା ବେଳେ ଚାମ୍ପିୟନ ଦଳକୁ ଟ୍ରଫି ସହ ୧ ଲକ୍ଷ, ରନର୍ସ ଅପ୍ ଦଳକୁ ଟ୍ରଫି ସହ ୬୦ ହଜାର୍ ଟଙ୍କା ପ୍ରଦାନ କରାଯିବ। ସୋମବାର ଖବରଦାତା ସମ୍ମିଳନୀରେ ଗୋପବନ୍ଧୁ କ୍ଲବ ପକ୍ଷରୁ ସମସ୍ତ ସୂଚନା ଦିଆଯାଇଥିଲା। ଟୁର୍ନାମେଣ୍ଟ ଜୁନ ୧୦ରୁ ଆରମ୍ଭ ହୋଇ ଜୁନ ୧୪ରେ ସମାପ୍ତ ହେବ।

# ତାମିଲନାଡୁ, ଉତ୍ତରାଖଣ୍ଡ, ଛତିଶଗଡ଼ ବିଜୟୀ

**ଜାତୀୟ ସବ୍‌ଜୁନିୟର ମହିଳା ହକି**

**ଭୁବନେଶ୍ୱର, ୮।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ରାଉରକେଲାସ୍ଥିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଚାଲିଥିବା ୧୩ତମ ହକି ଇଣ୍ଡିଆ ଜାତୀୟ ସବ୍‌ଜୁନିୟର ହକି ଚାମ୍ପିୟନଶିପ୍‌ରେ ତାମିଲନାଡୁ, ହକି ଉତ୍ତରାଖଣ୍ଡ ଓ ଛତିଶଗଡ଼ ଦଳ ସେମାନଙ୍କ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ସୋମବାର ଅନୁଷ୍ଠିତ ତ୍ରିପୁରା ହକି ବିପକ୍ଷ ମ୍ୟାଚରେ ହକି ୟୁନିଟ୍ ତାମିଲନାଡୁ ୨୦-୧ ଗୋଲ୍‌ରେ ବୃହତ୍ ବିଜୟ ହାସଲ କରିଛି। ହକି ୟୁନିଟ୍ ତାମିଲନାଡୁ ପକ୍ଷରୁ ଅଧିନାୟିକା ଅନୁସୂୟା (୨ୟ, ୧୩ମ, ୩୫ତମ ମିନିଟ), ଜୟଶ୍ରୀ ଏମ୍ (୯ମ, ୨୦ତମ ଓ ୩୮ତମ), ନାଭ୍ୟା ଆର୍ (୧୬ତମ, ୩୯ତମ ଓ ୫୪ତମ) ତିନୋଟି ଲେଖାଏଁ ଗୋଲ୍ ଦେଇଥିବା ବେଳେ, ପ୍ରିୟଦର୍ଶିନୀ କେ ୬, ମୁଥୁ ଲକ୍ଷ୍ମୀ ୪ ଏବଂ ଦୀପିକା ଡି (୫୦ତମ) ଗୋଟିଏ ଗୋଲ୍ ସ୍କୋର କରିଥିଲେ। ତ୍ରିପୁରା ହକି ପକ୍ଷରୁ ସୁପ୍ରିୟା ଚୌହାନ ମାତ୍ର ଗୋଟିଏ ଗୋଲ ଦେବାରେ ସମର୍ଥ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଉତ୍ତରାଖଣ୍ଡ ମଧ୍ୟ ଏକତରଫା ୧୪-୦ ଗୋଲ୍‌ରେ ହକି ବେଙ୍ଗଲକୁ ପରାସ୍ତ କରିଛି। ଦଳପକ୍ଷରୁ ଅଧିନାୟିକା ଆରତୀ ୫ଟି ଗୋଲ୍ ଦେଇଥିବା ବେଳେ ପୂଜା କାଲୁରା ୩, ମିନାକ୍ଷୀ ଓ ମୁକ୍ତା ଦୁଇଟି ଲେଖାଏଁ ଏବଂ ଭାନ୍‌ସୀ ଓ କବିତା ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ। ତୃତୀୟ ମ୍ୟାଚରେ ଛତିଶଗଡ଼ ହକି ଦୃଢ ପ୍ରତ୍ୟାବର୍ତ୍ତନ ସହ ୩-୧ ଗୋଲ୍‌ରେ ଦିଲ୍ଲୀ ହକିକୁ ହରାଇ ଦେଇଛି। ଦ୍ୱାଦଶ ମିନିଟ୍‌ରେ ଦୀପିକା ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରିବା ଦ୍ୱାରା ଦିଲ୍ଲୀ ପ୍ରଥମେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ମାତ୍ର ପରେ ଛତିଶଗଡ଼ ହକି ଦଳ ଯଶୋଦା (୨୫ତମ ଓ ୪୩ ତମ ମିନିଟ)ଙ୍କ ଡବଲ ଗୋଲ୍ ଏବଂ ନନ୍ଦିନୀ ଯାଦବ (୨୯ତମ)ଙ୍କ ଗୋଟିଏ ଗୋଲ ସହାୟତାରେ ୩-୧ ଗୋଲ୍‌ରେ ବିଜୟୀ ହୋଇଥିଲା।


ତାମିଲନାଡୁ ଓ ତ୍ରିପୁରା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ